# ନୀଳକଣ୍ଠ ସ୍ମାରକୀ

## ଚତୁର୍ଥ ଖଣ୍ଡ

ଓଡ଼ିଆ ଗଣସାହିତ୍ୟ ଓ ପଣ୍ଡିତ ନୀଳକଣ୍ଠ



ପଣ୍ଡିତ ନୀଳକଣ୍ଠଙ୍କ ସାଂସ୍କୃତିକ ଚେତନା

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

Digitized by PPRACHIN, SOA

# ନୀଳକଂଠ ସ୍ମାରକୀ

## ଚତୁର୍ଥ ଖଣ୍ଡ

ପ୍ରଥମ ଭାଗ—ଓଡ଼ିଆ ଶିଶୁ ସାହିତ୍ୟ ଓ ପଣ୍ଡିତ ନୀଳକଂଠ

ଦ୍ୱିତୀୟ ଭାଗ—ପଣ୍ଡିତ ନୀଳକଂଠଙ୍କ ସାଂସ୍କୃତିକ ଚେତନା

ପଣ୍ଡିତ ନୀଳକଂଠ ସ୍ମୃତି ସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧

Digitized by PPRACHIN, SOA

# ନୀଳକଣ୍ଠ ସ୍ମାରକୀ—୪ର୍ଥ ଖଣ୍ଡ

୧ମ ଭାଗ— ଓଡ଼ିଆ ଶିଶୁ ସାହିତ୍ୟ ଓ ପଣ୍ଡିତ ନୀଳକଣ୍ଠ
ସଂକଳନ
**ଡ଼ଃ ଜଗନ୍ନାଥ ମହାନ୍ତି**
୨ୟ ଭାଗ— ପଣ୍ଡିତ ନୀଳକଣ୍ଠଙ୍କ ସାଂସ୍କୃତିକ ଚେତନା
ସଂକଳନ
**ଡ଼ଃ ଭବଗ୍ରାହୀ ମିଶ୍ର**
ପ୍ରକାଶକ
**ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି**
୩୦୩, ଖାରବେଳ ନଗର
ଭୁବନେଶ୍ୱର—୭୫୧୦୦୧
ମୁଦ୍ରାକର
**କ୍ୱାଲିଟି ପ୍ରେସ୍**
ଇଣ୍ଡଷ୍ଟ୍ରିଆଲ୍ ଏରିଆ
ଭୁବନେଶ୍ୱର—୭୫୧୦୦୧
ପ୍ରଥମ ସଂସ୍କରଣ ୧୯୮୭
ମୂଲ୍ୟ
ଟ ୧୮.୦୦ ( ସାଧାସିଲାଇ )
ଟ ୨୨.୦୦ ( ବୋର୍ଡ଼ ବଂଧାଇ )

## NILAKANTHA SMARAKI:—Vol.IV

1st. Part
**Oriya Sisu Sahitya -O- Pandit Nilakantha**
Editor
**Dr. Jagannath Mohanty**
2nd Part
**Pandit Nilakanthanka Sanskrutik Chetana**
Editor
**Dr. Bhabagrahi Misra**
Publisher
**Pandit Nilakantha Smruti Samiti**
303 Kharabela Nagar
Bhubaneswar- 751001
Printed at
**Kwality Press, (p) Ltd**
Bhubaneswar-751001.
1st Edition-1987
Price
Rs 18 . 00 ( Paper Pack )
Rs 22 .00 ( Board Bound)

Digitized by PPRACHIN, SOA

# ମୁଖବନ୍ଧ

ପଣ୍ଡିତ ନୀଳକଂଠ ସ୍ମୃତି ସମିତି ଗଠିତ ହେଲା, ୧୯୭୮ ମସିହା ନଭେମ୍ବର ମାସରେ । ତାପରେ ସମିତିର ପ୍ରଥମ ପ୍ରକାଶନ '**ନୀଳକଂଠ ସ୍ମାରକୀ**' ପ୍ରକାଶ ପାଇଲା, ୧୯୮୦ ମସିହା ଜାନୁଆରୀରେ । ଏବେ ପ୍ରକାଶ ପାଉଛି, '**ନୀଳକଂଠ ସ୍ମାରକୀ**' - ୪ର୍ଥ ଖଣ୍ଡ । **ନୀଳକଂଠ ସ୍ମାରକୀ—୨ୟ ଖଣ୍ଡ** ୪୪୦ ପୃଷ୍ଠାର ଏକ ବିରାଟ ଗ୍ରନ୍ଥ । ପ୍ରକାଶ ପାଇଥିଲା, ନୀଳକଂଠଙ୍କ ଶତବାର୍ଷିକୀ ଅବସରରେ ୧୯୮୪ ମସିହାରେ । **ନୀଳକଂଠ ସ୍ମାରକୀ-୩ୟ ଖଣ୍ଡ** ଗତବର୍ଷ ନୀଳକଂଠଙ୍କ ଜନ୍ମଦିବସ ଉପଲକ୍ଷେ ପ୍ରକାଶ ପାଇଛି । ଏ ମଧ୍ୟରେ ନୀଳକଂଠଙ୍କ ଜୀବନୀ ଓ କୃତି ଉପରେ ନିମ୍ନ କେତେ ଖଣ୍ଡି ପୁସ୍ତକ ମଧ୍ୟ ସମିତି ତରଫରୁ ପ୍ରକାଶ କରାଯାଇଛି ।

୧) ମୁଖ୍ୟତଃ ନୀଳକଂଠଙ୍କ ସତ୍ୟବାଦୀ ଜୀବନ ଉପରେ ଆଧାରିତ, ସତ୍ୟବାଦୀ ବନବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଚିନ୍ତାମଣି ଦାଶଂକ ରଚିତ **ମନୀଷୀ ନୀଳକଂଠ—୧୯୮୧**

୨) **ନରସିଂହ ମହାପାତ୍ରଙ୍କ ମନୀଷୀ ନୀଳକଂଠ—୧୯୫୯** ମସିହାରେ ରଚିତ ଓ ୧୯୮୪ ମସିହାରେ ପରିବର୍ଦ୍ଧିତ ସଂସ୍କରଣରୂପେ ପ୍ରକାଶିତ

୩) ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡଃ ନରେନ୍ଦ୍ର ନାଥ ମିଶ୍ରଙ୍କ ଲିଖିତ **ପଣ୍ଡିତ ନୀଳକଂଠ : ଜୀବନ ଓ କୃତି**

୪) ଏହାର ଉପରେ ଆଧାରିତ Pt. Nilakantha Das—Life and Achievements 1985 ଇଂରେଜ ମହିଳା Mrs. Lila Royଙ୍କ ରଚିତ ଓ ସ୍ମୃତି ସମିତି ଦ୍ୱାରା ୧୯୮୬ରେ ପ୍ରକାଶିତ ।

ଏ ସମସ୍ତ ପରେ ନୀଳକଂଠଂକ ବିଭିନ୍ନ ଦିଗର କୃତିତ୍ୱ ଉପରେ ଅଧିକ ଧ୍ୟାନ ଦେବା ଉଦ୍ଦେଶ୍ୟରେ ଆମ୍ଭେମାନେ ଗୋଟିଏ ଗୋଟିଏ ବିଭାଗର ଅଭିଜ୍ଞ ବ୍ୟକ୍ତି (Expert) ମାନଙ୍କ ଠାରୁ ଉକ୍ତ ବିଷୟକ ସଂଦର୍ଭମାନ ସଂଗ୍ରହ କରି ଓ ସେଗୁଡ଼ିକ ଆଲୋଚନା ଚକ୍ର ମାଧ୍ୟମରେ ପଠିତ ଓ ଆଲୋଚିତ କରାଇ ପ୍ରକାଶ କରାଇବା ସ୍ଥିର କଲୁଁ । ଅବଶ୍ୟ ନୀଳକଂଠ ସ୍ମାରକୀ, ୨ୟ ଖଣ୍ଡ ଗ୍ରନ୍ଥରେ ମଧ୍ୟ 'ନୀଳକଂଠଂକ ଧର୍ମ ଦର୍ଶନ' ବିଷୟକ ଏକ ଆଲୋଚନା ଚକ୍ରରେ ଆଲୋଚିତ ପ୍ରବଂଧମାନ ପ୍ରକାଶ ପାଇ ଥିଲା । ନୀଳକଂଠ ସ୍ମାରକୀ ୩ୟ ଖଣ୍ଡରେ ପ୍ରକାଶ ପାଇଲା, "ନୀଳକଂଠଂକ ଭାଷା

Digitized by PPRACHIN, SOA

ବିଗ୍ରହ” ଓ ଇଂରେଜିରେ ପ୍ରଦତ୍ତ ନୀଳକଂଠ ସ୍ମାରକୀ ବକ୍ତୃତାମାଳାର ଓଡ଼ିଆ ମର୍ମାନୁବାଦ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡଃ ପି. ସି. ଚନ୍ଦ୍ରଙ୍କ ‘ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଂଠ’ ।

ଆଜିର ନୀଳକଂଠ ସ୍ମାରକୀ ୪ର୍ଥ ଖଣ୍ଡ ସେହିପରି ୨ଟି ବିଷୟ ନେଇ ଆଲୋଚିତ ଅଭିଜ୍ଞ ଅଧ୍ୟାପକ ଓ ବ୍ୟକ୍ତି ବିଶେଷଙ୍କଙ୍କ ଦ୍ଵାରା ରଚିତ । ଓଡ଼ିଆ ଶିଶୁ ସାହିତ୍ୟ ଓ ପଣ୍ଡିତ ନୀଳକଂଠ ଏବଂ “ନୀଳକଂଠଙ୍କ ସାଂସ୍କୃତିକ” ଚେତନାକୁ ଆଧାର କରି ଆତ୍ମପ୍ରକାଶ କରୁଛି ।

ଉଭୟ ବିଷୟରେ ପ୍ରବନ୍ଧ ଗୁଡ଼ିକ ଆଲୋଚନା ଚକ୍ରର ସଂଯୋଜକମାନେ ସେମାନଙ୍କ ସ୍ଵ ସ୍ଵ ମତ ପ୍ରଦାନ କରିଛନ୍ତି ।

ଅଳମତି ବିସ୍ତରେଣ ।

ଏଇବର୍ଷ ପୁଣି ନୀଳକଂଠଙ୍କ ତତ୍ତ୍ଵାବଧାନରେ ଜାତୀୟ କବି ବୀରକିଶୋରଙ୍କ ରଚିତ “ବକୁଳ ବନର ଗୁରୁ” ନାମକ ଏକ କବିତା ପୁସ୍ତକ ପରିବର୍ଦ୍ଧନ ସହ ପ୍ରକାଶ ପାଇଛି, ତାଙ୍କ ସୁଯୋଗ୍ୟ ସନ୍ତାନଙ୍କ ଆର୍ଥିକ ସହଯୋଗରେ । ପୁସ୍ତିକାର କେତେକ ଅଂଶ ଗ୍ରନ୍ଥଗ୍ରନ୍ଥୀମାନେ ବଡ଼ ମର୍ମସ୍ପର୍ଶୀ ଭାବେ ନୀଳକଂଠ କବିତା ଆବୃତ୍ତି ପ୍ରତିଯୋଗିତା ମାନଙ୍କରେ ଗାଇବାର ଦେଖି ସମିତି ତରଫରୁ ଏହାର ପ୍ରକାଶନର ବ୍ୟବସ୍ଥା କରାଯାଇଛି ।

ଏହାପରେ ନୀଳକଂଠଙ୍କ ଦର୍ଶନ ଉପରେ ଅଧିକ ଧ୍ୟାନ ଦିଆଯିବ ଓ ପାଠକ ପାଠିକାମାନଙ୍କଠାରୁ ଏଥିଲାଗି ଯଥାସ୍ଥିତ ପ୍ରେରଣା ପାଇବୁ ବୋଲି ଆଶା କରୁଛୁ ।

**ନିତ୍ୟାନନ୍ଦ ମହାପାତ୍ର**
୪ । ୮ । ୮୭

Digitized by PPRACHIN, SOA

# ସୂଚୀପତ୍ର


| ବିଷୟ | ଲେଖକ | ପୃଷ୍ଠା |
|---|---|---|

## ୧ମ ଭାଗ

### ଓଡ଼ିଆ ଶିଶୁ ସାହିତ୍ୟ ଓ ପଣ୍ଡିତ ନୀଳକଣ୍ଠ

| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ଭୂମିକା | ଡଃ ଜଗନ୍ନାଥ ମହାନ୍ତି (ସଂଯୋଜକ) | ୧ |
| ଓଡ଼ିଆ ଶିଶୁ ସାହିତ୍ୟର ବରେଣ୍ୟ ସ୍ରଷ୍ଟା—ପଣ୍ଡିତ ନୀଳକଣ୍ଠ | ଡଃ ଜଗନ୍ନାଥ ମହାନ୍ତି | ୭ |
| ନୀଳକଣ୍ଠଙ୍କ ଶିଶୁ ସାହିତ୍ୟ, ଦୃଷ୍ଟି ଓ ଦର୍ଶନ | ଡଃ ହେମନ୍ତ କୁମାର ଦାସ | ୨୨ |
| ମନସ୍ତାତ୍ତ୍ୱିକ ଦୃଷ୍ଟି କୋଣରୁ ନୀଳକଣ୍ଠଙ୍କ ଶିଶୁ ସାହିତ୍ୟ | ଡଃ ଭଗୀରଥ ବ୍ରହ୍ମା | ୩୪ |
| ପଣ୍ଡିତ ନୀଳକଣ୍ଠଙ୍କ ଶିଶୁ-ରଚନାର ଭାଷା ଓ ଶୈଳୀ-ଏକ ସୂଚନା | ଡଃ ମନୀନ୍ଦ୍ର ମହାନ୍ତି | ୪୭ |
| ନୀଳକଣ୍ଠଙ୍କର ଜାତୀୟ ଚେତନା ଓ ଓଡ଼ିଆ ଶିଶୁ-ସାହିତ୍ୟକୁ ଦାନ | ପଠାଣି ପଟ୍ଟନାୟକ | ୬୩ |
| ଶିଶୁ କବିତାରେ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ | ଡଃ ନିତ୍ୟାନନ୍ଦ ଶତପଥି | ୭୭ |

## ୨ୟ ଭାଗ

### ପଣ୍ଡିତ ନୀଳକଣ୍ଠଙ୍କ ସାଂସ୍କୃତିକ ଚେତନା

| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ପଣ୍ଡିତ ନୀଳକଣ୍ଠଙ୍କ ସାଂସ୍କୃତିକ ଚେତନା—ଏକ ସୂଚନା | ଡଃ ଭବଗ୍ରାହୀ ମିଶ୍ର (ସଂଯୋଜକ) | ୮୭ |
| ପଣ୍ଡିତ ନୀଳକଣ୍ଠଙ୍କ ସଂସ୍କୃତି-ଆଭିମୁଖ୍ୟ | ଡଃ ସୀତାକାନ୍ତ ମହାପାତ୍ର | ୯୦ |
| ନୀଳକଣ୍ଠଙ୍କ ଗ୍ରହାଣିରେ ଚମକ | ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର | ୧୦୦ |
| ବିଶ୍ୱ ସଂସ୍କୃତିର ଭଗ୍ନବଳୟରେ ନୀଳକଣ୍ଠଙ୍କ ସଂସ୍କୃତି ଚେତନା | ଡଃ ନରେନ୍ଦ୍ର ନାଥ ମିଶ୍ର | ୧୧୨ |
| ପଣ୍ଡିତ ନୀଳକଣ୍ଠଙ୍କ ଭାଷା ଚର୍ଚ୍ଚାର ସାଂସ୍କୃତିକ ଭିତ୍ତି | ଡଃ ଖଗେଶ୍ୱର ମହାପାତ୍ର | ୧୧୯ |
| ନୀଳକଣ୍ଠଙ୍କ ସମାଲୋଚନା ସାହିତ୍ୟ ଓ ସାଂସ୍କୃତିକ ଦୃଷ୍ଟିକୋଣ | ଶ୍ରୀ ସତ୍ୟ ଷଡ଼ଙ୍ଗୀ | ୧୨୫ |
| ନୀଳକଣ୍ଠଙ୍କ ପ୍ରବନ୍ଧ ସାହିତ୍ୟରେ ସାଂସ୍କୃତିକ ଅବବୋଧ | ଶ୍ରୀ ସୁଭାଷ ଚନ୍ଦ୍ର ସାହୁ | ୧୩୭ |
| ନୀଳକଣ୍ଠଙ୍କ କାବ୍ୟ କବିତାରେ ଉତ୍କଳୀୟ ସଂସ୍କୃତି | ଡଃ ପଦ୍ମାଳୟା ଗଗ୍ରବଡୁ | ୧୫୧ |
| ନୀଳକଣ୍ଠଙ୍କ କାବ୍ୟରେ ସଂସ୍କୃତି ଚେତନା | ଶ୍ରୀ ମନୋରଂଜନ ପ୍ରଧାନ | ୧୬୫ |


Digitized by PPRACHIN, SOA

# ଓଡ଼ିଆ ଶିଶୁ ସାହିତ୍ୟ
# ଓ
# ପଂଡିତ ନୀଳକଂଠ

Digitized by PPRACHIN, SOA

# ଭୂମିକା

୧୯୮୬ ମସିହା ଅପ୍ରେଲ ମାସର ଏକ ସ୍ମରଣୀୟ ଦିନ । ଅଫିସର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଦେଖାଦେଲେ ଇଂଜିନିୟର ଶ୍ରୀଯୁକ୍ତ ମଧୁସୂଦନ ଦାସ ଓ ଡ଼ଃ ଶ୍ରୀମାନ୍ ବନମାଳୀ ବାରିକ । ଜଣଙ୍କୁ ମୁଁ ଜାଣିଥିଲି ରାଜ୍ୟର ଗ୍ରାମ୍ୟ ବିଦ୍ୟୁତ୍‌କରଣର ମୁଖ୍ୟ ଯନ୍ତ୍ରୀ ଭାବେ ଏବଂ ଆରଜଣଙ୍କୁ ରାଜଧାନୀ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟର ଅଧ୍ୟାପକ ଭାବରେ । ଶ୍ରୀଯୁକ୍ତ ଦାଶ ଅବସର ଗ୍ରହଣ ପରେ ପଂଡ଼ିତ ନୀଳକଂଠ ସ୍ମୃତି ସମିତିର ସଂପାଦକ ଓ ଡ଼ଃ ବାରିକ ତାର ସହସଂପାଦକ ଅଛଂତି ।

"ପଂଡ଼ିତ ନୀଳକଂଠ ସ୍ମୃତି ସମିତି" ନୀଳକଂଠଂକ ଦର୍ଶନ ଓ ସାହିତ୍ୟର ବିଶେଷ ବିଚାର ଆଲୋଚନା ପାଇଁ ସଫଳଭାବେ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରି ଆସୁଛନ୍ତି । ତାଙ୍କ ଜୟନ୍ତୀ ଓ ଶତ ବାର୍ଷିକୀ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ସରସ ଓ ସାର୍ଥକ ଭାବରେ ମଧ୍ୟ ସଂଗଠନ କରିଥିଲେ । ନୀଳକଂଠଂକ ସଂପର୍କରେ ସମଗ୍ର ରାଜ୍ୟରେ ଏକ ବାଂଛିତ ସଚେତନତା ସୃଷ୍ଟି କରିବାରେ ଏହି ଅନନ୍ୟ ସାଧାରଣ ସଂସ୍ଥା ଅପୂର୍ବ ସଫଳତା ଲାଭ କରିପାରିଛି । ବହୁ ସଭାସମ୍ମିଳନୀ, ଆଲୋଚନା ଚକ୍ର ଆଦି ଆୟୋଜନ କରିବା ଓ ଉଚ୍ଚକୋଟୀର ପୁସ୍ତକମାନ ପ୍ରକାଶ କରିବାରେ ଏହା ଉଲ୍ଲେଖନୀୟ ସାଫଲ୍ୟ ଅର୍ଜନ କରିପାରିଛି ।

ପୂର୍ବରୁ ଏହି ସ୍ମୃତି ସମିତି ଆନୁକୂଲ୍ୟରେ "ନୀଳକଂଠଂକ ଧର୍ମ ଦର୍ଶନ"— "ନୀଳକଂଠଙ୍କ ରାଜନୈତିକ କୃତି, ଦାର୍ଶନିକ ଦୃଷ୍ଟିକୋଣ "ନୀଳକଂଠଂକ ଭାଷାବିଚାର" ପ୍ରଭୃତି ସଂପର୍କରେ କେତେଗୁଡ଼ିଏ ଆଲୋଚନାଚକ୍ର ସଂଗଠିତ ହୋଇ ଯାଇଛି । ପଣ୍ଡିତ ନୀଳକଂଠଂକ ୧୦୩ ତମ ଶୁଭଜୟନ୍ତୀ ଉପଲକ୍ଷେ ୧୯୮୬ ଅଗଷ୍ଟ ୩ ତାରିଖ ଦିନ "ଓଡ଼ିଆ ଶିଶୁସାହିତ୍ୟ ଓ ପଣ୍ଡିତ ନୀଳକଂଠ" ଶୀର୍ଷକ ଆଲୋଚନାଚକ୍ର ଭୁବନେଶ୍ୱର-ଠାରେ ଅନୁଷ୍ଠାନ କରିବାର ପ୍ରସ୍ତାବ ସଂପର୍କରେ ମଧୁସୂଦନ ବାବୁ ଓ ବନମାଳୀ ବାବୁ ମୋତେ ଜଣାଇଲେ ଓ ଏହି ଆଲୋଚନା ଚକ୍ରର

Digitized by PPRACHIN, SOA

ସଂଯୋଜକ ରହିବା ପାଇଁ ମୋତେ ଅନୁରୋଧ କଲେ । ମାତ୍ର ମୁଁ ଏହି ଅନୁରୋଧକୁ ଏକ ସୌଜନ୍ୟ ମୂଳକ ଆଦେଶ ଭବରେ ଗ୍ରହଣ କଲି

ନୀଳକଂଠଂକ ପ୍ରତିଭ ମହୁମୁଖୀ । ସାହିତ୍ୟ, ଦର୍ଶନ, ଶିକ୍ଷା ରାଜନୀତି, ସମାଜ ସଂସ୍କାର ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ପ୍ରମାଣିତ । ସମଗ୍ର ରାଜ୍ୟରେ ମଧ୍ୟ ସମସ୍ତେ ତାଙ୍କର ଅନବଦ୍ୟ ଅବଦାନ ସଂପର୍କରେ ଅବହିତ । ମାତ୍ର ଶିଶୁ ସାହିତ୍ୟ କ୍ଷେତ୍ରରେ ନୀଳକଂଠଂକର କୃତିତ୍ୱ ସଂବଂଧରେ ଅନେକେ ଅଜ୍ଞାତ । ତାଙ୍କର ଉଚ୍ଚକୋଟୀର ଦର୍ଶନ ସଂବଳିତ ଓ ସଂସ୍କୃତି ସମୃଦ୍ଧ ସାହିତ୍ୟ ମଧ୍ୟରେ ଯେ ସରଳ ତରଳ, ସରସ ଓ ସାବଲୀଳ ଶିଶୁ ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭ କରିଛି, ଏ ବିଷୟରେ ଅନେକଂକର ସ୍ପଷ୍ଟ ଧାରଣା ନାହିଁ ।

ଏହି ଆଲୋଚନା ଚକ୍ର ନୀଳକଂଠଂକ ସାରସ୍ୱତ ସାଧନାର ଏକ ଅନାଲୋଚିତ ଅଧ୍ୟାୟ ଉପରେ ଆଲୋକପାତ କରିପାରିବ ବୋଲି ମୁଁ ଆଶାୟୀ ହେଲି । ସ୍ମୃତି ସମିତି ତରଫରୁ ମଧୁସୂଦନ ବାବୁଙ୍କ ଐକାନ୍ତିକ ପ୍ରଚେଷ୍ଟା ଓ ଅନନ୍ୟ କାର୍ଯ୍ୟନିଷ୍ଠା ଏହି ଆଲୋଚନା ଚକ୍ରଟିକୁ ସାଫଲ୍ୟମଣ୍ଡିତ କରିବାରେ ମୁଖ୍ୟତଃ ଦାୟୀ । ଉକ୍ତ ଆଲୋଚନା-ଚକ୍ରରେ କେଉଁମାନେ ଭଗ ନେବେ ସେ ମୋ ସହିତ ପରାମର୍ଶ କରି ସେମାନଙ୍କୁ ବାରମ୍ବାର ପତ୍ରପ୍ରେରଣ କଲେ ଏବଂ ମୋତେ ମଧ୍ୟ ଏ ଦିଗରେ ଯୋଗାଯୋଗ କରିବାକୁ କହିଲେ ।

ଯାହା ହେଉ—ବିଭିନ୍ନ କାରଣରୁ ନିର୍ଦ୍ଦିଷ୍ଟ ଦିନ ଉକ୍ତ ଆଲୋଚନା ଚକ୍ରଟି ଆୟୋଜିତ ହୋଇ ପାରିନଥିଲା । ସେତିକିବେଳେ ମୋର ସରକାରୀ କାର୍ଯ୍ୟ ଉପଲକ୍ଷେ ଦିଲ୍ଲୀ ଯାତ୍ରା ଏହି କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ । ଶେଷରେ ଆଲୋଚନା ଚକ୍ରଟି ଅଗଷ୍ଟ ୮ ତାରିଖ ରବିବାର ଦିନ ଅନୁଷ୍ଠିତ ହେଲା । ସମିତିର ସଭାପତି ଡକ୍ଟର ସଦାଶିବ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ । ନୀଳକଂଠଂକ 'ପିଲାଙ୍କ ରାମାୟଣ', ପିଲାଙ୍କ ମହାଭାରତ, ଓ ପିଲାଙ୍କ ଭାଗବତର ପୁନର୍ମୁଦ୍ରଣ ଲାଗି ସେ ପରାମର୍ଶ ଦେଇଥିଲେ ।

ପ୍ରଥମେ ସ୍ଥାନୀୟ ବିଦ୍ୟାଳୟ କେତୋଟିର ଭିନ୍ନ ଭାଷା-ଭାଷୀ ଛୋଟ ଛୋଟ ପିଲାମାନେ ନୀଳକଂଠଙ୍କ ଶିଶୁ କବିତା କେତୋଟି ଯେମିତି ଭବରେ ଆବୃତ୍ତି କରିଥିଲେ, ତାହା ଅତ୍ୟଂତ ଉପଭୋଗ୍ୟ ହୋଇଥିଲା ।



Digitized by PPRACHIN, SOA

ସ୍ମୃତି ସମିତିର ସଂପାଦକ ଅତିଥିମାନଙ୍କ ପରିଚୟ ଓ ଆଲୋଚନା ଚକ୍ରର ଲକ୍ଷ୍ୟ ସଂପର୍କରେ ସଂକ୍ଷିପ୍ତ ସୂଚନା ଦେଲା ପରେ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ଶିଶୁ ସାହିତ୍ୟର ସାଂପ୍ରତିକ ଅବସ୍ଥା ଏବଂ ନୀଳକଂଠଙ୍କ ଶିଶୁ-ସାହିତ୍ୟ ନୀତିଗୁଡ଼ିକର ସାର୍ବଜନୀନତା ତଥା ସାର୍ଥକତା ସଂପର୍କରେ ଆଲୋକପାତ କରିଥିଲେ ।

ଏହି ପ୍ରକାଶନରେ ସ୍ଥାନ ପାଇଥିବା ପ୍ରଥମ ପ୍ରବନ୍ଧ "ଓଡ଼ିଆ ଶିଶୁ ସାହିତ୍ୟର ବରେଣ୍ୟ ସ୍ରଷ୍ଟା-ପଂଡ଼ିତ ନୀଳକଂଠ"ରେ ଲେଖକ ନୀଳକଂଠଙ୍କ ପ୍ରଚଣ୍ଡ ପ୍ରତିଭା ତଥା ଉତ୍ତୁଙ୍ଗ ମନସ୍ୱିତା ସଂପର୍କରେ ପ୍ରଥମେ ସୂଚନା ଦେଇ ତାଙ୍କ ଶିଶୁ ସାହିତ୍ୟ ରଚନାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ଶିଶୁର ମନସ୍ତାତ୍ତ୍ୱିକ ଅବସ୍ଥା ଓ ଆବଶ୍ୟକତାକୁ ଗ୍ରହି ପଂଡ଼ିତ ନୀଳକଂଠ ଶିଶୁସାହିତ୍ୟ ପ୍ରଣୟନ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ନୀଳକଂଠ ଛାତ୍ରଛାତ୍ରୀମାନଙ୍କ ନିକଟ ସଂପର୍କରେ ଆସି ସେମାନଙ୍କର ରୁଚି, ଆଗ୍ରହ, ଆଶା, ଅଭୀପ୍‌ସାକୁ ସରଳ ତରଳ ଭାଷା ଓ ଶୈଳୀରେ ରୂପାୟନ କରିଛନ୍ତି । ନୀଳକଂଠଙ୍କ ଲିଖିତ "ପିଲାଙ୍କ ଭାଗବତ" "ପିଲାଙ୍କ ରାମାୟଣ" ଓ "ପିଲାଙ୍କ ମହାଭାରତ" ଏହି ଦୃଷ୍ଟିରୁ ବିଶେଷ ଉପଭୋଗ୍ୟ ଓ ଆଗ୍ରହୋଦ୍ଦୀପକ ହୋଇ ପାରିଛି । ଏହା ବ୍ୟତୀତ "ପିଲାଙ୍କ ଗୀତ" ପର୍ଯ୍ୟାୟରେ ଲିଖିତ କବିତା ମଧ୍ୟରୁ ଅନେକ ଦୈନନ୍ଦିନ ଜୀବନର ବିଷୟବସ୍ତୁ ଏବଂ ଐତିହାସିକ, ପୌରାଣିକ ତଥା ଲୋକ କଥା-ଗୁଡ଼ିକର କବିତା ରୂପ । ସେଗୁଡ଼ିକ ମଧ୍ୟ ଅତ୍ୟନ୍ତ ଉପାଦେୟ ଓ ଉତ୍କୃଷ୍ଟ ହୋଇ ପାରିଛି ବୋଲି କହିବାରେ କାହାରି ସଂଶୟ ନାହିଁ । ତାଙ୍କ ଆତ୍ମ ଜୀବନୀରେ ମଧ୍ୟ ଶିଶୁ ସାହିତ୍ୟର ଅସ୍ତିତ୍ୱ ପରିଲକ୍ଷିତ ହୁଏ ବୋଲି ଦୃଷ୍ଟାନ୍ତ ସହିତ ଆଲୋଚନା କରାଯାଇଛି ।

ଦ୍ୱିତୀୟ ନିବନ୍ଧ, ନୀଳକଂଠଙ୍କ ଶିଶୁସାହିତ୍ୟ : ଦୃଷ୍ଟି ଓ ଦର୍ଶନ'ରେ ଡକ୍ଟର ହେମନ୍ତ କୁମାର ଦାସ ନୀଳକଂଠଙ୍କ ଜୀବନ ଦର୍ଶନ ଓ ତତ୍କାଳୀନ ସାମାଜିକ ପୃଷ୍ଠଭୂମି ସଂପର୍କରେ ସୂଚନା ଦେଇ ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟିକ ଆଦର୍ଶ ତାଙ୍କର ଶିଶୁ ସାହିତ୍ୟକୁ କିପରି ପ୍ରଭାବିତ କରିଛି, ଦେଖାଇଛନ୍ତି । ତାଙ୍କ ମତରେ "ନୀଳକଂଠ ହେଉଛନ୍ତି ପ୍ରଥମ ଲେଖକ ଓ କବି, ଯେ କି ଶିଶୁମାନଙ୍କ ଭାଷାରେ ସେମାନଙ୍କର ସ୍ୱପ୍ନ ଓ ସତ୍ତାକୁ ଲିପିବଦ୍ଧ କରିଛନ୍ତି । ସେ ଭାଷାର ଇନ୍ଦ୍ରଜାଲ ଦ୍ୱାରା ଶିଶୁ ମନରେ ଆନନ୍ଦ ସୃଷ୍ଟି



Digitized by PPRACHIN, SOA

କରିଥିଲେ । × × × ଏତକ ସେ କରି ପାରିଥିଲେ ଜଣେ ଉତ୍ସର୍ଗୀକୃତ ଶିକ୍ଷକ ହୋଇଥିବାରୁ । ଯଥାର୍ଥରେ ନୀଳକଂଠ ନିଜର ଉଚ୍ଚମନନଶୀଳତା ମଧ୍ୟରେ ଶିଶୁ ମନର ଗଭୀରତାକୁ ସ୍ପର୍ଶ କରି ପାରିଥିବାରୁ ଉପଯୁକ୍ତ ଶିଶୁ ସାହିତ୍ୟ ସୃଷ୍ଟି କରିବାକୁ କ୍ଷମ ହୋଇଥିଲେ ।"

ଡକ୍ଟର ଦିଗରାଜ ବ୍ରହ୍ମା "ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ନୀଳକଂଠଙ୍କ ଶିଶୁ ସାହିତ୍ୟ"କୁ ପୁଙ୍ଖାନୁପୁଙ୍ଖ ଭାବରେ ବିଚାର ବିଶ୍ଳେଷଣ କରିଛନ୍ତି । ଆମ ସମାଜରେ ଶିଶୁ ସାହିତ୍ୟ ସଂପର୍କରେ ଆବଶ୍ୟକ ସଚେତନତାର ଅଭାବ ଦେଖାଇବା ସଙ୍ଗେ ସଙ୍ଗେ ଶିଶୁର ମନସ୍ତତ୍ତ୍ୱଜ୍ଞାନ ନୀଳକଂଠଙ୍କ ସାହିତ୍ୟ କୃତି ଗୁଡ଼ିକୁ କିପରି ସାର୍ଥକ କରିଛି, ଦେଖାଇଛନ୍ତି । ତାଙ୍କ ଶିଶୁ-ସାହିତ୍ୟରେ ଶ୍ରମ ପ୍ରତି ଆଗ୍ରହ, ପାରିବାରିକ ସ୍ନେହ ଶ୍ରଦ୍ଧା ଆତ୍ମପ୍ରକାଶ କରିଛି । ସେ ନିବନ୍ଧ ଶେଷରେ ଯଥାର୍ଥରେ କହିଛନ୍ତି "ଏହି ଦୃଷ୍ଟିରୁ ବିଚାର କଲେ ନିଃସନ୍ଦେହରେ କୁହାଯାଇ ପାରିବ ଯେ, ପଂଡ଼ିତ ନୀଳକଂଠଙ୍କ ରଚିତ ଶିଶୁ ସାହିତ୍ୟ ଶିଶୁ ମନସ୍ତତ୍ତ୍ୱର ଧାର ଓ ଭିତ୍ତିଭୂମି ଉପରେ ପର୍ଯ୍ୟବସିତ ! ତେଣୁ ତାଙ୍କ ରଚିତ ପିଲାଙ୍କ ଗୀତ ଓ ଅନ୍ୟାନ୍ୟ ଶିଶୁ ସାହିତ୍ୟ କୃତି ଶିଶୁଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ, ଉପଯୋଗୀ ଓ ଚିତ୍ତାକର୍ଷକ ହୋଇ ପାରିଛି ।"

"ପଂଡ଼ିତ ନୀଳକଂଠଙ୍କ ଶିଶୁ ରଚନାର ଭାଷା ଓ ଶୈଳୀ : ଏକ ସୂଚନା" ଶୀର୍ଷକ ନିବନ୍ଧରେ ଡକ୍ଟର ମନୀନ୍ଦ୍ର ମହାନ୍ତି ପ୍ରଥମେ ଶିଶୁସାହିତ୍ୟ ପାଇଁ ତତ୍କାଳୀନ ଅନୁକୂଳ ପରିବେଶ ବିଶେଷତଃ ସତ୍ୟବାଦୀ ବନ ବିଦ୍ୟାଳୟ ତଥା ସାହିତ୍ୟ ସୃଷ୍ଟି ସଂପର୍କରେ ଆଲୋକପାତ କରି ନୀଳକଂଠଙ୍କ ଶିଶୁ ସାହିତ୍ୟର ବିଶେଷ ଆକର୍ଷଣଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ ପ୍ରାବନ୍ଧିକ ନୀଳକଂଠଙ୍କର କବିତା ଓ ଗୀତଗୁଡ଼ିକର ଶ୍ରେଣୀ ବିଭାଗ, ଉପାଦାନ, ଧ୍ୱନି ଏବଂ ଗଦ୍ୟସାହିତ୍ୟର ଆଙ୍ଗିକ ଓ ଅର୍ଥଗତ ବୈଶିଷ୍ଟ୍ୟ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ସେ ଠିକ୍ କହିଛନ୍ତି "ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଓଡ଼ିଆ ଶିଶୁସାହିତ୍ୟରେ ବିଶେଷତଃ ପଦ୍ୟ ବିକାଶ କ୍ଷେତ୍ରରେ ନୀଳକଂଠଙ୍କର ଦାନ ଯେ ସ୍ୱତନ୍ତ୍ର ଓ ସ୍ମରଣୀୟ ଏଥିରେ ସନ୍ଦେହ ନାହିଁ ।"

ଶ୍ରୀ ପ୍ରମୋଦ କୁମାର ଦ୍ୱିବେଦୀ ତାଙ୍କ ପ୍ରବନ୍ଧଟିରେ ଶିଶୁ ସାହିତ୍ୟର ଗତି ଓ ପ୍ରକୃତି ସଂପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ନୀଳକଂଠଙ୍କ



Digitized by PPRACHIN, SOA

ଶିଶୁ ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟରେ ମୌଳିକ ବିଶେଷତ୍ୱମାନ ସମ୍ୟକ ଭାବରେ ଆଲୋଚନା କରିଛନ୍ତି । ଏଥିରେ ନୀଳକଂଠଙ୍କ କବିତା ଗୁଡ଼ିକର ଶ୍ରେଣୀବିଭାଗ ଓ ବିଷୟଗତ ଆଲୋଚନା କରାଯାଇଛି ଏବଂ ଲେଖକ ତାଙ୍କର ସ୍ୱତନ୍ତ୍ର ଶୈଳୀ ଓ ଭାଷା ଗୌରବ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଉକ୍ତ ଆଲୋଚନା ଚକ୍ରରେ ଖ୍ରୀଷ୍ଟ କଲେଜର ଅଧ୍ୟକ୍ଷ ଶ୍ରୀ ପଠାଣି ପଟ୍ଟନାୟକ ଯୋଗ ଦେବାପାଇଁ ସମ୍ମତି ଦେଇଥିଲେ ହେଁ କୌଣସି ଅପରିହାର୍ଯ୍ୟ କାରଣରୁ ଆସିପାରି ନଥିଲେ । କିନ୍ତୁ ସେ ଏଥିପାଇଁ ପଠାଇ ଦେଇଥିବା "ଜାତୀୟ ଚେତନା ଓ ନୀଳକଂଠଙ୍କ ଓଡ଼ିଆ ଶିଶୁ ସାହିତ୍ୟକୁ ଦାନ" ଶୀର୍ଷକ ପ୍ରବନ୍ଧ ଏହି ପୁସ୍ତକରେ ସନ୍ନିବେଶିତ ହୋଇଛି । ଶ୍ରୀଯୁକ୍ତ ପଟ୍ଟନାୟକ ଏଥିରେ କବିଙ୍କୁ ଲୋକଶିକ୍ଷକ ଭାବରେ ଚିତ୍ରଣକରି ନୀଳକଂଠଂକ ଶିଶୁ ସାହିତ୍ୟର ଆଭିମୁଖ୍ୟ ଓ କେତେକ ପରିଚିତ ବସ୍ତୁ ଓ ଘଟଣାର ମନୋରମ ଚିତ୍ର ପ୍ରଦାନ କରିଛନ୍ତି । ଶିଶୁ ମନରେ ସ୍ୱାଧୀନତା ଓ ଜାତୀୟତା ଭାବ ସୃଷ୍ଟି କରିବା ପାଇଁ କବି ନୀଳକଂଠ ସତର୍କ ଉଦ୍ୟମ କରିଛନ୍ତି । ଲବ୍‌ଧପ୍ରତିଷ୍ଠ ସମାଲୋଚକ ଶ୍ରୀ ପଟ୍ଟନାୟକ ପ୍ରବନ୍ଧର ଉପସଂହାରରେ କହିଛନ୍ତି, "ନୀଳକଂଠ ଥିଲେ ଆଦର୍ଶ ଶିକ୍ଷକ । ଏକ ଉଜ୍ଜ୍ୱଳ ଆଦର୍ଶର ଅନୁରୋଧରେ ସେ ଶିକ୍ଷକତା ଓ ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ଏହା ତାଙ୍କ ଜୀବନର ପେଶା ନଥିଲା । ତାହାଥିଲା ତାଙ୍କର ଜୀବନ ଧର୍ମ, ପ୍ରାଣର ଆକୁଳତା। କବି ନୀଳକଂଠଂକ ଶିଶୁ ଉପଯୋଗୀ ସାହିତ୍ୟ–ସମ୍ଭାର ମଧ୍ୟରେ ସେହି ପ୍ରାଣ–ପ୍ରସ୍ରେଦନା ଛନ୍ଦେ ଛନ୍ଦେ ପ୍ରତିଫଳିତ ହୋଇଥିବା ଜଣାଯାଏ ।"

ଡକ୍ଟର ନିତ୍ୟାନନ୍ଦ ଶତପଥୀଙ୍କ ଲିଖିତ "ଶିଶୁ କବିତାରେ ନୀଳକଂଠଙ୍କ ବ୍ୟକ୍ତିତ୍ୱ" ଶୀର୍ଷକ ନିବନ୍ଧଟିରେ ପଂଡ଼ିତଜୀଙ୍କ ରଚିତ ଶିଶୁପଯୋଗୀ କବିତା ଗୁଡ଼ିକର ଏକ ନିର୍ବ୍ୟକ୍ତିକ ଓ ମନନଶୀଳ ପର୍ଯ୍ୟାଲୋଚନା କରାଯାଇଛି । "ମୋ ରଜା", "ବଢ଼େଇ ବାଳକ" ପ୍ରଭୃତି କେତେକ କବିତାରୁ ଦୃଷ୍ଟାନ୍ତ ଦେଇ ସେ ଦେଖାଇଛନ୍ତି ଯେ ନୀଳକଂଠ ନିଜର ପ୍ରଚଣ୍ଡ ପାଣ୍ଡିତ୍ୟ ସତ୍ତ୍ୱେ ଥିଲେ ଉଦାର ଓ ଉନ୍ମୁକ୍ତମନା । ତାଙ୍କ ବ୍ୟକ୍ତିତ୍ୱର ସ୍ଥିତିସ୍ଥାପକତା, ସ୍ନେହପ୍ରବଣତା ପ୍ରଭୃତି ବିରଳ ଓ ଅପରିଚିତ ବିଶେଷତ୍ୱ ଗୁଡ଼ିକୁ ପ୍ରଫେସର ଶତପଥୀ ଖୁବ୍ ସ୍ପଷ୍ଟ ଓ ସରସ ରୂପେ ଫୁଟାଇଛନ୍ତି । ସେ ଯଥାର୍ଥରେ



Digitized by PPRACHIN, SOA

କହିଛନ୍ତି, "ସୂର୍ଯ୍ୟରୁ ରଶ୍ମି ପରି; ତୁହିନାବୃତ ହିମାଳୟରୁ ଗଙ୍ଗୋତ୍ରୀର ସ୍ୱଚ୍ଛ ଧାର ପରି ନୀଳକଂଠଙ୍କ ବିପୁଳ ମନୀଷା ଓ ବ୍ୟକ୍ତିତ୍ୱ ମଧ୍ୟରୁ ଏ କବିତା ଗୁଡ଼ିକ ନିଃସାରିତ ହୋଇ ଆସିଥିଲ, ଯାହା ଶିଶୁମାନଂକ ମନରେ ପ୍ରତ୍ୟୟ ତଥା ଜାତିପାଇଁ ଜିଜ୍ଞାସା ସୃଷ୍ଟି ଉଦ୍ଦେଶ୍ୟରେ ଥିଲ ଅଭିଳଷିତ ।" ପ୍ରକୃତରେ ଆଦର୍ଶ ଜୀବନ ଚର୍ଯ୍ୟା ଓ ଆଦର୍ଶ ମନୁଷ୍ୟ ସୃଷ୍ଟିଥିଲ ନୀଳକଂଠଙ୍କ କୃତିର ବିଶେଷତଃ ତାଂକ ଶିଶୁ ସାହିତ୍ୟର ପ୍ରଧାନ ଲକ୍ଷ୍ୟ ।

ଆଶା, ଏହି ପୁସ୍ତକରେ ସଂଶିତ ନିବଂଧ ଗୁଡ଼ିକ ପଣ୍ଡିତ ନୀଳକଂଠଂକ ଶିଶୁ ସାହିତ୍ୟ ସଂପର୍କରେ ବିଶେଷ ଆଲୋକ ପାତ କରିବ ଏବଂ ତାଂକ ସାରସ୍ୱତ କୃତିର ଏକ ବିଶିଷ୍ଟ ବିଭଗ ଉପରେ ଅଧିକ ଅନୁଧ୍ୟାନ ଓ ଗବେଷଣାଶାଇଁ ପଥ ପରିଷ୍କାର କରିଦେବ ।

ଜଗନ୍ନାଥ ମହାନ୍ତି
୨୫ । ୩ । ୮୭

## ଜୟ ଭାରତ

କାହିଁ ନଥିଲ ଏହି ଭରତ ବର୍ଷ
ଜଗତେ କାହିଁ ଆଉ ଏପରା ଦେଶ ।
ଅଛି ଏଥି ଜଗତେ ଧରମ ଯେତେ,
ଅଛଂତି ପର ଯେତେ ଜାତି ଜଗତେ ।
ପାହାଡ ହିମାଳୟ ମୁକୁଟ ତୋର
ଧୁଅଇ ପାଦ ମହା ସାଗର ପର ।
ପାହାଡେ ଉଠି ଦେଖ ତଳେ କିଆରୀ
ଦେଖିଲେ ଥରେ କେବେ ନ ହେବ ଭୁଲି ।
କିଆରୀ ଭେଦି ବହି ଯାଉଛି ନଈ
ମହାସାଗରେ ଦୂରେ ମିଶୁଚି ଯାଇ ।
ଶୀତ ଯାଉଚି ପୁଣି ଆସୁଚି ଖରା,
ଗ୍ରହୁଁ ଶୀତଳ ପଡେ ପାଣି ଅସରା ।

ଆକାଶେ ଉଡେ ସୁଖେ ବ୍ୟୋମ ବିମାନ,
ବାଣିଜ୍ୟ ନିଏ ଦୂରେ ବୋଇତ ମାନ ।
ତିଲ ଧାନ ଗହମ ଯାହାକୁ ଯେତେ
ଖଣିରୁ ଲୁହା ସୁନା ହୀରା ସହିତେ ।
ସେ କାଳେ ଜୀନ, ବୁଦ୍ଧ ଏ କାଳେ ଗାଂଧି
ଧର୍ମେ ପୃଥିବୀ ସାରା ରଖିଲେ ବାଂଧି ।
ବେଦ ପୁରାଣ ବିଦ୍ୟା ବିଜ୍ଞାନ କଳା
ଯେତେ କହିଲେ ହେଲେ ନୁହେ ସରିଲ ।
ଏପରା ଦେଶେ ଆମ ଧନ୍ୟ ଜନମ
ଜୟ ଭରତ ଜୟ ଜୟ ତୋ ନାମ ।

ନୀଳକଂଠ

Digitized by PPRACHIN, SOA

# ଓଡ଼ିଆ ଶିଶୁ ସାହିତ୍ୟର
# ବରେଣ୍ୟ ସ୍ରଷ୍ଟା
# ପଂଡ଼ିତ ନୀଳକଂଠ

**ସାଧାରଣ ସୂଚନା :**

ପଣ୍ଡିତ ନୀଳକଂଠ ଥିଲେ ଯଥାର୍ଥରେ ଏକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ତାଙ୍କର ଉଜ୍ଜ୍ୱଳ ମନୀଷା ଓ ଅସାଧାରଣ ପାଣ୍ଡିତ୍ୟ ବହୁମୁଖୀ ତଥା ସୁଦୂର ପ୍ରସାରୀ । ତାଙ୍କର ଉତ୍ତୁଙ୍ଗ ମନସ୍ୱିତା ବହୁ ଦିଗନ୍ତ ସ୍ପର୍ଶୀ । କବି, ପ୍ରାବନ୍ଧିକ, ସାମ୍ବାଦିକ, ସମାଲୋଚକ, ବିଧାୟକ, ରାଜନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସଂପାଦକ, ଶିକ୍ଷକ ଓ ଶିକ୍ଷାବିଦ୍ ଭାବରେ ତାଙ୍କର ପ୍ରତିଷ୍ଠା ଓ କୃତିତ୍ୱ ଅନବଦ୍ୟ । ଆର୍ଯ୍ୟଋଷିକୁଳର ବରପୁତ୍ର ଭାବରେ ତାଙ୍କର ସାଧନା ଓ ସିଦ୍ଧି ଅସାଧାରଣ । ଉଚ୍ଚ ଦାର୍ଶନିକ ଚିନ୍ତାଧାରା ତାଙ୍କ ଜୀବନର ସମସ୍ତ ବିଭାବକୁ ଗଭୀର ଭାବରେ ସ୍ପର୍ଶ କରିଥିଲା ଏବଂ ଜାତିର ବିକାଶ ପାଇଁ ତାଙ୍କର କୃଚ୍ଛ୍ର ସାଧନା ସମସ୍ତଙ୍କୁ ଅଭିଭୂତ କରିଥିଲା । ଆଧୁନିକ ଶିକ୍ଷାଲାଭ ପରେ ଉଚ୍ଚ ବେତନଭୋଗୀ ରାଜ-କର୍ମଚାରୀ ହେବାର ସମସ୍ତ ସୁଯୋଗକୁ ପଦଦଳିତ କରି ସେ ସ୍ୱାଧୀନତା ସଂଗ୍ରାମ ଓ ତା'ପରେ ଜାତୀୟ ପୁନର୍ଗଠନ କାର୍ଯ୍ୟରେ ନିଜକୁ କେବଳ ଉତ୍ସର୍ଗ କରିନଥିଲେ, ଜାତିର ଯଜ୍ଞବେଦୀରେ ନିଜ ଜୀବନର ସଳିତାକୁ ତିଳତିଳ କରି ଜଳାଇଥିଲେ ।

ସାରସ୍ୱତ କ୍ଷେତ୍ରରେ ପଣ୍ଡିତ ନୀଳକଂଠଙ୍କ ଅବଦାନ ଯେମିତି ବ୍ୟାପକ, ସେମିତି ପୁଷ୍କଳ । କାବ୍ୟ ଓ କବିତା, ପ୍ରବନ୍ଧ ଓ ସମାଲୋଚନା, ଆତ୍ମଜୀବନୀ, ସାହିତ୍ୟ ପତ୍ରିକା ସଂପାଦନା ଓ ଅଗ୍ରଲେଖା ପ୍ରଭୃତି ସମସ୍ତ କୃତିରେ ତାଙ୍କ ଶୈଳୀର ସ୍ୱକୀୟତା ତଥା ଭାଷାର ମୌଳିକତା ଅତି ସ୍ପଷ୍ଟ ଓ ସାର୍ଥକ ଭାବରେ ଅଭିବ୍ୟକ୍ତ ହୋଇଛି । କ୍ଷୁଦ୍ର ଅଥଚ ଅର୍ଥପୂର୍ଣ୍ଣ ବାକ୍ୟ, ଭାବଗମ୍ଭୀର ଭାଷା, ଗ୍ରାମ୍ୟ ଓଡ଼ିଆ ଶବ୍ଦ ସହିତ ସଂସ୍କୃତ ଶବ୍ଦର ବ୍ୟବହାର,

Digitized by PPRACHIN, SOA

ସର୍ବୋପରି ଉଦାର ଓ ଉଚ୍ଚକୋଟୀର ବୌଦ୍ଧିକତା ତାଙ୍କର ପ୍ରତ୍ୟେକ ସାହିତ୍ୟିକ କୃତିକୁ ଅପୂର୍ବ ଗୌରବରେ ତେଜୋଦୀପ୍ତ କରିଛି । ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏତେ ତୁଙ୍ଗ ଶିଖରରେ ଅଧିରୂଢ଼ ତେଜସ୍ୱୀ ପୁରୁଷ ନୀଳକଣ୍ଠଙ୍କର ହୃଦୟ କେଡ଼େ ନିର୍ମଳ, କେଡ଼େ କୋମଳ ଓ କେଡ଼େ ସରଳ ! ତା ନହୋଇ ଥିଲେ ସେ ଶିଶୁ ସାହିତ୍ୟ କ୍ଷେତ୍ରରେ ଯେଉଁ ବିପୁଳ ସିଦ୍ଧି ଓ ସାଫଲ୍ୟର ଅଧିକାରୀ ହୋଇ ପାରିଛନ୍ତି, ତାହା ସମ୍ଭବ ହୋଇ ନଥାନ୍ତା ।

ତାଙ୍କର ସାହିତ୍ୟିକ କୃତି ଗୋଟିଏ ପକ୍ଷରେ ଆକାଶସ୍ପର୍ଶୀ ତ ଅନ୍ୟ ପକ୍ଷରେ ଭୂମିସ୍ପର୍ଶୀ, ଏକ ପକ୍ଷରେ ଏହା ଉତ୍ତୁଙ୍ଗ ହିମାଚଳ ତ ଅନ୍ୟ ପକ୍ଷରେ ଏହା କୋମଳ ଦୂର୍ବାଦଳ; ଏକ ପକ୍ଷରେ ଏହା ଉତ୍ତପ୍ତ ମାର୍ତ୍ତଣ୍ଡ କିରଣ ତ ଅନ୍ୟ ପକ୍ଷରେ ଏହା ସୁଶୀତଳ ଜ୍ୟୋତ୍ସ୍ନାଜାଲ । ଏହିପରି ବୈଷମ୍ୟ ଓ ବିସ୍ତୃତିରୁ ନୀଳକଣ୍ଠଙ୍କର ଅସାଧାରଣ ସାରସ୍ୱତ ସାଧନାର ଯେମିତି ପରିଚୟ ମିଳିଥାଏ, ଆମେ ତାଙ୍କର ବହୁମୁଖୀ ପ୍ରତିଭାର ସେମିତି ସ୍ପଷ୍ଟ ସୂଚନା ପାଇଥାଉଁ । ଫଳତଃ ନୀଳକଣ୍ଠ ଏକ ପକ୍ଷରେ "କୋଣାର୍କେ", "ଖାରବେଳ", "ଦାସନାଏକ", "ପ୍ରଣୟିନୀ" ଭଳି କାବ୍ୟ, "ଆର୍ଯ୍ୟ ଜୀବନ", "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ", "ସଂସ୍କୃତ ଓ ସଂସ୍କୃତି" ପରି ନିବନ୍ଧ ଓ ସମାଲୋଚନା ସାହିତ୍ୟ, 'ଉପାସନା', 'ଭକ୍ତିଗାଥା', ଗୀତାର ଭାଷ୍ୟ', 'ଆତ୍ମଜୀବନୀ', 'ଓଡ଼ିଆ ବ୍ୟାକରଣ' ପ୍ରଭୃତିର ଲେଖକ, ଅନ୍ୟ ପକ୍ଷରେ "ପିଲଙ୍କ ରାମାୟଣ", "ପିଲଙ୍କ ମହାଭାରତ", "ପିଲଙ୍କ ଭାଗବତ" ସହିତ ବହୁ କବିତା ପ୍ରଭୃତି ଶିଶୁ ସାହିତ୍ୟର ଅମର ସ୍ରଷ୍ଟା ହୋଇ ପାରିଛନ୍ତି ।

## ନୀଳକଣ୍ଠୀ ଶିଶୁ ସାହିତ୍ୟର ଆଭିମୁଖ୍ୟ :

ନୀଳକଣ୍ଠଙ୍କର ପ୍ରଖର ବୌଦ୍ଧିକତା ଓ ଅସାଧାରଣ ପାଣ୍ଡିତ୍ୟ ସତ୍ତ୍ୱେ ତାଙ୍କର ସରଳ ତରଳ, ସରସ ଓ ସାବଲୀଳ ଶିଶୁ ସାହିତ୍ୟ ସୃଷ୍ଟି ଏକ ବିରାଟ ବିସ୍ମୟ । କିନ୍ତୁ ଏହି ସର୍ଜନାର ପୃଷ୍ଠଭୂମି ଓ ଆଭିମୁଖ୍ୟ କ'ଣ, ଏହା ପ୍ରଥମେ ଆମର ଆଲୋଚ୍ୟ ! ଏହି ପ୍ରସଙ୍ଗରେ ନିଷ୍କାମ କର୍ମୀ ଅନନ୍ତ ମିଶ୍ରଙ୍କ ଅକାଳ ମୃତ୍ୟୁରେ ପଣ୍ଡିତଜୀଙ୍କର ସ୍ମୃତି ଚାରଣରୁ କିୟଦଂଶ ଏଠି ଉଲ୍ଲେଖଯୋଗ୍ୟ ।



Digitized by PPRACHIN, SOA

"୧୯୦୧ ଖ୍ରୀଷ୍ଟାବ୍ଦର ଗ୍ରୀଷ୍ମକାଳର ସେ ଗ୍ରଂଦନୀ ଘଡି ଆଜି ମନେ ପଡ଼ୁଛି । ଜୀବନର ସେ ସ୍ମରଣୀୟ ଦିନ ତୁମ ସ୍ମୃତି ସଂଗେ ଜୀବିତ ଅଛି, ରହିବ । ଭର୍ଗବୀର ଏପାଖେ ବଳପୁର, ସେ ପାଖେ ସୁଆଂଡ । ସୁଆଂଡ ପାଖେ ବଂଧ ତଳେ ନଈର ଧାର, ତା'ପରେ ବଳପୁର ପଟକୁ ନଈର ବାଲିଶେଯ ରୂପାପରି ଦାଉ ଦାଉ ଦିଶୁଥାଏ ।

ସଂଧ୍ୟାପରେ ଖଂଡ଼ିଏ ମାତ୍ର ଦୋପଟା ଗ୍ରଂଚ ପକାଇ ଚାରି ଜଣଯାକ ( ଗୋପବଂଧୁ, ଅନଂତ, ହରିହର ଓ ନୀଳକଂଠ ) ନଈବଂଧ ଉପରେ ବରଗଛ ତଳେ ଶ୍ମଶାନର ସେଇ ଶିବାରଡ ମଧ୍ୟରେ ବସି ଦେଶର ଅବସ୍ଥା ଓ ଜୀବନର ଭବିଷ୍ୟତ କଳ୍ପନା ଓ ଜଳ୍ପନାରେ ରାତ୍ର ଏକାବେଳକେ ପ୍ରଭାତ ହୋଇ ଯାଇଥିଲା । ପ୍ରଭାତର ଠିକ୍ ପୂର୍ବ ଯାମରେ ସେଇ ସଂକଳ୍ପ କଥା ଆଜି ଅତୀତ ହେଲେ ହେଁ ମୃତ ନୁହେଁ । ସରକାରୀ ଚାକିରୀ କରିବା ନାଇ, ଜନ୍ମବେଳେ ଦେଶକୁ ଯାହା ଦେଖୁଥାଉଁ, ନିଜ କର୍ମରେ ମରିବା ପୂର୍ବରୁ ତାହାଠାରୁ ଉନ୍ନତତର ଦେଖିବା, ଏଇ ସଂକଳ୍ପର ଦ୍ୱିତୀୟ ସାଥି ତୁମର ମଧ୍ୟ ମରିବାର ଦିନ ହୋଇଗଲା ।" (୧)

କର୍ମମୟ ଜୀବନର ପ୍ରାକ୍‌କାଳରେ ଦେଶର ଦୁର୍ଦ୍ଦିନରେ ସେଇ ଅବିସ୍ମରଣୀୟ ମୁହୂର୍ତ୍ତରେ ଯେଉଁ ଆଗ୍ନେୟ ଶପଥ ନିଆଯାଇଥିଲା ଉତ୍କଳମଣି ଗୋପବଂଧୁଙ୍କ ପୌରହିତ୍ୟରେ ତାହା ନୀଳକଂଠଙ୍କ ସମଗ୍ର ଜୀବନ—ଦର୍ଶନ ଓ କର୍ମଧାରାକୁ ଅଭିମନ୍ତ୍ରିତ କରିଥିଲା । ସେହି ସ୍ୱାର୍ଥକ ସଂକଳ୍ପ ତାଙ୍କ ଜୀବନ ସାଗର ପଥର ଥିଲା ଏକମାତ୍ର ଧ୍ରୁବତାର । ତାପରେ ସମାଜ ସଂସ୍କାର-ମୂଳକ ବିଭିନ୍ନ କାର୍ଯ୍ୟକଳାପ, ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ, ସର୍ବୋପରି ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା ଇତ୍ୟାଦି ଏହି ସଂକଳ୍ପର ଅପୂର୍ବ ରୂପାୟନ । ୧୯୧୧ ମସିହାରୁ ୧୯୧୮ ମସିହା ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷ କାଳ ବନବିହାରର କୁଳପତି ତଥା ପ୍ରଧାନ ଶିକ୍ଷକ ଭବରେ ପଂଡ଼ିତ ନୀଳକଂଠ ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ, ମାନସିକ, ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି ଦିଗରେ ସୁଦୃଢ଼ ପଦକ୍ଷେପମାନ ନେଇଥିଲେ । ସୁପ୍ରତିଷ୍ଠିତ ଶିକ୍ଷାବିଦ୍ ଡ଼ଃ ସଦାଶିବ ମିଶ୍ର ଯଥାର୍ଥରେ କହିଛନ୍ତି, "ନୀଳ-କଂଠ ଉପଲବ୍ଧି କରିଥିଲେ ଯେ ସାହିତ୍ୟ ଓ ସଂସ୍କୃତି, ସଂସ୍କାର ଓ ବିକାଶ ଏବଂ ଦେଶ ଓ ଜାତିର କଲ୍ୟାଣ ପାଇଁ ଆଧାର ଶୃଙ୍ଖଳିତ ଶିକ୍ଷା ।

Digitized by PPRACHIN, SOA

ସତ୍ୟବାଦୀ ସ୍କୁଲ ହେଲା ତାଙ୍କର ଧର୍ମକ୍ଷେତ୍ର, ସାଧନାର ପୀଠ ଓ କୁରୁକ୍ଷେତ୍ର–କର୍ମପୀଠ ।" (୨)

ପ୍ରକୃତିର ମନୋରମ କୋଳରେ ଏହି ଜାତୀୟ ବିଦ୍ୟାପୀଠ ଛାତ୍ରଛାତ୍ରୀମାନଙ୍କୁ କେବଳ ଜ୍ଞାନ-ପ୍ରଦାନର ମାଧ୍ୟମ ନ ହୋଇ ସ୍ୱାଧୀନ ଚିନ୍ତାଧାରା, ଶୃଙ୍ଖଳା ଜ୍ଞାନ, ସାହିତ୍ୟଜ୍ଞାନ, ତର୍କାଲୋଚନା, ପ୍ରଭୃତି ବହୁବିଧ ଶକ୍ତିସାମର୍ଥ୍ୟ–ବିକାଶର ପ୍ରଧାନ ଆୟୁଧ ହୋଇଥିଲା । ନୀଳକଂଠଙ୍କ ଉଦ୍‌ଯୋଗରେ ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ କୁଳବୃଦ୍ଧ ମଧୁସୂଦନ କହିଥିଲେ "ସତ୍ୟବାଦୀଠାରେ ଗୋପବଂଧୁ, ନୀଳକଂଠ ଦ୍ୱିପୋଟି ଗଢୁନାହାନ୍ତି, ଗଢୁଛନ୍ତି ପ୍ରକୃତ ମନୁଷ୍ୟ । ଉତ୍କଳବାସୀ ସମସ୍ତେ ତାଙ୍କୁ ସବୁମତେ ସାହାଯ୍ୟ କରିବା ଦରକାର ।" ଏହି ବିଦ୍ୟାଳୟର ମେରୁଦଣ୍ଡ, ଆତ୍ମାସ୍ୱରୂପ ଥିଲେ ପଂଡ଼ିତ ନୀଳକଂଠ । ଉପଯୁକ୍ତ ମନୁଷ୍ୟ ଗଢିବା ଏହାର ମୁଖ୍ୟ ଲକ୍ଷ୍ୟ । କ୍ରୀଡ଼ା, ଆଲୋଚନା ସଭା, ପତ୍ରିକା ପ୍ରକାଶନ ଇତ୍ୟାଦି ବିଭିନ୍ନ ପାଠ୍ୟପରିପୂରକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରସମାଜର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ହେଉଥିଲା । ସ୍ନେହସୌହାର୍ଦ୍ଦ୍ୟ ଓ ସହଯୋଗ ମଧ୍ୟରେ ଶିକ୍ଷକ ଓ ଛାତ୍ରଗଣଙ୍କ ଦୈନନ୍ଦିନ ଜୀବନ ଅତିବାହିତ ହେଉଥିଲା । "ଜାତୀୟ ମମତା" ଓ "ବିଶ୍ୱଜନପ୍ରୀତି" ଥିଲା ସେମାନଙ୍କ ଜୀବନ ଓ କାର୍ଯ୍ୟର ମୂଳମନ୍ତ୍ର ।

ଛାତ୍ରଛାତ୍ରୀମାନଙ୍କର ଘନିଷ୍ଠ ସଂପର୍କରେ ଆସି ନୀଳକଂଠ ଶିଶୁମନସ୍ତତ୍ତ୍ୱ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିଥିଲେ । ସେମାନଙ୍କ ମାନସିକ ଅବସ୍ଥା ଓ ଆବଶ୍ୟକତା ସଂପର୍କରେ ସେ ଯଥେଷ୍ଟ ଭାବରେ ଅବହିତ ହୋଇ ପାରିଥିଲେ । ଜାତୀୟ ଐତିହ୍ୟ ଓ ସଂସ୍କୃତି ସଂପର୍କରେ ସେମାନଙ୍କୁ ସଚେତନ କରିବା ଏବଂ ସ୍ୱାଧୀନ ନାଗରିକ ଭାବରେ ଗଢିବା ଥିଲା ତାଙ୍କର ଲକ୍ଷ୍ୟ । ସ୍ୱଦେଶପ୍ରୀତି, ମାନବିକ ସମ୍ବେଦନା, ଚରିତ୍ରବତ୍ତା ଓ ଜାତୀୟ ଚେତନାର ବିକାଶ ଥିଲା ବନବିହାର ଆଦର୍ଶ ଏବଂ ନୀଳକଂଠ ଏହି ଆଦର୍ଶକୁ ରୂପାୟିତ କରିବାରେ ଆନୁଷ୍ଠାନିକ ଓ ବ୍ୟକ୍ତିଗତ ଭାବରେ ସମସ୍ତ ଉଦ୍ୟମ କରିଥିଲେ । ନୀଳକଂଠଙ୍କ ଶିଶୁସାହିତ୍ୟ ଏହି ପୃଷ୍ଠଭୂମି ଓ ଆଭିମୁଖ୍ୟ ନେଇ ଗଢି ଉଠିଥିଲା । ସ୍ୱତଃ, ସତ୍ୟ, ଶିବ ଓ ସୁନ୍ଦରର ଜୟଗାନ ଥିଲା ତାଙ୍କ ଶିଶୁସାହିତ୍ୟର ମର୍ମବାଣୀ ।

Digitized by PPRACHIN, SOA

## ନୀଳକଂଠୀ ଶିଶୁସାହିତ୍ୟର ପରିସର ଓ ପ୍ରକାରଭେଦ :

ଶିଶୁସାହିତ୍ୟ ସାଧାରଣତଃ ଶିଶୁ ଓ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ବୟସ ଭେଦରେ ମନସ୍ତାତ୍ତ୍ୱିକ ଅବସ୍ଥା– ରୁଚି, ଆଗ୍ରହ, ସାମର୍ଥ୍ୟ ପ୍ରଭୃତିର ପରିବର୍ତ୍ତନ ଘଟିଥାଏ । ତିନି ଚାରି ବର୍ଷର ପିଲା ଯାହା ଚାହେଁ ଆଠ ନଅ ବର୍ଷର ପିଲା ତାହା ଦରକାର କରି ନ ପାରେ । ଦଶ ବାର ବର୍ଷର ପିଲା ଯେଉଁଥିରେ ଆଗ୍ରହୀ, ସତର ଅଠର ବର୍ଷର ତରୁଣ ବା କିଶୋରକୁ ତାହା ସୁଖକର ହୋଇ ନ ପାରେ । ପୁଣି ବୟସ ବୃଦ୍ଧି ସଙ୍ଗେ ବିଷୟଗତ ଜ୍ଞାନ ଓ ଭାଷାଗତ କୌଶଳର ଅଭିବୃଦ୍ଧି ଘଟିଥାଏ । ଶାରୀରିକ ଓ ମାନସିକ ସାମର୍ଥ୍ୟ ମଧ୍ୟ କ୍ରମେ ବୃଦ୍ଧିପ୍ରାପ୍ତ ହୁଏ । ସୁତରାଂ ଏହିସବୁ ଉପାଦାନକୁ ବିଚାରକୁ ନେଇ ଶିଶୁସାହିତ୍ୟ ରଚନା କରିବାକୁ ହୋଇଥାଏ । ଏହା ଯେମିତି ସରଳ ତରଳ ଓ ସାବଲୀଳ ସେମିତି ସରସ ଓ ଚିତ୍ତା-କର୍ଷକ ହେବା ଏକାନ୍ତ ଆବଶ୍ୟକ ।

ନୀଳକଂଠ ଶିଶୁସାହିତ୍ୟ ସୃଷ୍ଟିର ଏହିସବୁ ମୌଳିକ ଆବଶ୍ୟକତା ସଂପର୍କରେ ଖୁବ୍ ସଚେତନ ଥିଲେ । ତାଙ୍କର ଶିଶୁସାହିତ୍ୟ ମୁଖ୍ୟତଃ ଉଚ୍ଚବୟସ ଗୋଷ୍ଠୀର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ସତ୍ୟବାଦୀ ବିଦ୍ୟାଳୟର ପ୍ରତିଷ୍ଠାକାଳରେ ସମ୍ଭବତଃ ୧୯୧୨ ବା ୧୯୧୩ ମସିହାରେ ଶ୍ରୀପଞ୍ଚମୀ ଉତ୍ସ-ବରେ ଛାତ୍ରମାନଙ୍କର ଆବୃତ୍ତି ନିମନ୍ତେ ନୀଳକଂଠ "ଭକ୍ତିର ଉଦ୍‌ବୋଧନ" କବିତା ରଚନା କରିଥିଲେ । ତାପରେ ସେ ବିଭିନ୍ନ ସମୟରେ "ବିଶ୍ୱବାଣୀ", "ଆତ୍ମବାଣୀ", "କାହିଁ ଅଛ" ପ୍ରଭୃତି କବିତା ଲେଖିଥିଲେ । ଏହା ବ୍ୟତୀତ ପଣ୍ଡିତଜୀଙ୍କ ନିଜଭାଷାରେ କହିଲେ "ସତ୍ୟବାଦୀ ସ୍କୁଲର ଦୈନନ୍ଦିନ ଉପାସନା ପାଇଁ କେତେକ ବୈଦିକ ଓ ଶାସ୍ତ୍ରୀୟ ମନ୍ତ୍ରସ୍ତୋତ୍ର ମାନ ସଂଗ୍ରହ କରି ଅନୁବାଦ କରିଥିଲେ । ସ୍ୱର୍ଗୀୟ ପଂଡ଼ିତ ଗୋପବଂଧୁ ଦାସ ତାହା ଆମୂଳଚୂଳ ଦେଖି ମନୋନୀତ କରିଥିଲେ । ତାହା ପ୍ରଥମେ 'ଉତ୍କଳ ସାହିତ୍ୟ' ରେ ପ୍ରକାଶିତ ହୋଇ ପରେ "ଉପାସନା" ନାମକ ଗୋଟିଏ କ୍ଷୁଦ୍ର ପୁସ୍ତିକା ରୂପେ ବାହାର କରାଯାଇଥିଲା । ଏବେ ଅନେକେ ତାହାର ପୁନଃ ପ୍ରକାଶ ଲୋଡ଼ିବାରୁ ଏହି ପୁସ୍ତକର ଶେଷରେ ତାହା ଦିଆ-ଯାଇ ସମସ୍ତ ପୁସ୍ତକର ନାମ "ଭକ୍ତିଗାଥା" ରଖାଯାଇଛି । " (୩)

Digitized by PPRACHIN, SOA

ଅତୀତର ଗୌରବାବହ ଐତିହ୍ୟ ସଂପର୍କରେ ସଚେତନ କରାଇ ପୌରାଣିକ ଗଳ୍ପ ଗୁଡ଼ିକ ମଧ୍ୟରେ ପିଲାମାନଙ୍କର ସାହସ, ସ୍ୱଦେଶ ପ୍ରୀତି, ବୀରତ୍ୱ, ସତ୍ୟ–ନିଷ୍ଠା, ସ୍ନେହ, ମୈତ୍ରୀ, ସୌହାର୍ଦ୍ଦ୍ୟ ପ୍ରଭୃତି ସଦ୍‌ଗୁଣର ବିକାଶ ଘଟାଇବା ଉଦ୍ଦେଶ୍ୟରେ ନୀଳକଂଠ "ପିଲାଙ୍କ ଭାଗବତ", "ପିଲାଙ୍କ ରାମାୟଣ" ଓ "ପିଲାଙ୍କ ମହାଭାରତ" ରଚନା କରିଥିଲେ । ଏ ଗୁଡ଼ିକର ବିଷୟବସ୍ତୁ, ଭାଷା ଶୈଳୀ ପ୍ରଭୃତି ଶିଶୁ ଓ କିଶୋରମାନଙ୍କର ମାନସିକ ଓ ଆବେଗିକ ଅବସ୍ଥା ଓ ଆବଶ୍ୟକତାକୁ ଚାହିଁ ଖୁବ୍ ଅନୁକୂଳ ଓ ଉପଯୁକ୍ତ ଚରିତ୍ରମାନଙ୍କୁ ସେ ଆମ ଧୂଳିମାଟିର ରକ୍ତମାଂସ ଦେହଧାରୀ ସାଧାରଣ ମନୁଷ୍ୟ ଭାବରେ ରୂପାୟନ କରି ପିଲାମାନଙ୍କର ନିତାନ୍ତ ଉପଭୋଗ୍ୟ ଓ ବିଶ୍ୱାସ ଯୋଗ୍ୟ କରିପାରିଛନ୍ତି ।

ପଂଡ଼ିତ ନୀଳକଂଠ ଅନେକ ଶିଶୁ ଉପଯୋଗୀ କବିତା ରଚନା କରିଛନ୍ତି ଏବଂ ସେଗୁଡ଼ିକ ମଧ୍ୟରୁ ବାଇଶଟି ପ୍ରଥମ ଖଣ୍ଡ ଗ୍ରନ୍ଥାବଳୀରେ "ପିଲାଙ୍କ ଗୀତ" ଶୀର୍ଷକରେ ପ୍ରକାଶିତ ହୋଇଛି । ପିଲାମାନଙ୍କର ନିକଟ-ବର୍ତ୍ତୀ ପରିବେଷ୍ଟନୀର ବହୁ ବିଷୟ ଉପରେ ସେଥିରୁ ଅଧିକାଂଶ କବିତା ଆଧାରିତ । ଯଥା "ମୋ ଟିକି ଘର" "ସାପୁଆ କେଳା", "ମୋଥରି ଗାଈ ସେ ଯାତ", "ଆମ ନେତ", "ଟିକି ଭଉଣୀ", ଆଦି । କେତେକ କବିତା ଐତିହାସିକ, ପୌରାଣିକ ତଥା ଲୋକକଥା ଉପରେ ଆଧାରିତ, ଯଥା– 'ବୁଦ୍ଧ ଓ ବିଧବା' 'ଚକାଫଳ ନଖାଉଁ', 'ବଢ଼େଇ ବାଳକ', 'ସିଦ୍ଧାର୍ଥ ଓ ହଂସ' । ଆଉ କେତେକ କବିତା ସଂଳାପ ମୂଳକ ଓ ଶିକ୍ଷାପ୍ରଦ ଉଦାହରଣ ସ୍ୱରୂପ, "ବେଙ୍ଗ ଓ ବୁଢ଼ିଆଣୀ", 'ପିଲା ଓ ଚଢ଼େଇ" ଇତ୍ୟାଦି ଉଲ୍ଲେଖ ଯୋଗ୍ୟ । "ମହାତ୍ମା ଗାନ୍ଧି", "ଜୟ ଭାରତ", "ଚଷାର ଭାଗ୍ୟ", "ଆମ ଜାତୀୟ ପତାକା" ପ୍ରଭୃତି କବିତା ଗୁଡ଼ିକ ସ୍ୱଦେଶ ପ୍ରେମର ବିକାଶ ପାଇଁ ରଚିତ । ପିଲାମାନଙ୍କ ମନରେ ସୌନ୍ଦର୍ଯ୍ୟ ପ୍ରୀତିର ଅଭିବୃଦ୍ଧି ପାଇଁ "କି ସୁନ୍ଦର ଏ ସଂସାର" ଆଦି ଅନ୍ୟ କେତୋଟି ଉପାଦେୟ କବିତା ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇ ପାରେ ।

ସର୍ବୋପରି ନୀଳକଂଠଙ୍କ "ଆତ୍ମ ଜୀବନୀ"ରେ ଅନେକ ଘଟଣା ଏମିତି ସରସ ଭାବରେ ଏବଂ ସାବଲୀଳ ଭାଷା ଶୈଳୀରେ ବର୍ଣ୍ଣିତ ହୋଇଛି ଯେ ଶିଶୁ କିଶୋର ଗଣ ଅନାୟସରେ ସେଗୁଡ଼ିକୁ ଉପଭୋଗ କରିପାରିବେ । ବାସ୍ତବ ଅନୁଭୂତିମାନ ଖୁବ୍ ଚିତ୍ତାକର୍ଷକ ଓ ମନୋରଞ୍ଜନ ଭାବରେ ପଣ୍ଡିତଜୀଙ୍କର ଲେଖନୀରୁ ନିଃସୃତ ହୋଇଛି । ନିରୀହ ବାଲ୍ୟ-କାଳରୁ ଆରମ୍ଭ କରି ସଂଗ୍ରାମମୟ ଜୀବନର ବହୁ ଘଟଣାର ହୃଦୟଗ୍ରାହୀ ବର୍ଣ୍ଣନା ଶିଶୁ ସାହିତ୍ୟରେ ସହଜରେ ଅନ୍ତର୍ଭୁକ୍ତ କରା ଯାଇପାରେ ।

Digitized by PPRACHIN, SOA

## ନୀଳକଂଠଙ୍କ ଶିଶୁ ସାହିତ୍ୟର ଭାଷା ଶୈଳୀ :

ପୂର୍ବରୁ କୁହାଯାଇଛି, ନୀଳକଂଠ ଭାଷା ଓ ଶୈଳୀର ଜଣେ କୁଶଳୀ କଳାକାର ଓ ଏକ ଦକ୍ଷ ବିନ୍ଧାଣୀ । ତାଙ୍କର ଲିଖନ ରୀତିର ମୌଳିକତା ଓ ସ୍ୱକୀୟତା ଅତୁଳନୀୟ । ତାଙ୍କର ଭାଷା-ଶୈଳୀ ଏତେ ସ୍ୱତନ୍ତ୍ର, ଏତେ ନିଜସ୍ୱ ଯେ ତାହା ସହଜରେ "ନୀଳକଂଠୀ" ବୋଲି ଧରି ହୋଇପଡ଼େ । ସ୍ୱନାମଧନ୍ୟ ସାହିତ୍ୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଏହି ପ୍ରସଙ୍ଗରେ ଯଥାର୍ଥରେ କହିଛନ୍ତି, "ତାମିଲ ସାହିତ୍ୟରେ 'ମଣି ପ୍ରବାଳ' ନାମରେ ଏକ ରୀତି ଅଛି । ସଂସ୍କୃତ ଶବ୍ଦ ସହିତ ମିଶି ନିରେଳ ତାମିଲ ଶବ୍ଦ ସମ୍ଭାରର ରଚନାକୁ 'ମଣିପ୍ରବାଳ' ରୀତିର ରଚନା କୁହାଯାଏ । ପଣ୍ଡିତଜୀଙ୍କ ଭାଷା-ଶୈଳୀ ଏହି 'ମଣିପ୍ରବାଳ' ରୀତିକୁ ସ୍ମରଣ କରାଇଦିଏ । ତତ୍‌ସମ, ତଦ୍‌ଭବ ଶବ୍ଦ ସହିତ ଥାଏ ଗୋଟିଏ ଗୋଟିଏ ଅପ୍ରଚଳିତ ନିରେଳ ଓଡ଼ିଆ ଶବ୍ଦ, ଯାହା ତତ୍‌ସମ ଶବ୍ଦର ସବୁ ଔଜ୍ଜଲ୍ୟକୁ ବୁଡ଼ାଇ ନିଜେ ଉଜ୍ଜ୍ୱଳତର ହୋଇଉଠେ । ନିରେଳ ଓଡ଼ିଆ ଶବ୍ଦସବୁ କେତେବେଶୀ ଭାବପ୍ରକାଶକ୍ଷମ ତାହା ସ୍ପଷ୍ଟ ହୋଇଉଠେ ।" (୪)

### (କ) ପିଲାଙ୍କ ଭାଗବତ :

ଏହି "ମଣିପ୍ରବାଳ" ଶୈଳୀ ନୀଳକଂଠ ଓଡ଼ିଆ ଶିଶୁ ସାହିତ୍ୟରେ କିପରି ପ୍ରୟୋଗ କରିଛନ୍ତି, ତାହା ଦେଖିବାର କଥା । "ପିଲାଙ୍କ ଭାଗବତ"ରୁ ଗୋଟିଏ ଦୃଷ୍ଟାନ୍ତ ନିଆ ଯାଉ । "ବିଭାଘରଟି ଭାରି ଜାକଜମକରେ ହେଲା । ରଜା ଝିଅ ସଙ୍ଗେ ରଜାପୁଅର ବିଭାଘର ! କାହାରି କିଛି ନଅଂଟ ନାହିଁ । ସମସ୍ତେ ଆନନ୍ଦରେ ଭୋଜି ଖାଇଲେ । କାଂଗାଳଂକୁ ଗୁଡ଼ଳ, ଲୁଗା, ଧନ, ରତ୍ନ ବଂଟା ହେଲା । ଉଗ୍ରସେନ ଜୋଇଁକି କେତେ ଯୌତୁକ ଦେଲେ । କେତେ ହାତୀ, କେତେ ଘୋଡ଼ା, କେତେ ରଥ ବସୁଦେବ ଯଉତୁକ ପାଇଲେ । ତାହା ଗଣିହେବ ନାହିଁ । ରଥମାନଙ୍କରେ ସବୁ ସୁନ୍ଦର ସୁନା କଳସ । ପତାକାରେ କେତେ ସୁନା ଚିତ୍ର । ତାହା ଛଡ଼ା କେତେ ଦୁହାଳୀ ଗାଈ, କେତେ ଦାସ ଦାସୀ, ସବୁ ଘେନି ବସୁଦେବ ଦେବକୀଂକ ସଙ୍ଗେ ରଥରେ ଚଢ଼ି, ବରକନ୍ୟା ହୋଇ ଘରକୁ ଫେରିଲେ । ଉଗ୍ରସେନ ବର-କନ୍ୟା ସଙ୍ଗେ କେତେ ବାଟ ଆସି କାଂଦି କାଂଦି ବିଦା ଘେନି ଘରକୁ

Digitized by PPRACHIN, SOA

ଗଲେ । କଂସ ଭଉଣୀ ଭିଣୋଇଙ୍କ ସଙ୍ଗେ ରଥରେ ବସି ଘୋଡ଼ାଙ୍କୁ ହଡ଼ାଉ ଥାଏ । ସଅଳ ଘରକୁ ଫେରିବାକୁ ତାର ମନ ହେଲା ନାଇଁ ।"

ଏହି ଉଦ୍ଧୃତିରେ ବ୍ୟବହୃତ ନଅଂଟ, ନାଇଁ, କାଂଗାଳ, ଦୁହାଳୀ, ବିଦା, ସଅଳ ଇତ୍ୟାଦି ନିଘେଞ୍ଚା ଓଡ଼ିଆ ଶବ୍ଦ ଗୁଡ଼ିକର ସ୍ୱକୀୟ ମାଧୁର୍ଯ୍ୟ ଓ ଅର୍ଥ ଗୌରବ ହୃଦୟଙ୍ଗମ କରିବାକୁ ହେବ । ସଂକ୍ଷିପ୍ତ ବାକ୍ୟ ଗୁଡ଼ିକର ବ୍ୟବହାର ସହିତ ଗଳ୍ପ ସୁଲଭ ସାବଲୀଳତା ଓ ଉତ୍କଣ୍ଠା ପାଠକଙ୍କୁ ଅଭିଭୂତ କରେ ।

## (ଖ) ପିଲାଙ୍କ ରାମାୟଣ

ବହୁ ଚିତ୍ତାକର୍ଷକ କାହାଣୀ ଶିଶୁ ଓ କିଶୋରମାନଙ୍କୁ ଆନନ୍ଦ ସହିତ ଶିକ୍ଷା ପ୍ରଦାନ କରିଥାଏ । ସ୍ଥାନ ନେବା ଦୃଷ୍ଟିରୁ କୌଣସି ପୌରାଣିକ ଗଳ୍ପକୁ ପୂର୍ଣ୍ଣାଙ୍ଗ ରୂପରେ ଏଠାରେ ଉଦାହରଣ ଦେବା ସମ୍ଭବ ନୁହେଁ । ମାତ୍ର "ପିଲାଙ୍କ ରାମାୟଣ" ( ୧୯୨୧ )ରୁ କିୟଦଂଶ ଉଲ୍ଲେଖ କରିବାର ଲୋଭ ସମ୍ବରଣ କରିପାରୁନାହିଁ । "ଏକଥା ଶୁଣି ଦଶରଥଙ୍କର ପ୍ରାଣ ଶୁଖିଗଲା । ସେ ମୁହୂର୍ତ୍ତ କାଳ ଅଜ୍ଞାନ ପରି ହୋଇଗଲେ । ତାଙ୍କୁ ସବୁ ଅନ୍ଧାର ଦିଶିଲା । ପିଲା ପୁଅଗୁଡ଼ିକ, ବଣରେ ଯାଇ ରାକ୍ଷସ ଦେଖିଲେ ଡରିଯିବେ । ରାକ୍ଷସଙ୍କୁ ବା ସେ ମାରିବେ କ'ଣ ? ଦଶରଥ ବିଚାରିଲେ, ରାକ୍ଷସମାନେ ବଣରେ ରାମଙ୍କୁ ମାରି ପକାଇବେ । ତହୁଁ ଦଶରଥ କେତେ ସାତପାଞ୍ଚ ବିଚାରି ବିଶ୍ୱାମିତ୍ରଂକୁ କହିଲେ– ରାମ ପନ୍ଦର ବର୍ଷର ପିଲା । ଭୟଂକର ରାକ୍ଷସମାନଙ୍କ ସଙ୍ଗେ ସେ କିପରି ଯୁଦ୍ଧ କରିବେ ? ଋଷିବର, ରାମର ଯିବା କଥା ମତେ କହନାଇ । ମୁଁ ନିଜେ ଆପଣଂକ ସଙ୍ଗେ ଯାଇ ସେ ରାକ୍ଷସମାନଙ୍କୁ ମାରିବି ।" (୬)

କି ସ୍ୱାଭାବିକ ଶଙ୍କା ! କି ଉତ୍କଣ୍ଠା ! କେତେ ବାସ୍ତବ ସଂଳାପ ! ଭାଷା ଓ ଶୈଳୀର କି କାଉଁରୀ ସ୍ପର୍ଶ !! ଶିଶୁ ଓ କିଶୋର କ'ଣ ବୟସ୍କ-ମାନଙ୍କର ମନୋରଞ୍ଜନ କରିବାରେ ଏହା କମ୍ ସହାୟକ ହେବ ନାହିଁ ।

## (ଗ) ପିଲାଙ୍କ ମହାଭାରତ

"ପିଲାଙ୍କ ମହାଭାରତ" ( ୧୯୨୩ )ରେ ପ୍ରାରମ୍ଭରୁ ପ୍ରଦତ୍ତ "ବକ୍ତବ୍ୟ"ରେ ନୀଳକଂଠ ଯାହା କହିଛନ୍ତି, ତାହା ଶିଶୁ ସାହିତ୍ୟ ରଚନାର

Digitized by PPRACHIN, SOA

ମୌଳିକ ତତ୍ତ୍ୱ । ଏଥିରୁ ଶିଶୁ ମନସ୍ତତ୍ତ୍ୱ ଓ ଶିକ୍ଷାଦାନ ନୀତି ତଥା ପଦ୍ଧତି ସଂପର୍କରେ 'କୁଳପତି' ତଥା ପ୍ରଧାନ ଶିକ୍ଷକ ନୀଳକଂଠ କେତେ ସଚେତନ ଥିଲେ ତାହା ସ୍ପଷ୍ଟ ଭାବରେ ଅନୁମିତ ହୁଏ । ସେ କହିଛନ୍ତି, "ମୁଁ ପିଲାମାନଙ୍କ ପାଇଁ ଏ ପୁସ୍ତକଟି ଲେଖୁଚି । ମହାଭାରତ ପୁସ୍ତକ ପିଲାଙ୍କ ପାଇଁ ଲେଖିବା ବଡ଼ ସହଜ କଥା ନୁହେଁ । ମୁଁ ଏହି ପୁସ୍ତକ ଲେଖିବା-ପାଇଁ, ପିଲାଙ୍କ ପାଇଁ ଲେଖା ହୋଇଥିବା ଅନେକ ମହାଭାରତ ଖୋଜି ଦେଖିଥିଲି । କିନ୍ତୁ ଦେଖିଲି ଅଧିକାଂଶ ପୁସ୍ତକ ମୂଳଗ୍ରନ୍ଥ ଛାଡ଼ି ଇଚ୍ଛା ଅନୁସାରେ ଲେଖା ହୋଇଅଛି । ବଂଗଳାର "ଛେଲେଦେର ମହାଭାରତ" ଓ "The Story of the Great war" ଏହି ଦୁଇଖଣ୍ଡି ପୁସ୍ତକ ମୂଳଗ୍ରନ୍ଥ ଧରି ଲେଖା ହୋଇଥିବାର ଦେଖି ସେହି ଦୁଇ ଗ୍ରଂଥକୁ ଆଦର୍ଶ ଧରି ମୁଁ ଏ ପୁସ୍ତକ ଲେଖିଛି । ତେଣୁ ସେହି ଗ୍ରନ୍ଥକାରମାନଙ୍କଠାରେ ମୁଁ କୃତଜ୍ଞ ।" (୭) ପୌରାଣିକ ବିଷୟକୁ ବିଶ୍ୱସ୍ତ ଭାବରେ ପିଲାମାନଙ୍କୁ ପରିବେଷଣ କରିବାରେ ଏବଂ ସଂସିତ ପୁସ୍ତକର ସହାୟତା ଯୋଗୁଁ ତାଙ୍କର ଅକୁଣ୍ଠ କୃତଜ୍ଞତା ଜ୍ଞାପନରେ ନୀଳକଂଠଙ୍କର ଆନ୍ତରିକତା ଓ ମହାନୁଭବତା ଲକ୍ଷ୍ୟଣୀୟ ।

କିନ୍ତୁ ନୀଳକଂଠଙ୍କ ସ୍ୱଭାବ ସମାଲୋଚନାତ୍ମକ, ଅନ୍ଧ ଅନୁକରଣର ତୀବ୍ର ବିରୋଧୀ । ତାଙ୍କର ବୈଜ୍ଞାନିକ ମନୋବୃତ୍ତି (Scientific temper ) ବିଶେଷ ପ୍ରଣିଧାନର ଯୋଗ୍ୟ । ସେ ତେଣୁ ଉକ୍ତ ପୁସ୍ତକ ଦୁଇଟିକୁ ଆଦର୍ଶ ଭାବରେ ଗ୍ରହଣ କରିଥିଲେହେଁ ସେଥିରେ କି ପ୍ରକାର ଦୋଷତ୍ରୁଟି ରହିଛି, ସେ ବିଷୟରେ ମଧ୍ୟ ସଚେତନ ହୋଇଛନ୍ତି ଏବଂ ତାକୁ ନିଜ ଲେଖାରେ ପରିହାର କରିଛନ୍ତି । ତାଙ୍କ ଭାଷାରେ "ବଂଗଳା ପୁସ୍ତକର ଅନେକ ବର୍ଣ୍ଣନା ପିଲାମାନଙ୍କ ପାଇଁ ବୃଥା ଓ ଅଯଥା ବୋଧ ହେଲା ଏବଂ ରୁଚିବିରୁଦ୍ଧ କଥା ନଦେବାର ଯତ୍ନରେ ବଂଗଳା ଗ୍ରଂଥକାର ଅନେକ ବିଷୟ ଏକାବେଳକେ ଭିନ୍ନ ରୂପରେ ପ୍ରକାଶ କରିଛଂତି ।" (୮) ଏଥିରୁ ସ୍ପଷ୍ଟ ହେଉଛି ଯେ ରୁଚିବିରୁଦ୍ଧ କଥା କହିବାକୁ ନରହିଁ ପିଲାମାନଙ୍କୁ ଭିନ୍ନ ରୂପରେ ଅସତ୍ୟ ଶିକ୍ଷା ଦେବା ନୀଳକଂଠଂକର ନୀତିବିରୁଦ୍ଧ । ଏହା ସର୍ବଥା ପ୍ରଶଂସନୀୟ, ବିଶେଷତଃ ଶିଶୁସାହିତ୍ୟ କ୍ଷେତ୍ରରେ ।

Digitized by PPRACHIN, SOA

ପିଲମାନଙ୍କୁ ପ୍ରତ୍ୟକ୍ଷ ନୀତିଶିକ୍ଷା ଦେବା ( Sermonization ) ଆଧୁନିକ ଶିକ୍ଷାଦାନ ପଦ୍ଧତି ଓ ଶିଶୁ ମନସ୍ତତ୍ତ୍ୱ ବିରୋଧୀ । ତେଣୁ ଗଳ୍ପ ଛଳରେ ତାହା ପରୋକ୍ଷ ଭବରେ କରଯାଇଥାଏ । ନୀଳକଂଠ ଏହି ନୀତିର ସମର୍ଥକ ଥିଲେ । ସେ ତେଣୁ କହିଛନ୍ତି, "ପୁଣି ଇଂରେଜୀ ଗ୍ରଂଥରେ ଅନେକ ଉପଦେଶ ଓ ଉପଦେଶର ବ୍ୟାଖ୍ୟା ଅଛି । ତାହା ପିଲମାନଙ୍କ ପକ୍ଷରେ ଆଦୌ ଉପଯୋଗୀ ବୋଧ ହେଉନାଇ । ପିଲମାନଙ୍କୁ ଇତିହାସ, ପୁରଣାଦି କଥା କହିଲ ବେଳେ କୌଣସି ପ୍ରକାର ସାକ୍ଷାତ ଉପଦେଶ ଦ୍ୱାରା ତାଙ୍କ ମନକୁ କୌଣସି ଆଡ଼େ ଟାଣି ଭର୍ତ୍ତିକରିବା ମୋଟେ ଉଚିତ ନୁହେଁ ।"(୯) ଶେଷରେ ସେ ପିଲମାନଙ୍କର ରୁଚି ଓ ଅଭିଳାଷକୁ ଶିଶୁସାହିତ୍ୟ ରଚନାରେ ଦୃଷ୍ଟିଦେବା ଉଚିତ ବୋଲି କହିଛନ୍ତି ଏବଂ ପୁଣି ଦୀର୍ଘ ସମୟର ଶିକ୍ଷକତା ଫଳରେ ତାଙ୍କୁ ଏହି ଶିକ୍ଷା ମିଳିଛି ବୋଲି ନିଜେ ସ୍ୱୀକାର କରିଛନ୍ତି । ଉପରୋକ୍ତ ନୀତି ଅନୁସାରେ ଲେଖାଯାଇ ଥିବାରୁ ତାଙ୍କର "ପିଲଙ୍କ ମହା-ଭରତ" ଯଥାର୍ଥରେ ଓଡ଼ିଆ ଶିଶୁ ସାହିତ୍ୟର ଏକ ଅମୂଲ୍ୟ ରତ୍ନ ।

## (ଘ) ପିଲଙ୍କ ଗୀତ ·

"ପିଲଙ୍କ ଗୀତ" ଶୀର୍ଷକରେ ପ୍ରଦତ୍ତ ବାଇଶଟି କବିତା ମଧ୍ୟରୁ ଅଧିକାଂଶ ସାର୍ଥକ । (୧୦) ବୁଦ୍ଧଦେବଙ୍କ ଜୀବନରେ ଏକ ଲୋକପ୍ରିୟ ଆଖ୍ୟାୟିକାକୁ କବିତା ରୂପେ ପ୍ରକାଶ କରିଛନ୍ତି ନୀଳକଂଠ, "ବୁଦ୍ଧ ଓ ବିଧବା"ର ପ୍ରାରମ୍ଭିକ ପଦଟି ହେଲ–

ତରେ ଲେଟି ନାରୀ କହେ, "ମୁଁ ବିଧବା
ଗୋଟିକ ଏ ମୋର ପୁଅ ।
ଏତ ଗଲ, ମୁହିଁ ରହିବି କା ଘେନି
ଏହାକୁ ବଂଚାଇ ଦିଅ ।"

ସାପଖେଳ ଦେଖିବାରେ ପିଲମାନେ ଖୁବ୍ ଆଗ୍ରହୀ । କବି ନୀଳକଂଠ "ସାପୁଆ କେଳା" ଶୀର୍ଷକ କବିତାଟିରେ ଏକ ବାସ୍ତବ ଚିତ୍ର ଦେଇଛନ୍ତି । ସେଥିରୁ ଗୋଟିଏ ପଦ ହେଲ–

ଡ଼ାହାଣିଆ ଖରା ଗଲେ ବୁଡ଼ିବ ବେଳା ।
ଆସରେ ଦେଖିବା ପିଲେ ସାପୁଆ କେଳା ।

Digitized by PPRACHIN, SOA

ଅଂଗାକରେ ପାଂଚପେଡ଼ି ଆଣିଚି ଘର ସଜାଡ଼ି
ବଡସାନ କେତେ ସାପ କରିବେ ଖେଳା ।
ଖର ଥାଉଁ ଥାଉଁ ଗଲ ନକର ହେଳା ।

"ମୋ ରଜା", "ପିଲ୍ଲ ଓ ଚଢ଼େଇ" ପ୍ରଭୃତି କେତୋଟି କବିତା ଉପରେ ପାରମ୍ପରିକ ଲୋକଗୀତ ତଥା ନନ୍ଦକିଶୋର ବଳଙ୍କ କବିତା ଶୈଳୀର ପ୍ରଭବ ଅନୁଭୂତ ହୁଏ । 'ମୋ ରଜା'ର ପ୍ରଥମ ପଦଟି ହେଲ–

ମେଘ ବରଷିଲ ଟପର ଟପର
କେଣ୍ଟୁର ମାଇଲ ଗଜା
କେଉଁ ରାଇଜରୁ ଅଇଲେ ମୋ ରଜା
ତେଲିଙ୍ଗି ବାଇଦ ବଜା ।
ବଜାରେ ଢ଼ୋଲିଆ ବଜା
ହାତୀ ପରମାଣେ କଉଡ଼ି ଦେବିଁ ତୁ
ତେଲିଙ୍ଗି ବାଇଦ ବଜା ।

କିନ୍ତୁ ଏଇ କବିତାଟିରେ ନୀଳକଂଠଙ୍କ ଭଷାବିଭବ ଓ ମୌଳିକତା ମଧ୍ୟ ସ୍ପଷ୍ଟ । ଏହାର ଶେଷ ପଦଟି ହେଲ–

ଆସେ ପାଟହାତୀ ହଲୁଚି ହାଉଦା
କି ସୁନ୍ଦର ସାଜସଜା,
ଛତି ଟଣା ହୋଇ ଆଡେଣୀ ଦିଶଇ
ଅଇଲେ ପଗ ମୋ ରଜା ।
ବଜାରେ ଢ଼ୋଲିଆ ବଜା ।
କୋଟି ପରମାୟୁ ହେଉରେ ତୋହର
ତେଲିଙ୍ଗି ବାଇଦ ବଜା ।

ଗୋ ସେବା ପ୍ରତି ନୀଳକଂଠଙ୍କର ବିଶେଷ ଆଗ୍ରହ ଥିଲ ପରି ଉପଲବ୍ଧି ହୁଏ । "ଆମ ନେତ", "ମୋଅରି ଗାଈ ସେ ଯାତ" "ଆ ମୋ ପାଟ" ପ୍ରଭୃତି କବିତା ଗୁଡ଼ିକ ଏହି ଗୋଟିଏ ବିଷୟ ଉପରେ ଆଧାରିତ । ପୋଷା ଜୀବଜନ୍ତୁଙ୍କ ପ୍ରତି ପିଲ୍ଲମାନଙ୍କର ସ୍ୱାଭବିକ ଶ୍ରଦ୍ଧାକୁ କବି ଖୁବ୍ ସଫଳ ଭବରେ ଫୁଟାଇଛନ୍ତି । "ଆମ ନେତ"ର ଶେଷ ପଦଟି ହେଲ–

Digitized by PPRACHIN, SOA

ଗୋଡ଼ ସଂଧିରେ ମୁହଁ ଗଳାଇ
କୁତୁ କୁତୁ କରି ପନ୍ଝା ହଲାଇ
ଚିର ଓଟାରି ଦୁହିଁବି ଦୁଧ
ମାରିବ ନାହିଁ ସେ ନାତ,
ଆସ ଗୋ ବଉଳ ଆ–ରେ ହରି
ଦେଖିବ ଆମ ନେତ
ଦେବି ମୁଁ, ଖାଇବ କଅଁଳ ଦୁବ
ଘଟିବ ସେ ମୋ ହାତ ।

କେତେ ବାସ୍ତବ ଚିତ୍ରଟିଏ ସତେ ! ଏମିତି ନୈସର୍ଗିକ ଦୃଶ୍ୟ ସତେ ଯେମିତି ଆମ ଆଖି ଆଗରେ ନାଚିଯାଏ !

"ପିଲା ଓ ଚଢ଼େଇ" କବିତାରେ ଦୁହିଁଙ୍କର ସଂଳାପ ଯେମିତି ସାବଲୀଳ, ସେମିତି ହୃଦୟଗ୍ରାହୀ ହୋଇଛି । ଶେଷ ପଦଟିରେ ଚଢ଼େଇର ଉକ୍ତିଟି ଖୁବ୍ ସରସ ଓ ଶିକ୍ଷଣୀୟ ।

ଚଢେଇ– ଡେଣା ପିଟି ଖାଉଛି ମୁଁ ଇଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି;
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁମନ ଯୋଗାଇବା ବଡ଼ ବିଷମ ।

"ସିଦ୍ଧାର୍ଥ ଓ ହଂସ", "ଚଢ଼େଇ ବାଳକ" ପ୍ରଭୃତି ଗାଥା କବିତା ଗୁଡ଼ିକ ଖୁବ୍ ମନୋଜ୍ଞ ଓ ସାର୍ଥକ । ସ୍ୱାଭବିକ ସଂଳାପ, ସରଳ ସହଜ ଭଷାଶୈଳୀ ଓ ପରୋକ୍ଷ ଶିକ୍ଷା ଏହିସବୁ କବିତା ଗୁଡ଼ିକୁ କରିଛି ଶିଶୁମାନଙ୍କର ଅତି ଆଦରଣୀୟ ଓ ଆକର୍ଷଣୀୟ ।

## ଆତ୍ମଜୀବନୀ :

ମହାପୁରୁଷମାନଙ୍କ ଜୀବନୀ ପିଲମାନଙ୍କ ପାଇଁ ଖୁବ୍ ଉପାଦେୟ । ମାତ୍ର ସେମାନଙ୍କର ଆତ୍ମଜୀବନୀ ମଧ୍ୟ ଯେ ପିଲମାନଙ୍କର ସୁବୋଧ୍ୟ ଓ ସୁପାଠ୍ୟ ହୋଇପାରେ, ନୀଳକଂଠ ଏହା ଦେଖାଇ ଦେଇଛନ୍ତି । ତାଙ୍କ

Digitized by PPRACHIN, SOA

ଜୀବନର ଅନେକ ଘଟଣା ଏତେ ସରସ, ସରଳ ଓ ସାବଲୀଳ ଭବରେ ବର୍ଣ୍ଣିତ ହୋଇଛି ଯେ କିଶୋର ଓ ତରୁଣମାନେ ଗଳ୍ପପରି ସେଗୁଡ଼ିକୁ ପାଠକରି ପାରିବେ । "ପଂଡ଼ିତଙ୍କ ନାସଦାନି" ଶୀର୍ଷକ ଘଟଣାଟିଏ ନୀଳକଂଠ କେତେ ସାର୍ଥକ ରୂପେ ବର୍ଣ୍ଣନା କରିଛନ୍ତି, ଦେଖନ୍ତୁ । "ଆଉ-ଦିନେ ପଂଡ଼ିତେ ଶୋଇଥିଲ ବେଳେ ପିଲଏ ତାଙ୍କ ଦାନିରୁ ନାସ ଗ୍ରେରି କରି ଶୁଂଘିଲେ । ପଂଡ଼ିତଙ୍କର ହଠାତ୍ ନିଦ ଭଜିଗଲ । ପଂଡ଼ିତେ ଜାଣିପାରି ହଠାତ୍ କହିଲେ ନିଅ, ନିଅ, ନାଶ ଶୁଂଘିବ, ନାକ ସଫା ହୋଇଯିବ । ସେଦିନ ଯେତେ ପିଲ ଥିଲେ ସମସ୍ତଙ୍କୁ ପଂଡ଼ିତେ ନାଶ ଦେଲେ । କିଂତୁ ଆଶ୍ଚର୍ଯ୍ୟ କଥା, ପିଲଏ ତାପରେ ଆଉ ତାଂକ ଦାନିରେ ହାତ ଦେଇନାହାନ୍ତି କି ନାଶ ଶୁଂଘି ନାହାନ୍ତି ।" (୧୧)

ନୀଳକଂଠଂକ ଆପାତ କଠୋର ଓ ଗମ୍ଭୀର ମୁଖଭଙ୍ଗୀ ତଥା ଆଚରଣ ପଛରେ ଯେ ହାସ୍ୟ, ପରିହାସ, ପ୍ରୀତି ଅନ୍ତଃସଲିଳା ଫଲ୍‌ଗୁ ଧାର ପରି ପ୍ରବହମାନ ଥିଲ, ଏହା ତାଙ୍କ "ଆତ୍ମଜୀବନୀ"ର ଅନେକ ଘଟଣା ବର୍ଣ୍ଣନାରୁ ଅତି ସ୍ପଷ୍ଟ ହୋଇଥାଏ ।

## ଶେଷକଥା :

ଶିଶୁ ସାହିତ୍ୟ ଏ ପର୍ଯ୍ୟନ୍ତ ଆମ ସାହିତ୍ୟର ଏକ ବିଶିଷ୍ଟ ଅଂଗ ଭବରେ ଗୃହୀତ ହୋଇନାହିଁ । ସାଧାରଣ ସାହିତ୍ୟ ତୁଳନାରେ ଏହାକୁ ନ୍ୟୁନ ସ୍ଥାନ ଦିଆ ଯାଇଥାଏ । ଶିଶୁମାନଙ୍କ ପାଇଁ ଲେଖିବା ଅତି ସହଜ ବୋଲି ଅନେକଙ୍କର ଧାରଣା ହୋଇଥାଏ । ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ ଯଥାର୍ଥରେ କହିଛନ୍ତି, "କେବଳ ସରଳ ଗାଉଁଲି ଭଷାରେ କଥା ପ୍ରକାଶ କରି ଦେଲେ ଯେ ଶିଶୁ ସାହିତ୍ୟ ହେବ, ତାହା ନୁହେଁ । ପିଲ ମନକୁ ଘେନିଲ ଭଳି ଭବିଚିନ୍ତି ଯେ ଶବ୍ଦ ସଂଯୋଗ କରି-ବାକୁ ହେବ, ତାହାର ସୂଚନା ଏଥିରୁ (ନୀଳକଂଠଂକ ଶିଶୁ ସାହିତ୍ୟରୁ) ମିଳିଥାଏ ।" (୧୨) ଏଣୁ କୁହାଯାଇଛି, "ଯଦିଓ ଶିଶୁ ସାହିତ୍ୟରେ ସରଳ ଭଷା ଓ ଶୈଳୀ ବ୍ୟବହାର କରିବାକୁ ହୁଏ, ଏହା ଅଧିକ କଷ୍ଟକର, ଅଧିକ ଅଭିଜ୍ଞତା ଓ ଅନ୍ତର୍ଦ୍ଦୃଷ୍ଟିସାପେକ୍ଷ ହୋଇଥାଏ ।" (୧୩)

Digitized by PPRACHIN, SOA

ପଂଡ଼ିତ ନୀଳକଂଠ ଏହି ସବୁ ପ୍ରତିବନ୍ଧକ ଅତିକ୍ରମ କରି ସୁଖପାଠ୍ୟ ସୁବୋଧ୍ୟ ଓ ସରସ ଶିଶୁ ସାହିତ୍ୟ ରଚନା କରିବାରେ ଅସାଧାରଣ ସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି । ତାଙ୍କର ଉଗ୍ର ବୌଦ୍ଧିକତା ଓ ପ୍ରଚଣ୍ଡ ମନସ୍ୱିତା ସତ୍ତ୍ୱେ ସରଳ କୋମଳ ଶିଶୁ ସାହିତ୍ୟରେ ଏପରି ସାଫଲ୍ୟ ଅର୍ଜନ କରିବା ସତେ ଏକ ବିସ୍ମୟକର ସାଧନା । ଡଃ ନରେନ୍ଦ୍ର ନାଥ ମିଶ୍ର ଯଥାର୍ଥରେ ଲେଖିଛନ୍ତି, "ଜ୍ଞାନ ସାଧନାରେ ଯେତେ ତୁଙ୍ଗ ସ୍ତରକୁ ସେ ଉଠିଲେ ବି ତଳର ଶ୍ୟାମଳ କେଦାରର ସତେଜ ଶୋଭ ସେ ଯେପରିକି ଭୁଲି ପାରି ନ ଥିଲେ ।" (୧୫) ନୀଳକଂଠଂକ ନିଜ ଭଷାରେ କହିଲେ—

ପାହାଡେ ଉଠି ଦେଖ ତଳେ କିଆରୀ
ଦେଖିଲେ ଥରେ କେବେ ନ ହେବ ଭୁଲି ।
କିଆରୀ ଭେଦି ବହିଯାଉଛି ନଈ
ମହାସାଗରେ ଦୂରେ ମିଶୁଚି ଯାଇ । "(୧୫)

ନୀଳକଂଠ ପ୍ରକୃତରେ ନିଜ ପ୍ରଚଣ୍ଡ ପ୍ରତିଭର ଉତ୍ତୁଙ୍ଗତା ଓ ମାନସ ମହାସାଗରର ଗଭୀରତା ସତ୍ତ୍ୱେ ବସୁନ୍ଧର ପୃଷ୍ଠରେ ଓଡିଆ ଶିଶୁ ସାହିତ୍ୟ କେଦାରକୁ ସବୁଜ ଶସ୍ୟରେ ପରିପୂର୍ଣ୍ଣ କରିଛନ୍ତି ଏବଂ ନିଜର ମୌଳିକ ଭବଧାର-ରୂପକ ସ୍ରୋତସ୍ୱିନୀର ସଲିଳ ସିଂଚନରେ ଏହାକୁ ଚିରସୁନ୍ଦର, ସରସ ଓ ସାର୍ଥକ କରି ତୋଳିଛନ୍ତି । ଓଡ଼ିଆ ଶିଶୁ ସାହିତ୍ୟର ଏକ କୁଶଳୀ କଳାକାର ଓ ଜଣେ ବରେଣ୍ୟ ସ୍ରଷ୍ଟା ଭବରେ ନୀଳକଂଠ ଆମର ଚିର ସ୍ମରଣୀୟ ।

## ସହାୟକ ଗ୍ରନ୍ଥ :

୧ । ପଂଡ଼ିତ ନୀଳକଂଠ ଦାସ, **ନୀଳକଂଠ ଗ୍ରନ୍ଥାବଳୀ**, ପ୍ରଥମ ଖଣ୍ଡ କଟକ ଷ୍ଟୁଡେ଼ଣ୍ଟସ ଷ୍ଟୋର, କଟକ ୧୯୬୩, ପୃ ୧୩୪, ୧୩୫ ।

୨ । ଡଃ ସଦାଶିବ ମିଶ୍ର; "ପ୍ରଚଣ୍ଡ ପ୍ରତିଭ" **କୋଣାର୍କ**— ନୀଳକଂଠ ବିଶେଷାଂକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୫୩ ଶ ସଂଖ୍ୟା ୧୯୮୪, ପୃ ୧୩ ।

Digitized by PPRACHIN, SOA

୩ । ପଂଡ଼ିତ ନୀଳକଂଠ ଦାସ, **ନୀଳକଂଠ ଗ୍ରନ୍ଥାବଳୀ** ୧ମ ଖଣ୍ଡ କଟକ ଷ୍ଟୁଡ଼େଣ୍ଟ୍ସ ଷ୍ଟୋର, କଟକ, ୧୯୬୩ ପୃ ୧୯୭୧ ।

୪ । ଶ୍ରୀ ସୁରେନ୍ଦ୍ର ମହାନ୍ତି "ପଂଡ଼ିତ ନୀଳକଂଠ–ଏକ ମୂଲ୍ୟାଙ୍କନ" **କୋଣାର୍କ** ନୀଳକଣ୍ଠ ବିଶେଷାଂକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ୫୩ଶ ସଖ୍ୟା, ୧୯୮୪, ପୃ ୪ ।

୫ । ପଣ୍ଡିତ ନୀଳକଂଠ ଦାସ, **ନୀଳକଂଠ ଗ୍ରନ୍ଥାବଳୀ** ୨ୟ ଖଣ୍ଡ କଟକ ଷ୍ଟୁଡ଼େଣ୍ଟସ ଷ୍ଟୋର, କଟକ, ୧୯୬୬ ପୃ ୧ ।

୬ । ପଂଡ଼ିତ ନୀଳକଂଠ ଦାସ **ନୀଳକଂଠ ଗ୍ରନ୍ଥାବଳୀ** ୧ମ ଖଣ୍ଡ ପୃ ୧୦୯ ।

୭ । " " ପୃ ୧୮୯ ।

୮ । " " ପୃ ୧୮୯ ।

୯ । " " ପୃ ୧୮୯ ।

୧୦ । " " ୧ମ ଖଣ୍ଡ ପୃ ୫୦୧-୫୧୮

୧୧ । " " " ପୃ ୯ ।

୧୨ । ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ, "ଆମ ହେଡ଼ମାଷ୍ଟର" **ନୀଳକଂଠ ସ୍ମାରକୀ**, ୨ୟ ଖଣ୍ଡ, ପଂ.ନୀ.ସ୍ମୃ.ସ. ଭୁବନେଶ୍ୱର ।

୧୩ । ଡଃ ଜଗନ୍ନାଥ ମହାନ୍ତି; "ଶିଶୁ ସାହିତ୍ୟର ବିକାଶ ଓ ପ୍ରସାର" **ଝଙ୍କାର,** ଜୁଲାଇ, ୧୯୮୫, ପୃ ୩୪୪ ।

୧୪ । ଡଃ ନରେନ୍ଦ୍ରନାଥ ମିଶ୍ର, **ପଂଡ଼ିତ ନୀଳକଂଠ : ଜୀବନୀ ଓ କୃତି,** ପଂ.ନୀ.ସ୍ମୃ.ସ. ଭୁବନେଶ୍ୱର ପୃ ୧୯୨ ।

୧୫ । ପଂଡ଼ିତ ନୀଳକଂଠ ଦାସ, **ନୀଳକଂଠ ଗ୍ରନ୍ଥାବଳୀ,** ୧ମ ଖଣ୍ଡ ପୃ ୫୧୧ ।


Digitized by PPRACHIN, SOA

# ନୀଳକଂଠଙ୍କ ଶିଶୁ ସାହିତ୍ୟ : ଦୃଷ୍ଟି ଓ ଦର୍ଶନ

ଡକ୍ଟର ହେମନ୍ତ କୁମାର ଦାସ

## ନୀଳକଂଠଂକ ଜୀବନ ଦର୍ଶନ : ଅନୁକୂଳ ପରିସ୍ଥିତି–

ପଣ୍ଡିତ ନୀଳକଂଠ କର୍ମଜୀବନ ଆରମ୍ଭ କରିଥିଲେ ଜଣେ ଶିକ୍ଷକ ରୂପେ । ଭର୍ଗବୀ ନଦୀ କୂଳର "ଦେଶ ପାଇଁ କାମ କରିବା" ସଂକଳ୍ପ ନେଇ ଛାତ୍ରାବସ୍ଥାରୁହିଁ ସେ ଏଥି ନିମନ୍ତେ ପ୍ରସ୍ତୁତ ହେଉଥିଲେ । ଛାତ୍ରାବାସର ଅନ୍ତେବାସୀ ମାନଙ୍କୁ ନେତୃତ୍ୱ ଦେବା, ଅଧ୍ୟୟନରେ ସେମାନଙ୍କୁ ସାହାଯ୍ୟ କରିବା, କିମ୍ବା ଅସୁସ୍ଥତା ବେଳେ ସେମାନଙ୍କର ସେବା କରିବା ପ୍ରଭୃତି ଥିଲ ଏହାର ପ୍ରଥମ ସୋପାନ, ଏଭଳି କି କଲିକତାରେ ସେ ନିଜେ ଛାତ୍ର ଥିବା ସମୟରେ ମଧ୍ୟ ଗୋଦାବରୀଶଙ୍କର ଶିକ୍ଷକତା କରି ତାଙ୍କୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ସାହାଯ୍ୟ କରିଥିଲେ । ଛାତ୍ରଜୀବନରୁ ସେ ପିଲମାନଙ୍କର ଘନିଷ୍ଠ ସାହଚର୍ଯ୍ୟଲଭ କରିଥିବାରୁ ଏବଂ ପରବର୍ତ୍ତୀ କାଳରେ ମଧ୍ୟ ଏହି ଅଭ୍ୟାସ ବଜାୟ ରଖିଥିବାରୁହିଁ ସେ ସେମାନଙ୍କର ମନସ୍ତତ୍ତ୍ୱ ସହିତ ନିବିଡ଼ ଭବରେ ପରିଚିତ ହେବାର ସୁଯୋଗ ଲଭ କରି ପାରିଥିଲେ । ଶିକ୍ଷକ ପକ୍ଷରେ ଶିଶୁର ମାନସିକତା ସହିତ ଯୋଗାଯୋଗ ରକ୍ଷା କରିବା ଯେତେ ସହଜ, ତାହା ଅନ୍ୟ ପକ୍ଷରେ ହୋଇ ନଥାଏ ।

**ଶିକ୍ଷକ ନୀଳକଂଠଂକର ଛାତ୍ର ବତ୍ସଳତା**–ମନେ ରଖିବାକୁ ହେବ ଯେ,ଶିଶୁର ବିଶ୍ୱାସଭଜନ ହେବାକୁ ହେଲେ, ପାଣ୍ଡିତ୍ୟ, ମନୀଷା, ଯୁକ୍ତିନିଷ୍ଠା, ବୌଦ୍ଧିକତା ପ୍ରଭୃତି ଅପେକ୍ଷା ପ୍ରଥମେ ପ୍ରୟୋଜନ ଏକ ଆବେଗତରଳ ସ୍ନେହ କୋମଳ ସତେଜ ମନର । ନୀତି ନିଷ୍ଠାର କଠିନ ଆବରଣ ତଳେ ନୀଳକଂଠଙ୍କର ଯେ ଏକ ସ୍ପର୍ଶକାତର ନମନୀୟ ମନଟିଏ ରହିଥିଲ । ଏହାର ବହୁ ପ୍ରମାଣ ତାଙ୍କ ଜୀବନୀ ତଥା ରଚନାରୁ ମିଳିପାରିବ । 'ଆତ୍ମଜୀବନୀ'ରେ ପଣ୍ଡିତ ନୀଳକଂଠ ଲେଖିଛନ୍ତି, "ଭଲ ଛାତ୍ରମାନେ ମୋ ପାଖରେ ଆଗ୍ରହରେ ବିହ୍ୱଳ ହୋଇ ପଢୁଥିଲେ", କୌଣସି ଛାତ୍ରର

Digitized by PPRACHIN, SOA

ଔଦ୍ଧତ୍ୟ କିଂବା କ୍ଷୀଣ ଅହମିକା ଦେଖିଲେ, ମୁଁ ସହିପାରୁ ନ ଥିଲି। ସେଥିଯୋଗୁ ପିଲମାନେ ମତେ ଅତ୍ୟଂତ ଭୟ କରୁଥିଲେ, କିଂତୁ କର୍ତ୍ତବ୍ୟ ପାଖରେ ମୁଁ ଯେତିକି ନିଷ୍ଠୁର ହେଉଥିଲି, କୃତିତ୍ୱ ପାଖରେ ସେତିକି ନିଷ୍କପଟ ଭବରେ ନିଜକୁ ଅଙ୍କାଡ଼ି ଦେଇ ପିଲମାନଂକ ସହିତ ମିଶିଯାଉଥିଲି।" ଗ୍ରନ୍ଥାବଳୀ–ପ୍ରଥମଖଣ୍ଡ; ପୃ ୭୦, ପୃ ୭୩

ପ୍ରଥମ ଜୀବନରେ ଶିକ୍ଷକ ବୃତ୍ତି ଗ୍ରହଣ କରି ନେଇଥିବାରୁ ହିଁ ସେ ଏଇ ସୁଯୋଗ ପାଇ ପାରିଥିଲେ ବୋଲି କୁହାଯାଇ ପାରେ।

ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରୁ ହିଁ ନୀଳକଂଠ ଶିଶୁ ସାହିତ୍ୟ ରଚନା ପ୍ରତି ମନ ଦେଉଥିଲେ। ସେ ଯୁଗରେ ଓଡ଼ିଶାରେ ଶିଶୁମାନଙ୍କ ପାଇଁ ସେଭଳି କୌଣସି ଉଲ୍ଲେଖଯୋଗ୍ୟ ରଚନା ପ୍ରାୟ ନ ଥିଲା। ପ୍ରତିଷ୍ଠିତ ସାହିତ୍ୟିକମାନେ ତ ଏ ବିଷୟରେ ଉଦାସୀନ ଥିଲେ।

ଏହାର କାରଣ ମଧ୍ୟ ଥିଲା। ଶିଶୁ ସାହିତ୍ୟ ସୃଷ୍ଟି ଯେ ଅନ୍ୟ ସାହିତ୍ୟ ଅପେକ୍ଷା କଷ୍ଟସାଧ୍ୟ ବ୍ୟାପାର ଏଥିରେ ସଂଦେହ ନାହିଁ। ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ପଶ୍ଚାଦପସରଣ ଖୁବ୍ ସହଜ ନୁହେଁ। ଅନ୍ତତଃ ପଶ୍ଚାତ୍‌ଦୃଷ୍ଟି ବହି ଯାଉଥିବା ଜୀବନ ସହିତ ଯୋଗାଯୋଗ ପ୍ରତିଷ୍ଠାରେ ସହାୟକ ହୋଇଥାଏ। ଅଧିକାଂଶ ଏହା କରିପାରନ୍ତି ନାହିଁ। ଅଭିଜ୍ଞତାର ବହଳ ଆବରଣ ଚିନ୍ତା କ୍ଷେତ୍ରରେ ଯେଉଁ ପରିପକ୍ୱତା ସୃଷ୍ଟିକରେ ତାହା ଭିତରୁ ମୁକୁଳି ଯାଇ ଜୀବନର ମୁକୁଳିତ ପ୍ରହରର ପ୍ରୀତିସ୍ନିଗ୍ଧ ଛାୟାରେ ମୁହୂର୍ତ୍ତେ ବସିବା ନିମନ୍ତେ ପରିଣତର ସମୟ କିମ୍ବା ସୁଯୋଗ ନ ଥାଏ, ସବୁଠାରୁ ବଡ଼ କଥା, ମାନସିକତାରେ ଯେଉଁ ସୁଦୂର ବ୍ୟବଧାନ ସୃଷ୍ଟି ହୋଇଯାଏ, ତାହା ଅତିକ୍ରମ କରିବା ସୁକର ହୁଏ ନାହିଁ। ଏହି କାରଣରୁ ହିଁ ଶିଶୁ ସାହିତ୍ୟିକ ଏତେ ବିରଳ। ପ୍ରଜ୍ଞାର ସାକାର ବିଗ୍ରହ ନୀଳକଂଠ ଥିଲେ, ଏହାର ବ୍ୟତିକ୍ରମ। ଜୀବନ ପଥରେ ଆଗେଇ ଚାଲିଥିଲା ବେଳେ, ପ୍ରଥମ ଜୀବନ ସହିତ ସେ ଯୋଗାଯୋଗ ଛିନ୍ନ କରି ନ ଥିଲେ। ତେଣୁ ମାନସିକତା କ୍ଷେତ୍ରରେ ତାଙ୍କର ଏହି ଦୂରତ୍ୱ ସେତେବେଳେ ଅନ୍ତତଃ ସୃଷ୍ଟି ହୋଇ ନ ଥିଲା। ପ୍ରୟୋଜନ ବୋଧରେ ସେ ନିଜକୁ ଅତି ସହଜରେ

Digitized by PPRACHIN, SOA

ସେଇ ମାନଙ୍କ ସ୍ତରକୁ ନେଇ ପାରୁଥିଲେ । ତାଙ୍କ ମତରେ, "ତାଙ୍କରି ସ୍ତରକୁ ମୁଁ ମୋତେ ଘେନି ଯାଇ ସବୁ କାମ କରୁଛି । ଏଇମାନେ ପଢି ତାକୁ କର୍ମରେ ରୂପ ଦେବା ପାଇଁ ମୁଁ ଲେଖୁଛି । ଏଇମାନେ ଯଦି ବୁଝି ନ ପାରିବେ, ମୁଁ କ'ଣ ନିଜେ ଲେଖି ନିଜେ ପଢିବି ? (୧)"

**ଶିକ୍ଷକ ନୀଳକଂଠଂକ ଧାରଣା :—** ପିଲମାନଙ୍କୁ ନୀଳକଂଠ ଆଦୌ ଲଘୁ ଦୃଷ୍ଟିରେ ଦେଖୁ ନ ଥିଲେ । ଆଜିର ଶିଶୁ ଯେ, ଆସନ୍ତା କାଲିର ନାଗରିକ; ଏ କଥା, କେବଳ ସେ ସାଧାରଣ ଭବରେ କହୁ ନ ଥିଲେ, ଆଚରଣରେ ପ୍ରମାଣିତ ମଧ୍ୟ କରିଥିଲେ । ନୀଳକଂଠ ପରିକ୍ରମାରେ ଡାକ୍ତର ବିକ୍ରମ ଦାସଙ୍କ 'ପିତୃସ୍ମୃତି' ପ୍ରବନ୍ଧରୁ ଏହାର ସ୍ପଷ୍ଟ ସୂଚନା ମିଳେ । ପିଲମାନଙ୍କୁ ପ୍ରଥମରୁ ଆତ୍ମ ନିର୍ଭରଶୀଳ ଏବଂ କର୍ମ ପ୍ରବଣ କରି ଗଢିବା ହିଁ ଥିଲ, ତାଙ୍କର ଲକ୍ଷ୍ୟ । 'ଗ୍ରମଚ଼ରେ ଖୁଆଇ' ଏକ ମଲଙ୍ଗ ଧର୍ମୀ ପରଜୀବି ଗୋଷ୍ଠୀ ସୃଷ୍ଟି କରିବାକୁ ସେ ଘୃଣା କରୁଥିଲେ । ଏହିଭଳି ଏକ ଭିତ୍ତି ଉପରେ ହିଁ ନୀଳକଂଠଙ୍କର ଶିଶୁ-ସାହିତ୍ୟ ସୌଧ ଦଣ୍ଡାୟମାନ । ମନେ ରଖିବାକୁ ହେବ ଯେ, କଥିତ ଭଷାରେ ସାହିତ୍ୟ ସୃଷ୍ଟି କରି, ଏହାକୁ ସାଧାରଣ ଲୋକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପରେ ପ୍ରତିଷ୍ଠିତ କରିବା ଥିଲ ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟିକ ଆଦର୍ଶ । ଶିଶୁ ସାହିତ୍ୟ ପାଇଁ ମଧ୍ୟ ଏହି ଭଳି ଭଷାର ପ୍ରୟୋଜନ । ତେଣୁ ଏଥି ନିମନ୍ତେ ନୀଳକଂଠଂକୁ ବିଶେଷ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନାହିଁ । ତାଙ୍କ ମତରେ, "ଯେତେବେଳେ ପରେ ପିଲଙ୍କ ପାଇଁ ଘରେଇ ଭଷାରେ ଲେଖିବା ମୁଁ ପ୍ରଥମେ ଆରମ୍ଭ କଲି ସେତେବେଳେ ପିଲଙ୍କୁ ଶୁଣାଇ ଲେଖା ଠିକ୍ କରିଥିଲି । × × ମୁଁ ଲେଖିବା ପୂର୍ବରୁ ଅତି ଘରେଇ ଭଷାରେ ସୁନ୍ଦର ସୁରୁଚି ସଂପନ୍ନ କରି ଲେଖିବାଟା ଓଡ଼ିଶାରେ ଆରମ୍ଭ ହୋଇ ନ ଥିଲ । ୧୯୨୧ରେ 'ପିଲଙ୍କ ରମାୟଣରେ' ମୁଁ ଏହା ଆରମ୍ଭ କରିଥିଲି । ତାପରେ ଶକ୍ତି ଥିବା ଲେଖକମାନେ କ୍ରମେ ଧଇଲେ ।" (୨)

---

(୧) ନୀଳକଂଠ ପରିକ୍ରମା ; ପୃ : ୯୯, ୨ୟ : ସଂସ୍କରଣ :

(୨) ଗ୍ରନ୍ଥାବଳୀ ୧ମ ; ପୃ : ୩୭ :

Digitized by PPRACHIN, SOA

## ନୀଳକଂଠ ମୁଖ୍ୟତଃ ଗଦ୍ୟଲଗି ଯଶସ୍ୱୀ ହୋଇଚଂନ୍ତି :– ସୁବୋଧ୍ୟ ଭାଷାହିଁ ଏହାର ଆକର୍ଷଣ :–

ନୀଳକଂଠ ସେ ସମୟରେ 'ପିଲଙ୍କ ରମାୟଣ' 'ପିଲଙ୍କ ମହାଭରତ' ଓ 'ପିଲଙ୍କ ଭଗବତ' ନାମଧେୟ ତିନୋଟି ଅତି ଉପାଦେୟ ପୁସ୍ତକ ରଚନା କରିଥିଲେ, ଯାହା ସେ କାଳରେ ଅଧିକାଂଶ ଛାତ୍ର ପଢୁଥିଲେ । ସରସ ଏବଂ ଶିଶୁ ମନଲୋଭ–ବର୍ଣ୍ଣନା ଧର୍ମୀ ସୁବୋଧ୍ୟ ଭାଷା ହେଉଛି ଏହି ପୁସ୍ତକ ତିନୋଟିର ପ୍ରଧାନ ଆକର୍ଷଣ । ବିଶେଷ କରି ବର୍ଣ୍ଣିତ ବିଷୟକୁ ଶିଶୁ ସମ୍ମୁଖରେ ସାକାର ରୂପ ଦେବା ଭଳି ଶକ୍ତି ଯେ ଏଥିରେ ରହିଛି, ଏହା ସ୍ୱୀକାର କରିବାକୁ ହେବ । ଏହାକୁ ସ୍ମରଣ କରି ଡ଼ଃ କୁଂଜ ବିହାରୀ ଦାଶ କହିଛନ୍ତି, "ଶିଶୁ ସାହିତ୍ୟ ଲେଖକ ହିସାବରେ ନୀଳକଂଠ ଯଶସ୍ୱୀ ହୋଇଛନ୍ତି । ଏହା ମୁଖ୍ୟତଃ ଗଦ୍ୟଲଗି" (୩) ବିଷୟଟିର ଗଭୀର ଅନୁଶୀଳନ ଲୋଡ଼ା !

## ଶିଶୁ ମନସ୍ତତ୍ତ୍ୱ ସହିତ ନୀଳକଂଠଂକର ନିବିଡ଼ ପରିଚୟ :–

ଆମେ ପ୍ରଥମରୁ କହିଛୁ ଯେ, ଶିଶୁ ମନସ୍ତତ୍ତ୍ୱ ସହିତ ନୀଳକଂଠଙ୍କର ନିବିଡ଼ ପରିଚୟ ଥିଲା । ଶିଶୁକୁ ଗଢିବାକୁ ହେଲେ, ତାକୁ ଠିକ୍ ବାଟରେ ଚଲାଇ ନେବାକୁ ହେଲେ, ତାର ପଥ ଧାରରେ ଠିଆହୋଇ ତା'ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ । ପ୍ରୟୋଜନ ବୋଧରେ ଉପଦେଶ ତ ନିଶ୍ଚୟ ଦେବାକୁ ହେବ । ମାତ୍ର ମନେ ରଖିବାକୁ ହେବ ଯେ, ଏହାର ଶୁଷ୍କତା ଦୂର କରି, ଏହାକୁ ଏକ ସୁଦୃଶ୍ୟ ଆବରଣରେ ଘୋଡ଼ାଇବାକୁ ପଡ଼ିବ । ଶିଶୁ ଚାହେଁ, ସାମୟିକ ଉତ୍ତେଜନା, ଯାହା ରଂଗରୁ, ଗୀତରୁ, ବର୍ଣ୍ଣନାରୁ, କଥାରୁ ତାକୁ ମିଳିପାରିବ । କୌଣସି ଦୁଃଖ, ଯନ୍ତ୍ରଣା ବା ନୈରାଶ୍ୟ ବୋଧ ପ୍ରତି ତାହାର ଆଗ୍ରହ ନଥାଏ । ବିଶେଷ କରି 'ନେତି–ବାଚକ' ଦିଗଟି ପ୍ରତି ତାହାର ଥାଏ ଭୀଷଣ ଅନୀଭା, ଯେ ଶିଶୁମାନଙ୍କ ପାଇଁ ଲେଖିବେ, ତାଙ୍କର ଏ ବିଷୟରେ ତୀକ୍ଷ୍ଣ ସଚେତନତା ରହିବା ଏକାନ୍ତ ଆବଶ୍ୟକ । ବିଶେଷ କରି ଭବିଷ୍ୟତ ଜୀବନ ପାଇଁ ଶିଶୁକୁ ପ୍ରସ୍ତୁତ କରିବାକୁ ହେଲେ, ତା ମନରେ ନୈତିକତା, ଆଧ୍ୟାତ୍ମିକତା, ଅହିଂସା, ଜାତିପ୍ରୀତି, ପ୍ରକୃତି

(୩) ନୀଳକଂଠ ପରିକ୍ରମା : ପୃ : ୯୬

Digitized by PPRACHIN, SOA

ପ୍ରୀତି, ସମାଜ ନିଷ୍ଠା ପ୍ରଭୃତିର ଭିତ୍ତି, ତାର ଅଜ୍ଞାତସାରରେ ସ୍ଥାପନ କରିବାକୁ ପଡ଼ିବ । ନିଜର ପରିବେଶ ସହିତ ତାକୁ ପରିଚିତ କରାଇବାକୁ ପଡ଼ିବ । ମୋଟ ଉପରେ, ପଂଚେନ୍ଦ୍ରିୟକୁ ସଜାଗ ରଖି, କିପରି ତାହାର ସଦ୍‌ବ୍ୟବହାର କରାଯାଇ ପାରେ, ତାହା ତାକୁ ଏଇଠାରୁ ହିଁ ଶିଖିନେବାକୁ ପଡ଼ିବ । ଇଂରେଜୀ ଭାଷାରେ ରଚିତ–

Baw Baw black sheep କିମ୍ବା Tiger tiger burning bright କିମ୍ବା Twinkle twinkle little star ପ୍ରଭୃତି କବିତା ଗୁଡ଼ିକରେ ପଶୁଜଗତ ଏବଂ ପ୍ରକୃତି ଜଗତ ସହିତ ଶିଶୁର ପ୍ରଥମ ପରିଚୟ ଘଟାଇବାକୁ ଉଦ୍ୟମ କରାଯାଇଛି । ଲକ୍ଷ୍ୟ କରାଯାଇ ପାରେ ଯେ, ଏଠାରେ ବର୍ଣ୍ଣିତ ବିଷୟକୁ ଆକର୍ଷଣୀୟ ରୂପ ପ୍ରଦାନ କରାଯାଇଛି, ପ୍ରଭାବଶାଳୀ ଭାଷା ମାଧ୍ୟମରେ । ମେଣ୍ଢାଟିର 'ଭକାର' ରବ, ବାଘଟିର ନିଆଁ ହୁଳା ଭଳି ଆଖି, ତାରାଟିର ଟିମ୍ ଟିମ୍ ପ୍ରକୃତି, ଏ ସବୁର ସ୍ଥାୟୀ ପ୍ରଭାବ ପଡ଼ୁଛି ଶିଶୁ ଉପରେ କେବଳ ମାତ୍ର ବର୍ଣ୍ଣନା ଶୈଳୀର ଚମତ୍କାରିତା ହେତୁରୁ । ନୀଳକଂଠଙ୍କ ରଚନାରେ ମଧ୍ୟ ଏହି ପ୍ରବୃତ୍ତିଟି ଦେଖିବାକୁ ମିଳେ ।

## ଶିଶୁକୁ ପ୍ରକୃତି ସହିତ ପରିଚିତ କରାଇବା–

ପ୍ରକୃତି ସହିତ ଆମର ଜୀବନଧାରା ଏକ ଅଚ୍ଛେଦ୍ୟ ବଂଧନରେ ଜଡ଼ିତ । ନିଜପାଇଁ ଆମେ କେତେ ଦୂର ଏହା ଉପରେ ନିର୍ଭରଶୀଳ, ଆଜି ତାହା କାହାକୁ ଅଜଣା ନାହିଁ । ମାନବ ଏବଂ ପ୍ରକୃତିର ସହାବସ୍ଥାନରେ ସୃଷ୍ଟିର ମଙ୍ଗଳ । ଏଇ ସାଧାରଣ ସତ୍ୟଟିକୁ ଆଜି ପ୍ରାୟ ଉପେକ୍ଷା କରାଯାଉ ଥିବାରୁ ଯେ, ବହୁ ପ୍ରାକୃତିକ ବିପର୍ଯ୍ୟୟ ଯେ ଘଟୁଛି, ଏଥିରେ କୌଣସି ସଂଦେହ ନାହିଁ । ନୀଳକଂଠ ଏହି ପ୍ରକୃତି ସହିତ ଶିଶୁକୁ ପରିଚୟ କରାଇ ଦେଇଛନ୍ତି, ଅତି ଆଡମ୍ବର ପୂର୍ଣ୍ଣ ପରିବେଶରେ ।

## ଉଦାହରଣରେ 'ମୋ ଟିକି ଘର', 'ଜହ୍ନମାମୁଁ', 'ସିଦ୍ଧାର୍ଥ ଓ ହଂସ', 'ସାପୁଆ କେଳା'—

"ମୋ ଟିକିଘର", କବିତାରେ ସେ ବନ–ଲକ୍ଷ୍ମୀର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି କହିଛନ୍ତି–

Digitized by PPRACHIN, SOA

ବନସ୍ତେ ଫୁଟିଲ ଫୁଲ କେଡ଼େ ସୁଂଦର
ଝାଟିମାଟି କାନ୍ଥ ଦେଇ ତୋଳିଲି ଘର,
ନଥିଲ ମୋ ନଡା ପାଳ,
ପାଇ ଯାଇଥିଲ କାଳ,
ବାଉଁଶ ପତରେ ଘର କଲି ଛପର
ବନସ୍ତେ ପାଚିଲ କେତେ ପଣସ ତାଳ ।

ଶିଶୁ ମନରେ ସରଳ ଜୀବନ ଧାରାର ଏକ ରେଖାପାତ ସହିତ ମାନସିକ ସନ୍ତୋଷ ଲଭର ପ୍ରକୃଷ୍ଟ ଉପାୟର ଏକ ସ୍ୱଷ୍ଟ ସୂଚନା ଏଥିରେ ଦିଆଯାଇଛି, ଅତି ଜୀବନ୍ତ ଭାଷା ସାହାଯ୍ୟରେ ଯାହା ବର୍ଣ୍ଣିତ ବିଷୟକୁ ପାଠକର ଚକ୍ଷୁ ସମ୍ମୁଖକୁ ନେଇ ଆସୁଛି ମୁହୂର୍ତ୍ତକରେ । କେବଳ ସେତିକି ନୁହେଁ । ଏଥିରେ "ଖଂଜା ଶାଳ, ଅଡ଼ଙ୍ଗ, ଖୁଦକଣି" ପ୍ରଭୃତି ଏ ଭଳି କେତେକ ଚମତ୍କାର ଶବ୍ଦର ବ୍ୟବହାର କରାଯାଇଛି; ଭବପ୍ରକାଶ ନିମନ୍ତେ ଯାହାର ସମକକ୍ଷ ଶବ୍ଦ ଆମ ଭଷାରେ ଖୁବ୍ ବେଶୀ ନାହିଁ । ସେଇଭଳି "ଜହ୍ନମାମୁଁ" କବିତାରେ ଛଅଋତୁର ବର୍ଣ୍ଣନା ମାଧ୍ୟମରେ ଶିଶୁକୁ ଋତୁଚକ୍ର ସହିତ ପରିଚିତ କରାଇ ଦିଆଯାଇଛି ।

'ସିଦ୍ଧାର୍ଥ ଓ ହଂସ' କବିତାରେ ମାନବିକତାର ଉଜ୍ଜ୍ୱଳ ରୂପ ପ୍ରକାଶ ପାଇଛି, "ମାଇଲ ଯେ ହଂସଟିକୁ ହଂସ ହେବ ତା'ର / ବଂଚାଇ ରଖିଲ ଯେହୁ ହୋଇବ ସେ ପର" ପ୍ରଭୃତି ବର୍ଣ୍ଣନାରେ ଶିଶୁର ଅପରିଣତ ମନରେ ଦୟା ଏବଂ ଅହିଂସାର ଦିବ୍ୟ ଭାବ ସଂଗ୍ରର କରାଇବା ଲକ୍ଷ୍ୟରେ ଏହାର ପରିକଳ୍ପନା । 'ବୁଦ୍ଧ ଓ ବିଧବା' କବିତାରେ ମଧ୍ୟ ଶିଶୁମନରେ ଜୀବନ–ବୋଧ ସମ୍ପର୍କରେ ଏକ ସାଧାରଣ ଧାରଣା ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରାଯାଇଛି ।

'ସାପୁଆ କେଳା' କବିତାର ପରିକଳ୍ପନା ସମାଜ ଓ ପରିବେଶ ସହିତ ଶିଶୁମାନଙ୍କର ପରିଚୟ ଘଟାଇବା ନିମନ୍ତେ । କେଳାର ପଦ୍ମତୋଳା ବୋଲ, ପେଡ଼ି-ଗୁଙ୍ଗୁଡ଼ି ହଲାଇବା କୌଶଳ; ସାପର ଗ୍ରେଟ ମାରିବା, ଏବଂ କେଳାର ଗ୍ରେଟ ସମ୍ଭାଳିବା ସାଂଗକୁ ସାପକୁ ବେକରେ ଗୁଡ଼ାଇବା, ଫଣା-ଧରିବା ପ୍ରଭୃତିର ସଜୀବ ବର୍ଣ୍ଣନା ଶିଶୁର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତିର

Digitized by PPRACHIN, SOA

ବୃଦ୍ଧି ତଥା ବିକାଶ ନିମନ୍ତେ ପରିକଳ୍ପିତ । ଯାଯାବର ଗୋଷ୍ଠୀର ବୃତ୍ତିଗତ ଜୀବନ ସହିତ ଶିଶୁର ପରିଚୟ ତାହାର ବ୍ୟବହାରିକ ଜ୍ଞାନ ବୃଦ୍ଧିରେ ମଧ୍ୟ ସହାୟକ ହେବ ।

## ନୈତିକତା ନିର୍ଭିତ ଆଧ୍ୟାତ୍ମିକତା ପ୍ରସଙ୍ଗର ଅବତାରଣ

ଶୈଶବ ହେଉଛି ଆଧ୍ୟାତ୍ମିକ ଜୀବନର ମୂଳଦୁଆ । ସମାଜ ସଂସ୍କାରର ସ୍ୱଚ୍ଛନ୍ଦ ବିକାଶ ନିମନ୍ତେ ଏହାର ଭୂମିକା ଅତୁଳନୀୟ । 'ଧର୍ମ' କୁ ଯେ ଯାହା କହୁନା କାହିଁକି, ଏହା ବ୍ୟତୀତ ଜୀବନ ଯେ, ଯଥାର୍ଥରେ ଜୀବନର ଛାୟା ମାତ୍ର ଏହା ସ୍ୱୀକାର କରିବାକୁ ଆମେ ବାଧ୍ୟ । ନୀଳକଂଠ ନୈତିକତା ନିର୍ଭିତ ଆଧ୍ୟାତ୍ମିକତାରେ ଦୃଢ ବିଶ୍ୱାସ କରୁଥିଲେ । ଶିଶୁ ମନରେ ଦୃଢ ଈଶ୍ୱର ପ୍ରୀତି ସୃଷ୍ଟି କରାଇ ପାରିଲେ, ତାହାର ପରବର୍ତ୍ତୀ ଜୀବନ ସୁଖକର ହେବ ବୋଲି ସେ ମନେ କରୁଥିଲେ । ତେଣୁ ସେ ସୁଯୋଗ ପାଇବା ମାତ୍ରେ ହିଁ ଆଧ୍ୟାତ୍ମିକତା ପ୍ରସଂଗ ଅବତାରଣା କରିଛନ୍ତି, ଯଥା :–

'ବଢେଇ ବାଳକ' ରେ ''ବିଭୁଙ୍କୁ ସୁମରି ଆନଂଦେ ଡେଇଁ ପଡ଼ିଲା ଜଳେ'' କିମ୍ବା 'ବୃଦ୍ଧ ଓ ବିଧବା' ରେ "ଯେତେଦିନ ଅଛି ତୁମ୍ଭ ପାଦ ପଦ୍ମେ ଚିତ୍ତ ମୋର ଆଉ ପ୍ରଭୁ" କିମ୍ବା "ଚଷାର ଭାଗ୍ୟ" ରେ ପ୍ରଭୁ କୃପାକଲେ ତା'ର ନ ରହିବ ଭାବନା" ଏବଂ 'ମହାତ୍ମାଗାନ୍ଧୀ' ରେ "ଗାନ୍ଧୀ ହେ ଧର୍ମ ଦେଇ ଜଗତ ରଖ" ପ୍ରଭୃତିରୁ ଏହାର ସ୍ପଷ୍ଟ ସୂଚନା ମିଳେ । ଆଧ୍ୟାତ୍ମିକତା ହେଉଛି 'ତ୍ୟାଗ' ଭାବନାର ଦ୍ୟୋତକ । 'ଧର୍ମପଦ'ର ଆତ୍ମତ୍ୟାଗର ମହତ୍ତ୍ୱ ଶିଶୁମାନଙ୍କ ସମ୍ମୁଖରେ ଉପସ୍ଥାପିତ କରି ସେମାନଙ୍କୁ ଏହି ମହାମନ୍ତ୍ରରେ ଦୀକ୍ଷିତ କରିବା ନିମନ୍ତେ ହିଁ ଏହାର ପରିକଳ୍ପନା ।

## ଜାତୀୟତା ବୋଧ ଉଜ୍ଜୀବିତ କରିବା–

ଶିଶୁ ପ୍ରାଣରେ ଜାତୀୟତାର ସ୍ପନ୍ଦନ ସୃଷ୍ଟିକରି, ସେମାନଙ୍କୁ ଦେଶ ପ୍ରେମ ବୋଧରେ ଉଜ୍ଜୀବିତ କରିବାର ଏକ ମହାନ୍ ଲକ୍ଷ୍ୟ ନେଇ ନୀଳକଂଠ ଅନେକ କବିତା ରଚନା କରିଛନ୍ତି । 'ଜୟ ଭାରତ' ହେଉଛି ଏହାର ଏକ ଚମତ୍କାର ଦୃଷ୍ଟାନ୍ତ । ସେ ଲେଖୁଛନ୍ତି–

Digitized by PPRACHIN, SOA

ପାହାଡ଼ ହିମାଳୟ ମୁକୁଟ ତୋର
ଧୁଅଇ ପାଦ ମହାସାଗର ପର ।
ପାହାଡ଼େ ଉଠି ଦେଖ ତଳେ କିଆରୀ,
ଦେଖିଲେ କେବେ ଥରେ ନ ହେବ ଭୁଲି ।
ଏ ପର ଦେଶେ ଆମ ଧନ୍ୟ ଜନମ,
ଜୟ ଭରତ ଜୟ ଜୟ ତୋ ନାମ ।"

ଲକ୍ଷ୍ୟ କରଯାଇପାରେ ଯେ, ଶିଶୁମନରେ ଜନ୍ମଭୂମି ପ୍ରତି ଗୌରବ ବୋଧ ସୃଷ୍ଟି କରଯିବା ସହିତ ଏହାର ଭୌଗୋଳିକ ସୀମା ସମ୍ପର୍କରେ ମଧ୍ୟ ତାକୁ ଏକ ଧାରଣା ଦିଆଯାଇଛି । 'ଆମ ଜାତୀୟ ପତାକା'କୁ ତୁହିରେ ଛାତିର ଜୀବନ ଆମ ପ୍ରାଣ ଦେବତା' ବୋଲି ବର୍ଣ୍ଣନା କରଯାଇ ଦେଶ ପ୍ରେମ ବୋଧର ଚୂଡ଼ାଂତ ରୂପ ପ୍ରକାଶ କରଯାଇଛି । କେବଳ ସେତିକି ନୁହେଁ, ଜାତୀୟ ସଂହତିର କଠିନ ମନ୍ତ୍ରକୁ ବର୍ଣ୍ଣ ମହୋତ୍ସବର ଆକର୍ଷଣୀୟ ପରିବେଶରେ ସରଳ କରି ଦିଆଯାଇ କୁହାଯାଇଛି–

"ଲାଲରଙ୍ଗ ହିନ୍ଦୁ ସାଗୁଆ ମୁସଲମାନ,
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।
କି ଲାଲ କି ନେଳୀ କି ଧଳା ସବୁ ଯାଉରେ ମିଶି,
ଗଗନେ ପବନେ ଭରତ ବାନା ଦିଶୁ ଝଲସି ।"

ଶିଶୁମନରେ ଶାନ୍ତି ପୂର୍ଣ୍ଣ ସହାବସ୍ଥାନର ମର୍ମବାଣୀଟି ଚମତ୍କାର ଭବରେ ଏଠାରେ ଉତ୍କୀର୍ଣ୍ଣ ହୋଇଛି ।

ସ୍ୱାଧୀନତାର ନୂତନ ମୂଲ୍ୟବୋଧ ସୃଷ୍ଟି ଏ ଦେଶର ଭବିଷ୍ୟତ ନାଗରିକ ମାନଙ୍କ ପାଇଁ ଯେ କି ଭଳି ଆବଶ୍ୟକ ତାହା ଦ୍ରଷ୍ଟା ନୀଳକଂଠ ଭଲ ଭବରେ ଜାଣିଥିଲେ । ତେଣୁ 'ପିଲ୍ଲ ଓ ଚଢ଼େଇ' କବିତାରେ ସେ ଲେଖିଲେ–

ଡେଣା ପିଟି ଖାଉଚି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି ।
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।"

Digitized by PPRACHIN, SOA

ଗୋଟିଏ ଦିଗରେ ସ୍ୱାଧୀନତାର ମହାମନ୍ତ୍ରର ଉଦ୍‌ଘୋଷଣା ତଥା ଅନ୍ୟ ଦିଗରେ ଦେଶପ୍ରେମ ବୋଧର ମହନୀୟ ଆଦର୍ଶ ସୃଷ୍ଟି । ଏ ଦୁଇଟି ହିଁ ଥିଲା ନୀଳକଂଠଂକର ଅନ୍ୟତମ ଲକ୍ଷ୍ୟ । ଶିଶୁମନରେ ଏହାର ଅଙ୍କୁରୋଦ୍‌ଗମ ଯେ ଭବିଷ୍ୟତ ନିମନ୍ତେ ଅତ୍ୟନ୍ତ ଫଳପ୍ରଦ ହେବ, ଏ ବିଶ୍ୱାସ ତାଂକର ଥିଲା ।

## ଶିଶୁର ବୌଦ୍ଧିକ ବିକାଶ :–

ଶିଶୁ ମାତ୍ରେ କୌତୂହଳୀ । ଏ କୌତୂହଳ ତାର ବିଶ୍ୱସଂସାରର ସମସ୍ତ ବିଷୟ ପ୍ରତି । ଏହାକୁ ଶାନ୍ତ କରିବାକୁ ପଡ଼ିବ, ମନୋରଂଜନାତ୍ମକ ଉପାୟରେ । ଶିଶୁ ପକ୍ଷରେ ଏହାର ଆକର୍ଷଣ ଏଡ଼ାଇବା ସହଜ ନୁହେଁ, ବସ୍ତୁତଃ ଏହାହିଁ ହେଉଛି ତାହାର ଏକମାତ୍ର ଦୁର୍ବଳତା । ଏହାରି ସୁଯୋଗ-ରେ ଔତ୍ସୁକ୍ୟ ବର୍ଦ୍ଧିର କୌଶଳରେ ଜ୍ଞାନ ବିଜ୍ଞାନର ବିଭିନ୍ନ ଦିଗପ୍ରତି ଶିଶୁକୁ ଆକୃଷ୍ଟ କରିବାକୁ ପଡ଼ିବ । ନୀଳକଂଠ ଏହା ଭଲଭବରେ ଜାଣିଥିଲେ ଏବଂ ତେଣୁ ସେ 'ଚକାପଳ ନଖାଉଁ' 'ମାଛି ଓ ବୁଢ଼ିଆଣୀ' ତଥା 'ବେଙ୍ଗ ଓ ବୁଢ଼ିଆଣୀ' ପ୍ରଭୃତି କବିତା ମାଧ୍ୟମରେ ଶିଶୁର ବୌଦ୍ଧିକ ବିକାଶ ନିମନ୍ତେ ଉଦ୍ୟମ କରିଥିଲେ । ଏହିସବୁ କବିତାରେ ନିମ୍ନ ବିଷୟ ଗୁଡ଼ିକ ଉପରେ ଆଲୋକପାତ କରଯାଇଛି । ଯଥା :– (କ) ପ୍ରଲୋଭନର କୁ-ପରିଣାମ (ଖ) ସ୍ୱାଧୀନତାର ମହାର୍ଘ-ମୂଲ୍ୟବୋଧ (ଗ) ଜୀବନ-ମୃତ୍ୟୁର ରହସ୍ୟ ଜଡ଼ିତ ସ୍ୱରୂପ ଉଦ୍‌ଘାଟନ । କହିବା ବାହୁଲ୍ୟ ଯେ ଏଭଳି ଗମ୍ଭୀର ବିଷୟ ସହିତ ପିଲମାନଙ୍କୁ ଯେପରି ମନୋରଂଜନାତ୍ମକ ଉପାୟ ଦ୍ୱାର, ପରିଚିତ କରଇ ଦିଆଯାଇଚି, ତାହା ବିରଳ ।

## ମାନବ ପ୍ରୀତି ତଥା ପଶୁ ପ୍ରୀତି :–

ଏ ଦୁଇଟି ସହିତ ଅଭ୍ୟସ୍ତ କରଇବାକୁ ପଡ଼ିବ ଶିଶୁକୁ ବାଲ୍ୟ-କାଳରୁ । ମାନବ ପ୍ରୀତିର ମୂଳ ପରିବାରରେ, ସହନଶୀଳତା ପୁଣି ହେଉଛି ପାରିବାରିକ ଶାନ୍ତିର ମୂଳଭିତ୍ତି । ଶିଶୁକୁ ରହିବାକୁ ପଡେ ପିତା, ମାତା, ଭଇ, ଭଉଣୀ, ଦାଦା, ଖୁଡ଼ୀ ପ୍ରଭୃତି ସମ୍ପର୍କୀୟମାନଙ୍କ ସହିତ । ଏହାହିଁ ହେଉଛି ଭରତୀୟ ଯୌଥ-ପରିବାରର ପ୍ରକୃତ ସ୍ୱରୂପ । ସାମାନ୍ୟ

Digitized by PPRACHIN, SOA

ସହନଶୀଳତାର ଅଭାବରେ ଶିଶୁ ଆତ୍ମକେନ୍ଦ୍ରିକ ହୋଇଯାଏ ଏବଂ ଭବିଷ୍ୟତ ଜୀବନରେ ଏଥିପାଇଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟିହୁଏ । ସ୍ନେହ ଓ ସହାନୁଭୂତିର ମହତ୍ତ୍ୱ ପ୍ରତିପାଦନ କରିବା ନିମନ୍ତେ ନୀଳକଂଠ ତେଣୁ ରଚନା କରିଛନ୍ତି 'ଟିକି ଭଉଣୀ' କବିତା । ଅସ୍ୱାଭାବିକ ଜିଦ୍‌ର କୁପରିଣାମ ଦର୍ଶାଇ କବି ଏଠାରେ ସଂପ୍ରୀତିର ଦୀକ୍ଷାରେ ଶିଶୁମାନଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି । ଚିରନ୍ତନ ମୂଲ୍ୟବୋଧ ସହିତ ଶିଶୁର ପରିଚୟ ଘଟାଇଛନ୍ତି । ନେତି ବାଦଠାରୁ ତାହାକୁ ଦୂରରେ ରଖି । ଏଠାରେ ଉଲ୍ଲେଖ-ଯୋଗ୍ୟ ଯେ, ଭକ୍ତ କବି ମଧୁସୂଦନ ମଧ୍ୟ ଶିଶୁମାନଙ୍କୁ ଜୀବନର ଚିରନ୍ତନ ରୂପ ସହିତ ପରିଚୟ କରାଇ ଦେଇଛନ୍ତି । କି ଆନନ୍ଦ ମୟ, କି ସୁନ୍ଦର ଆହା, ଏହି ବିଶାଳ ସଂସାର' ପ୍ରଭୃତି ତାଙ୍କର ବହୁ କବିତାରେ । ମାତ୍ର ଅନେକ ସ୍ଥଳରେ ସେ ସେମାନଙ୍କୁ ଭୟ ପ୍ରଦର୍ଶନ କରାଇ, ଜୀବନର ନେତିବାଣୀ ଦିଗଟିକୁ ଦେଖାଇ ଠିକ୍ ବାଟରେ ଚଲାଇବାକୁ ଉଦ୍ୟମ କରିଛନ୍ତି । 'କେଜାଣେ କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ, ପ୍ରଭୃତି ବର୍ଣ୍ଣନାରେ ତାହାର ସୂଚନା ରହିଛି । ଅନ୍ତତଃ ଏ ଦୃଷ୍ଟିରୁ ନୀଳକଂଠ ସ୍ୱତନ୍ତ୍ର ଏବଂ ଅନନ୍ୟ । ଭୟ ପ୍ରଦର୍ଶନ କରି ଯେ କୌଣସି ଶୁଭଫଳ ଲାଭ କରାଯାଇ ନ ପାରେ, ଏଥିରେ ତାଙ୍କର ସଂଦେହ ନଥିଲା । ସେହିଭଳି ପଶୁପ୍ରୀତି । 'ଆମ ନେତ' 'ମୋଅରି ଗାଈ ସେ ଯାତ', 'ଆ ମୋ ପାଟ' ପ୍ରଭୃତି କବିତାରେ ପ୍ରକାଶ କରାଇ ସେ ଶିଶୁମନରେ ପଶୁ-ଜାତି ପ୍ରତି ସମ୍ବେଦନଶୀଳତା କାମନା କରିଛନ୍ତି । ଭାରତୀୟମାନେ ଗୋ ଜାତିକୁ ଦେବତା ଜ୍ଞାନରେ ସେବା କରୁଥିବା ସତ୍ତ୍ୱେ, ସେମାନଙ୍କ ପ୍ରତି ଅନେକ ସମୟରେ ନିଷ୍ଠୁରତା ପ୍ରକାଶ ପାଉଥିବାରୁ ପ୍ରାଜ୍ଞିକ ନୀଳକଂଠ ଛୋଟ ବେଳରୁ ଶିଶୁମନରେ ଗୋ ମାତା ପ୍ରତି ଆକର୍ଷଣ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରିଛନ୍ତି ।

## ଭୋଗ ନୁହେଁ, ତ୍ୟାଗର ଆଦର୍ଶ ହିଁ ମହାନ :

ସେହିଭଳି 'ଚଷାର ଭାଗ୍ୟ' କବିତାଟିରେ କୃଷି ପ୍ରଧାନ ଉତ୍କଳର ସଂଖ୍ୟା ଗରିଷ୍ଠ ଜନତାର ଦିନଚର୍ଯ୍ୟା ସହିତ ଶିଶୁକୁ ପରିଚିତ କରାଇ ଦିଆଯିବା ସଂଗେ ସଂଗେ, ମାନବପ୍ରୀତି ସହିତ ତାର ରକ୍ଷୀବଂଧନ ଘଟାଯାଇଛି । ଏଥିରୁ ପୁଣି ପ୍ରକଟିତ ହୋଇଛି ।

Digitized by PPRACHIN, SOA

ସ୍ୱାର୍ଥପରତା ପରିବର୍ତ୍ତେ ସାର୍ବଜନୀନତାର ମହାନ୍ ଆଦର୍ଶ ବିତରଣ ତଥା ତ୍ୟାଗରେ ଯେ ଜୀବନର ମହାନ୍ ଲକ୍ଷ୍ୟ ସାର୍ଥକ ହୋଇଥାଏ, ଚଷାପୁଅର ଦିନଚର୍ଯ୍ୟାର ବିଶ୍ଳେଷଣରେ ତାହା ଦେଖାଇ ଦିଆଯାଇଛି । ତାହାର କଠିନ ପରିଶ୍ରମ ଯେ ଏ ପୃଥିବୀର ସୁଖଶାନ୍ତିର ପ୍ରଧାନ କାରଣ, ଏହା ଜଣାଇ ଦିଆଯାଇ ଶିଶୁକୁ ମହାନ୍ ପ୍ରେମର ଆଦର୍ଶରେ ଦୀକ୍ଷିତ କରାଯାଇଛି ।

ନୀଳକଂଠ ଥିଲେ ପରିଚ୍ଛନ୍ନ ନୀତିଲଳିତ ହୃଦୟର ଅନନ୍ୟ ଭାଷ୍ୟକାର । ଭାରତୀୟ ସଂସ୍କୃତି, ପ୍ରାଚ୍ୟ ଐତିହ୍ୟ ଏବଂ ପରମ୍ପରା ପ୍ରତି ତାଙ୍କର ଥିଲା ପ୍ରଚଣ୍ଡ ଶ୍ରଦ୍ଧା । ଜୀବନର ସ୍ୱାର୍ଥକତା ଭୋଗରେ ନୁହେଁ ବରଂ ତ୍ୟାଗରେ– ଏହି ପାରମ୍ପରିକ ଦର୍ଶନରେ ତାଙ୍କର ବିଶ୍ୱାସ ଥିଲା । ପ୍ରାଚ୍ୟ ଆଦର୍ଶବାଦୀ ନୀଳକଂଠ ଶିଶୁମାନଙ୍କୁ ଗଢ଼ିବାକୁ ହେଲେ, ସେମାନଙ୍କୁ ପ୍ରାଚ୍ୟ ଆଦର୍ଶର ଶିକ୍ଷା ପ୍ରଥମେ ଦେବାକୁ ହେବ ଏହାହିଁ ଥିଲା ତାଙ୍କର ଦୃଢ଼ ଧାରଣା । ତେଣୁ ଗଦ୍ୟ ଏବଂ ପଦ୍ୟ ଉଭୟ କ୍ଷେତ୍ରରେ ଏ ଦେଶର କୋମଳ ମତି ଭବୀ ନାଗରିକମାନଙ୍କ ନିମନ୍ତେ ସେ ଏଇ ପାରମ୍ପରିକ ଭବାଦର୍ଶର ବ୍ୟାଖ୍ୟାହିଁ କରିଛନ୍ତି । ଆଧୁନିକତା ନାମରେ ନୀତିହୀନତାର ପ୍ରଶ୍ରୟକୁ ସେ ଭଲ ଦୃଷ୍ଟିରେ ଦେଖୁ ନଥିଲେ । ନୀତିମୟ ଆଦର୍ଶ ହିଁ ଥିଲା ତାଙ୍କର ଏକମାତ୍ର ଧ୍ୟେୟ । ତେଣୁ ସନାତନ ଭାରତୀୟ ଆଦର୍ଶହିଁ ଥିଲା ତାଙ୍କର ଶିଶୁ ରଚନା ଗୁଡ଼ିକର ପ୍ରଧାନ ଲକ୍ଷ୍ୟ ।

ଦ୍ୱିତୀୟ କଥା ହେଉଛି, ନୀଳକଂଠ ଥିଲେ, ପଲ୍ଲୀ ମାଳିନୀ ଉତ୍କଳର ସଂସ୍କୃତିର ସୁଯୋଗ୍ୟ ପ୍ରତିନିଧି । ତେଣୁ ଶିଶୁମାନଙ୍କ ପାଇଁ ସେ ସେଇ ସମାଜରୁ ହିଁ ବିଷୟ ବସ୍ତୁ ସଂଗ୍ରହ କରିଛନ୍ତି । ଏ ଦେଶର ଅଜସ୍ର ଶିଶୁସମାଜର ପରିବେଶ ପ୍ରତି ସଜାଗ ଦୃଷ୍ଟି ରଖି କେତେଗୁଡ଼ିଏ ଅନୁବାଦ କବିତାକୁ ମଧ୍ୟ ସେ ଏ ଦେଶର ପାଣି ପବନ ସହିତ ଚମତ୍କାର ଭବରେ ଖାପ ଖୁଆଇ ଦେଇ ପାରିଛନ୍ତି । ଯେମିତି Many Hawitଙ୍କ 'The spider and the bee' କବିତା (ମାଛି ଓ ବୁଢ଼ିଆଣୀ ନାମରେ ଅନୂଦିତ) । ଏହି କବିତାଟିର ଭବାଦର୍ଶ ସହିତ ପ୍ରାଚ୍ୟ ମୂଲ୍ୟ-ବୋଧର କୌଣସି ବିରୋଧ ନଥିବାରୁ, ଏହାର ଓଡ଼ିଆ ରୂପ ବେଶ୍

Digitized by PPRACHIN, SOA

ପ୍ରଭବଶାଳୀ ହୋଇପାରିଛି । ଏମିତିରେ ଦେଖିବାକୁ ଗଲେ ନୀଳକଂଠ ମୋଟାମୋଟି ଭବରେ ତିନି କିମ୍ବା ଚାରୋଟି ବିଷୟକୁହିଁ ତାଙ୍କର ଶିଶୁ ରଚନା ଗୁଡ଼ିକରେ ମୁଖ୍ୟ ସ୍ଥାନ ଦେଇଛନ୍ତି । ସେଗୁଡ଼ିକ ହେଲ (କ) ଆଧ୍ୟାତ୍ମିକତା (ଖ) ଜାତୀୟତା (ଗ) ମାନବିକତା (ଘ) ପ୍ରକୃତିପ୍ରୀତି । ଶିଶୁ ମନରେ ସେ ଏ ସବୁ ବିଷୟରେ କୌତୂହଳ ସୃଷ୍ଟି କରଇବାକୁ ସକ୍ଷମ ହେବା ସଙ୍ଗେ ସଙ୍ଗେ, ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ମଧ୍ୟ ଦେଇ ପାରିଛନ୍ତି । ଏହାହିଁ ତାଙ୍କର ବୈଶିଷ୍ଟ୍ୟ ।

## ନୀଳକଂଠଂକ ଭାଷା ଶିଶୁମାନଂକ ଭାଷା :

ଭଷା ଉପରେ ଥିଲ କବିଙ୍କର ପ୍ରଚଣ୍ଡ ଅଧିକାର । ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟିକ ଆଦର୍ଶ ଏ ଦିଗରେ ତାଙ୍କର ସହାୟକ ହୋଇଥିଲ । ନନ୍ଦ କିଶୋର ଜଣେ ଉତ୍ତମ ସଂଗ୍ରାହକ ଥିଲେ, ମଧୁସୂଦନ ସଂସ୍କୃତି ବହୁଳ-ରୀତି ଯୁଗୀୟ ଭଷାର କବଳରୁ ସଂପୂର୍ଣ୍ଣରୂପେ ମୁକ୍ତିଲଭ କରିପାରି ନଥିଲେ । ନୀଳକଂଠ ହିଁ ହେଉଛନ୍ତି ପ୍ରଥମ ଲେଖକ ଓ କବି, ଯେ କି ଶିଶୁ-ମାନଙ୍କର ଭଷାରେ, ସେମାନଙ୍କର ସ୍ୱପ୍ନ ଏବଂ ସତ୍ତାକୁ ଲିପିବଦ୍ଧ କରିଥିଲେ । ଭଷାର ଇନ୍ଦ୍ରଜାଲ ଦ୍ୱାରା ଶିଶୁମନ ବିହାରକ୍ଷମ ଆନନ୍ଦ ସୃଷ୍ଟି କରିଥିଲେ । ପୁଣି ଯେତେବେଳେ ଓଡ଼ିଶାରେ ଶିଶୁସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପରମ୍ପରା ଆହୁରି ସୃଷ୍ଟି ହୋଇ ନଥିଲ; ସେତେବେଳେ ସେ ଏହି ଦୁରୂହ କାର୍ଯ୍ୟଟିର ଦାୟିତ୍ୱ ସ୍ୱୟଂ ଗ୍ରହଣ କରିଥିଲେ । ଏତକ ସେ କରି ପାରିଥିଲେ, ଜଣେ ଉତ୍ସର୍ଗୀକୃତ ଶିକ୍ଷକ ହୋଇଥିବାରୁ । ପାଣ୍ଡିତ୍ୟ ଏବଂ ପ୍ରଜ୍ଞାର କଠିନ ବହଳ ଆବରଣତଳେ କୋମଳ, ତରଳ ଏକ ସବୁଜ ମନର ସଯତ୍ନ ଲଳନହିଁ ତାଙ୍କୁ ଶିଶୁମାନଙ୍କର ଅତି ନିକଟକୁ ନେଇ ଯାଇ ପାରିଥିଲ । ତେଣୁ ଏ କ୍ଷେତ୍ରରେ ସେ ଆଜି ମଧ୍ୟ ଅନନୁକରଣୀୟ ହୋଇରହିଛନ୍ତି ।

Digitized by PPRACHIN, SOA

# ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ନୀଳକଂଠଂକ ଶିଶୁ ସାହିତ୍ୟ

ଡଃ ଦିଗରାଜ ବ୍ରହ୍ମା

## ଶିଶୁ ସାହିତ୍ୟ

ଶିଶୁ ପାଇଁ ଯେ ସ୍ୱତନ୍ତ୍ର ସାହିତ୍ୟର ଆବଶ୍ୟକତା ଅଛି, ତାହା ଊଣା ଅଧିକେ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ପୃଥିବୀର ବିଭିନ୍ନ ଦେଶର ଶିକ୍ଷା ମନୀଷୀଗଣ ଚିନ୍ତା କରିଥିଲେ । ସେମାନଙ୍କ ଦିଗ୍‌ଦର୍ଶନରେ ଶିଶୁ ପାଇଁ ସୃଷ୍ଟି ହେଲା ସାହିତ୍ୟ–ଶିଶୁସାହିତ୍ୟ । ଏପରି ସାହିତ୍ୟ ଶିଶୁର ଶିକ୍ଷାକୁ ଉନ୍ନତ ଓ ପରିମାର୍ଜିତ କଲା । ଶିଶୁ ଜାଣିଲନି ତା'କୁ ପଢିବାକୁ କୁହାଯାଇଛି ଅଥଚ ସେ ପଢିଯାଉଛି, ଶିଖିବାକୁ କୁହାଯାଉଚି, ଅଥଚ ସେ ଶିଖିଯାଉଛି । ଶିକ୍ଷକଙ୍କର ଆବଶ୍ୟକତା ନାହିଁ, ପାଠ ବୁଝାଇବାର କଳା ଓ କୌଶଳ ନାହିଁ ଅଥଚ ସେ ହେଉଛି ଜ୍ଞାନର ଅଧିକାରୀ । ଏ କଥା ଭବିଲାବେଳେ ଶିକ୍ଷକଙ୍କୁ ଆଶ୍ଚର୍ଯ୍ୟ ହେବାକୁ ପଡୁଛି । ମୋ ପିଲା ପୁଣି ଏତେ କଥା ଜାଣିଲା କିପରି ? କିଏ ପୁଣି ତାକୁ ଜଣାଇଲା ।

## ବଳିଷ୍ଠ ଶିଶୁ ସାହିତ୍ୟ ଲାଗି ଶିଶୁର ମନସ୍ତତ୍ତ୍ୱ ଉଦ୍‌ଘାଟନ କରିବା ଦରକାର :

ଉପଯୁକ୍ତ ପ୍ରଶ୍ନ ଦୁଇଟିର ଉତ୍ତର ଖୋଜି ବସିଲେ ଆମକୁ କେବଳ ଜଣେ ଯାଦୁକରର ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଜାଣିବାକୁ ପଡ଼େ । ସେହି ଯାଦୁକର ହେଉଛନ୍ତି ଶିଶୁ ସାହିତ୍ୟିକ । ତାଙ୍କ ଯାଦୁର କାଉଁରୀ କାଠି ହେଉଛି ଶିଶୁର ମନସ୍ତତ୍ତ୍ୱଜ୍ଞାନ । ଯେଉଁ ସାହିତ୍ୟିକ ଶିଶୁର ମନସ୍ତତ୍ତ୍ୱର ରହସ୍ୟ ଯେତେ ଅଧିକ ଉଦ୍‌ଘାଟନ କରିପାରନ୍ତି ତାଙ୍କର ସାହିତ୍ୟ ଶିଶୁ ପାଇଁ ସେତେ ବଳିଷ୍ଠ ଓ ଗ୍ରହଣଯୋଗ୍ୟ ହୋଇଛି । ଏହି ଦୃଷ୍ଟି କୋଣରୁ ବିଗ୍ରର କଲେ ପଣ୍ଡିତ ନୀଳକଂଠଂକ ଶିଶୁ ସାହିତ୍ୟ ଶିଶୁ ମନର ଭିତ୍ତି ଭୂମି ଉପରେ ପର୍ଯ୍ୟବସିତ ବୋଲି ବୁଝାଯିବ ।

Digitized by PPRACHIN, SOA

## ନୀଳକଂଠଂକ ସାହିତ୍ୟିକ କୃତି :

ନୀଳକଂଠଂକ ସାହିତ୍ୟିକ କୃତି ପିଲଙ୍କ ରାମାୟଣ (୧୯୨୨), ପିଲଙ୍କ ମହାଭାରତ (୧୯୨୩), ପିଲଙ୍କ ଭାଗବତ (୧୯୨୫) ଓ ବିଭିନ୍ନ ସମୟରେ ପ୍ରକାଶିତ "ପିଲଙ୍କ ଗୀତ" ଶିଶୁ ସାହିତ୍ୟ ପର୍ଯ୍ୟାୟ ଭୁକ୍ତ ଏବଂ ସେ ସବୁ ପିଲଙ୍କର ବେଶ୍ ମନଲାଖି ହୋଇପାରିଛି । ଆଲୋଚ୍ୟ ପ୍ରବଂଧରେ ଶିଶୁମନର ରହସ୍ୟ ସହିତ ସାହିତ୍ୟର ସଂପର୍କ ଦର୍ଶାଇବା ନିମନ୍ତେ ନୀଳକଂଠଂକ "ପିଲଙ୍କ ଗୀତ" ପର୍ଯ୍ୟାୟରୁ କେତୋଟି ବିଶେଷଭାବରେ ଆଲୋଚନାକୁ ନିଆଯିବ । ଏବେ ପ୍ରଥମରେ ନୀଳକଂଠଂକର ପିଲାମାନଂକ ପ୍ରତି କେତେ ସ୍ନେହ ଓ ଦରଜ ଥିଲା, ତାହା ଦେଖାଇବା ନିମନ୍ତେ ଦୃଷ୍ଟାନ୍ତ ସ୍ୱରୂପ ତାଂକ କାବ୍ୟ 'କୋଣାର୍କେ'ରୁ ପ୍ରଥମ ସର୍ଗର Stanzaଟି ଦେଖାଯାଉ ।

## କୋଣାର୍କେ :

'କୋଣାର୍କେ' କାବ୍ୟରେ ନୀଳକଂଠଂକ ରୋମାନ୍ଟିକ ଚିନ୍ତାଧାରା ଅତି ନିଖୁଣ ଭାବେ ପରିପ୍ରକାଶ ହୋଇଛି । ଏଥିରେ ଥିବା "ରାମଚଣ୍ଡୀ-ଠାରେ ରାତି ଓ ସକାଳ" କାବ୍ୟ ଖଣ୍ଡ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଶିଶୁ-ପାଇଁ ବିଶେଷ ଉପଭୋଗ୍ୟ । ୧୯୧୭ ମସିହାରେ ଲେଖକ ସତ୍ୟବାଦୀ ବନ ବିଦ୍ୟାଳୟର କେତେକ ଛାତ୍ରଙ୍କ ସହିତ ଶାରଦ ବିହାରରେ କୋଣାର୍କ ଦେଖିବାକୁ ଯାଇଥିଲେ । ପ୍ରବଳ ବର୍ଷା ଓ ତୋଫାନ ହେବାରୁ ସେ କୋଣାର୍କ ଦର୍ଶନ ପରେ ରାତିରେ ରାମଚଣ୍ଡୀଠାରେ ବିଶ୍ରାମ ନେଲେ । ସେ ଦିନ ହୋଇଥାଏ କୁମାର ପୂର୍ଣ୍ଣିମା । ପିଲାମାନେ ଏହି ବର୍ଷଣ ମୁଖରେ ରାତିରେ ନିଦ୍ରା ଯାଇଥିଲା ବେଳେ ଦାୟିତ୍ୱ ସଂପନ୍ନ ଶିକ୍ଷକ ନୀଳକଂଠଂକ ଆଖିକୁ ଆଉ ନିଦ ଆସିଲା ନାହିଁ । ପିଲଙ୍କ ଚରିତ୍ର, ତାଙ୍କର ପରିବେଶ, ତାଙ୍କ ମନୋଭାବ ଓ କୁମାର ପୂର୍ଣ୍ଣିମାରେ ସେମାନଙ୍କ ଅନୁପସ୍ଥିତିରେ ପିତାମାତାଙ୍କ ଦୁଶ୍ଚିନ୍ତାକୁ ନେଇ ଆତ୍ମ ପ୍ରକାଶ କଲା ତାଙ୍କର ଭାବଗର୍ଭକ 'କୋଣାର୍କେ'ର କାବ୍ୟ ଖଣ୍ଡ "ରାମଚଣ୍ଡୀଠାରେ ରାତି ଓ ସକାଳ"–

କି କରାଳ ଆଜି ରଜନୀ ? ବହେ ଝଂଜା ପବନ  
ତାରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।

Digitized by PPRACHIN, SOA

ମୂଷଳ-ଧାରରେ ଝଟିକା ଦିଏ କରଗ୍ଡ଼ି କେବେ,
ଶୋଇ ପଡ଼ିଛ ତ ବାପା ହେ ଜାଣୁ ନଥିବ ଲବେ ।

କାବ୍ୟଟିର ପ୍ରଥମ ଦୁଇଧାଡ଼ି ଏକ ଭୟଙ୍କର ଗତିର ସୂଚନା ଦେଲା-ବେଳେ ପିଲଙ୍କ ମନରେ ଭୟ ସଞ୍ଚାର ହେବା ସ୍ୱଭବିକ । କିନ୍ତୁ ପିଲ ଯେତେବେଳେ ପଢ଼େ "ଶୋଇ ପଡ଼ିଛତ ବାପା ହେ ଜାଣୁ ନଥିବ ଲବେ" ସେତେବେଳେ ତା ମନରେ ଭରି ଆସେ ପଂଡ଼ିତ ନୀଳକଂଠଂକ ପ୍ରତି ଅନନ୍ୟ ଭକ୍ତି ଓ ଶ୍ରଦ୍ଧା । କାରଣ 'ବାପା' ସମ୍ବୋଧନଟି ଅତି ଆନ୍ତରିକ ଓ ସ୍ନେହପୂର୍ଣ୍ଣ ସମ୍ବୋଧନ । ଏକ କରଳ ଗତିରେ ନିଦ୍ରାଗତ ପିଲମାନଙ୍କ ପାଇଁ ଯେ ଦେବପ୍ରତିମ ଗୁରୁ ଜାଗ୍ରତ ଓ ତାଙ୍କ ପାଇଁ ଗୁରୁଙ୍କ ହୃଦୟ ବ୍ୟାକୁଳ—ଏ କଥା ପରବର୍ତ୍ତୀ କାଳରେ ଯେଉଁ ପିଲ ତଥା ଅଭିଭବକମାନେ ପାଠ କରନ୍ତି, ସେମାନଙ୍କର ହୃଦୟ ଛୁଇଁ ପଂଡ଼ିତ ନୀଳକଂଠଂକ ପ୍ରତି ଭରି ଆସେ କୃତଜ୍ଞତା । କାରଣ ସେ ପିଲ ଓ ତାଙ୍କ ପରିବାରର ମନୋଭବ ସହିତ ନିଜକୁ ସାମିଲ କରିଦେଇଛନ୍ତି ନିମ୍ନଲିଖିତ ପଦଗୁଡ଼ିକରେ—

ଆଜି ଯେ କୁଆଁର ପୁନିଅଁ କେତେ ସୁଖ-ଶରଧା
ମାଆ ଭଉଣୀଂକ ଆଦର ନବ-ବସନ-ପିନ୍ଧା
ମନେ ପଡୁନାହିଁ ବାବୁ ହେ ଲଗି ଯାଇଛି ନିଦ
ମାଆ ଭଉଣୀଏ ଭବନେ ଭଜିଥିବେ ବିଷାଦ ।
ଲୁଗାରେ ହଳଦି ଲଗାଇ ଗ୍ରହିଁଥିବେ ଜନନୀ
ପିଠାପଣା ଖାଉ ନଥିବେ ସୁଖେ ଆଜି ଭଗିନୀ ।

ଉପର୍ଯ୍ୟୁକ୍ତ ପଦ କେତୋଟିରେ ବର୍ଣ୍ଣିତ ଘଟଣାବଳୀ ସହିତ ପିଲମାନେ ଅତି ପରିଚିତ । ଲୁଗାରେ ହଳଦି ଲଗାଇ ମା'ମାନଂକର ପିଲମାନଂକ ପ୍ରତି ପ୍ରତୀକ୍ଷା, ସେମାନଂକ ଅନୁପସ୍ଥିତିରେ ଭଉଣୀମାନଂକର ସୁଖରେ ପିଠାପଣା ଖାଉ ନଥିବା ଘଟଣା ଆଜି ପାରିବାରିକ ମନସ୍ତତ୍ତ୍ୱ ଉପରେ ପର୍ଯ୍ୟବସିତ ।

ଶିକ୍ଷକ କବି ନୀଳକଂଠ ପୁଣି ଗାଉଛନ୍ତି—

ପବନ ଝଂକାରେ ଶୁଣୁ ସେ ଥିବେ ଡାକ ଡୁମ୍ବର
ପଲକେ ପଲକେ ଚମକି ହେଉଥିବେ କାତର ।

Digitized by PPRACHIN, SOA

ଫାଟି ଯାଉଥିବ ଜାହଜ ତାଂକ ହୃଦ-ସାଗରେ
ନିରଶାରେ ଆଶା ଚମକେ ଥିବେ ସେହୁ ଜାଗାରେ ।
ଜନନୀର ଗୁରୁ ବେଦନା ଭଗିନୀର ବିଷାଦ
ସୁମରି ସପନେ ଚମକି ଭାଙ୍ଗି ଯିବଟି ନିଦ ।

ଏପରି ଏକ ବାସ୍ତବ ଚିତ୍ର ଉଭୟ ପିଲ୍ଲ, ମାଆ, ଭଉଣୀ ଓ ସାଧାରଣ ଜନ ମାନସରେ କୁମାର ପୂର୍ଣ୍ଣିମା ରାତ୍ରିର ସାମାଜିକ ପରିବେଶ ସ୍ୱଷ୍ଟ ଭାବେ ଆଂକି ଦେବା ସଙ୍ଗେ ସଙ୍ଗେ ସେମାନଂକଠାରେ ଗଭୀର ମର୍ମ ବେଦନାର ରେଖାପାତ କରିଥାଏ । ଉଭୟ ପିଲ୍ଲ, ମାଆ ଓ ଭଉଣୀଂକ ପ୍ରତି କବି ପ୍ରାଣରେ ଏତେ ଦରଦ କୁତ୍ରାପି ଦେଖାଯାଏ ନାହିଁ । ଏପରି ଅବସ୍ଥାରେ କାଳେ 'ଜନନୀର ଗୁରୁ ବେଦନା' ଓ 'ଭଗିନୀର ବିଷାଦ' ସ୍ମରଣ କରି ପିଲ୍ଲଂକର ନିଦ ଭାଙ୍ଗିଯିବ, ସେଥିପାଇଁ ଶିଶୁମାନଙ୍କୁ ପ୍ରବୋଧନା ଦେବାକୁ ଯାଇ ପଂଡ଼ିତ ନୀଳକଂଠ କହି ଉଠିଛନ୍ତି—

ଶୁଅ ଶୁଅ ଧନ, ଆରମେ ଶୋଇ ଥାଅରେ ଶିଶୁ
ପଥ ଶ୍ରମ କରି ଆସିଛ, ଶ୍ରମେ ବିରମ ମିଶୁ ।

ଏଥିରେ ବର୍ଣ୍ଣିତ ଘଟଣାବଳୀ କେତେକ ଶିଶୁଙ୍କୁ ନେଇ ରଚିତ ହୋଇଥିଲେ ହେଁ ଅନ୍ୟ ଶିଶୁମାନେ ଏବେ ଯେତେବେଳେ ଉକ୍ତ ପଦ-ଗୁଡ଼ିକ ପଢନ୍ତି, ସେତେବେଳେ ଶିଶୁ ମନସ୍ତତ୍ତ୍ୱ ଦୃଷ୍ଟି କୋଣରୁ ସେମାନେ ନିଜ ନିଜକୁ ଶିଶୁମାନଂକ ସ୍ଥାନରେ ରଖି ପଦଗୁଡ଼ିକର ଭାବ ଓ ଶୈଳୀକୁ ଉପଭୋଗ କରିଥାନ୍ତି । ଏପରି ଏକ ନିଛକ ପରିବେଶ ମଧ୍ୟରେ ସଫଳ ଶିଶୁ ସାହିତ୍ୟ ରଚନା କରିବା କେବଳ ଶିଶୁ ମନସ୍ତତ୍ତ୍ୱ ଉପରେ ଅଗାଧ ପାଣ୍ଡିତ୍ୟ ଥିବା ସାହିତ୍ୟିକମାନଂକଠାରୁ ହିଁ ଆଶା କରାଯାଇଥାଏ ।

## ଶିଶୁ ସାହିତ୍ୟରେ ହାସ୍ୟ ରସର ଅବତାରଣା :

ବିଭିନ୍ନ କାରଣରୁ ଅନେକ ସମୟରେ ଶିଶୁର ମନ ଭାରକ୍ରାନ୍ତ ହୋଇ ପଡ଼େ । ସେହି ଭାରକ୍ରାନ୍ତ ମନରେ ଛୋଟ ହାସ୍ୟରସର ଝରଣାଟିଏ ବୁହାଇ ଦେବା ପାଇଁ ବହୁ ସମୟରେ ଶିଶୁ ସାହିତ୍ୟିକ ଚେଷ୍ଟା କରିଥାଏ ।

Digitized by PPRACHIN, SOA

ପିଲାର ମନରେ ସରସତା ଆସିଲେ ତା' ମନର ଦୁଃଖ ଦୂର ହୁଏ ଓ ସେ ବିଭିନ୍ନ କାର୍ଯ୍ୟମାନ ସଂପାଦନ କରିବାକୁ ପ୍ରେରଣା ପାଏ । ପଂଡ଼ିତ ନୀଳକଂଠ ଅନେକ ଛୋଟ ବଡ଼ ଶିଶୁ କବିତାମାନଂକରେ ଅତି ଚତୁରତାର ସହିତ ହାସ୍ୟରସ ପରିବେଷଣ କରି ଅଛନ୍ତି । "ଚକାଫଳ ନ ଖାଉଁ" କବିତାଟି ଏହିପରି ଏକ ପ୍ରଚେଷ୍ଟାର ଦୃଷ୍ଟାନ୍ତ । ଭାଲୁଟି ଆଖୁ ଗଛରେ ଥିବା ବିରୁଡି ବସାକୁ ଆଖୁ ଫଳ ଭାବି ପାଟିରେ ପୁରେଇବା ଓ ବିରୁଡ଼ି-ମାନଂକର ଭାଲୁକୁ ଦଂଶନ କରିବାର ଘଟଣା ପିଲାମାନଙ୍କ ମନରେ ହାସ୍ୟରସ ସୃଷ୍ଟି କରେ । ବୋକାମିର କି ପରିଣାମ ସତେ ! ସେ ପରିଣାମରୁ କାହାର କିଛି କ'ଣ ଶିଖିବାର ନାହିଁ ? ଆଧୁନିକ ଯୁଗରେ ଶିଶୁକୁ ସିଧା ସଳଖ ଭାବେ ନୀତିଶିକ୍ଷା ଦେବାକୁ ଶିକ୍ଷାବିତ୍‌ମାନେ ମନସ୍ତତ୍ତ୍ୱ ଦୃଷ୍ଟି କୋଣରୁ ମନା କରିଥିଲେ ମଧ୍ୟ ଅନେକ ସାହିତ୍ୟିକ ନୀତିଶିକ୍ଷା ସିଧାସଳଖ ଭାବେ ଦେଉଛନ୍ତି । ମାତ୍ର ଶିଶୁମନସ୍ତତ୍ତ୍ୱବିତ୍ ନୀଳକଂଠ ସିଧାସଳଖ ନୀତିଶିକ୍ଷା ନଦେଇ ଉକ୍ତ କବିତାଟିର ଶେଷାଂଶରେ ଲେଖିଛନ୍ତି—

"ଜିଭ ତାଲୁ ସବୁ ପୋଡ଼ିଲା ଭାଲୁ ଗଡ଼ିଲା ତଳେ
ନ ଛାଡ଼ନ୍ତି କେବେ ବିରୁଡ଼ି ବୁଢ଼ା ଗର୍ଜେ ବିକଳେ ।
ଦଉଡ଼ି ଦଉଡ଼ି ପଳାଉଁ କହେ, "କେବେ ତ ଆଉ
ଆଖୁ ବାଡ଼ି ଆମେ ନ ପଶୁଁ ଚକା ଫଳ ନ ଖାଉଁ ।"

## ପରିବେଶ ଭିତରେ ବିଷୟ ବସ୍ତୁ— "ଗାଈ" :

ପିଲାର ପରିବେଶ ମଧ୍ୟରୁ ନିଆଯାଇଥିବା ବିଷୟ ବସ୍ତୁ ପିଲାର ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । 'ମୋ ଗାଁ', 'ମୋ ଗାଈ', 'ମୋ କୁକୁର', 'ମୋ ପରିବାର' ଆଦିର ବିଷୟ ବସ୍ତୁକୁ ଅତି ସରଳ, ତରଳ ଭାଷା ଓ ଭାବ ନେଇ ଶିଶୁ ସାହିତ୍ୟିକମାନେ ପରିବେଷଣ କରି-ଥାନ୍ତି । ପଂଡ଼ିତ ନୀଳକଂଠ ତାଂକ ରଚିତ 'ଆ, ମୋ ପାଟ', 'ଆମ ନେତ', 'ମୋଅରି ଗାଈ ସେ ଯାତ', ଆଦି କବିତାମାନ ଶିଶୁର ମନ ଓ ପ୍ରାଣ ଛୁଇଁଲା ଭଳି ଭାଷା ଓ ଭାବ ନେଇ ରଚନା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ 'ଆ ମୋ ପାଟ' କବିତାଟିକୁ ବିଚାରକୁ ନିଆଯାଇପାରେ ।

Digitized by PPRACHIN, SOA

'ଆ ମୋ ପାଟ' କବିତାଟିରେ କଅଁଳ ଘାସ ଖାଇ ଫେରିଥିବା 'ପାଟ' ଗାଈଟିକୁ ପିଲଟିର ଦେଖିବାର ଇଚ୍ଛା, ଗୁହାଳ ଘରେ ବାପାଂକର ତୋରଣୀ ଦେବାର ଘଟଣା, କୁନି ବାଛୁରୀଟିର ଦୁଧ ଖାଇବା ପାଇଁ ମା'କୁ ପ୍ରତୀକ୍ଷା ଆଦି ସଂପର୍କରେ ନୀଳକଂଠ ବଡ଼ ସୁନ୍ଦର ଭବରେ ବର୍ଣ୍ଣନା କରିଛନ୍ତି । ପ୍ରତ୍ୟେକ ହିନ୍ଦୁ ପରିବାରର ଶିଶୁ କାହିଁକି ସମଗ୍ର ମାନବ ସମାଜ ଗାଈକୁ ମା'ର ସମ୍ମାନ ଦେଇଥାଏ । ତେଣୁ ସେହି ମାନବ ଶିଶୁ ଯାହା ଶରୀରର ପ୍ରତିଟି ଅବୟବ ଗୋ ମାତାର କ୍ଷୀରରେ ପରିପୁଷ୍ଟ, ସେ ବା କିପରି ସେଇ ମା'ଟିକୁ ତା'ର ଭୁଲିଯିବ ? ତେଣୁ ସେ ମାଆର ଜୀବନ ସହିତ ନିଜକୁ ସାମିଲ କରିଦିଏ । ପୁଣି ସେ ଯେତେବେଳେ ପଢ଼େ :

କୁନି ବାଛୁରୀ କରୁଚି ଅଳି  
ଖାଇବ ଦୁଧ ମୁଣ୍ଡିଆ ମାରି  
ଟେକି ଦେବ ସେ ଟିକି ଲାଙ୍ଗୁଡ଼  
ମାରିବ ମୁହଁ ଚିରକୁ ଚିର  
ଦେଖିବି ମୁଁ ତା' ନାଟ ।

ସେତେବେଳେ ଏ ଛବିଟି କେବଳ ତା ଆଖି ଆଗରେ ନାଚି ଯାଏ ନାହିଁ, ତା ମନ ଆନନ୍ଦରେ ଫୁଲି ଉଠେ । କାରଣ ସେ ନିଜେ କୁନି, ମା ସହିତ ଅତୀତରେ ଅନେକ କଥା ଦାବୀ କରି କେତେ ଅଝଟ ଅଳି କରି ନଥିବ ସତେ ! ସେ ଭବେ ତା' ପରି ତ ପୁଣି କୁନି ବାଛୁରୀଟିଏ ଅଳି କରୁଛି । ବାସ୍, ଏତିକି ମାତ୍ର ଚେତନାରେ ସେ ହୁଏ ଆତ୍ମହରା । କୁନି ବାଛୁରୀର ନାଟ ସହିତ ସେ ଏବେ ମଧ୍ୟ ନାଚି ଯିବାକୁ ବସେ ।

ସାହିତ୍ୟରେ ଫୁଟି ଉଠିଥିବା ଚରିତ୍ର ସହିତ ନିଜ ଚରିତ୍ରର ସାମଞ୍ଜସ୍ୟ ଦେଖିଲେ ଶିଶୁ ଖୁସି ହୁଏ । ସେ ସେହି ଚରିତ୍ରର କାର୍ଯ୍ୟ ସହିତ ମଧ୍ୟ ନିଜ କାର୍ଯ୍ୟକୁ କଳ୍ପନା କରେ । ଯଦି ସେ କାର୍ଯ୍ୟରେ କୌଣସି ନୂତନତା ଅନୁଭବ କରେ, ତେବେ ସେ ଅନ୍ୟମାନଂକ ଆଗରେ ତାହା ପ୍ରଦର୍ଶନ କରିବାକୁ ଭୁଲେ ନାହିଁ । ନୀଳକଂଠଂକ 'ଆମ ନେତା'

Digitized by PPRACHIN, SOA

କବିତାଟି ମନସ୍ତତ୍ତ୍ୱର ଏହି ଦୃଷ୍ଟି କୋଣରୁ ପିଲାଂକ ପାଇଁ ରୁଚି ସଂପନ୍ନ ହୋଇ ପାରିଚି ।

କବିତାଟିର ପ୍ରଥମ ପଦ ହେଲା–

ଆସ ଗୋ ବଉଳ ଆ'ରେ ହରି
ଦେଖିବ ଆମ ନେତ
ଦେବି ମୁଁ, ଖାଇବ କଅଁଳ ଦୁବ
ଗ୍ୱଟିବ ସେ ମୋ ହାତ ।

ଉପର୍ଯୁକ୍ତ ପଦଟିରେ ପିଲାଟିର ସାଙ୍ଗ ସାଥିମାନଙ୍କୁ ନିଜର ଅତି ଆପଣାର 'ନେତ'କୁ ଦେଖାଇବାରେ ଇଚ୍ଛା ପ୍ରକାଶ ପାଇ ପାରିଛି । ପିଲାଟି ନିଜେ ନେତକୁ କଅଁଳ ଦୁବ ଘାସ ଖାଇବାକୁ ଦେବା ଓ ନେତ ପିଲାଟିର ହାତ ଗ୍ୱଟିବା ଘଟଣା ଯୋଗୁଁ ପିଲାଟି ମନରେ ଭରି ଆସିଛି ଅଫୁରନ୍ତ ଆନନ୍ଦ । ଅତି ସରଳ ଓ ତରଳ କାବ୍ୟିକ ଶୈଳୀରେ ବର୍ଣ୍ଣିତ ପଦଗୁଡ଼ିକର ଭବ ବିନ୍ୟାସ ପିଲାଟିର ଭବନା ଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବାରେ ସାହାଯ୍ୟ କରିଥାଏ । ପ୍ରଥମ ପଦ ସହିତ ଶେଷ ପଦର କେତୋଟି ପଂକ୍ତିର ପୁନରାବୃତ୍ତି ହୋଇଥିବାରୁ ପିଲା କବିତାଟିର ପ୍ରାରମ୍ଭରେ ଥିବା ବର୍ଣ୍ଣିତ ପରିବେଶକୁ ପୁଣି ଥରେ ଫେରି ଆସେ । ଅନେକ ସମୟରେ ଏପରି ପୁନରାବୃତ୍ତି ମଧ୍ୟ ଶିକ୍ଷଣକୁ ତ୍ୱରାନ୍ୱିତ କରିଥାଏ । ଉଦାହରଣ ସ୍ୱରୂପ–

ଗୋଡ଼ ସଂଧିରେ ମୁହଁ ଗଳାଇ
କୁତୁ କୁତୁ କରି ପହ୍ନା ହଲାଇ
ଚିର ଓଟାରି ଦୁହିଁବି ଦୁଧ
ମାରିବ ନାହିଁ ସେ ନାତ
ଆସ ଗୋ ବଉଳ ଆ'ରେ ହରି
ଦେଖିବ ଆମ ନେତ
ଦେବି ମୁଁ, ଖାଇବ କଅଁଳ ଦୁବ
ଗ୍ୱଟିବ ସେ ମୋ ହାତ ।

Digitized by PPRACHIN, SOA

ପ୍ରକାଶିତ ୨୨ଟି କବିତା ମଧ୍ୟରୁ ନୀଳକଂଠ ୩ଟି କବିତା ଗାଈ ବିଷୟରେ ଲେଖିଥିବାରୁ ପ୍ରତୀୟମାନ ହେବ ଯେ ସେ ପିଲାଙ୍କର ମନସ୍ତତ୍ତ୍ୱ ସଂବଧରେ ବିଶେଷ ଅବହିତଥିଲେ, କାରଣ ଶିଶୁମାନେ ସାଧାରଣତଃ ଗାଈଙ୍କୁ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କଠାରୁ ଅଧିକ ସୁଖ ପାଂ’ତି । ପୁଣି କବିତା ଗୁଡ଼ିକ ଏପରି ଛନ୍ଦ ଓ ଶୈଳୀରେ ଲିଖିତ ଯେ ପିଲାଏ ଅଝଟ ହେବା ବେଳେ ମା’ମାନେ ଏଇ କବିତା ଗାନ କରି ତାଙ୍କୁ ବୁଝାଇ ଶୁଆଇ ପକାଇ ପାରନ୍ତି । ଅନ୍ୟ କଥାରେ ଏହା ପଲ୍ଲୀକବି ନଂଦ କିଶୋରଂକ “ନନାବାୟା ଗୀତ” (Lullabies)ର ସମକକ୍ଷ ହୋଇଥାଏ ।

## ପାରିବାରିକ ସ୍ନେହ ଶ୍ରଦ୍ଧା ବିଷୟକ ଲେଖା :

**କ) ଟିକି ଭଉଣୀ**–ପାରିବାରିକ ସ୍ନେହ ଓ ଶ୍ରଦ୍ଧାର ବର୍ଣ୍ଣନା ଥିବା ସାହିତ୍ୟ ହେଉଛି ଶିଶୁମନର ଏକ ଉପଜୀବ୍ୟ ବସ୍ତୁ । ଟିକି ପିଲାଏ ସ୍ନେହ ଗ୍ରହାନ୍ତି ; ଟିକିଏ ସ୍ନେହ ଓ ଆଦର ପାଇଲେ ଆପଣା ଛାଏଁ ଭଲ ଭାବରେ ବଢ଼ି ଚାଲନ୍ତି । ତେଣୁ ସ୍ନେହ ଓ ଶ୍ରଦ୍ଧାର କଥା ଓ କାହାଣୀ ବହନ କରୁ-ଥିବା ସାହିତ୍ୟ ତା’ର ମନ ଓ ପ୍ରାଣକୁ ଛୁଏଁ । ପଣ୍ଡିତ ନୀଳକଂଠ ତାଂକର “ଟିକି ଭଉଣୀ” କବିତାଟିରେ ମାମୁଁ ଘରୁ ଆଣିଥିବା କଂଢେଇକୁ ନେଇ ଦୁଇ ଭାଇ ଓ ଭଉଣୀ ମଧ୍ୟରେ ହୋଇଥିବା କଳିଆ ଓ ଭଉଣୀର କଳିଆ ସମାଧାନ କରିବାର ଚାତୁର୍ଯ୍ୟ ସଂପର୍କରେ ବର୍ଣ୍ଣନା କରି ଅଛନ୍ତି । କବିତାଟିର ବିଷୟ ବସ୍ତୁ ହେଲା–ମାମୁଁ ଘରୁ ଆଣିଥିବା ତିନୋଟି କଂଢ଼େଇ ମଧ୍ୟରୁ ବୋଉ ବଡ଼ କଣ୍ଢେଇଟିକୁ ଭଉଣୀକୁ ଦେଲେ ଓ ସାନ କଣ୍ଢେଇଟିକୁ ଭାଇକୁ ଦେଲେ । ସାନ କଣ୍ଢେଇଟିଏ ନେବାକୁ ଅନ୍ୟ ଭାଇଟି କଳିଆ କଲା ଓ ଟଣା ଭିଡ଼ା ମଧ୍ୟରେ କଣ୍ଢେଇଟି ଭାଙ୍ଗିଗଲା ଓ ଭାଇ ଜଣକ କଣ୍ଢେଇଟି ପାଇବା ପାଇଁ କାନ୍ଦିବାକୁ ଆରମ୍ଭ କଲା । ଭାଇର କାନ୍ଦ ଦେଖି ଟିକି ଭଉଣୀର ମନରେ ଦୁଃଖ ଭରି ଆସିଲା । ଆଖି ଛଳ ଛଳ ହେଲା । କବି ଟିକି ଭଉଣୀର ଭାଇ ପ୍ରତି ସ୍ନେହ ଓ ଶ୍ରଦ୍ଧାର ବର୍ଣ୍ଣନା କରିବାକୁ ଯାଇ ଭାଇ ମୁହଁରୁ କୁହାଇଛନ୍ତି–

ଟିକି ଭଉଣୀଟି ଧଇଲା ମୋ ହାତ
ଛଳ ଛଳ ଆଖି କରି
ଯାକୁ ତ ନେଏ ଭାଇ ବୋଲି କହି ମତେ
କାନ୍ଦିଲା ମୋ ହାତ ଧରି ।

Digitized by PPRACHIN, SOA

**ଖ) ହଟିଆ ଲୁଚିବା କଥା**—ଟିକି ଭଉଣୀ କବିତା ପରି "ହଟିଆ ଲୁଚିବା କଥା" ମଧ୍ୟ ପାରିବାରିକ ସ୍ନେହ ଓ ଶ୍ରଦ୍ଧାର କାହାଣୀ ବର୍ଣ୍ଣନା କରେ । ବାପାଙ୍କ ସହିତ ପିଲମାନେ ଏକାଠି ବସି ଖାଇବା ଏକ ସୁସ୍ଥ ପରଂପରା ଓ ପିଲମାନେ ଏହାକୁ ବଡ଼ ସୁଖ ପାଆନ୍ତି । ହଟିଆର ଖାଇବା ବେଳେ ହଟିଆକୁ ସାଥିରେ ବସାଇ ଖୁଆନ୍ତି । ଦିନେ ବାପା ଗାଧୋଇ ଆସି ହଟିଆର ମା'କୁ ଭାତ ବାଢ଼ିବାକୁ କହିଲେ । କୁନି ପିଲ ହଟିଆ ମନରେ ବାପାଙ୍କ ସହିତ ଟିକିଏ ମଜା କରିବା ପାଇଁ ଉତ୍କଣ୍ଠା ଦେଖା ଦେଲା । ସେ ମାଆକୁ କହିଲା, "ଲୁଚିଯିବି ମୁଁ ଠିଆ ହେବୁ କରି ଆଡ଼ ।"

ଏହା କହି ହଟିଆ କବାଟ କୋଣରେ ଓଳିଆ ସନ୍ଧିରେ ଲୁଚି ଗଲା । ବାପା ହଟିଆ ସହିତ ବସି ଖାଇବା ପାଇଁ ତାକୁ ଖୋଜିଲେ । ପୁଅକୁ ଦାଣ୍ଡରେ ଖେଳିବାର ଦେଖିଲେ ନାହିଁ । କହିଲେ, "ସେ ବା ଦାଣ୍ଡକୁ କାହିଁକି ଯାଆନ୍ତା ? ଦୁଇ ପହରିଆ ବେଳେ କ'ଣ କିଏ ଦାଣ୍ଡରେ ଖେଳେ ? କବିଙ୍କ ଭଷାରେ—

କବାଟ କଣକୁ ଗୁହିଁଲେ ଥରେ
ହସିଲା ହସିଲା ହୋଇ
ମାଆକୁ କହିଲେ ହଟିଆ ତେବେ
ପଡ଼ିଥିବ ଆଜି ଶୋଇ ।

ଶିଶୁ ମନସ୍ତତ୍ତ୍ୱ ଜାଣି ନ ଥିବା ତଥା-କଥିତ ସାହିତ୍ୟିକ, ସାଧାରଣତଃ ହଟିଆ ବାପାଙ୍କ ସହିତ ମଜା କରୁଥିବା ଘଟଣାକୁ ପୁଅ ବାପାଙ୍କୁ କ'ଣ ଥଟ୍ଟା କରୁଛି ବୋଲି ବର୍ଣ୍ଣନା କରି ବାପା ହାତରେ ପୁଅକୁ ମାଡ ଖୁଆଇ ସନ୍ତୁଷ୍ଟ ହୋଇଥାନ୍ତେ । ସେ ଶିଶୁର ନିଷ୍ପାପ ହୃଦୟରେ ନିଗୁଢ଼ତମ ପ୍ରଦେଶରେ ଗୁରୁଜନଙ୍କ ପ୍ରତି ରହିଥିବା ଅନନ୍ୟ ସ୍ନେହ ଓ ଶ୍ରଦ୍ଧା କଥା ବୁଝି-ନଥାଂତେ । ମାତ୍ର ପଂଡ଼ିତ ନୀଳକଂଠ ପିତାର ହୃଦୟରେ ପୁଅ ପ୍ରତି ଥିବା ଅନୁରୂପ ଭକ୍ତି ଓ ଶ୍ରଦ୍ଧା ସଂପର୍କରେ ସଚେତନ ଥିଲେ । ସେହିପରି ବାପା ଯଦି ପୁଅକୁ ଦେଖି ନ ଦେଖିଲା ପରି ନ ହୋଇ ପ୍ରତ୍ୟକ୍ଷ ଭବରେ ପୁଅକୁ କବାଟ କୋଣରୁ ଆସିବାକୁ କହିଥାନ୍ତେ, ତେବେ ହଟିଆ ମନ ମଧ୍ୟରେ ପିତାଙ୍କ ହୃଦୟରେ ଚମକ ଆଣି ତାଙ୍କୁ ଚମତ୍କୃତ କରିବାକୁ ଭବିଥିବା

Digitized by PPRACHIN, SOA

କୌଶଳ ପାଣି ଫୋଟକା ପରି କ୍ଷଣକେ ମିଳେଇ ଯାଇଥାନ୍ତା । ତେଣୁ ପୁଅକୁ ଦେଖି ନ ଦେଖିଲା ପରି ଯେତେବେଳେ ବାପା କହିଲେ ବୋଧହୁଏ "ହଟିଆ ତେବେ ପଡ଼ିଥିବ ଆଜି ଶୋଇ" । ସେହି ସ୍ଥାନରେ ଶିଶୁ ମନର ଉତ୍କଣ୍ଠା ଏକ ଶୀର୍ଷ ସ୍ଥାନରେ ପହଞ୍ଚି ପାରିଲା ଓ ହଟିଆ ଆପେ ଆପେ କବାଟ କୋଣରୁ ପଦାକୁ ବାହାରି ଆସିଲା । ଏହିପରି ଶିଶୁ ମନସ୍ତତ୍ତ୍ୱର ଭିତ୍ତି ଭୂମି ଉପରେ ପ୍ରତିଷ୍ଠିତ ଏକ ଚିତ୍ତାକର୍ଷକ ବିଷୟ ବସ୍ତୁକୁ ନୀଳକଂଠ ଅତି ମାର୍ମିକ ଭବେ ବର୍ଣ୍ଣନା କରିବାକୁ ଯାଇ ଲେଖିଛଂତି—

ଦୁଇକିନି ଏବେ ହଟିଆ ଉଠି
ମାଆ ପଛଆଡେ ଠିଆ
ତାଳି ମାରି ମାରି ଉଠିଲା ହସି
ବୋଇଲା, "ଶୁଅନ୍ତି କିଆଁ ?"
ହସି ହସି ଯାଇ ବାପାଙ୍କ କୋଡ଼େ
ଖାଇବାକୁ ଗଲା ବସି
କେଉଁଠି ଥିଲା କି ପୁଅଟି ମୋର ?
ବପା ପଚ୍ଚରିଲେ ହସି ।

## ଶ୍ରମ ପ୍ରତ ଆଗ୍ରହ ସୃଷ୍ଟି :

କାମ କରିବା ଅନେକ ସମୟରେ ମଣିଷ ଉପରେ ବୋଝ ସ୍ୱରୂପ ହୁଏ, ଯଦି ମଣିଷ କାମ କରିବାର ଶୈଳୀ ଓ ଉଦ୍ଦେଶ୍ୟ ବୁଝି ନ ଥାଏ । ଆଜିର ଶିକ୍ଷା, ଦର୍ଶନ, କାମ ଓ ଖେଳ ମଧ୍ୟରେ କୌଣସି ପ୍ରଭେଦ ଦେଖେ ନାହିଁ । ତେଣୁ ଶିକ୍ଷାବିତ୍‌ମାନେ ଶିଶୁର ଶିକ୍ଷା ପ୍ରାରମ୍ଭରୁ ହିଁ ଶିଶୁ ମନରେ କାମ ପ୍ରତି ଆଗ୍ରହ ଓ ଶ୍ରଦ୍ଧା ଜନ୍ମାଇବାକୁ ଚେଷ୍ଟା କରନ୍ତି । ସେଇପରି ଶ୍ରଦ୍ଧାର ଗ୍ରର ଗଛଟି ଯଦି ଥରଟି ପାଇଁ ଶିଶୁ ମନରେ କଅଁଳି ଉଠିବ, ତେବେ ଶିଶୁ କୌଣସି କାମ କରିବାକୁ ପଛେଇବ ନାହିଁ । ବରଂ କାମ ତା'ପାଇଁ ଖେଳ ସଦୃଶ ମନେ ହେବ । ସେ ଶ୍ରମର ମର୍ଯ୍ୟାଦା ମଧ୍ୟ ବୁଝି ପାରିବ । ଯେଉଁ ଜାତି ଶ୍ରମର ମର୍ଯ୍ୟାଦା ସଂପର୍କରେ ତା'ର ପିଲାମାନଙ୍କୁ ଯଥାଯଥ ଭବେ ବୁଝାଇ ପାରିଛି, ଆଜି ପିଲା ବଡ ହୋଇ ଦେଶର

Digitized by PPRACHIN, SOA

ନାଗରିକ ହେବାରେ ସେ ଜାତି ବିଶ୍ୱ ଦରବାରରେ ନିଜର ଅର୍ଥନୈତିକ ସ୍ୱାଧୀନତାର ଉନ୍ନତ ପରିଚୟ ମଧ୍ୟ ଦେଇ ପାରିଛି ।

ଭାରତର ଶିଶୁ କ୍ରମେ ବଡ଼ ହୋଇ ଦେଶର କୃଷକ ଭାବେ ଭାରତର ଭାଗ୍ୟ ନିୟନ୍ତ୍ରଣ କରୁଥିଲା ବେଳେ ଶିଶୁକୁ ସେହି କୃଷକର ପରିଶ୍ରମର ସାଫଲ୍ୟ (Dignity of Labour) ସଂପର୍କରେ ପରିଚିତ କରାଇବା ହେଉଛି ପ୍ରତ୍ୟେକ ଚେତନାଶୀଳ ସାହିତ୍ୟିକଙ୍କର କର୍ତ୍ତବ୍ୟ ।

## ଚଷାର ଭାଗ୍ୟ :

ପଂଡ଼ିତ ନୀଳକଂଠଂକ ଲେଖନୀ "ଚଷାର ଭାଗ୍ୟ" କବିତାରେ ସେହି କର୍ମପ୍ରାଣ ଚାଷୀଟି ସଂପର୍କରେ ବର୍ଣ୍ଣନା କରିବାକୁ ଯାଇ ଲେଖଂତି–

ସହିଛି ସେ ଜ୍ୟେଷ୍ଠ ଖରା, ଶ୍ରାବଣର ବରଷା
ଏବେ ଲାଗିଅଛି ତା'ର ପୁଷ୍ଟ ସୁଖ ବେଉଷା ।

ନିଜେ ପରିଶ୍ରମର ମୂଲ୍ୟ ପାଇବା ସଂଗେ ସଂଗେ ସମାଜକୁ ଓ ଜଗତକୁ ଚଷାର ଶ୍ରମର ଅବଦାନ ସଂପର୍କରେ ଚେତାଇ ନୀଳକଂଠ ସୂଚାଇଛନ୍ତି–

ଚଷାର ପରମ ଭାଗ୍ୟ, ନିତି ଲାଗିଥାଏ ସେ
ଉପୁଜାଏ ଧାନ ସେଥୁ, ନିଏ କେତେ କିଏ ସେ ।
ତାହାରି ବଂଟାରେ ଭୁଂଜେ ସୁଖ ଶାନ୍ତି ଏ ମହୀ
ତାହାରି କରମ ଫଳେ ରାଜ୍ୟ ଲକ୍ଷ୍ମୀ ହସଇ ।

## ଜାତୀୟତାବୋଧ ସୂଚକ କବିତା :

ଚିରନ୍ତନ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ସାହିତ୍ୟ କେବଳ ଶିଶୁ ମନରେ କାହିଁକି ବୟସ୍କମାନଙ୍କ ମନରେ ମଧ୍ୟ ନବ ଜାଗରଣ ସୃଷ୍ଟି କରିଥାଏ । ସେହିପରି ଜାତିର ଗର୍ବ ଓ ଗୌରବର ପ୍ରତୀକ ଜାତୀୟ ପତାକା ଆମ ସମସ୍ତଙ୍କର ମନରେ ଜାତି ପାଇଁ ସ୍ୱତନ୍ତ୍ର ମୂଲ୍ୟବୋଧ ସୃଷ୍ଟି କରିଥାଏ ।

Digitized by PPRACHIN, SOA

ଏହି ମୂଲ୍ୟବୋଧକୁ ଶିଶୁ ଆଗ୍ରହର ସହିତ ଗ୍ରହଣ କରିଥାଏ । ଯେପରି ସେପରି ଭବରେ କୌଣସି ତଥ୍ୟଗତ ବିଷୟବସ୍ତୁ ବର୍ଣ୍ଣନା କରିଦେଲେ ଯେ ଶିଶୁ ତାକୁ ସ୍ୱତଃ ପ୍ରବୃତ୍ତ ଭବେ ଗ୍ରହଣ କରିଯିବ, ସେପରି ଭବିବା ଠିକ୍ ହେବ ନାହିଁ ।

## ଆମ ଜାତୀୟ ପତାକା :

ପଂଡ଼ିତ ନୀଳକଂଠ ଜାତୀୟ ପତାକାକୁ ସମ୍ମାନନୀୟ ରୂପ ନେଇ ତାଂକର "ଆମ ଜାତୀୟ ପତାକା" କବିତାରେ ଲେଖିଛନ୍ତି–

ଉଡ଼ରେ ପତାକା ଉଡ଼ ତୁ ଉଚ୍ଚ ପବନେ ଖେଳି
ରହୁ ଏ ଭରତ ଜଗତେ ଟେକି ଉଚ୍ଚ ମଉଳି
କି ଲାଲ, କି ନେଳି, କି ଧଳା ସବୁ ଯାଉରେ ମିଶି
ଗଗନ ପବନେ ଭରତ ବାନା ଦିଶୁ ଝଲସି ।

× × ×

ତୁହିରେ ଜାତିର ଜୀବନ ଆମ ପ୍ରାଣ ଦେବତା
ତୋହରି ଲହରେ ଖେଳୁରେ ଆମ ଶୁଭ ବାରତା ।

ପଂଡ଼ିତ ନୀଳକଂଠ ଏକାଧାରରେ ଜଣେ ସାହିତ୍ୟିକ, ରାଜନୀତିକ, ଦାର୍ଶନୀକ ଓ ମନସ୍ତତ୍ତ୍ୱବିତ୍ ଥିଲେ । ତେବେ ଶିଶୁ ସାହିତ୍ୟ ରଚନା କରିବା ପାଇଁ ଯେ, ଜଣେ ସାହିତ୍ୟିକ ମନସ୍ତତ୍ତ୍ୱରେ ଡ଼ିଗ୍ରୀ ହାସଲ କରୁଥିବେ, ସେପରି ବିଗ୍ଭର କରିବା ନିରର୍ଥକ ମନେହୁଏ । ମାତ୍ର ସଫଳ ଶିଶୁ ସାହିତ୍ୟ ରଚନା କରିବା ପାଇଁ ଶିଶୁର ମନ ଓ ଚିନ୍ତନ ଶକ୍ତି ସଂପର୍କରେ ପ୍ରତ୍ୟେକ ଶିଶୁ ସାହିତ୍ୟିକଙ୍କର ସମ୍ୟକ ଧାରଣା ରହିବା ବିଧେୟ । ତାହାହେଲେ ସେମାନେ ରଚନା କରୁଥିବା ସାହିତ୍ୟ ଶିଶୁ ମନସ୍ତତ୍ତ୍ୱର ପରିପନ୍ଥୀ ହେବ ନାହିଁ । ଏହି ଦୃଷ୍ଟିକୋଣରୁ ବିଗ୍ଭର କଲେ, ନିଃସଂଦେହରେ କୁହାଯାଇ ପାରିବ ଯେ, ପଂଡ଼ିତ ନୀଳକଂଠଂକ ରଚିତ ଶିଶୁ ସାହିତ୍ୟ ଶିଶୁ ମନସ୍ତତ୍ତ୍ୱର ଧାର ଓ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ । ତେଣୁ ତାଙ୍କ ରଚିତ ପିଲାଙ୍କ ଗୀତ ଓ ଅନ୍ୟାନ୍ୟ ଶିଶୁ ସାହିତ୍ୟ କୃତି ଶିଶୁଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ, ଉପଯୋଗୀ ଓ ଚିତ୍ତାକର୍ଷକ ହୋଇ ପାରିଛି ।

(ସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟ
ଅ ନୁ ଗୋ ଳ)

Digitized by PPRACHIN, SOA

# ଗ୍ରନ୍ଥସୂଚୀ

୧ । ନୀଳକଂଠ ଗ୍ରନ୍ଥାବଳୀ—କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ ୧୯୬୩

୨ । ନୀଳକଂଠ ସ୍ମାରକୀ—ପଂଡ଼ିତ ନୀଳକଂଠ ସ୍ମୃତି ସମିତି, ୩୦୩ ଖାରବେଳ ନଗର, ଭୁବନେଶ୍ୱର ।

୩ । Thompson, G.-Child Psychology, The times of India Press, Bombay, 1968.

୪ । Jafa, M—Writting for Children, Children Book Trust, Nehru House, 4, Bahadurshah Jafar Marg, New Delhi 1982.

୫ । Braham, D—A Study of the Educational Implications of Children's Literature—unpublished Ph. D. Thesis, Utkal University, 1984.

Digitized by PPRACHIN, SOA

# ପଂଡିତ ନୀଳକଂଠଂକ ଶିଶୁ-ରଚନାର ଭାଷା ଓ ଶୈଳୀ : ଏକ ସୂଚନା

ଡଃ ମନୀନ୍ଦ୍ର ମହାନ୍ତି

॥ ଏକ ॥

## ଉପକ୍ରମ ·

ପଂଡ଼ିତ ନୀଳକଂଠ ଦାସଙ୍କ ସାହିତ୍ୟ ସାଧନାର ବିଭିନ୍ନ ଦିଗ ସଂପର୍କରେ ବିଭିନ୍ନ ଆଲୋଚକ ଓ ଗବେଷକ ଆଲୋଚନା କରିଛନ୍ତି । ମାତ୍ର ତାଙ୍କର ଶିଶୁ-ରଚନା ଦିଗଟି ପ୍ରତି ଗୁରୁତ୍ୱ ପ୍ରଦାନ କରଯାଇ ନାହିଁ ।

ପଂଡ଼ିତ ନୀଳକଂଠ ଶିଶୁ-ରଚନା ଦିଗରେ ମନ ବଳାଇବା ପାଇଁ ଏକ ଅନୁକୂଳ ବାତାବରଣ ଲଭ କରିଥିଲେ । ସେ ପ୍ରସଙ୍ଗରେ ପ୍ରଥମେ ଆଲୋକପାତ କରିବା ଆବଶ୍ୟକ । ସେ ସତ୍ୟବାଦୀ ବନ-ବିଦ୍ୟାଳୟରେ ଦୀର୍ଘ ସାତବର୍ଷ ବ୍ୟାପୀ ଅର୍ଥାତ୍ ୧୯୧୧ ମସିହା ଅକ୍ଟୋବର ମାସଠାରୁ ୧୯୧୮ ମସିହା ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଶିକ୍ଷକତା କରି ଛାତ୍ର-ମାନଙ୍କର ଖୁବ୍ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ତେଣୁ ପିଲମାନଙ୍କର ମାନସିକ ଅବସ୍ଥା ଓ ରୁଚି ପ୍ରତି ସେ ପରିଚିତ ହେଲେ । ସତ୍ୟବାଦୀର ବକୁଳ ଛୁରୀଅନା କୁଞ୍ଜ ମଧ୍ୟରେ ଛାତ୍ରମାନଙ୍କ ଗହଣରେ ଛାତ୍ରାବାସରେ ବାସ କରୁଥିବାରୁ ତାଙ୍କ ହୃଦୟରେ ଛାତ୍ରମାନଙ୍କ ପ୍ରତି ଏକ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି ହୋଇଥିଲ ।

ସେ ଜଣେ ଛାତ୍ର-ପ୍ରାଣ ଶିକ୍ଷକ ଥିଲେ । ତେଣୁ ସେ ସବୁବେଳେ ଛାତ୍ରମାନଙ୍କ ସହିତ ମିଶିବାକୁ ଚେଷ୍ଟା କରୁଥିଲେ । ସେ 'ଆତ୍ମଜୀବନୀ' ପୁସ୍ତକରେ ସ୍ପଷ୍ଟ ଭବରେ ଲେଖିଛନ୍ତି—"ଅନୁଭବ କରେ, ସାଧାରଣ ଛାତ୍ରଙ୍କ ପାଖରୁ ମୁଁ ହୁଏତ ଦୂରେଇ ଯାଇଛି । ସେଥିପାଇଁ ତାଙ୍କ ସହିତ ମିଶିବାକୁ ଚେଷ୍ଟା କଲେ ।" (ନୀଳକଣ୍ଠ ଗ୍ରନ୍ଥାବଳୀ—୧ମ ଖଣ୍ଡ, ଆତ୍ମଜୀବନୀ—ପୃ : ୭୧ )

Digitized by PPRACHIN, SOA

ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରତି ଶନିବାର ଦିନ ଛାତ୍ର-ମାନଙ୍କର ଆଲୋଚନା ସଭା ହେଉଥିଲା । ଏଥିରେ ପ୍ରବନ୍ଧ ପାଠ ଓ ବକ୍ତୃତା ହେଉଥିଲା । ପରେ ପରେ ନୀଳକଂଠ ଏହି କାର୍ଯ୍ୟକ୍ରମରେ ଏକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ସଂଯୋଗ କରିଦେଲେ । ଏହି କାର୍ଯ୍ୟକ୍ରମଟି ହେଲା–ମାସର ଶେଷ ଶନିବାର ଦିନ ଏକ ବୈଠକ ବସିବ । ଏହାର ନାମ 'Lalegro Club' । ଏଥିରେ ପ୍ରବନ୍ଧ ପାଠ, କବିତା ଆବୃତ୍ତି, ଗଳ୍ପପାଠ, ବକ୍ତୃତା ଓ ଆଲୋଚନା ଆଦି ସ୍ଥାନ ପାଉଥିଲା । ଏହି କାର୍ଯ୍ୟକ୍ରମ ସତ୍ୟବାଦୀର ଛାତ୍ର ମହଲରେ ଯେ ଖୁବ୍ ପ୍ରଭାବ ପକାଇଥିଲା, ଏହାର ଦୃଷ୍ଟାନ୍ତ ଦେବାକୁ ପଡ଼ିବ ନାହିଁ ।

ପିଲାମାନଙ୍କ ପାଇଁ ଏହିପରି ଏହିପରି ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଛାତ୍ର-ପ୍ରାଣ ନୀଳକଂଠଂକ ମନରେ ଉଦୟ ହୋଇଛି–ସେମାନଙ୍କ ପାଇଁ ରଚନା କରିବାର ମନୋବୃତ୍ତି ଏବଂ ଏହି ଯେଉଁ ବୀଜ ରୋପିତ ହୋଇଥିଲା, ତାହା ପରବର୍ତ୍ତୀ କାଳରେ ଅଙ୍କୁରୋଦ୍‌ଗମ ହୋଇ ଶାଖା ପ୍ରଶାଖା ମେଲାଇ ଦ୍ରୁମରେ ପରିଣତ ହୋଇଥିଲା ।

ସତ୍ୟବାଦୀ ଗୋଷ୍ଠୀଙ୍କ ସାହିତ୍ୟର ଚାରଣ ଭୂମି ହେଲା–ଜାତୀୟତା ଭାବ । ଜାତିକୁ ଦୃଢ଼ କରିବାକୁ ହେଲେ ଜାତିର ବଂଶଧରମାନଙ୍କୁ ତାଲିମ ପ୍ରଦାନ କରି ସୁନାଗରିକ କରିବା ଆବଶ୍ୟକ, ସେମାନଙ୍କ ଭିତରେ ଜାତୀୟ ଚେତନା ଉଦ୍ରେକ କରିବା ଆବଶ୍ୟକ । ଏହିପରି ଏକ ପବିତ୍ର ଉଦ୍ଦେଶ୍ୟରେ ସତ୍ୟବାଦୀ ବନ ବିଦ୍ୟାଳୟର ସୃଷ୍ଟି । ତେଣୁ, ଶିଶୁ ଶକ୍ତିକୁ ଏକ କଲ୍ୟାଣ-ମୟ ପରିବେଶ ମଧ୍ୟରେ ନେଇ ଦେଶ ପାଇଁ ସୁନାଗରିକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ମଣିଷ ଗଢ଼ିବା ଥିଲା ଏହି ବିଦ୍ୟାଳୟର ଲକ୍ଷ୍ୟ । ସେଥିପାଇଁ ଗୋପବଂଧୁ ଏହାକୁ ସବୁବେଳେ କରିଥିଲେ–'ମଣିଷ ଗଢ଼ା କାରଖାନା' । ଏଠାରେ ଯେଉଁ ସାହିତ୍ୟିକ ଗୋଷ୍ଠୀ ସାହିତ୍ୟ ସେବାରେ ମନଯୋଗ କରି-ଥିଲେ, ସେଥିରେ ଦେଶ ପାଇଁ ଏକ ପ୍ରଗାଢ଼ ଆକର୍ଷଣ ଭାବ ଉଙ୍କୁଟି ଉଠୁଥିଲା । ଫଳରେ ସ୍ୱଦେଶର ଐତିହ୍ୟ ଓ ସଂସ୍କୃତି ପ୍ରତି ଖୁବ୍ ଆଗ୍ରହ ପ୍ରକାଶ କରଗଲା । ଆମର ଏହି ପ୍ରାଚୀନ ସାଂସ୍କୃତିକ ସଂପଦ ସହିତ ପିଲାମାନଙ୍କର ପରିଚିତ ହେବାପାଇଁ ନୀଳକଂଠ ପିଲାଙ୍କ ରାମାୟଣ, ପିଲାଙ୍କ

Digitized by PPRACHIN, SOA

ଭାଗବତ ଓ ପିଲାଙ୍କ ମହାଭାରତ ପ୍ରଣୟନ କରିଛନ୍ତି । ଅର୍ଥାତ୍ ସତ୍ୟବାଦୀ ସାହିତ୍ୟ ଗୋଷ୍ଠୀର ଉଦ୍ଦେଶ୍ୟ ମଧ୍ୟ ନୀଳକଂଠଂକ ପକ୍ଷରେ ଶିଶୁ ରଚନା ପାଇଁ ପ୍ରେରଣା ଯୋଗାଇଥିଲା ବୋଲି କହିବାକୁ ହେବ ।

॥ ଦୁଇ ॥

## ନୀଳକଂଠଂଙ୍କ ଶିଶୁ ସାହିତ୍ୟର ସୂଚନା

ପିଲମାନଙ୍କ ପାଇଁ ପଂଡ଼ିତ ନୀଳକଂଠ ଦାସ ଯାହା ସବୁ ରଚନା କରିଛନ୍ତି, ସେ ସବୁକୁ ଗଦ୍ୟ ଓ ପଦ୍ୟ, ଏହିପରି ଦୁଇଟି ଭାଗରେ ବିଭକ୍ତ କରଯାଇ ପାରେ ।

ପଦ୍ୟ ପର୍ଯ୍ୟାୟରେ "ପିଲାଙ୍କ ଗୀତ" ଶୀର୍ଷକରେ 'ନୀଳକଂଠ ଗ୍ରନ୍ଥାବଳୀ' (୧ମ ଖଣ୍ଡ)ରେ ସଂକଳିତ ବାଇଶିଗୋଟି ଶିଶୁଗୀତ (ସୋପୁଅ କେଳା, ଆମ ନେତ, ମାଛି ଓ ବୁଢ଼ିଆଣୀ, ହଟିଅ ଲୁଚିବା କଥା, ଜହ୍ନ ମାମୁଁ, ମୋ'ଅରି ଗାଈ ସେ ଯାତ, ବେଙ୍ଗ ଓ ବୁଢ଼ିଆଣୀ, ଆ ମୋ ପାଟ, ଟିକି ଭଉଣୀ, ଚକା ଫଳ ନ ଖାଉଁ, ପିଲ ଓ ଚଢ଼େଇ, ବଡେଇ ବାଳକ, ମୋ ରଜା, ମୋ ଟିକିଘର, କି ସୁନ୍ଦର ଏ ସଂସାର, ଆମ ଜାତୀୟ ପତାକା ପ୍ରଭୃତି) ପଦ୍ୟ ପର୍ଯ୍ୟାୟରେ ନୀଳକଂଠଂକ କୃତି ପ୍ରଣିଧାନ ଯୋଗ୍ୟ ।ଏ ଗୁଡ଼ିକ ଦୀର୍ଘ ରଚନା ହେଲେ ମଧ୍ୟ ଏହା ଶିଶୁ ମହଲରେ ଖୁବ୍ ପ୍ରିୟତା ଲଭ କରିଥିଲା । ଏହି କେତୋଟି ଶିଶୁ ରଚନା କୃତି ହେଲା—

(କ) ପିଲାଂକ ରମାୟଣ, (ଖ) ପିଲାଂକ ଭାଗବତ, (ଗ) ପିଲାଙ୍କ ମହାଭରତ ।

॥ ତିନି ॥

## ଶିଶୁ ମାନଙ୍କର ଆକର୍ଷଣ ନିମଂତେ ନୀଳକଂଠଙ୍କର ସଫଳ ପ୍ରଚେଷ୍ଟା

ଶିଶୁ ଯେଉଁ ପରିବେଶରେ ନିଜକୁ ଦେଖେ, ନିଜର ପରିଚିତ ବ୍ୟକ୍ତି ଚରିତ୍ର, ପଦାର୍ଥ, ଜୀବଜନ୍ତୁ, ସ୍ଥାନ ପ୍ରଭୃତିକୁ ଦେଖେ ସେତେବେଳେ

Digitized by PPRACHIN, SOA

ସେ ଉଲ୍ଲସିତ ହୋଇ ଉଠେ । ସେହି ପରିବେଶ ତା'ର ଆତ୍ମୀୟ ପରି ମନେ ହୁଏ । ତେଣୁ, ତାକୁ ସେ ସରଳରେ ଗ୍ରହଣ କରିନିଏ ।

ନୀଳକଣ୍ଠଙ୍କ ପିଲଙ୍କ ରାମାୟଣ, ପିଲଙ୍କ ଭାଗବତ ଓ ପିଲଙ୍କ ମହାଭାରତରେ ବିଷୟ ପୌରାଣିକ । ତେଣୁ କେବଳ ଶିଶୁର ପରିବେଶକୁ ପୂର୍ଣ୍ଣତଃ ରକ୍ଷା କରାଯାଇପାରିବା ସ୍ୱାଭାବିକ ନୁହେଁ । ତଥାପି ନୀଳକଣ୍ଠ ବିଭିନ୍ନ ଚରିତ୍ରର ବାଲ୍ୟ ଓ କୈଶୋର କାଳର ବିଷୟକୁ ଯଥା ସମ୍ଭବ ବିସ୍ତୃତ ଭାବରେ ପ୍ରଦାନ କରି ସେହି ଚରିତ୍ର ଗୁଡ଼ିକ ଯେ ତାଙ୍କର ପରିଚିତ, ଏହିପରି ଏକ ପ୍ରତ୍ୟୟ ସୃଷ୍ଟି କରିଛନ୍ତି ଶିଶୁମାନଙ୍କ ମନରେ । ପିଲଙ୍କ ରାମାୟଣରେ ରାମଙ୍କ ପିଲଦିନର ବିଦ୍ୟାଧ୍ୟୟନ, ପିଲଙ୍କ ଭାଗବତର 'ବାଳଲୀଳା'ରେ ଶିଶୁ ଶ୍ରୀକୃଷ୍ଣଙ୍କର ମାଟି ଖାଇବା, ପିଲମାନଙ୍କୁ ଚିମୁଟିବା, ଦୁଧ ଓ ଲହୁଣୀ ଖାଉଁ ଖାଉଁ ବାକିତକ ମାଙ୍କଡ଼କୁ ଦେବା, ଦୁଷ୍ଟାମି କରୁଥିବା ଯୋଗୁଁ ଯଶୋଦା ଶ୍ରୀକୃଷ୍ଣଙ୍କୁ ଉଦ୍‌ଖଳରେ ବାନ୍ଧି ପକାଇବା ଭିତରେ ଶିଶୁ ଦେଖିପାରେ ନିଜର ପରିବେଶ ।

ଗୀତ ମଧ୍ୟରେ ସାପୁଆ କେଳା, ଆମ ନେତ, ମାଛି ଓ ବୁଢିଆଣୀ ହଟିଆ ଲୁଟିବା କଥା, ଜହ୍ନ ମାମୁଁ, ମୋଅରି ଗାଈ ସେ ଯାତ, ବେଙ୍ଗ ଓ ବୁଢିଆଣୀ, ମୋ ପାଟ ଏବଂ ଟିକି ଭଉଣୀ ଗୀତ ଗୁଡ଼ିକ ଶିଶୁର ଅତି ପରିଚିତ ପରିବେଶକୁ ଆଧାରିତ କରି ରଚିତ ହୋଇଛି । ଯେତେବେଳେ ସେ ପଢ଼େ–

"ନାଗଟିଏ ଧରି ବେକେ ଗୁଡ଼ାଉଥିବ
ଠିଆ ହୋଇ ଅହିରଜ ଫଣା ଧରିବ
ଏଆଡ଼େ ସେଆଡ଼େ ହୋଇ ତଂପ ଯେ ଯିବ ପଳାଇ
ଡରୁଥିବେ ଲୋକେ କେଳା ସଂଭାଳି ନେବ
ଛଟକେ ଛଟକେ ବୁଲି ଖେଳାଉଥିବ ।"

ସେତେବେଳେ ଶିଶୁ ମନରେ ସାପୁଆ କେଳା ସାପ ଖେଳାଉଥିବାର ଦୃଶ୍ୟ ତା'ର ମନଶ୍ଚକ୍ଷୁ ସମ୍ମୁଖରେ ନୃତ୍ୟ କରି ଉଠେ ।

Digitized by PPRACHIN, SOA

## ଅସଂଭବ ଘଟଣା ଗୁଡ଼ିକପାଇଁ ନୀଳକଂଠଂଙ୍କର ସ୍ୱତନ୍ତ୍ର ଗଠନ ଶୈଳୀ :

ଶିଶୁର ମନ କଳ୍ପନାର ଗନ୍ତାଘର । ଏହି କଳ୍ପନା ଶକ୍ତିର ପ୍ରଖରତା ଯୋଗୁଁ ବହୁ ଅସ୍ୱାଭବିକ ବିଷୟକୁ ମଧ୍ୟ ସେ ଲେଖକୀର କଥନ ଶୈଳୀର ବୈଚିତ୍ର୍ୟରେ ବିନା ଯୁକ୍ତିରେ ଗ୍ରହଣ କରିନିଏ । ତେଣୁ କପୋଳ-କଳ୍ପିତ (Fantasy) କାହାଣୀକୁ ମଧ୍ୟ ସେ ବିଶ୍ୱାସ କରିନେଇ ଉପଭୋଗ କରେ ।

ନୀଳକଣ୍ଠଙ୍କ ପିଲଙ୍କ ରମାୟଣ, ପିଲଙ୍କ ଭଗବତ ଓ ପିଲଙ୍କ ମହାଭରତରେ ଏହିପରି ବହୁ ଅସ୍ୱାଭବିକ ଘଟଣା ଓ ଚରିତ୍ର ପଦ୍ଧଛି ହୋଇଛି । ଶ୍ରୀରମଙ୍କ ଶରରେ ମାରୀଚ ଆକାଶରେ ଉଡ଼ିଯାଇ ଶହେ ଯୋଜନ ଦୂରରେ ପଡ଼ିବା, ପଥର ମୂର୍ତ୍ତି ଅହଲ୍ୟା ଶ୍ରୀରମଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ଜୀବନ ପାଇବା, ରବଣର ଦଶଟା ମୁଣ୍ଡ, କୁମ୍ଭକର୍ଣ୍ଣଙ୍କ ଗଭୀର ନିଦ, ଦ୍ରୌପଦୀଙ୍କର ବସ୍ତ୍ରହରଣ, ବାଳକ ଶ୍ରୀକୃଷ୍ଣଙ୍କ ପୁତନା ଓ ଶକଟ ବଧ, ଶ୍ରୀକୃଷ୍ଣଙ୍କର ଗୋବର୍ଦ୍ଧନ ପର୍ବତ ଧାରଣ ପ୍ରଭୃତି ଅସ୍ୱାଭବିକ ଓ ଅସମ୍ଭବ ଘଟଣାକୁ ମଧ୍ୟ ନୀଳକଂଠ ନିଜ କଥନ ଶୈଳୀରେ ଶିଶୁର ଗ୍ରହଣ ଯୋଗ୍ୟ କରଇ ପାରିଛଂତି ।

## ପଶୁପକ୍ଷୀଂକ ସଂଗେ କଥାବାର୍ତ୍ତା :

ପିଲ ପଶୁ, ପକ୍ଷୀ, କୀଟ ପତଙ୍ଗଠାରେ ମଣିଷର ବ୍ୟବହାରକୁ ଆରୋପ କରିବ ସେ । ମଣିଷ ଯେପରି କଥାବାର୍ତ୍ତା କରେ, ତଦନୁରୂପ ପଶୁପକ୍ଷୀମାନେ ମଧ୍ୟ କଥାବାର୍ତ୍ତା କରିପାରଂତି ବୋଲି ବିଶ୍ୱାସ କରିନିଏ । ରମାୟଣର ଜଟାୟୁ ପକ୍ଷୀ ସୀତାଙ୍କୁ ଚୋରୀ କରିବାରେ ରବଣକୁ ବାଧା-ଦେବା, ଭୀମ ଓ ବାସୁକୀଙ୍କର କଥୋପକଥନକୁ ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇପାରେ ।

ସେହିପରି ତାଙ୍କର 'ଚକାପଦ ନଖାଉଁ'-(ଗଳ୍ପ), ମାଛି ଓ ବୁଢ଼ିଆଣୀ ଏବଂ ପିଲ ଓ ଚଢ଼େଇ ଗୀତରେ ବିଭିନ୍ନ ପଶୁ ପକ୍ଷୀ, କୀଟ, ପତଙ୍ଗ କଥା-ବାର୍ତ୍ତା ହୋଇଛଂତି । ମାଛି ଓ ବୁଢ଼ିଆଣୀ ଗୀତରେ ମାଛି ଯେତେବେଳେ ଡାକିଛି—

"ଆ ମୋ ଘରକୁ ଦେଖିବୁ
କେତେ ସଫା ସୁତର,

Digitized by PPRACHIN, SOA

ଘେନି ଯିବି ତଟେ ଉପରେ
ଘେଘ ପାହାଚ ବାଟେ
ସଜାଡ଼ି ରଖିଛି ଆସନ
ଝୀନ ଚିକ୍କଣ ପାଟେ ।

ସେତେବେଳେ ମାଛି ପ୍ରତ୍ୟୁତ୍ତରରେ କହିଛି—

"× × × ଯିବି ନାହିଁ ମୁଁ,
କିଆଁ ଡାକୁଛୁ ମୋତେ ?
ତୁମ ଘରେ ପଶି କିଏ ସେ
କେବେ ଫେରିଛି ସତେ ?"

## ରଚନାରେ ଗଳ୍ପଧର୍ମିତା ଶିଶୁର ପ୍ରିୟ :

ପିଲାମାନେ ଗଳ୍ପକୁ ଅଧିକ ଭଲ ପାଆନ୍ତି । କବିତା ବା ଗୀତ ହେଲେ ମଧ୍ୟ ସେମାନେ ସେଥିରେ ଗଳ୍ପଭଗକୁ ଖୋଜି ବସନ୍ତି । ସେଥି ପାଇଁ ପଂଡ଼ିତ ମହାଶୟ 'ଟକାଫଳ ନଖାଇଁ' ଗୀତରେ ଭାଲୁର ବିରୁଡ଼ି ବସା ଖାଇବା ବର୍ଣ୍ଣନା କରିଛନ୍ତି । 'ବେଙ୍ଗ ବୁଢ଼ିଆଣୀ' ଗୀତରେ ବେଂଗ କୌଶଳ କରି ବୁଢ଼ିଆଣୀକୁ ଖାଇବା ପାଇଁ ଡାକିବା ଓ ବୁଢ଼ିଆଣୀ ନ ଆସିବା ଗଳ୍ପକୁ ବର୍ଣ୍ଣନା କରିଛନ୍ତି । 'ବଢେଇ ବାଳକ' ଗୀତରେ ଧର୍ମପଦର ତ୍ୟାଗକଥାକୁ ସେ ବଡ଼ ଆକର୍ଷଣୀୟ କରି ବର୍ଣ୍ଣନା କରିଛନ୍ତି । ସତ୍ୟବାଦୀ ଗୋଷ୍ଠୀରେ ଯେଉଁ ସାହିତ୍ୟାଦର୍ଶ ଥିଲା, ସେଥିରୁ ଗାଥା କବିତା ବିଷୟଟି ଏହି ପ୍ରସଙ୍ଗରେ ସ୍ମରଣ କରଯାଇ ପାରେ ।

## ଶିଶୁ ସାହିତ୍ୟର ବିଷୟ ଗୁଡ଼ିକ ଯଥାସମ୍ଭବ କ୍ଷୁଦ୍ର ଓ ଉପଶୀର୍ଷକ ସଂବଳିତ ହେବା ଦରକାର ।

ପିଲାମାନଙ୍କ ପାଇଁ ରଚିତ ରଚନାଗୁଡ଼ିକ ଦୀର୍ଘ ହେବା ଅନୁଚିତ । କାରଣ ଶିଶୁ ମାନବିକତାରେ ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଛନ୍ତି ଯେ ୩ ବର୍ଷର ପିଲା ଏକ ସମୟରେ ଆଠ ମିନିଟ୍ ପର୍ଯ୍ୟନ୍ତ ଏବଂ ପାଞ୍ଚ ବର୍ଷର ପିଲା ନଅ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ବିଷୟରେ ମନୋନିବେଶ କରି-

Digitized by PPRACHIN, SOA

ପାରନ୍ତି । ନୀଳକଂଠଂକ ଗଦ୍ୟକୃତି ଗୁଡ଼ିକ ଦୀର୍ଘ ହେଲେ ମଧ୍ୟ ସେଗୁଡ଼ିକ କ୍ଷୁଦ୍ର କ୍ଷୁଦ୍ର ପର୍ଯ୍ୟାୟରେ ବିଭକ୍ତ କରି ସେଥିରେ ଉପଶୀର୍ଷକ ପ୍ରଦାନ କରି ସେ ପିଲମାନଙ୍କର ଯେପରି ଧୈର୍ଯ୍ୟଚ୍ୟୁତି ନଘଟେ ସେଥିପ୍ରତି ଦୃଷ୍ଟି ଦେଇଛଂନ୍ତି ।

## ଉପ ଶୀର୍ଷକର ଚମତ୍କାର ନାମକରଣ :

ଏହି ଉପଶୀର୍ଷକ ଗୁଡ଼ିକ ଏପରି ନାମକରଣ କରଯାଇଛି ଯେ ତାହା ପିଲମାନଙ୍କ ମନରେ ଉତ୍କଣ୍ଠା ଜାଗ୍ରତ କରେ ଏବଂ ପିଲମାନେ ତାକୁ ଗୋଟିଏ ନିଃଶ୍ୱାସରେ ପଢିଯାଆନ୍ତି । ଏହି ଉପଶୀର୍ଷକ କେତୋଟି ହେଲ "କଂସ ମଲ୍ଲ ଉତ୍ତାରୁ ଶ୍ରୀକୃଷ୍ଣ ମଥୁରାରେ କ'ଣ କଲେ ?" (ପିଲଙ୍କ ଭାଗବତ), କୈକେୟୀ ବର ମାଗିବାରୁ ଦଶରଥ କ'ଣ କଲେ ? (ପିଲଙ୍କ ରାମାୟଣ) ପାଣ୍ଡବ ବିରାଟ ନଗରରେ କିପରି ରହିଲେ ? (ପିଲଙ୍କ ମହାଭାରତ) ଇତ୍ୟାଦି ।

ପଂଡ଼ିତ ମହାଶୟ ପୁରାଣର ବିଭିନ୍ନ 'କାଣ୍ଡ' ବା 'ପର୍ବ'କୁ ଗ୍ରହଣ କଲେ ମଧ୍ୟ ସେଗୁଡ଼ିକ ଅଧ୍ୟାୟ ରୂପରେ ବର୍ଣ୍ଣନା କରି ଘଟଣା ବା ବିଷୟ ଅନୁଯାୟୀ ତା'ର ନାମ କରଣ କରିଛଂନ୍ତି । ଦୀର୍ଘ ଘଟଣାକୁ କେତୋଟି ଏକକ ବା Unitରେ ବିଭକ୍ତ କରିଦେବା ଦ୍ୱାରା ତାହା ଗୋଟିଏ ଗୋଟିଏ ଗଳ୍ପରେ ପରିଣତ ହୋଇଛି ।

ଏହି ସମସ୍ତ ହେଲ ପଂଡ଼ିତ ନୀଳକଂଠ ଦାସଂକ ଶିଶୁ ରଚନାରେ ଶିଶୁ-ସାହିତ୍ୟିକ ଉପାଦାନ ଅନୁସନ୍ଧାନ ପ୍ରସଂଗରେ କିଛି ।

## ॥ ଗ୍ଧ ॥

## ଶୈଳୀ, ବ୍ୟକ୍ତି କୈନ୍ଦ୍ରିକ

ଶିଶୁ-ସାହିତ୍ୟରେ ଭାଷା ଓ ଶୈଳୀ ହେଲ—ଏକ ପରିବେଷଣଗତ କଳା । ଏହା ଲେଖକର 'ଅମୂର୍ତ୍ତ' ଓ 'ଅନ୍ତଃରୂପ'ର 'ମୂର୍ତ୍ତ' ଓ 'ବାହ୍ୟ-ପ୍ରକାଶ' ମାତ୍ର । ଲେଖକ ତା'ର ଚିତ୍ତ ରାଜ୍ୟରେ ଉଦ୍ରିକ୍ତ ଭାବରାଜିକୁ ଯେଉଁ ରୂପରେ ପ୍ରକାଶ କରେ, ତା'ର ପ୍ରଥମ ଏକକ (Unit) କେତୋଟିକୁ

Digitized by PPRACHIN, SOA

ସୁସଜ୍ଜିତ କରି ଯେତେବେଳେ ଯଥାକ୍ରମରେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ସଜ୍ଜିତ କରଯାଏ, ସେତେବେଳେ ତା'ର ନାମ ହୁଏ–'ଶୈଳୀ' । ବିଭିନ୍ନ ବ୍ୟକ୍ତିଦ୍ୱାର ଏହି ଶବ୍ଦ ଗୁଡ଼ିକ ବିଭିନ୍ନ ପ୍ରଣାଳୀରେ ସୁସଜ୍ଜିତ ହୋଇଥାଏ । ତେଣୁ କୁହାଯାଏ–ଶୈଳୀ ବ୍ୟକ୍ତି ଭିତ୍ତିକ ବା ବ୍ୟକ୍ତି କୈନ୍ଦ୍ରିକ ।

## ନୀଳକଂଠଂକର କଥିତ ଭାଷା ଗ୍ରହଣ

ଭାଷା ପ୍ରସଂଗରେ ଶିଶୁ ସାହିତ୍ୟିକଙ୍କର ପ୍ରଥମ କାର୍ଯ୍ୟ ହେଲା–ସେ କେତେବର୍ଷ ବୟସର ପିଲଙ୍କ ପାଇଁ ରଚନା କରୁଛନ୍ତି, ତାହା ସ୍ଥିର କରିନେବା । ତା'ପରେ ସେହି ବୟସ ବର୍ଗର ପିଲଙ୍କ 'ବାକ୍‌ଶକ୍ତି' (Vocabulay) ବିଷୟରେ ଜାଣିଲ ପରେ ତଦନୁସାରେ ଲେଖାରେ ଭଷା ପ୍ରୟୋଗ କରିବା ଉଚିତ ।

ଶିଶୁ ପ୍ରଥମେ କଥିତ ଶବ୍ଦକୁ ଅଧିକ ପରିମାଣରେ ଗ୍ରହଣ କରିଥାଏ । ତା'ର ମା, ବାପା, ଓ ପରିବାରର ଅନ୍ୟମାନଙ୍କଠାରୁ ସେହି ଶବ୍ଦ ଶୁଣି ତା'ର ଅର୍ଥ ହୃଦୟଙ୍ଗମ କରିଥାଏ । ପଂଡ଼ିତ ନୀଳକଂଠ ସେହିପରି ଅନେକ କଥିତ ଶବ୍ଦକୁ ତାଙ୍କ ଶିଶୁ-ରଚନାରେ ଗ୍ରହଣ କରିଛଂତି । ଯଥା–ଅପଂତରା

ଅପଂତରା ପାଟ ସେପାଖେ
ଆଂବ ତୋଟା ଗହଳ
ଆଂବ ତୋଟା ଗଲେ ବନସ୍ତେ
ଦିଶେ ପାହାଡ଼ ତଳ ।

(ଚକାପଳ ନ ଖାଉଁ) ଫିକର, ଦକା (ପିଲଙ୍କ ଭଗବତ), ସାତ ପାଞ୍ଚ ହରବର, ଲଂବେ ଲଂବେ' ଗାର ଡ଼େଇଁକରି ଗ୍ରହିଁ (ପିଲଙ୍କ ରମାୟଣ) ବହୁ ସମୟରେ ପିଲମାନେ ଆଞ୍ଚଳିକ ଶବ୍ଦର ମଧ୍ୟ ପ୍ରୟୋଗ କଥାବାର୍ତ୍ତାରେ କରିଥାନ୍ତି । ତେଣୁ ଶିଶୁ ରଚନାରେ ଏହାକୁ ପ୍ରୟୋଗ କଲେ କିଛି ଅସୁବିଧା ହୁଏ ନାହିଁ । ଅଧିକନ୍ତୁ ତା'ର ସୁପରିଚିତ ଶବ୍ଦ ଗୁଡ଼ିକ ସେ ପଢିଲେ ବା ଶୁଣିଲେ ସେହି ବିଷୟ ପ୍ରତି ତାର ଆତ୍ମୀୟତା ଅଧିକ ପ୍ରକାଶ ପାଇଥାଏ । କବି ନୀଳକଂଠ ସେହିପରି କେତୋଟି ଆଞ୍ଚଳିକ ଶବ୍ଦକୁ ମଧ୍ୟ ଶିଶୁ

Digitized by PPRACHIN, SOA

ରଚନାରେ ଗ୍ରହଣ କରିଛଂତି । ଯଥା—ଆବାକାବା, (ପିଲଙ୍କ ଭଗବତ) କେଭେ (ଚକାଫଳ ନ ଖାଉଁ) ପ୍ରଭୃତି ।

## ନୀଳକଂଠଂକ ଭ୍ରଷା—ଘରୋଇ ଓ ଧ୍ୱନ୍ୟାତ୍ମକ

ପିଲମାନଙ୍କ ପାଇଁ କବି ନୀଳକଂଠ 'ଘରେଇ ଭଷା' ପ୍ରୟୋଗ କରୁଥିଲେ ବୋଲି ତାଙ୍କ ଆତ୍ମଜୀବନୀ ଗ୍ରନ୍ଥରେ ( ନୀଳକଂଠ ଗ୍ରନ୍ଥାବଳୀ– ୧ମ ଖଣ୍ଡ–ପୃ : ୩୭ ) ଉଲ୍ଲେଖ କରିଛନ୍ତି ।

ପିଲମାନେ ଧ୍ୱନି ମାଧ୍ୟମରେ ଅନେକ କଥା ଶଣିଥାନ୍ତି, ତେଣୁ ବିଭିନ୍ନ ଧ୍ୱନି ମାଧ୍ୟମରେ ଅଥବା ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ କଲେ ସେମାନେ ଶୀଘ୍ର ଓ ସହଜ ଭବରେ ଗ୍ରହଣ କରି ନିଅନ୍ତି । ଶିଶୁ-ସାହିତ୍ୟିକ ନୀଳକଂଠ ଏହାକୁ ଗ୍ରହଣ କରି କେତୋଟି ଧ୍ୱନ୍ୟାତ୍ମକ ଶବ୍ଦକୁ ବ୍ୟବହାର କରିଛଂତି । ଯଥା—ଘୁମୁରି ଘୁମୁରି (ମୋ ଟିକି ଘର), ହୁଉଁ (ଆମ ନେତା) ଗୁଣୁ ଗୁଣୁ (କି ସୁନ୍ଦର ଏ ସଂସାର), ଝୁଣୁ ଝୁଣୁ (ପିଲଙ୍କ ଭଗବତ) ପ୍ରଭୃତି ।

ଯୁକ୍ତାକ୍ଷର ପିଲମାନଙ୍କୁ ପଢ଼ିବା ପାଇଁ ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଥାଏ । ତେଣୁ ଯୁକ୍ତାକ୍ଷରକୁ ଭଙ୍ଗି ଲେଖିବା ପାଇଁ ଶିଶୁ ସାହିତ୍ୟରେ ବିଧି ରହିଛି । ମାତ୍ର ସତର୍କ ରହିବା ଆବଶ୍ୟକ ଯେ ଶିଶୁ ଯେପରି ଯୁକ୍ତାକ୍ଷର ଓ ଅଯୁକ୍ତାକ୍ଷର ଶବ୍ଦ ଦୁଇଟିକୁ ଦୁଇଟି ସ୍ୱତନ୍ତ୍ର ଶବ୍ଦ ବୋଲି ନ ଭବେ । ନୀଳକଂଠ 'ଢଂଗ୍ରଇ', ଛାଅଂତା 'କାଂଥ' ପରି କେତୋଟି ଶବ୍ଦକୁ ସହଜ ଓ ସରଳ ଭବରେ ଅନୁସ୍ୱାରଟିଏ ଲଗାଇ ଶିଶୁର ଅଧିକ ପାଠନୋପଯୋଗୀ କରି ଦେଇଛଂତି ।

## ମୌଖିକ ଶିଶୁ ଗୀତର ଛଂଦ :

ମୌଖିକ ଶିଶୁ ଗୀତର ଶୈଳୀ ବା ଛଂଦ ଶିଶୁ ରଚନାରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥାଏ । କାରଣ ଏହି ଛଂଦ ବା ଶୈଳୀ ପ୍ରତି ଶିଶୁ ମା' କୋଳରୁ ପରିଚିତ ଥାଏ । ପଂଡ଼ିତ ନୀଳକଂଠ ଏହି ମୌଖିକ ଶିଶୁ ଛଂଦକୁ ଗ୍ରହଣ କରିବାକୁ ଛାଡ଼ି ନାହାଂତି–ବର୍ଷାବେଳେ ପିଲମାନେ

Digitized by PPRACHIN, SOA

ଯେଉଁ 'ମେଘ ପକାଇଲା ଟପର ଟପର' ଗୀତ ବୋଲଂତି ତାକୁ ସେ 'ମୋ ରଜା' ଗୀତରେ ଗ୍ରହଣ କରି ନେଇଛଂତି । ଯଥା—

"ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା,
କେଉଁ ଗଇଜରୁ ଅଇଲେ ମୋ ରଜା
ତେଲିଂଗି ବାଇଦ ବଜା,
ବଜାରେ ଢୋଲିଆ ବଜା
ହାତୀ ପରମାଣେ କଉଡ଼ି ଦେବି ତୁ
ତେଲିଂଗି ବାଇଦ ବଜା ।"

## ଗୀତର ରାଗ :

ପରୀକ୍ଷା କରି ଦେଖା ଯାଇଛି ଯେ 'ବଂଗଳାଶ୍ରୀ' ବୃତ୍ତଟି ପିଲମାନଙ୍କୁ ସବୁଠାରୁ ଅଧିକ ଆକୃଷ୍ଟ କରୁଛି । ତେଣୁ କବି ନୀଳକଂଠ ବୃଦ୍ଧ ଓ ବିଧବା ଟିକି ଭଉଣୀ ଏବଂ ବେଂଗ ବୁଢିଆଣୀ ଗୀତ ଗୁଡ଼ିକୁ ଏହି ଛଂଦରେ ଲେଖିଛଂତି । 'ଟିକି ଭଉଣୀ' ଗୀତରୁ ପଦେ ଶୁଣନ୍ତୁ—

"ଆମେ ଦୁଇ ଭଇ ଗୋଟିଏ ଭଉଣୀ
ଯାଇଥିଲୁଁ ମାମୁଁ ଘର,
ମାଇଁ ଦେଇଥିଲା ତିନୋଟି କଂଢ଼େଇ
ସବୁଯାକ ତିନ୍ଦିଙ୍କର ।"

## କ୍ଷୁଦ୍ର ସ୍ୱର ପର୍ବହିଁ ଅଧିକ ଗାନୋପଯୋଗୀ

ସାର୍ଥକ ଶିଶୁ ଗୀତ ରଚନାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା—ଏହାର ସ୍ୱର ପର୍ବ ବା ଏକକ (Unit) । ଏହା ଯେତେ କ୍ଷୁଦ୍ର ହେବ, ତାହା ଶିଶୁର ସେତେ ଅଧିକ ଗାନୋପଯୋଗୀ ହୋଇପାରିବ । ତାହାହେଲେ, ଶିଶୁର ଅଳ୍ପ ସମୟସୀମା (Duration) ନିଃଶ୍ୱାସ ପ୍ରଶ୍ୱାସ ମଧ୍ୟରେ ସେ ତାହା ବୋଲି ପାରିବା ସହଜ ହେବ । କବି ନୀଳକଂଠଂକର 'ଆ ମୋ ପାଟ' କବିତାଟି ଏହି କ୍ଷେତ୍ରରେ ସ୍ମରଣୀୟ । ଏହାର ସ୍ୱରପର୍ବ କ୍ଷୁଦ୍ର ଓ ସ୍ୱରର ଆରୋହ ଓ ଅବରୋହ ଦ୍ରୁତ ହୋଇଥାଏ । ଯେମିତି—

Digitized by PPRACHIN, SOA

"ଆ ମୋ ପାଟ ବାଟେ ବାଟେ
କଅଁଳ ଘାସ ଖାଇବୁ ପେଟେ
ସକାଳୁ ଆସି ସଞ୍ଜ ହେଲା
ଦେଖୁବୁ ପର ଡାକୁନି ପିଲା
କାହାକୁ ଡରୁ ଏତେ ?
ଧଡ଼ା ଦୁଆର କରିଚି ମେଲା
ଗୁହଁ ବସିଛି ଘଡ଼ିଏ ହେଲା
ଭୁମ ଲୁଚିଲେ ଅଂଧାର ହେଲେ
ଆସିବେ ବାପା ଗୁହାଳ ଘରେ
ତୋଗଣି ଦେବେ ତୋତେ ।"

ମୋଅରି ଗାଇ ସେ ଯାତ ଗୀତଟି ମଧ୍ୟ ଗଣନା ଗୀତ ( Counting Rime ) ପରି ବୋଲଯାଏ । ଏହି ଗୀତର ସ୍ୱରପର୍ବ କ୍ଷୁଦ୍ର ଓ ତା ଦ୍ରୁତ ହୋଇଥାଏ । ତେଣୁ ପିଲାଏ ତାଳି ମାରି ଏହି ଗୀତକୁ ସ୍ୱଚ୍ଛଳରେ ବୋଲି ଉପଭୋଗ କରିପାରନ୍ତି ।

## ॥ ପାଞ୍ଚ ॥

## ପଲ୍ଲୀକବି ନନ୍ଦ କିଶୋର ଓ ପଂଡ଼ିତ ନୀଳକଂଠ

ପଲ୍ଲୀକବି ନନ୍ଦ କିଶୋରଙ୍କ 'ନାନାବାୟା ଗୀତ' ପୁସ୍ତକର 'କାଉ ଓ ବାଳିକା' ଏବଂ 'ବାଳିକା ଓ ପକ୍ଷୀ' ଗୀତ ଦୁଇଟିର ପ୍ରଭବ ପଂଡ଼ିତ ନୀଳକଂଠ ଦାସଂକ 'ପିଲା ଓ ଚଢ଼େଇ' ଗୀତରେ ଅନୁଭୂତ ହୁଏ । 'କାଉ ଓ ବାଳିକା' ଗୀବରେ ବାଳିକା (ପାର୍ବତୀ ଦେଇ) ଟି ଏ କାଉଙ୍କୁ ଡାକି ତା' ବିଷୟରେ ଜାଣିବା ପାଇଁ ପ୍ରଶ୍ନ କରିଛି । ପ୍ରଶ୍ନୋତ୍ତର ଛଳରେ ଏହି ଗୀତଟି ରଚିତ । ସେହିପରି ନୀଳକଂଠଂକର 'ପିଲା ଓ ଚଢ଼େଇ' ଗୀତଟି ମଧ୍ୟ ପ୍ରଶ୍ନୋତ୍ତର ମଧ୍ୟରେ ସମାପ୍ତ ହୋଇଛି ।

ପିଲଟି ଯେତେବେଳେ ଚଢ଼େଇକୁ ନିଜ ପଞ୍ଜରୀରେ ରଖି ତାକୁ ନଡ଼ିଆ ରସ ଓ ବେଣ୍ଟ ପୋଖରୀ ପାଣି ଦେବାକୁ ଡାକିଛି, ସେ କହିଛି—

"ଆସ ଆସ ଚଢ଼େଇ ମୋ ପିଂଢ଼ାରେ ବସ
ଖାଇବାକୁ ଦେବି ତତେ ନଡ଼ିଆ ରସ

Digitized by PPRACHIN, SOA

ପିଇବାକୁ ଦେବି ବେଣ୍ଟ ପୋଖରୀ ପାଣି,
ରହିବାକୁ ଦେବି ସୁନା ପିଞ୍ଜରୀ ଆଣି ।"

ସେହିପରି 'ବାଳିକା ଓ ପକ୍ଷୀ'ରେ ବାଳିକାଟି ପ୍ରଥମେ ପକ୍ଷୀକୁ ଡାକିଛି—

"ସାନ ଚଢ଼େଇରେ ସାନ ଚଢ଼େଇ ତୁ
ମୋ ପାଖକୁ ଆସ ଧାଇଁ,
ଶାଗୁଆ ବନର ପିଞ୍ଜରଟି ଏ ମୁଁ
ରଖିଛି ତୋହରି ପାଇଁ ।
ଅନେକ ସୁନ୍ଦର ତୋର ଫୁଲମାଳ
ଦେବି ମୁହିଁ ତୋତେ ଆଣି,
ପାଚିଲା ପିଜୁଳି ଦେବି, ଲଗିଥିବ
ଯହିଁରେ କାକର ପାଣି ।"

( ନଂଦ କିଶୋର ଗ୍ରନ୍ଥାବଳୀ/ପୃ ୬୭୦ )

'ପିଲା ଓ ଚଢ଼େଇ' ଗୀତରେ ଚଢ଼େଇ ଯେତେବେଳେ କହିଛି—

"ଡେଣା ପିଟି ଖାଉଛି ମୁଁ ଇଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି ।"

ସେତେବେଳେ 'ବାଳିକା ଓ ପକ୍ଷୀ' ଗୀତରେ ପକ୍ଷୀ କହିଛି—

× × ×

ନିର୍ମଳ ଶୀତଳ ପବନ ସମାନ
ମୋର ପ୍ରିୟ ଆଉ ନାହିଁ ।
ପୁରାତନ ବର— ଗଛେ ଯେଉଁ ସାନ
ବିଜନ ବସା ଅଛଇ,
ସୁନା ପିଂଜରର ସୁଖଠାରୁ ତାହା
ଅନେକ ଭଲ ଅଟଇ ।"

( ନଂଦ କିଶୋର ଗ୍ରନ୍ଥାବଳୀ/ପୃ ୬୭୧ )

Digitized by PPRACHIN, SOA

॥ ଛଅ ॥

## ଗଦ୍ୟ ସାହିତ୍ୟର କଥନ ଧର୍ମିତାହିଁ ନୀଳକଂଠଂକ ବୈଶିଷ୍ଟ୍ୟ–

ନୀଳକଂଠଂକ ଶିଶୂ-ସାହିତ୍ୟ କୃତି ଗୁଡ଼ିକ ପାଠକଲେ ଗଦ୍ୟ ବିଭଗଟି ପାଠକକୁ ଅଧିକ ପରିମାଣରେ ଆକର୍ଷଣ କରେ । ଏହାକୁ କେତେକ ପଂଡ଼ିତ ସ୍ୱୀକାର କରିଥାଂତି । କାରଣ, ଗଦ୍ୟର ପରିମାଣ ଅଧିକ ବୋଲି ନୁହେଁ । ଏଥିରେ ସେ ଯେଉଁ କଥନ ଧର୍ମିତା ଗ୍ରହଣ କରି-ଅଛନ୍ତି, ତାହାହିଁ ତାଙ୍କର ସବୁଠାରୁ ବଡ଼ ବିଶିଷ୍ଟ ଲକ୍ଷଣ ।

ସେ 'ପିଲଙ୍କ ରମାୟଣ', 'ପିଲଙ୍କ ମହାଭରତ' ଓ 'ପିଲଙ୍କ ଭଗବତ' ଯେପରି କି ଲେଖିଯାଇ ନାହାନ୍ତି, କହି ଯାଇଛଂତି ! ସେଥିପାଇଁ ସେ ମଝିରେ ମଝିରେ ଲେଖିଛଂତି–"ସେ ଯୁଁ ଲେକଟି (ମୁଚୁକୁନ୍ଦ) ଶୋଇଥିଲ, କାଳ ଯବନକୁ ପୋଡ଼ି ପାଉଁଶ କରିଦେଲ ? ସେ କିଏ ? ତାଙ୍କର କେଉଁ ବଂଶରେ ଜନ୍ମ–ତାଙ୍କର ତେଜ କାହୁଁ ଆସିଲ, ସେ କାହିଁକି ଅଂଧାର ଗୁହାଟା ଭିତରେ ଶୋଇଥିଲେ ? ସେ କଥା ଶୁଣ ?" ( ପିଲଙ୍କ ଭଗବତ– ମୁଚୁକୁନ୍ଦ କଥା )

ତାଙ୍କର କଥନ ଭଂଗୀରେ ସ୍ୱାଭବିକତା ସଂଗେ ସଂଗେ ନାଟକୀୟତା ମଧ୍ୟ ପରିଦୃଷ୍ଟ ହୁଏ । ଏହା ପାଠ କଲେ ଶିଶୁ ମନେକରେ ଯେପରି ସନ୍ଧ୍ୟାରେ ବୁଢ଼ୀମା ପାଖରେ ବସି ଗଳ୍ପ ଶୁଣୁଛି । ତା' ମୁହଁରୁ ଏ ସମସ୍ତ ଶୁଣି ସେ ଉପଭେଗ କରୁଛି । ଏହାର ଦୃଷ୍ଟାଂତ କେତୋଟି ଶୁଣନ୍ତୁ–

### (କ) ପିଲାଂକ ରାମାୟଣ :

"ଦଶରଥ ପୁଅ ବୋହୂମାନଂକୁ ଘେନି ବାଟରେ ଯାଉଛଂତି, ହଠାତ୍ ଏ କଅଣ ହେଲ ? ପକ୍ଷୀମାନେ ବୋବାଇ ଉଠିଲେ । ପଶୁମାନେ ଏଣେ ତେଣେ ପଳାଇଲେ, ଭୂଇଁ କଂପିଲ, ବତାସି ବୋହିଲ, ଗଛପତ୍ର ଭଂଗି ପଡ଼ିଲ, ସୂର୍ଯ୍ୟ ଲୁଚିଗଲେ, ଚାରିଆଡ଼ ଧୂଆଁ ଉଠି ଅଂଧାର ହୋଇ-ଗଲ । ସମସ୍ତେ ଛାନିଆଁ ହୋଇଗଲେ ।"

Digitized by PPRACHIN, SOA

## ନୀଳକଂଠଂକ ଗଦ୍ୟ ସାହିତ୍ୟ ଗଳ୍ପ ଶୈଳୀରେ ଲିଖିତ :

ମୌଖିକ ଶିଶୁ ଗଳ୍ପର ଶୈଳୀରେ କବି ନୀଳକଂଠ କେତେକ ସ୍ଥାନରେ ଉଲ୍ଲେଖ କରିଛଂତି । 'ପିଲାଂକ ରାମାୟଣ' ପୁସ୍ତକର 'ଋଷି ଯଜ୍ଞ ରକ୍ଷା କରିବାକୁ ରାମ ଗଲେ' ପ୍ରସଂଗରେ ଲେଖିଛଂତି—"ଗଂଗା ପାର ହେଲାରୁ ଗୋଟାଏ ଘରି ଜଂଗଲ ପଡ଼ିଲା । ଅଗନା ଅଗନି ବନସ୍ତ । ବଡ଼ ବଡ଼ ଗଛ ସବୁ ପାଖକୁ ପାଖ ଲାଗି ପର୍ବତ ତଳେ ଉଠିଚି । ଭୂଇଁରେ ଖର ପଡୁ ନାହିଁ ।" ଠିକ୍ ସେହିପରି ଅନ୍ୟତ୍ର ମଧ୍ୟ ଲେଖାଯାଇଛି—"ବଣ ଭିତରେ ଦକ୍ଷିଣ ଆଡକୁ ଯାଉ ଯାଉ ବାଟରେ ଘରି ବଡ଼ ଜଂଗଲ ପଡ଼ିଲା । ସେଠାରେ ଖର ପଡୁ ନାହିଁ । ଗଛରୁ ପତ୍ର ଝଡ଼ି ପଡ଼ିଲା ବେଳେ ଶବ୍ଦ ଶୁଣି ଡର ମାଡୁଚି ।

### (ଖ) ପିଲାଙ୍କ ଭାଗବତ

"ବାପ୍‌ରେ ବାପ୍ ! ଏବେ ଆଉ ରକ୍ଷାନାଇଁ ? ବୃନ୍ଦାବନ ମେଘ ଅନ୍ଧାରରେ ରାତିପରି ହୋଇଗଲା । × × × ଗଉଡ଼ମାନଙ୍କୁ ଆଉ ବୁଦ୍ଧି ଦିଶିଲା ନାହିଁ । ସମସ୍ତେ କୃଷ୍ଣଙ୍କୁ ଗୁହାରିଛନ୍ତି, କୃଷ୍ଣ କ'ଣ କରିବେ ?"

(ଗୋବର୍ଦ୍ଧନ ଧାରଣ)

### (ଗ) ପିଲାଙ୍କ ମହାଭାରତ

"କହିବାକୁ ଲାଜ ମାଡୁଛି । ଯେତେବେଳେ ସବୁ ସରିଗଲା, ସେତେବେଳେ ଧର୍ମ, ଦୟା, ଭଦ୍ରତା ସବୁ ଭୁଲି ଯୁଧିଷ୍ଠିର କହିଲେ 'ଆଚ୍ଛା' ! ଏଥର ଦ୍ରୌପଦୀଙ୍କୁ ପଣ ରଖିଲି ।"

(ଦ୍ରୌପଦୀଙ୍କର ଅପମାନ)

## ॥ ସାତ ॥

## ଦେଶାତ୍ମବୋଧକ ଗୀତ

ଓଡ଼ିଆ ସାହିତ୍ୟର ବିକାଶଧାରାରେ ସେତେବେଳେ ସତ୍ୟବାଦୀ-ଗୋଷ୍ଠୀ ଯେଉଁ ନେତୃତ୍ୱ ଗ୍ରହଣ କରିଥିଲେ, ତାହାର ମୁଖ୍ୟ ଲକ୍ଷ୍ୟଥିଲା—ଦେଶ, ଜାତି ଓ ଜନ୍ମଭୂମି ପ୍ରତି ପ୍ରବଳ ଆଗ୍ରହ ଓ ଆକର୍ଷଣ ସୃଷ୍ଟି କରିବା । ଏଥିପାଇଁ ଦେଶର ଇତିହାସ, କିମ୍ବଦନ୍ତୀ, ତଥା ପରଂପରା ଭିତରେ ଅତୀତ ଗୌରବର ସନ୍ଧାନ କରିଥିଛନ୍ତି । ତେଣୁ ପଣ୍ଡିତ ନୀଳକଂଠ ପିଲାମାନଙ୍କ-

Digitized by PPRACHIN, SOA

ପାଇଁ ଦେଶର ପୁରାଣମାନଙ୍କରେ ବୀରର କାହାଣୀ ଶୁଣାଇଛନ୍ତି । ସେ ମଧ୍ୟ କେତୋଟି ଦେଶାତ୍ମବୋଧ ଗୀତ (ଜୟଭାରତ, ଆମ ଜାତୀୟ କବିତା ଓ ମହାତ୍ମା ଗାନ୍ଧୀ) ରଚନା କରିଛନ୍ତି । 'ଜୟଭାରତ'ରେ ଭାରତର ମହିମା ବର୍ଣ୍ଣନା କରି ସେ ଲେଖିଛନ୍ତି–

"କାହିଁ ନଥିଲା ଏହି ଭାରତବର୍ଷ
ଜଗତେ ନାହିଁ ଆଉ ଏପରା ଦେଶ ।

× × ×

ସେ କାଳେ ଜୀନ, ବୁଦ୍ଧ ଏକାଳେ ଗାନ୍ଧୀ,
ଧର୍ମେ ପୃଥିବୀ ସାରା ରଖିଲେ ବାଂଧି ।
ବେଦ ପୁରାଣ ବିଦ୍ୟା ବିଜ୍ଞାନ କଳା,
ଯେତେ କହିଲେ ହେଲେ ନୁହେଁ ସରିଲା ।
ଏ ପରମ ଦେଶେ ଆମ ଧନ୍ୟ ଜନମ,
ଜୟ ଭାରତ ଜୟ ଜୟ ତୋ ନାମ ।"

ପଣ୍ଡିତଜୀଙ୍କ ରଚିତ 'ଆମ ଜାତୀୟ ପତାକା' ଗୀତରୁ ପଦେ ଶୁଣନ୍ତୁ–

"ବାନା ମହିମା ପବନେ ଖେଳୁଥାଉ ସତତ,
ସ୍ୱାଧୀନ ଭାରତ ସଂତକ ଦେଖୁଥାଉ ଜଗତ ।
ଭାରତର ଶିଶୁ ଯୁବକ ବାଳବୃଦ୍ଧ ସକଳେ,
ଜୁହାର ହେଉଛୁଁ, ପତାକା, ଖେଳ ତୁହି ସମୀରେ ।"

ପୁନଶ୍ଚ, ଶିଶୁମାନଙ୍କ ପାଇଁ ଯାହା ଅନୁପଯୁକ୍ତ, ସେହି ବିଷୟ ଗୁଡ଼ିକ ସେ ପିଲାଙ୍କ ରାମାୟଣ, ପିଲାଙ୍କ ମହାଭାରତ ଓ ପିଲାଙ୍କ ଭାଗବତରୁ ବାଦ ଦେଇଛନ୍ତି । ପଣ୍ଡିତଜୀ 'ପିଲାଙ୍କ ମହାଭାରତ'ର ମୁଖବନ୍ଧ ଓ 'ବକ୍ତବ୍ୟ' ଶୀର୍ଷକରେ ଲେଖିଛନ୍ତି–"ବଙ୍ଗଳା ପୁସ୍ତକର ଅନେକ ବର୍ଣ୍ଣନା ପିଲାମାନଙ୍କ ପାଇଁ ବୃଥା ଓ ଅଯଥା ବୋଧ ହେଲା ଏବଂ ରୁଚି ବିରୁଦ୍ଧ କଥା ନଦେବାର ଯତ୍ନରେ ବଙ୍ଗଳା ଗ୍ରନ୍ଥକାର ଅନେକ ବିଷୟ ଏକାବେଳକେ ଭିନ୍ନ ଉପରେ ପ୍ରକାଶ କରିଛନ୍ତି । × × × ଆଉରି ମଧ୍ୟ ଇଂରଜି ଗ୍ରନ୍ଥକାର ମୂଳର ଅନୁକରଣ କରିବାକୁ ଯାଇ ବେଳେ ବେଳେ ଶିଶୁର ଆକାଂକ୍ଷା ଓ ରୁଚି ପ୍ରତି ଜମା ଲକ୍ଷ୍ୟ ରଖିନାହାନ୍ତି । ମୁଁ ଏ ପୁସ୍ତକରେ ଏ ଦୁଇଟିର ମଧ୍ୟ

Digitized by PPRACHIN, SOA

ପନ୍ଥା ଗ୍ରହଣ କରିଅଛି ।” ତାଙ୍କର ଏହି କଥାଟି ଲୀଳାର ବିସ୍ତୃତ ବର୍ଣ୍ଣନା ଆର୍ଦିରେ ଗ୍ରହଣ କରି ସେ ସବୁକୁ ଅତ୍ୟନ୍ତରେ ପ୍ରକାଶ କରିଛନ୍ତି ।

## ଶିଶୁ ସାହିତ୍ୟର ଗଦ୍ୟ ବିକାଶ କ୍ଷେତ୍ରରେ ନୀଳକଂଠଂକ ବହୁର ଦାନ ସ୍ୱତନ୍ତ୍ର ଓ ସ୍ମରଣୀୟ :

ଭଷା କ୍ଷେତ୍ରରେ ଲୋକଭଷା ବା ଘରୋଇ ଭଷା ଏବଂ ଗୀତର ଛନ୍ଦରେ ଗୁରୁଲଘୁ ନିୟମ, ଗଦ୍ୟର ପ୍ରକାଶ ଭଙ୍ଗୀରେ କଥନ ଧର୍ମିତା ଓଡ଼ିଆ ଶିଶୁ-ସାହିତ୍ୟ ଜଗତକୁ ନୀଳକଂଠଙ୍କର ଏହି କେତୋଟି ଅବଦାନ । ଗଦ୍ୟରେ ଏହି କଥନ ଧର୍ମିତା ପରବର୍ତ୍ତୀ ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗଦ୍ୟକୁ ଅନୁପ୍ରାଣିତ କରିଥିବାର କୁହାଯାଇପାରେ । ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଓଡ଼ିଆ ଶିଶୁ-ସାହିତ୍ୟରେ ବିଶେଷତଃ ଗଦ୍ୟ ବିକାଶ କ୍ଷେତ୍ରରେ ନୀଳକଂଠଙ୍କର ଦାନ ଯେ ସ୍ୱତନ୍ତ୍ର ଓ ସ୍ମରଣୀୟ ଏଥିରେ ଦ୍ୱିମତ ହେବାର ନାହିଁ ।

●

Digitized by PPRACHIN, SOA

# ନୀଳକଂଠଂକର ଜାତୀୟ ଚେତନା ଓ ଓଡ଼ିଆ ଶିଶୁ ସାହିତ୍ୟକୁ ଦାନ

## ପଠାଣି ପଟ୍ଟନାୟକ

### କବି ହେଉଛନ୍ତି ଲୋକଶିକ୍ଷକ :

"ସତ୍ୟବାଦୀ" ସାହିତ୍ୟ ପତ୍ରିକାର ତୃତୀୟ ଖଣ୍ଡ ତୃତୀୟ ଓ ଚତୁର୍ଥ ସଂଖ୍ୟାର "ଲୌକିକ ସାହିତ୍ୟ" ଆଲୋଚନା ଅବକାଶରେ ପଂଡ଼ିତ ଗୋପବଂଧୁ ଦାସ ଲେଖିଥିଲେ—

"ଆମ୍ଭମାନଙ୍କ ସାହିତ୍ୟିକ ଉଦ୍ୟମରୁ ଲୋକ ସାଧାରଣଙ୍କୁ ବାଦ ଦେଲେ ଜାତୀୟ ସାହିତ୍ୟ ଅସଂଭବ ହେବ । ଉଚ୍ଚ ଭାବ ଏବଂ ଉଚ୍ଚ ଭାଷାରେ ଯେ ସାହିତ୍ୟ ଲେଖା ନ ହେବ ତାହା କେହି କହୁ ନାହିଁ । ତାହା ଯେତେ ଅଧିକ ଲେଖା ହୁଏ, ଜାତିର ଏବଂ ଭାଷାର ତେତେ ଗୌରବ । କିନ୍ତୁ ସେ ସବୁ ଭାବରାଶି ସରଳ ସ୍ୱଚ୍ଛ ଭାଷା ପ୍ରଣାଳୀରେ ନିମ୍ନ ସ୍ତରକୁ ପ୍ରବାହିତ ନ ହେଲେ ତାହା ସମଗ୍ର ଜାତିର ସଂପତ୍ତି ହେଲା ବୋଲି କୁହାଯାଇ ପାରିବ ନାହିଁ ।

ଆଗେ ଅବଧାନ ଚାଟଶାଳିରେ ପିଲାମାନେ କୋଇଲି, ଗୋପୀ ଭାଷା, ଭାଗବତ, ରାମାୟଣ, ମହାଭାରତ ପ୍ରଭୃତି ପଢ଼ୁଥିଲେ । ଗ୍ରାମର ଭାଗବତ ଘରେ ସନ୍ଧ୍ୟାବେଳେ ଭାଗବତ ବା ଅନ୍ୟାନ୍ୟ ପୁରାଣ, ଭଜନ, ଚଉତିଶା ଆଦି ବୋଲା ହେଉଥିଲା । ଗ୍ରାମର ଆଚଣ୍ଡାଳ ସକଳ ଶ୍ରେଣୀ ଲୋକେ ସେଠାରେ ଶୁଣି ପାରୁଥିଲେ । ଚରିତର ମହାତ୍ମ୍ୟ ମଧ୍ୟ ଉପଭୋଗ କରୁଥିଲେ । ଏହି ସୂତ୍ରରେ ସର୍ବତ୍ର ଜାତୀୟ ସାହିତ୍ୟର ପ୍ରଚାର ହେଉଥିଲା ।

ସୀତା ବିରହରେ ରାମଚଂଦ୍ରଂକ ଶୋକ କେଳୁଣୀର ଚଉପଦୀରେ ଶୁଣା ଯାଉଥିଲା । ଚଇତି ଘୋଡ଼ା ନାଚରେ କେଉଟ ଦ୍ରୌପଦୀ ବସ୍ତ୍ର ହରଣ ବିଷୟରେ ଗୀତ ଗାଉଥିଲେ । ଧୋବା ଚଢେଇଆ ଚଢ଼େଇଣୀ ଗୀତରେ ଶିଶୁପାଳ ବଧ ଚରିତ ବର୍ଣ୍ଣନା କରୁଥିଲା । ବାଉରି ମଦ ଖାଇ ଘୁମୁରା ମାଡ଼ କଲାବେଳେ ହନୂମନ୍ତର ଦୌତ୍ୟ କାର୍ଯ୍ୟର କାହାଣୀ

Digitized by PPRACHIN, SOA

ବୋଲୁଥିଲେ । ବଣରେ ଫଳ ଗୋଟାଉଁ ଗୋଟାଉଁ ବା କାଠ ଭଙ୍ଗୁ ଭଙ୍ଗୁ ଶବରୀ କନ୍ୟାମାନେ ସୀତା କିଂବା ରଘୁକାଂକର ବିରହଗାଥା ଗାଉଥିଲେ । ଫଳରେ ଜାତୀୟ ସାହିତ୍ୟର ଭାବ ଏବଂ ଘଟଣାବଳୀ ସମଗ୍ର ଜାତିର ସଂପଦ ହୋଇଥିଲା ।

ଅତ୍ୟନ୍ତ ଦୁଃଖର କଥା, ବର୍ତ୍ତମାନ ଶିକ୍ଷିତ ସମାଜରେ ପୂର୍ବ ସାହିତ୍ୟ ପ୍ରତି ତେତେ ଆଦର ନାହିଁ । ରାମାୟଣ, ମହାଭାରତର ବିଶିଷ୍ଟ ଘଟଣା ସୁଦ୍ଧା ଆମ୍ଭମାନଙ୍କ ମଧ୍ୟରେ ଅନେକ ଜାଣନ୍ତି ନାହିଁ । ଜାଣିବେ ବା କିପରି ? ଆମ୍ଭମାନଙ୍କ ଶିକ୍ଷା ପଦ୍ଧତିରେ ସେ ସବୁର ସ୍ଥାନ ନାହିଁ । ପ୍ରାଥମିକ ଶିକ୍ଷାରେ ବାଳକବାଳିକାମାନେ ଯେ ସବୁ ବିଷୟ ପଢୁଛନ୍ତି, ତାହା ଏ ପର୍ଯ୍ୟନ୍ତ ଲୋକପ୍ରିୟ ହୋଇ ପାରିନାହିଁ । କେବେ ହେବ କି ନାହିଁ କୁହାଯାଇ ପାରୁନାହିଁ । × × × ଅନ୍ୟାନ୍ୟ ବିଷୟରେ ଯେପରି ସାହିତ୍ୟ ବିଷୟରେ ମଧ୍ୟ ସେହିପରି ଆମ୍ଭମାନଙ୍କ ଜାତି ବର୍ତ୍ତମାନ ଏକ ସନ୍ଧିସ୍ଥଳରେ ରହିଅଛି । ଆମ୍ଭେମାନେ ପୁରାତନକୁ ଛାଡ଼ି ଦେଉଅଛୁ । ହାତରେ ଧରିବା ଭଳି ନୂତନ କିଛି ପାଉନାହୁଁ । ଆମ୍ଭେମାନେ ଯେ ନୂତନ ଭାବ ବା ଆଲୋକ ପାଇବାର ଆଶା କରୁଅଛୁଁ, ବା ଯତ୍‌କିଂଚିତ ପାଇଅଛୁ ପୁରାତନରୁ ତାହା ଏକାବେଳକେ ବିଛିନ୍ନ ହେବା ଉଚିତ ନୁହେଁ । ତାହାହେଲେ ତାହା କଦାପି ଲୋକପ୍ରିୟ ହୋଇ ପାରିବ ନାହିଁ । ଆମ୍ଭମାନଙ୍କୁ ପୁରାତନର ପୁନରୁଦ୍ଧାର ଏବଂ ନୂତନର ଅବତାରଣା କରି ଯଥୋଚିତ ଜାତୀୟ ସାହିତ୍ୟ ଗଢିବାକୁ ହେବ । ଓଡ଼ିଶାର ବନଗିରି ପ୍ରାନ୍ତରରେ, ଗ୍ରାମର ଦେବାଳୟରେ, ପଲ୍ଲୀର କୁଟୀରରେ, କୃଷକର କ୍ଷେତ୍ରରେ, ବଢ଼େଇ, କମାର, କୁମ୍ଭାରଙ୍କ ଶାଳରେ ସାହିତ୍ୟତରଙ୍ଗ ଯେପରି ପହଂଚିବ ତହିଁର ବ୍ୟବସ୍ଥା କରିବାକୁ ହେବ । ଏହି ଆଶା ଏବଂ ଉଦ୍ଦେଶ୍ୟରେ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ ହେଲେ ଭଗବାନ ଆମ୍ଭମାନଙ୍କ ମଧ୍ୟରେ ଯଥାର୍ଥ ଲୋକଶିକ୍ଷକ କବି, ଲେଖକଙ୍କୁ ଜନ୍ମ ଦେବେ ।”

ସତ୍ୟବାଦୀ ଦଳୀୟ ସାରସ୍ୱତ ଆନ୍ଦୋଳନର ନେତା ଓ ପ୍ରବକ୍ତା ପଣ୍ଡିତ ଗୋପବନ୍ଧୁ “ଶିଶୁ ଶିକ୍ଷା” ସଂପର୍କରେ ଏହି ଯେଉଁ ବକ୍ତବ୍ୟ ପ୍ରଦାନ କରିଛନ୍ତି, ତାହା ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଦଇଟି ଦଶକରେ ଇଂରେଜ

Digitized by PPRACHIN, SOA

ଶାସକଗଣ ଏ ଦେଶରେ ଯେଉଁ ଶିକ୍ଷାନୀତିକୁ ପ୍ରତିଷ୍ଠିତ କରି ପାରିଥିଲେ, ତାହା ଥିଲ ସମ୍ପୂର୍ଣ୍ଣ ଭବରେ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିର ଅନୁକୃତି । ସେଥିରେ ଆମ ଦେଶର ଜାତୀୟ ଚେତନାର ଅଭବ ରହିଥିଲ । ପରମ୍ପରା ଓ ପୁରେଦୃଷ୍ଟି ତହିଁରେ ଆଦୌ ଫୁଟି ପାରିଲ ନାହିଁ । ଗୋପବନ୍ଧୁ ବିଗ୍ରରିଥିଲେ ଭିନ୍ନ ରୂପରେ । ଆମ ଦେଶରେ ଶିଶୁ ଉପଯୋଗୀ ଯେଉଁ ସାହିତ୍ୟ ରଚିତ ହେବ, ତହିଁରେ ଜାତୀୟ ଜୀବନ ପ୍ରତିଫଳିତ ହେବା ଆବଶ୍ୟକ । ଶିଶୁମାନଙ୍କ ଉଦ୍ଦେଶ୍ୟରେ ଯେଉଁମାନେ ସାହିତ୍ୟ ରଚନା କରୁଛନ୍ତି ସେମାନେ ଯଥାର୍ଥ ଲେକ ଶିକ୍ଷକର ଭୂମିକା ଗ୍ରହଣ ନ କଲେ ସେହି ସାହିତ୍ୟ ଜାତିର ପ୍ରାଣକୁ ଉନ୍ମେଷିତ, ଉଦ୍‌ବେଳିତ କରି ପାରିବ ନାହିଁ । ଗୋପବନ୍ଧୁ ନୂତନ ପାଶ୍ଚାତ୍ୟ ଆଦର୍ଶର ପରିପନ୍ଥୀ ନ ଥିଲେ । ମାତ୍ର ନୂତନର ଆବାହନୀ ନାମରେ ପୁରତନରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡ଼ିବା ଜାତୀୟ ସ୍ୱାର୍ଥର ଅନୁକୂଳ ନୁହେଁ ବୋଲି ତାଙ୍କର ମତ ଥିଲ ।

## ପଣ୍ଡିତ ନୀଳକଂଠଂକ-ଶିଶୁ ସାହିତ୍ୟ ସାଧନାର ଆଭିମୁଖ୍ୟ

ନୀଳକଂଠ ଥିଲେ ଏକ ଯୋଗଜନ୍ମା ମହାନ ପ୍ରତିଭବାନ ବ୍ୟକ୍ତିତ୍ୱ । କି ଅପୂର୍ବ ଉନ୍ମାଦନାରେ ବ୍ୟକ୍ତି ସ୍ୱାର୍ଥକୁ ଜଳାଞ୍ଜଳି ପ୍ରଦାନ କରି ସେ ସତ୍ୟବାଦୀ ଜାତୀୟ ବିଦ୍ୟାଳୟର ଶିକ୍ଷକତାକୁ ବରଣ କରି ନେଇଥିଲେ, ତାହା ଆଜି ଯଥାର୍ଥରେ କଳ୍ପନା କରଯାଇ ପାରିବ ନାହିଁ । ଉତ୍କଳମଣି ଗୋପବଂଧୁଂକ ଦେବୋପମ ମାନବଧର୍ମୀ ପ୍ରେରଣାରେ ନୀଳକଂଠ ସତ୍ୟବାଦୀ ବନବିଦ୍ୟାଳୟ ପାଇଁ କେବଳ ନିଜକୁ ଉତ୍ସର୍ଗ କରି ନ ଥିଲେ, ସେ ଏଥିସହିତ ଓଡ଼ିଆ ସାହିତ୍ୟର ଉନ୍ନତି ଉଦ୍ଦେଶ୍ୟରେ ମୌଳିକ ସାହିତ୍ୟ ସୃଷ୍ଟି ପାଇଁ ମନଯୋଗୀ ହୋଇଥିଲେ ।

ସେ କାଳର ସମାଜରେ ପଣ୍ଡିତ ନୀଳକଂଠଂକ ପରି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡ଼ିଗ୍ରୀଧାରୀ ଯୁବକ ପାଶ୍ଚାତ୍ୟ ଆଦର୍ଶର ବ୍ୟାମୋହ ମଧ୍ୟରେ ମୁହ୍ୟମାନ ଅଥବା ଦିଗ୍‌ଭ୍ରାନ୍ତ ନହୋଇ ଆର୍ଯ୍ୟ ଆଦର୍ଶ ଓ ଚଳଣିକୁ ଲେକ ଶିକ୍ଷାରେ ଫୁଟାଇବା ପାଇଁ ଉଦ୍ୟମ କରିବା କିଛି କମ୍ ଗୌରବର କଥା ନଥିଲ । ନୀଳକଂଠ ଥିଲେ ବାସ୍ତବିକ ପଣ୍ଡିତ ଓ କବି । ନାନା ଶାସ୍ତ୍ର ଅଧ୍ୟୟନ କରି ସେ ଅନନ୍ୟ ସାଧାରଣ ବ୍ୟୁତ୍ପତ୍ତିର ଅଧିକାରୀ ହୋଇଥିଲେ ।

Digitized by PPRACHIN, SOA

ସାହିତ୍ୟ ସାଧନା କଲାବେଳେ ସେ ଜାତୀୟ ସ୍ୱାଭିମାନର ପ୍ରତିଷ୍ଠା ପାଇଁ ସର୍ବଦା ଯତ୍ନଶୀଳ ଥିବାର ଦେଖାଯାଏ । ସେ ଅନୁଭବ କରିଥିଲେ ଯେ ଏ ଦେଶରେ ଶିଶୁପାଠ୍ୟ ଭବରେ ଯାହା ପ୍ରଚଳିତ ରହିଛି, ତାହା ଯଥାର୍ଥରେ ଏ ଜାତିର ଶିଶୁ ପ୍ରାଣକୁ ଆଦୌ ବିକଶିତ କରି ପାରିବ ନାହିଁ । ଏଥିପାଇଁ ଶିଶୁ ଉପଯୋଗୀ ବହୁ କବିତା, ସ୍ତବ, ପାଠ୍ୟ ପୁସ୍ତକ ପ୍ରଭୃତି ସେ ରଚନା କରିଥିଲେ ।

ଏ ଦେଶ ହେଉଛି ପଲ୍ଲୀ ପ୍ରଧାନ । ଶିଶୁର ମନମୁକୁରରେ ଅତ୍ୟନ୍ତ ଆପଣାର ହୋଇ ପ୍ରତିଫଳିତ ହୋଇଥାଏ ପଲ୍ଲୀ ଜୀବନର ପ୍ରକୃତି, ପରଂପରା, ଚଳଣି, ଐତିହ୍ୟ ଓ ଆଭିଜାତ୍ୟ । ଶିଶୁମାନଙ୍କ ଉପଯୋଗୀ ସାହିତ୍ୟରେ ସେହି ସବୁର ରୂପାୟନ ଯଥାର୍ଥ ଓ ସାର୍ଥକ ହେବା ଆବଶ୍ୟକ । ତାହା ହେଲେ ଶିଶୁର କୋମଳ ପ୍ରାଣରେ ତାହା ଆପଣାର ବୋଲି ଘେନା ହୋଇ ପାରିବ ।

ପଣ୍ଡିତ ନୀଳକଂଠ ସେ କାଳର ଶିକ୍ଷା ବ୍ୟବସ୍ଥା ଏବଂ ଶିଶୁ ଉପଯୋଗୀ ସାହିତ୍ୟ ସଂପର୍କରେ ମତବ୍ୟକ୍ତ କରି ଲେଖିଥିଲେ—

"ଏବେ ପ୍ରାଥମିକ ଶିକ୍ଷାରେ ସର୍ବଦା ଆଗନ୍ତୁକ ଓ କୃତ୍ରିମ ପଦ୍ଧତି ଓ ପ୍ରକାର ଦିଶୁଛି । ସେଥିରେ ଜାତିର ପରଂପରା ପ୍ରତି ସେତେ ଦୃଷ୍ଟି ଦିଆଯାଉ ନାହିଁ । ତେଣୁ ହୁଏତ ପିଲାଏ ପତ୍ରିକାରେ କୌତୁକ ପ୍ରଶ୍ନ ଦେଖି ତାକୁ ନୂଆ ଜିନିଷ ବୋଲି ସେଥିରେ ଲାଗନ୍ତି । ମାତ୍ର ଆମ ଦେଶରେ ବୁଢ଼ୀମାଂକଠାରୁ ପିଲାଏ ଚିରକାଳ ଯେଉଁ "ନାଁଆ ଦିଆ"ରେ ଲାଗୁଥିଲେ, ତା ଅନେକେ ଜାଣୁ ନଥିବେ । ପିଲାଏ ଅନ୍ୟ ପିଲାଙ୍କୁ ଓ ବୁଢ଼ୀମାଙ୍କୁ କହନ୍ତି, 'ତୁ ମତେ ନାଁଆ ଦେଲୁ' ? ସେ ନାଁଆର ଉତ୍ତର ଦେବାରେ କି ଆନଂଦ । ଶିଶୁ ଶିକ୍ଷାରେ ଏହା ଗୋଟିଏ ସୁଂଦର ଉପାୟ ଓ ପଦ୍ଧତି । × × × ଏଇପରି କେତେ ଯେ ଆମ ଓଡ଼ିଆରେ ଥିଲା ଓ ଅଛି ତା ଖୋଜି ଲେଖିଲେ ସରିବ ନାହିଁ । ଚାଟଶାଳୀ ଯିବା ପୂର୍ବରୁ ଓ ଚାଟଶାଳୀକୁ ଗଲା ପରେ ବି ଚାଟଶାଳୀରେ ବସି ନଥିଲା ବେଳେ ଆମ ଶିଶୁଂକ ସ୍ୱାଧୀନ ଓ ଅଜ୍ଞାତ ଗୃହ ଶିକ୍ଷାର ଏହା ଏକ ପ୍ରଧାନ ଅଙ୍ଗ ଥିଲା । ଜାତୀୟ ସାହିତ୍ୟ ଖାଲି ଆଲୋଚନା ପାଇଁ ନୁହେଁ । ତାର ବ୍ୟବହାର

Digitized by PPRACHIN, SOA

ଅଛି । ଜାତୀୟ ଶିକ୍ଷା, ପରଂପରାରେ ପ୍ରତିଷ୍ଠିତ ଥିବା ପ୍ରତିଭା-ବିକାଶର ଭିତ୍ତି ଉପରେ ତାହା ସ୍ଥାପିତ ହେବା ଦରକାର । ବିଶେଷରେ ଶିଶୁ ଶିକ୍ଷା ସେଇ ପୀଠରେ ଠିଆ ନହେଲେ ଭ୍ରଷ୍ଟ ହୁଏ । ପିଲାଙ୍କ ଖେଳରେ, ଗୀତରେ, କାହାଣୀରେ ସର୍ବତ୍ର ଏହାର ଦେଖିବାର ଜିନିଷ ।”

( ଓଡ଼ିଆ ସାହିତ୍ୟର କ୍ରମ ପରିଣାମ-ପ୍ରଥମ ଭାଗ–ପୃ ୭୭-୭୯ )

ପିଲାଙ୍କପାଇଁ “ସରସ ପାଠ” ଲେଖିଲାବେଳେ ଅତ୍ୟନ୍ତ ଶିଶୁ ମନଲୋଭା ଭାଷାରେ ପଣ୍ଡିତ ନୀଳକଂଠ ବିଦେଶୀ କାହାଣୀକୁ ପରିବେଶଣ କରିଯାଇଛନ୍ତି । କାହାଣୀଟିକୁ ଅଧିକ ଆକର୍ଷଣୀୟ କରିବାକୁ ଯାଇଁ ସେ ମଧ୍ୟେ ମଧ୍ୟେ ପିଲାଂକ ମନଲାଖି ଗୀତ ମଧ୍ୟ ଯୋଡ଼ି ଦେଇଛନ୍ତି । ଉଦାହରଣ ସ୍ୱରୂପ : ଚୀନା ପିଲାଙ୍କ ଖେଳ ବିଷୟରେ ଏହିପରି ଅଛି–

ଟୋପିରେ ଖୋସିଲା ମୟୂର ଚୂଳ ସେ
ଗଡ ଅଗଣାରେ ପଶିଲା ବୀର,
ପିଲାଏ ଭେଟିଲେ ଘୋଡ଼ାଏ ଧରିଣ
ଭାଙ୍ଗି ଯାଇଥିଲା ଗଡ ଦୁଆର ।

ଆଉ ଏକ ସ୍ଥାନରେ–

“ଦିଓଟି ଭଉଣୀ ସରିସମ
ଭିତରେ ଗୋଟିଏ ବାହାରେ ଗୋଟିଏ
ବେକରେ ବାନ୍ଧିଚି ଚଉସମ ।”

(ଓଡ଼ିଆ ସାହିତ୍ୟର କ୍ରମ ପରିଣାମ–ପ୍ରଥମଭାଗ ପୃ ୮୦–୮୧)

## ନୀଳକଂଠଂକ ଶିଶୁଗୀତିକାରେ ପାରିବାରିକ ଚିତ୍ର

ସେ ଦିନର ଶିଶୁ ଆଜି ପାକଳ ବୁଢ଼ା ହୋଇ ଯାଉଛି । ଜୀବନର ଉଠପଡ଼ ରାଜପଥରେ ବହୁଦୂର ଅତିକ୍ରମ କରିସାରିଲାପରେ ସେ ବେଳେ ବେଳେ ପଛକୁ ଫେରିଚାହେଁ । ସ୍ମୃତିର ଦର୍ପଣରେ ଉଜଳି ଉଠେ ଅନେକ ସରସିଆ ମଧୁମୟ ଚିତ୍ର । ତାର ମନେପଡ଼ିଯାଏ ପିଲାଦିନର କେତେ ଛୋଟବଡ ଘଟଣା ଓ ଦୁର୍ଘଟଣା, ଯାହା ମନରେ ଗାରହୋଇ ରହିଛି । ମାମୁଁଘରୁ

Digitized by PPRACHIN, SOA

ପିଲାଦିନେ କଣ୍ଢେଇ ପାଇଥିଲେ ଖେଳିବାପାଇଁ । ଭାଇଟି ତାର ଖେଳ କଣ୍ଢେଇଟି ଭାଙ୍ଗିଦେଇ ଆଖି ପକାଇଛି ସାନ ଭଉଣୀର କଣ୍ଢେଇ ଉପରେ । କଣ୍ଢେଇପାଇଁ କେତେ ଟଣା ଓଟରା, କଳି କଜିଆ । ଶେଷରେ ଟିକି ଭଉଣୀଟି ତାର କଣ୍ଢେଇକୁ ଭାଇକୁ ଯାଚିକରି ଦେଇଦିଏ । ରହୁଁ ରହୁଁ କଳିକଥା ସେମାନେ ପାସୋରି ଖେଳି ବସନ୍ତି । ଏପରି ଅମଳିନ ସ୍ନେହର ଚିତ୍ରଟିଏ ନୀଳକଂଠ ରୂପାୟିତ କରିଛନ୍ତି 'ଟିକି ଭଉଣୀ' କବିତାରେ ।

ସବୁ ପିଲାଏ ପ୍ରକୃତି କୋଳରେ ବଢନ୍ତି । ତାରି ମଧ୍ୟରେ ନାଚିକୁଦି ମଣିଷ ହୁଅନ୍ତି । ସେଇ ପ୍ରାକୃତିକ ବିଭବପ୍ରତି ସେମାନଙ୍କର ଆକର୍ଷଣ କଳ୍ପନାତୀତ । ଖରା, ପବନ, ପର୍ବତ, ଗଛଲଟା, ପକ୍ଷୀ, ସମଦ୍ର, ଜହ୍ନ, ପାହାଡ଼, କୁଳୁକୁଳୁ ନଈ, ଚିଲିକା ସବୁ କିଛି ପିଲାଙ୍କର ଆପଣାର ହୋଇଯାଏ । ସେଇଠି ଶିଶୁ ମନରେ ଖେଳିଯାଏ ଏଇ ସଂସାରର ଅପରୂପ ସୌନ୍ଦର୍ଯ୍ୟର ଚିତ୍ର । "କି ସୁନ୍ଦର ଏ ସଂସାର" କବିତାରେ ଶିଶୁ ମନରକଥା ନୀଳକଂଠ କହିଛନ୍ତି ଅତିଶୟ ଅନୁପମ ଭାଷାରେ–

"କି ସୁନ୍ଦର ଏ ସଂସାର
କେଡ଼େ ସୁଖ ପିଲାଙ୍କର
ହସି ଖେଳି ବୁଲନ୍ତି ସେ
କି ଶୋଭା ଦିଶେ ।"

ନିଜ ସଂସାରର ପ୍ରକୃତି କୋଳରେ ବଢୁଥିବା ଅବସ୍ଥାରେ ଘର ଗୁହାଳରେ ବନ୍ଧାଥିବା ପାଟ ଗାଇପ୍ରତି ଶିଶୁଟିଏ ଅଧିକ ଆକୃଷ୍ଟ ହୋଇପଡ଼େ । ତାରି ଦୁଧ ଖାଇ ସେ ମଣିଷ ହେଉଥାଏ । ସେ 'ହମା' ରଡ଼ିଦେଲେ ତାର ମନ ଆପେ ଆପେ ଟାଣି ହୋଇଯାଏ । ସେଇ ଗାଇର ପିଲା ବାଛୁରୀ ହୁଏ ତାର ନିତିଦିନର ଖେଳସାଥୀ । ସେ କେତେ ଆଗ୍ରହ ଓ କୌତୁକରେ ପାଟ ଗାଇକୁ ଡାକଦିଏ ଘାସ ଖାଇବାକୁ । ସଂଜ ମାଡ଼ି ଆସୁଛି । ଗୁହାଳର କୁଣ୍ଡରେ କୁଣ୍ଡା, କୁଳୁଚି, କତୁରା ଛଣ ସବୁ ତୋରଣିରେ ମିଶି ସଜଡ଼ାହୋଇ ଥୁଆ ହୋଇଛି । ଶିଶୁଟି ଘରକୁ ଡାକୁଛି ପାଟ ଗାଇକୁ । କାରଣ ବାପା ତାକୁ ତୋରଣି ଆହାର ଦେବେ । ସେଇ କଥାଟି କବି ନୀଳକଣ୍ଠଙ୍କ ଭାଷାରେ କେଡେ ସାବଲୀଳ ଭାବରେ ରୂପ ପାଇଛି ଦେଖନ୍ତୁ–

Digitized by PPRACHIN, SOA

କୁନି ବାଛୁରୀ　　କରୁଛି ଅଳି
ଖାଇବ ଦୁଧ　　ମୁଣ୍ଡିଆ ମାରି,
ଟେକି ଦେବ ସେ　　ଟିକି ଲାଙ୍ଗୁଡ
ମାରିବ ମୁହଁ　　ଚିରକୁ ଚିର
ଦେଖିବି ମୁଁ ତା ନାଟ ।

(ଆ ମୋ ପାଟ)

"ଆମ ନେତ" କବିତାରେ ଏହି ଚିତ୍ରଟି ଆହୁରି ମାର୍ମିକ ଓ ଅତ୍ୟନ୍ତ ହୃଦୟସ୍ପର୍ଶୀ । ନେତ ଗାଈଟି କେବଳ ପିଲାଟିପାଇଁ ସୁନ୍ଦର ନୁହଁ, ସେ ସାଙ୍ଗସାଥିମାନଙ୍କୁ ତାର ମୁଣ୍ଡର ଗ୍ରନ୍ଦ ଚିହ୍ନ, କଳା ଲାଙ୍ଗୁଳ, ଗଜା ଶିଙ୍ଗ ଦୁଇଟି ଦେଖାଇଦେଇ କେତେ ଆନନ୍ଦ ଲାଭ କରିଥାଏ । ତାର ବେକତଳ ଆଉଁସି କୁଣ୍ଡାଇଦେଲେ ସେ ଆନନ୍ଦରେ ଦେହରେ ଘଷିହୋଇ ସୁଖ ପାଉଥାଏ । ଶିଶୁକାଳର ସେହି ଖେଳ ଅରଦୋଳି କେତେ ସ୍ୱାଭାବିକ ରୀତିରେ ଲେଖିଛନ୍ତି କବି ଏହିପରି–

"ଗୋଡ଼ ସନ୍ଧିରେ　　ମୁହଁ ଗଳାଇ
କୁତୁ କୁତୁ କରି　　ପହ୍ନା ହଲାଇ
ଚିର ଓଟାରି　　ଦୁହିଁବି ଦୁଧ
ମାରିବ ନାହିଁ ସେ ନାତ,
ଆସ ଗୋ ବଉଳ,　　ଆରେ ହରି
ଦେଖିବ ଆମ ନେତ,
ଦେବି ମୁଁ, ଖାଇବ　　କଅଁଳ ଦୂବ
ଗୁଟିବ ସେ ମୋ ହାତ ।"　　(ଆମ ନେତ)

## ଶିଶୁ ମନର ବିକଶିତ ପ୍ରକାଶ ଭଙ୍ଗୀର ସାର୍ଥକ ରୂପକାର ନୀଳକଂଠ

ଶିଶୁ ପିଲାଟି କୈଶୋରରେ ପଦାର୍ପଣ କରେ । ତାରି ପାଇଁ ଆମର ପାରିବାରିକ ଜୀବନରେ କେତେ ଉତ୍ସବ ପାଳନ କରାଯାଏ । ନାନା ଭୋଜି-ଭାତ ପିଠାପଣା ମଉଚ୍ଛରେ ଅଂଶ ଗ୍ରହଣ କରି ସେ ସୁଖୀ ହୁଏ । କେତେ

Digitized by PPRACHIN, SOA

ମେଳା ଓ ମେଳଣ ମଧ୍ୟରେ ସାଙ୍ଗସାଥୀ ଗହଣରେ ସେ ଆନଂଦ ଉପଲବ୍ଧି କରିଥାଏ । ଏଇମିତି ଗୋଟିଏ ଅତି ଆପଣାର ପର୍ବ କୁଆଁର ପୁନେଇ ବିଷୟରେ ନୀଳକଂଠ ଲେଖୁଛଂତି ପିଲମାନଙ୍କ ପାଇଁ । ପିଲଟିଦିନୁ ବାପା ମାଆଙ୍କ କୋଳରେ ସେ ଅତ୍ୟଂତ ଭଲ ପାଇ ବସିଛି ତାର ଜହ୍ନମାମୁଁକୁ । ସେଇ ଚିତ୍ରଟି କବିଂକ ଭଷାରେ ଅତ୍ୟଂତ ଉପଭୋଗ୍ୟ ହୋଇଛି ।

"କୁଆଁର ପୁନିଅଁ ଜହ୍ନ କେଡ଼େ ସୁନ୍ଦର
ମଜା ରୂପାଥାଳି ଜହ୍ନମାମୁଁଟି ମୋର ।
ନାହିଁ ଝଡ଼ି, ଘଡ଼ଘଡ଼ି
ନାହିଁ ଆଉ ନଇବଢ଼ି
ଫିଟି ଅଛି ବାଟ ଘାଟ ପାଣି ନିର୍ମଳ
କୁଆଁର ପୁନିଅଁ ଜହ୍ନ କେଡ଼େ ସୁନ୍ଦର ।

( ଜହ୍ନମାମୁଁ )

"ମୋ ଟିକି ଘର" କବିତାରେ ନୀଳକଂଠ ଶିଶୁ ମନର ଯାଦୁକରି ପ୍ରତିକ୍ରିୟାକୁ ଅତ୍ୟଂତ ସ୍ୱାଭବିକ ଭବରେ ପ୍ରକାଶ କରିଛଂତି । ବନସ୍ତ ଭିତରେ ଏକୁଟିଆ ଝାଟିମାଟିର ଘର । ଚ଼ରିଆଡେ ପ୍ରକୃତି ରାଣୀ ହସି ଉଠୁଛି । କେତେ ପ୍ରକାର ଫୁଲ ଫଳରେ ବଣର ଅସରନ୍ତି ଶୋଭ ଶିଶୁ-ମନକୁ ଚହଲଇ ଦେଉଛି । ଛୋଟ ନଈଟିଏ କୁଳୁ କୁଳୁ ଧ୍ୱନି କରି ବହି ଯାଉଛି ଘର ପାଖରେ । ସେଇ ଟିକି ଘରେ ବାଆବତାସୀକୁ ଭୟ ନାହିଁ । ଖରା କାକରକୁ ଭ୍ରୁକ୍ଷେପ ନାହିଁ । ଘରଟି ତା ପାଇଁ ସ୍ୱର୍ଗର ବିଭୂତି ବୁହାଇ ଆଣିଛି ।

"ବସିଥାଏ ଅଡ଼ଂଗେ ମୁଁ    ଶୁଆକୁ ଚ଼ହିଁ
ଡାକୁଥାଏ ସାରୀ ଗଛ    ଗହଳେ ଥାଇ ।
ବୁଣେ ମୁହିଁ ଖୁଦ କଣି
ଖୁଣ୍ଟି ଖାଉଥାଏ ବଣି
ଘୁମୁରି ଘୁମୁରି ତେଣୁ    ଆସଇ ପାରା
ଡେଇଁ ଉଡ଼ିଯାଏ ବଣି    ନ ଦିଏ ଧରା ।

( ମୋ ଟିକି ଘର )

Digitized by PPRACHIN, SOA

କିଶୋର ବୟସରେ ସାଙ୍ଗସାଥୀ ମେଳରେ ବାଡ଼ିବଗିଚ୍ଛରେ ପ୍ରଜାପତି ପଛରେ ଗୋଡ଼ାଇବାର ଦୃଶ୍ୟ କେଡ଼େ ଚମତ୍କାର । ଛୋଟ ଚଢେଇଟିଏ ପତ୍ରକୁ ପତ୍ର ଡେଇଁ ଡେଇଁ ଖେଳୁଛି । ଛୋଟ ପିଲଟି ପରି ପଛେ ପଛେ ଗୋଡ଼ାଇଛି ତାକୁ ଧରି ପକାଇବ ବୋଲି । ଚଢ଼େଇଟିକୁ ସେ ପ୍ରଲୋଭନ ଦେଖାଉଛି ଅତ୍ୟନ୍ତ ଯତ୍ନରେ ପାଳିବ ବୋଲି । ମାତ୍ର କବି ନୀଳକଂଠ ଚଢ଼େଇର ବକ୍ତବ୍ୟ ମଧ୍ୟରେ ସ୍ୱାଧୀନତାର ଗୌରବ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ପରାଧୀନ ଭାରତବର୍ଷରେ ପିଲମାନଙ୍କର ମନରେ ନୂତନ ପ୍ରଶ୍ନର ସଂଗ୍ରହ କରିବା ପାଇଁ "ପିଲ ଓ ଚଢ଼େଇ" କବିତାଟି ଅତ୍ୟନ୍ତ ହୃଦ୍ୟ ନୁହେଁ କି ?

କବି ନୀଳକଂଠ ତାଙ୍କର ଶିଶୁ ଉପଯୋଗୀ କବିତା ଗୁଡ଼ିକରେ କେବଳ ବର୍ଣ୍ଣନାର ଚାତୁରୀ ପ୍ରକାଶ କରି ସନ୍ତୁଷ୍ଟ ରହିନାହାନ୍ତି । ସେ ଶିଶୁମନର କଳ୍ପନା ଶକ୍ତିକୁ ପ୍ରସାରିତ କରିଛନ୍ତି । ତା'ର ମନରେ ଆଂକି ଦେଇଛନ୍ତି ସ୍ନେହ, ପ୍ରେମ ଏବଂ ସହାନୁଭୂତିର ଅବିସ୍ମୃତ ଚିତ୍ର । ଶିଶୁ ଏ ଦେଶକୁ ଚିହ୍ନିବା ପାଇଁ ଚେଷ୍ଟା କରିଛି । ତା'ର ସୁଖ ଓ ଦୁଃଖରେ ସାଥୀ ହେବାପାଇଁ ବ୍ୟାକୁଳତା ପ୍ରକାଶ କରିଛି । ଏଇମିତି ଗୋଟିଏ ସାର୍ଥକ ଶିଶୁ କବିତା ହେଉଛି "ଚଷାର ଭାଗ୍ୟ" । ଚଷାପୁଅ ମିହନତ ନକଲେ ଦେଶର ଲୋକେ ଖାଇବାକୁ ପାଆନ୍ତେ ନାହିଁ । ତାରି ଶ୍ରମ ଓ ତ୍ୟାଗର ବିନିମୟରେ ସମଗ୍ର ସମାଜ ଉପକୃତ ହୁଏ । ଚଷାପୁଅର ଜୀବନ ସଂଗ୍ରାମ ଅତ୍ୟନ୍ତ ଜଟିଳ । ଖରା, ବର୍ଷା, ଶୀତର ପ୍ରକୋପ ସହ୍ୟ କରି ସେ ଚାଷରେ ଲଗିଥାଏ । ଯାହା ବା ଅମଳ କରେ, ସେଥିରୁ ମହାଜନପାଉଣା, ସେବାବରତନ, ହଳିଆ ଲଗୁଡି, ବେଭାର, ଦକ୍ଷିଣା, ଦାନ, ପିଲଙ୍କ ବାହାଘର, ପାଠପଢ଼ା ଖର୍ଚ୍ଚ ସବୁ କିଛି ତୁଲାଇବାକୁ ହୁଏ । ଏଣୁ ଚଷା ଭାଇକୁ ଯେପରି କେହି ଶୋଚନା ନ ଦିଅନ୍ତି । ତାର ସୁଖ ଓ ଶାନ୍ତି ଉପରେ ସମଗ୍ର ଦେଶର ସୁଖ ଓ ଶାନ୍ତି ନିର୍ଭର କରୁଛି–

"ଚଷାର ପରମ ଭାଗ୍ୟ ନିତି ଲଗିଥାଏ ସେ
ଉପୁଜାଏ ଧାନ ସେହୁ ନିଏ କେତେ କିଏ ସେ,
ତାହାରି ବଣ୍ଟାରେ ଭୁଂଜେ ସୁଖଶାନ୍ତି ଏ ମହୀ
ତାହାରି କରମ ଫଳେ ରାଜ୍ୟ ଲକ୍ଷ୍ମୀ ହସଇ ।"

(ଚଷାର ଭାଗ୍ୟ)

Digitized by PPRACHIN, SOA

କାହାଣୀ ଛଳରେ ନୀଳକଂଠ "ଭାଗ୍ୟନିନ୍ଦି କି ଲାଭ" ଏବଂ "ବେଙ୍ଗ ଓ ବୁଢ଼ୀଆଣୀ" ଶୀର୍ଷକ ଦୁଇଟି କବିତାରେ ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ଚେଷ୍ଟା କରିଛନ୍ତି । ଏ ଦେଶରେ ଅଧିକାଂଶ ଲୋକ ଭାଗ୍ୟବାଦରେ ବିଶ୍ୱାସ କରନ୍ତି । ତେଣୁ ସେମାନେ ସବୁ ସମୟରେ ମନକୁ ଦୁର୍ବଳ କରିଦେଇଥିବା ଜଣାଯାଏ । ଏଥିପାଇଁ ଆମର ଲୋକବିଶ୍ୱାସ ବହୁ ପରିମାଣରେ ଦାୟୀ । ନୀଳକଂଠ ଏ କଥା ପସନ୍ଦ କରିନାହାଂତି । ମନକୁ ଛୋଟ କରିଦେଲେ ଜାତି ଅଗ୍ରସର ହୋଇପାରିବ ନାହିଁ । ଶିଶୁ ବୟସରୁ ଜୀବନକୁ ସେହିପରି ଗଢ଼ିବାକୁ ହେବ । ଆତ୍ମବିଶ୍ୱାସରେ ଏ ଦେଶର ଶିଶୁ ମହୀୟାନ ହୋଇ ଉଠୁ, ଏହାହିଁ କବି ନୀଳକଂଠଙ୍କର ବାଣୀ ।

## ଶିଶୁ ମନରେ ସ୍ୱାଧୀନତା ଓ ଜାତୀୟତାର ମୂଲ୍ୟବୋଧ

କବି ନୀଳକଂଠ ପରାଧୀନ ଭାରତରେ ଶିଶୁମାନଙ୍କୁ ମଣିଷ କରିବାର ଦାୟିତ୍ୱ ବହନ କରିଥିଲେ ଚରମ ତ୍ୟାଗ ସ୍ୱୀକାର କରି । ସତ୍ୟବାଦୀ ବନ ବିଦ୍ୟାଳୟରେ ତାଙ୍କର ଏ ସାଧନା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଅଛି । ଯେତେବେଳେ ପରାଧୀନତାର ଅମା ଅନ୍ଧକାର ସମଗ୍ର ଦେଶକୁ ଆଚ୍ଛନ୍ନ କରି ରଖିଥାଏ । ଏକ ନିର୍ଦ୍ଦିତ ପରିବେଶ ମଧ୍ୟରେ ହୀନମନ୍ୟତାର ଗ୍ଲାନି ଦେଶବାସୀଙ୍କୁ ଅତ୍ୟନ୍ତ ପୀଡ଼ିତ ଏବଂ ନିଷ୍ପ୍ରାଣ କରି ଦେଇଥାଏ । ସ୍ୱାଧୀନତା ଯେ ଆମର କାମ୍ୟ, ଜାତୀୟତା-ବୋଧ ଯେ ଆମର ଅତ୍ୟନ୍ତ ଧ୍ୟେୟ, ଏଇ କଥାଟିର ମୂଲ୍ୟବୋଧ କେହି ସ୍ୱୀକାର କରିବାକୁ ପ୍ରସ୍ତୁତ ହେଉନଥାନ୍ତି । କବି ନୀଳକଂଠ "ପିଲା ଓ ଚଢ଼େଇ" ବୋଲି ଗୀତଟିଏ ଲେଖିଥିଲେ ସଂତାପ କରିଆରେ । ପିଲାଟି ଚଢେଇକୁ ଧରି ଆନନ୍ଦରେ ଖେଳିବାକୁ ଚାହେଁ । ସେ ତେଣୁ ତାକୁ ପ୍ରଲୋଭନ ଦେଖାଉଛି–ଭଲ ଖାଇବାକୁ ଦେଇ ଯତ୍ନରେ ରଖିବ ବୋଲି; ଯଦି ସେ ତାକୁ ଆପେ ଆପେ ଧରାଦିଏ । ଚଢ଼େଇଟି ପିଲାଟିକୁ ଉତ୍ତର ଦେଇଛି–

"ଡେଣା ପିଟି ଖାଉଛି ମୁଁ ଇଛାରେ ଚରି
ଉପାସ ବାଧିବ ନାହିଁ ବଂଧନ ପରି ।
ଗୀତ ଗାଇ ପୋଷା ହେବା ନୁହେ ମୋ କାମ
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।

(ପିଲା ଓ ଚଢ଼େଇ)

Digitized by PPRACHIN, SOA

ଏଇ ଗୀତଟି ଜରିଆରେ ସ୍ୱାଧୀନତାର ମହାନ ଆଦର୍ଶର ବୀଜ କବି ପ୍ରୋତ୍‌ଥିତ କରିଛନ୍ତି ଶିଶୁମନରେ । ଜୀବନର ଯେ କୌଣସି ତ୍ୟାଗର ବିନିମୟରେ ସ୍ୱାଧୀନତା ଆମର କାମ୍ୟ ହେଉ ।

ଜାତୀୟ ପତାକା ହେଉଛି, ଆମ ଜାତୀୟତାର ପ୍ରତୀକ । ତାରି ତଳେ ଠିଆ ହୋଇ ପରାଧୀନ ଭାରତର ଲୋକେ ଶପଥ ଗ୍ରହଣ କରିଥିଲେ, ବିଦେଶୀ ଶାସକଙ୍କୁ ବିତାଡ଼ିତ କରି ସ୍ୱାଧୀନତା ହାସଲ କରିବା ପାଇଁ । ସେହି ପତାକା ମଧ୍ୟ ବିଶାଳ ଭାରତରେ ଧର୍ମନିରପେକ୍ଷତା ଏବଂ ଜାତୀୟ ସଂହତିର ବାର୍ତ୍ତା ପ୍ରଚାର କରୁଥିବ । ଏହି ଆଦର୍ଶରେ ଏ ଦେଶର ନାଗରିକ ଉଦ୍‌ବୁଦ୍ଧ ହେବା ଆବଶ୍ୟକ । ପିଲାଂକୁ ଅନୁପ୍ରାଣିତ କରିବା ପାଇଁ ନୀଳକଂଠ ଲେଖୁଛନ୍ତି–

ପବନ ଲହରେ ନାଚଇ ଆମ ତ୍ରିରଙ୍ଗ ବାନା
ତିନି ରଙ୍ଗ ଧରି ନଗ୍ନ ଏ ଆମ ଘର କରଣା ।
ଲାଲ ରଙ୍ଗେ ହିନ୍ଦୁ, ଶାଗୁଆ ରଙ୍ଗେ ମୁସଲମାନ,
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।
ଉଡ଼ରେ ପତାକା ଉଡ଼ ତୁ ଉଚ୍ଚ ପବନେ ଖେଳି
ରହୁ ଏ ଭାରତ ଜଗତେ ତୋଳି ଉଚ୍ଚ ମଥାଳି ।
କି ଲାଲ, କି ନେଳି, କି ଧଳା, ସବୁ ଯାଉରେ ମିଶି,
ଗଗନ ପବନେ ଭାରତ ବାନା ଦିଶୁ ଝଲସି ।
ଏ ବାନା ମହିମା ପବନେ ଖେଳୁଥାଉ ସତତ
ସ୍ୱାଧୀନ ଭାରତ ସନ୍ତକ ଦେଖଥାଉ ଜଗତ ।

ଭାରତର ଶିଶୁ ଯୁବକ, ବାଳବୃଦ୍ଧ ସକଳେ
ଜୁହାର ହେଉଛୁଁ, ପତାକା, ଖେଳ ତୁହି ସମୀରେ ।"

(ଆମ ଜାତୀୟ ପତାକା)

ଦେଶପାଇଁ ଆମକୁ ତ୍ୟାଗ କରିବାକୁ ହେବ । ସମୂହ କଲ୍ୟାଣପାଇଁ ଜୀବନ ଉତ୍ସର୍ଗ କରିଦେଲେ ଦେଶର ମହୋପକାର ସାଧିତ ହୋଇଥାଏ । 'ବହୁ ଜନ ହିତାୟ' ହେଉଛି ଏ ଦେଶର ସାଂସ୍କୃତିକ ଐତିହ୍ୟ । ଏହି

Digitized by PPRACHIN, SOA

ଆଦର୍ଶରେ ପିଲମାନେ ଅନୁପ୍ରାଣିତ ହେବା ଆବଶ୍ୟକ । ସେଥିପାଇଁ କିମ୍ବଦନ୍ତୀରେ ବହୁଳ ପ୍ରଚ଼ରିତ "ବାରଶ ବଢ଼ାଇରେ ଦାୟ କି ପୁଅରେ ଦାୟ" କାହାଣୀକୁ ଉପଲକ୍ଷ କରି ନୀଳକଂଠ ଲେଖିଛନ୍ତି "ବଢ଼େଇ ବାଳକ" ଗୀତଟି । କିଶୋର ବଢ଼େଇ ପିଲଟି ସମଗ୍ର ସମାଜର କଲ୍ୟାଣ କାମନା କରି କୋଣାର୍କ ଦେଉଳରୁ ସମୁଦ୍ରର ଉତ୍ତାଳ ତରଙ୍ଗ ମଧ୍ୟରେ ଝାସ ଦେଇ ଅପୂର୍ବ ତ୍ୟାଗ ସ୍ୱୀକାର କରିଗଲ । ରଖିଗଲ ଏକ ମହାନ୍ ଆଦର୍ଶ ପରାଧୀନ ସ୍ୱାର୍ଥ ସର୍ବସ୍ୱ ବ୍ୟକ୍ତିନିଷ୍ଠ ବିଡ଼ମ୍ବିତ ଭାରତୀୟ ସମାଜ ପାଇଁ । ଏହିପରି ତ୍ୟାଗ ସ୍ୱୀକାର କରିବାପାଇଁ ଦେଶବାସୀ ଅଗ୍ରସର ନହେଲେ ଏ ଦେଶର ଦୁଃଖ ଘୁଞ୍ଚିବ ନାହିଁ । କବି ଲେଖିଥିଲେ–

"ବାଳକ ବୁଝିଲ– କି ଅବା ମୋର ଛାର ଜୀବନ
ମୋ ପାଇଁ କାହିଁକି ବାରଶ ସତେ ଖୋଇବେ ପ୍ରାଣ ।

ଗତି ନ ପାଉଁ ସେ ଉଠିଲ ସୂର୍ଯ୍ୟ ଦେଉଳ ଚୂଳେ,
ବିଭୁଙ୍କୁ ସୁମରି ଆନଂଦେ ଡେଇଁ ପଡ଼ିଲ ଜଳେ ।"

( ବଢ଼େଇ ବାଳକ )

## ନିଜ ସୁଖ ଲାଗି କାନ୍ଦୁ ନୁହେଁ ହୃଦ

ଉତ୍କଳମଣି ଗୋପବନ୍ଧୁଙ୍କ ଏହି ଉଦାରବାଣୀ ତାଙ୍କର ସହଯୋଗୀ ସହକର୍ମୀମାନଙ୍କ ମନକୁ ଉଚ୍ଛୁଳାଇ ଦେଇଥିଲ । ସେଥିପାଇଁ ସେମାନେ କେବଳ ବାକ୍ୟବୀର ନଥିଲେ । ନିଜର ଆଚରଣରେ ତାହା ଦେଖାଇ ଦେଇ ଯାଇଅଛନ୍ତି । କବି ନୀଳକଂଠ ପିଲମାନଙ୍କ ପାଇଁ ଯାହା କିଛି ଲେଖିଛନ୍ତି, ସେଥିରେ ଏହି ମହାନୁଭବତାର ବାଣୀ ସ୍ଥାନ ଲଭ କରିଛି । "ସିଦ୍ଧାର୍ଥ ଓ ହଂସ" କବିତାରେ ତ୍ୟାଗ ଓ ପ୍ରେମର ଏହି ଆଦର୍ଶ ପ୍ରତିଷ୍ଠା ଲଭ କରିଛି । ବୁଦ୍ଧଦେବଙ୍କ ଭାଇ ଦେବଦତ୍ତ ହଂସକୁ ଶର ମାରି ଅଧିକାର ଦାବୀ କରୁଥିଲେ । ବୁଦ୍ଧଦେବ ତାର ପ୍ରାଣ ରକ୍ଷା କରି ତାରି ଜୀବନ ଉପରେ ଅଧିକାର ସାବ୍ୟସ୍ତ କଲେ । ଅନ୍ୟର ପ୍ରାଣରକ୍ଷା କରିବାକୁ ଯାଇ ଶାକ୍ୟ ରାଜ୍ୟ ଯଦି ହରାଇବାକୁ ପଡ଼େ, ଏଥିପାଇଁ ମଧ୍ୟ ବୁଦ୍ଧଦେବ ପ୍ରସ୍ତୁତ ହୋଇ ଯାଇଥିଲେ । ଏହାହିଁ ହେଉଛି ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ।

Digitized by PPRACHIN, SOA

"ନିଅ ଶାକ୍ୟ-ରାଜ୍ୟ, ନାହିଁ
ତହିଁ ମୋର ଲୋଡ଼ା
ହଂସଟିକୁ ନ କରିବି
କେବେ ହାତ ଛଡ଼ା ।"

( ସିଦ୍ଧାର୍ଥ ଓ ହଂସ )

## ନୀଳକଂଠଂକ ଗଦ୍ୟ ସାହିତ୍ୟ

କବି ନୀଳକଂଠ ପିଲାଙ୍କ ପାଇଁ ଭାଗବତ, ରାମାୟଣ ଓ ମହାଭାରତ ଲେଖିଥିଲେ । ପିଲାମାନେ ଆମ ଦେଶର ଏହି ମହାନ ଗ୍ରନ୍ଥ ତ୍ରୟ ପାଠ ନକଲେ ଆମର ସଂସ୍କୃତି ଓ ପରଂପରା ବିଷୟରେ ସଚେତନ ହୋଇ ପାରିବେ ନାହିଁ । ସେମାନଙ୍କର ଚରିତ୍ରର ପ୍ରକୃତ ବିକାଶ ମଧ୍ୟ ସମ୍ଭବ ହେବ ନାହିଁ । "ପିଲାଙ୍କ ଭାଗବତ"ରେ 'ଅନ୍ନଭିକ୍ଷା' ଗଳ୍ପରେ କେତେ ମଧୁମୟ ଭାଷାରେ ନୀଳକଂଠ ଲେଖିଛନ୍ତି– "ମୋ କଥା ଶୁଣ । ଏ ଗଛମାନଙ୍କୁ ସମସ୍ତେ ଦେଖୁଚ । ଏମାନଙ୍କର କି ସୌଭାଗ୍ୟ । ଏମାନେ ଖାଲି ପରର ଉପକାର କରିବା ପାଇଁ ବଞ୍ଚୁଛନ୍ତି । ଖରା, ବର୍ଷା, ଶୀତ, ପବନ ସବୁ ସହୁଚନ୍ତି । ଯାଙ୍କ ଦୁଃଖରେ ଆଶ୍ରା ହବାପାଇଁ କେହି ନାଇଁ । କିଏ ଛାଇ ପାଇଁ, କିଏ ପତ୍ର ପାଇଁ, କିଏ ଫଳ ପାଇଁ ଯାଙ୍କ ପାଖକୁ ଆସୁଛନ୍ତି । କେହି ନିରାଶ ହୋଇ ଫେରୁ ନାହାନ୍ତି । ତାଙ୍କର ପତ୍ର, ଫୁଲ, ଫଳ, ଛାଇ, ମୂଳ, ବକଳ, କାଠ, ଗନ୍ଧ, କ୍ଷୀର, ପାଉଁଶ, ଅଙ୍ଗାର ପ୍ରଭୃତି ଯାହା କିଛି ସମ୍ପତ୍ତି ଅଛି, ସବୁ ପରପାଇଁ । ମଣିଷମାନେ ଯାଂକଠାରୁ ଶିଖିବା ଉଚିତ । ପ୍ରାଣ, ଅର୍ଥ, ବୁଦ୍ଧି, ବାକ୍ୟ ପ୍ରଭୃତି ଯାହା କିଛି ମନୁଷ୍ୟର ଅଛି, ସେ ସବୁ ପରର ଉପକାରରେ, ପରର କାର୍ଯ୍ୟରେ ଲଗାଇ ପାରିଲେ ମନୁଷ୍ୟ ଧନ୍ୟ ହୁଏ ।"

( ନୀଳକଂଠ ଗ୍ରନ୍ଥାବଳୀ–ଦ୍ୱିତୀୟ ଖଣ୍ଡ–୧୯୬୫-ପୃ ୨୮ )

ନୀଳକଂଠ କେବଳ ସରଳ ଘରୋଇ ଭାଷାରେ ଗଳ୍ପ ଶୁଣାଇ ନାହାନ୍ତି, ଗଳ୍ପ ଗୁଡ଼ିକ କହୁ କହୁ ତାରି ଅନ୍ତରାଳରେ ଆମର ଭାରତୀୟ ସଂସ୍କୃତିର ଯେଉଁ ମହାନ ସତ୍ୟଟି ଛପି ରହିଛି, ତାକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ପ୍ରକାଶ କରି ଦେଇଛନ୍ତି । ଫଳରେ ଗଳ୍ପଟି ପଢ଼ିବା ସଙ୍ଗେ ସଙ୍ଗେ

Digitized by PPRACHIN, SOA

ଶିଶୁ ନିଜର ଚରିତ୍ରର ଗଠନ ପାଇଁ ଆପେ ଆପେ ପ୍ରେରଣା ଲଭ କରି ପାରିବ ।

ନୀଳକଠଂକଂର ଶିଶୁମାନଙ୍କ ଉପଯୋଗୀ ରଚନାବଳୀର ସଂଖ୍ୟା ଅତ୍ୟନ୍ତ ମୁଷ୍ଟିମେୟ । ସାମାନ୍ୟ କେତୋଟି ଶିଶୁ ଉପଯୋଗୀ ଗୀତ ଏବଂ ରମାୟଣ, ମହାଭରତ ଓ ଭଗବତ । କିଛି ଜାତୀୟ ଉଦ୍ଦୀପନାଧର୍ମୀ ଗୀତ ମଧ୍ୟ ସେ ଲେଖିଥିଲେ, ଯାହାକି ଏ ଦେଶର କିଶୋରମାନଙ୍କର ମନରେ ଜାତୀୟତା ଭବନା ସୃଷ୍ଟି କରି ପାରିବ ।

ନୀଳକଂଠ ଥିଲେ ଆଦର୍ଶ ଶିକ୍ଷକ । ଏକ ଉଜ୍ଜ୍ୱଳ ଆଦର୍ଶର ଅନୁରୋଧରେ ସେ ଶିକ୍ଷକତା ଓ ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ଏହା ତାଙ୍କ ଜୀବନର ପେଶା ନଥିଲା । ତାହା ଥିଲା ତାଙ୍କର ଜୀବନ-ଧର୍ମ, ପ୍ରାଣର ବ୍ୟାକୁଳତା । କବି ନୀଳକଂଠଂକ ଶିଶୁ ଉପଯୋଗୀ ସାହିତ୍ୟ-ସମ୍ଭାର ମଧ୍ୟରେ ସେହି ପ୍ରାଣ ପ୍ରଚୋଦନା ଛତ୍ରେ ଛତ୍ରେ ପ୍ରତିଫଳିତ ହୋଇଥିବା ଜଣାଯାଏ ।

●

Digitized by PPRACHIN, SOA

# ଶିଶୁ କବିତାରେ
# ନୀଳକଂଠଙ୍କ ବ୍ୟକ୍ତିତ୍ୱ

### ଡକ୍ଟର ନିତ୍ୟାନନ୍ଦ ଶତପଥି

ପୃଥିବୀର ବଡ ବଡ ଲେଖକ ଓ ମନୀଷୀ ପ୍ରବୃଦ୍ଧ ଜୀବନରେ ଶିଶୁ ଉପଯୋଗୀ ରଚନାରେ ମନୋନିବେଶ କରିଛଂତି । ନୀଳକଂଠ ସେମାନଙ୍କ ମଧ୍ୟରୁ ଜଣେ । ପ୍ରତିଦିନର ଥିଲ କଥା, ଥିଲ ଦୃଶ୍ୟ, ଥିଲ ଘଟଣାକୁ ନେଇ ତାଙ୍କ ଶିଶୁ କବିତା ରଚିତ । ମୁଁ ତାଙ୍କ ରଚିତ 'ପିଲଙ୍କ ରାମାୟଣ' ବା 'ପିଲଙ୍କ ମହାଭରତ' କଥା କହୁ ନାହିଁ । ସେ ସବୁ ତ ଅବଲଂବନ ଜନିତ ସୃଷ୍ଟି । କିଂତୁ ଯେଉଁ କେତୋଟି ଶିଶୁ ଉପଯୋଗୀ କବିତା ସେ ରଚନା କରିଛଂତି ତାର ବିଦଗ୍ଧ ଦୃଷ୍ଟି ଭଂଗୀ, ଶିଶୁର ସରଳମନକୁ ଆକୃଷ୍ଟ ଓ ଉଦ୍‌ବୁଦ୍ଧ କରିବାପାଇଁ ଅଭିଯୋଜନା, ମନସ୍ତାତ୍ତ୍ୱିକ ପରିବେଶ, ଭଷା, ଭବ ଓ ଶୈଳୀ—ଏ ସବୁ ବିଗ୍ରରକୁ ନେଲେ ପ୍ରତିଦିନର ଥିଲ କଥା ବା ସାଧାରଣ କଥାକୁ ସେ ଯେ କେବେ ୨ ଅସାଧାରଣ ଭବରେ ପରିବେଷଣ କରିଛଂତି, ଏକଥା ମାନିବାକୁ ହେବ । ପିଲମାନେ ତାଂକ ଜୀବନ ପରିଧି ମଧ୍ୟରେ ଆସୁଥିବା ଦୃଶ୍ୟ ଗୁଡ଼ିକ ସହିତ ଏକାନ୍ତ ଭବରେ ମଜ୍ଜି ଯାଆନ୍ତି । ସାପ ଖେଳଉ ଥିବା କେଳା, ଗାଇ ବାଛୁରୀ, ଚଢ଼େଇ, ବେଙ୍ଗ, ବୁଢିଆଣୀ, ମାଛି, ଖାଇବା ଜିନଷ, ବାପ ମା ଭଇ ଭଉଣୀ—ଏଇମାନେ ତ ତାଙ୍କ ଜୀବନ ପରିଧିର କେତୋଟି ନିତ୍ୟନୈମିତିକ ଦୃଶ୍ୟ ଓ ସମ୍ଭାର । ତେଣୁ ଏମାନଙ୍କୁ ଛାଡ଼ି ଦେଲେ କି ଶିଶୁ କବିତା ବା ହୋଇ-ପାରିବ ? କେତେଦୂର ବା ତାହା ସତ୍ୟର ସମୀପବର୍ତ୍ତୀ ହେବ ? କିନ୍ତୁ ଶିଶୁ ତ ଏକ ଯାନ୍ତ୍ରିକ ସୃଷ୍ଟି ନୁହେଁ । ତା' ଭିତରେ କ୍ରମେ କିଛି ଉଚ୍ଚ ଭବନା, ଉନ୍ନତ ମାନସିକତା ସୃଷ୍ଟି କରିବାକୁ ହେବ । ତାକୁ ତା ପରିବେଶ ଗ୍ରାମ, ଦେଶ ଓ ମନୀଷୀମାନଙ୍କ ପ୍ରତି ଆକୃଷ୍ଟ କରିବାକୁ ହେବ । ଏ ଦାୟିତ୍ୱକୁ ଜଣେ ଗଠନଶୀଳ ଶିକ୍ଷୀ, ଦେଶସେବୀ ଜନ ନେତା ଉପେକ୍ଷା କରି ପାରିବେ କି ? ତେଣୁ ଶିଶୁ ମନରେ ଜାତୀୟତାବୋଧ ଜାଗ୍ରତ କରିବା ପାଇଁ ନୀଳକଂଠ ତାଂକ ସୀମିତ ସଂଖ୍ୟକ ଶିଶୁ କବିତାରେ

Digitized by PPRACHIN, SOA

ବେଶ୍ ଉପଲବ୍ଧି କଲା ଭଳି ଆୟୋଜନ କରିଛନ୍ତି । ନିଜର ଦେଶ ଭାରତ ବର୍ଷ, ରାଷ୍ଟ୍ରର ପିତା ମହାତ୍ମାଗାନ୍ଧି ଓ ରାଷ୍ଟ୍ରର ଚିହ୍ନ ଜାତୀୟ ପତାକା ପ୍ରତି ଶିଶୁ ମନକୁ ଆକୃଷ୍ଟ କରିବା ଯେ ଏକ ଗୌରବପୂର୍ଣ୍ଣ ଦାୟିତ୍ୱ । ଏ ଦାୟିତ୍ୱକୁ କୌଣସି ସଚେତନ ସ୍ରଷ୍ଟା ଉପେକ୍ଷା କରି ପାରିବ ନାହିଁ । ଶିଶୁ ମନରେ ନିଜର ପରିବାର ଓ ପରିବେଶ ପ୍ରତି ଶ୍ରଦ୍ଧା, ସମର୍ପଣ ଓ ସହନଶୀଳତା ସୃଷ୍ଟି ପାଇଁ ତାଙ୍କର କେତୋଟି କବିତାରେ ସ୍ପଷ୍ଟ ଉଦ୍ୟମ ପରିଲକ୍ଷିତ ହୁଏ । କିନ୍ତୁ ନୀଳକଂଠ 'ମୋ ରଜା' ନାମକ ପଦ୍ୟଟି କାହିଁକି ଲେଖିଲେ ତାର ମର୍ମ ବୁଝି ହେଉନି । ରଜାରଜୁଡ଼ା ଓ ସେମାନଙ୍କ ରାଜତ୍ୱ ଗଲାପରେ ପୁଣି ରଜାଙ୍କ ପାଇଁ ଏତେ ଆଟୋପ କାହିଁକି ? ପାଟହାତୀ, ଆଡେଣୀ, ଚାମର ବ୍ୟଞ୍ଜନ ଓ ଏହିପରି ଆଡମ୍ବର ମଧ୍ୟରେ ରଜାଙ୍କ ଆଗମନ—ଏପରି ଏକ ଗୀତ ରଚନା କରିବା ପଛରେ ତାଂକର କି ଉଦ୍ଦେଶ୍ୟ ଥିଲା ? କିନ୍ତୁ ଦେଖିବାକୁ ହେବ ଯେ ସମଗ୍ର କବିତାଟି ଗୋଟିଏ ଲୋକ ଗୀତକୁ ଅବଲଂବନ କରିଛି । ଆଧୁନିକ ଓଡ଼ିଆ କବିତାରେ ଏପରି ଲୋକ-ଗୀତର ଉପାଦାନକୁ ବ୍ୟାପକ ଭାବେ ପରୀକ୍ଷା କରିଛଂତି କବି ନନ୍ଦକିଶୋର ।

"ମେଘ ବରଷିଲା ଟପର ଟପର
କେଶୁର ମାଇଲା ରଜା
କେଉଁ ରାଇଜରୁ ଅଇଲେ ମୋ ରଜା
ତେଲିଂଗି ବାଇଦ ବଜା ।"

ସମଗ୍ର କବିତାଟି ଗୋଟିଏ 'ପ୍ରତୀକ' ମାତ୍ର । ଏଠାରେ ରଜା ହେଉଛନ୍ତି ମେଘ ଦେବତା—ବଜ୍ରବିଜୁଳି, ଘଡ଼ଘଡ଼ି ମଧ୍ୟରେ ଧରାପୃଷ୍ଠକୁ ତାଙ୍କ ଆଗମନ ଅତ୍ୟନ୍ତ ରାଜକୀୟ । ଅଶିଣ ମାସଠାରୁ ରଜା ଯାଇଥିଲେ କାହାସହିତ ଯୁଦ୍ଧ କରିବାକୁ । ଦୋଳଠାରୁ ରଥ ପର୍ଯ୍ୟନ୍ତ ବର୍ଷାନଥିଲା । ରାଇଜଯାକ ଅସୁନ୍ଦର ଦେଖା ଯାଉଥିଲା । ପ୍ରଜାମାନେ ଦୁଃଖରେ ଥିଲେ । ଟମକ, କାହାଳୀ, ଢୋଲ ଆଦି ବାଦ୍ୟମଧ୍ୟକେ ମେଘ-ରଜାଙ୍କ ଆଗମନର ପରିକଳ୍ପନା ବେଶ୍ ଚମକପ୍ରଦ । ଶିଶୁ-କବିତାରେ ଏତେ ସୁନ୍ଦର ବୌଦ୍ଧିକ ରୂପକଳ୍ପ 'କି ସୁନ୍ଦର ଏ ସଂସାର' ବୋଧହୁଏ ତାଙ୍କ ପୂର୍ବରୁ କେହି ପ୍ରୟୋଗ କରିନାହାନ୍ତି । କେତୋଟି କବିତାରେ ପୃଥିବୀପ୍ରତି ଓ ମଣିଷ ସମାଜପ୍ରତି ବିଶ୍ୱାସ, ଭରସା ଆରୋପ କରିବାପାଇଁ ଉଦ୍ୟମ କରାଯାଉଛି ।

Digitized by PPRACHIN, SOA

"କି ସୁନ୍ଦର ଏ ସଂସାର
କେଡ଼େ ସୁଖ ପିଲାଙ୍କର
ହସିଖେଳି ବୁଲନ୍ତି ସେ, କିଶୋର ଦିଶେ"

ଶିଶୁମନରେ ପ୍ରତ୍ୟୟ ସୃଷ୍ଟିପାଇଁ ଓ ତାର ପରିବେଶକୁ ଭଲ ପାଇବା ପାଇଁ ତାକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ କବିଙ୍କର ଏ ଉଦ୍ୟମ ଖୁବ୍ ଗଠନମୂଳକ । ସେହିପରି ଆଉ ଗୋଟିଏ କବିତା "ଭଗ୍ୟନିନ୍ଦି କି ଲଭ" ନିଜର ପରିସ୍ଥିତି ପ୍ରତି ବିଶ୍ୱାସ ସୃଷ୍ଟିର ଉଦ୍ୟମ ହୋଇଅଛି । ଗରିବ ବୁଢ଼ା ବାପ ପୁଅଟିକୁ ଧରି ଭିକମାଗେ । ସହରରେ ଦେଖେ ଯେ ଜଣେ ବାବୁଙ୍କଘରେ ଘୋଡାକୁ ସଇସ ଗାଧୋଇ ଦେଉଚି ଦେହ ଏତେ ଚିକ୍କଣ ଯେ ଦେହରୁ ମାଛି ଖସିପଡ଼ିବ— କେଡେ ସୁନ୍ଦର ଓ ବଳିଷ୍ଠ ସେ ଘୋଡ଼ା । ତାକୁପୁଣି ବାଲତି ଭରି ବୁଟ ଖାଇବାକୁ ଦିଆଯାଉଛି । ପୁଅ ବାପକୁ କହିଲା—"ଆମେ ହେଲେ ଏ ଘୋଡ଼ା ଜନମ ପାଇଥାନ୍ତେ ।" କିନ୍ତୁ ପରେ ପରେ ବୁଢ଼ା ପୁଅକୁ ଦେଖାଇଦିଏ ଆଉ ଏକ ଘୋଡ଼ାକୁ—ଯାହାର ଗୋଡ଼ ଛନ୍ଦାହୋଇଅଛି ଓ ସେ ଦଳ ଚରୁଛି । ତା' ଠେଙ୍ଗରେ ଏଡେ ବଡ ଘା'—କୁଆ ତାକୁ ଖୁମ୍ପୁଚି । ବାପ ପୁଅକୁ କହିଲା ଆମେ ଘୋଡା ଜନ୍ମ ପାଇଥିଲେ ଆମ ଅବସ୍ଥା ଏହାହିଁ ହୋଇଥାନ୍ତା–ତେଣୁ ମଣିଷ ଜନ୍ମକୁ ନିନ୍ଦି ଲଭ ନାହିଁ । ବିଶ୍ୱର ପ୍ରତ୍ୟେକ ବଡ କବି ଓ ମହତ କବି ପୃଥିବୀପ୍ରତି ଓ ଜୀବନପ୍ରତି ଶ୍ରଦ୍ଧା ପୋଷଣ କରିଛନ୍ତି—ଭଲ ପାଇଛନ୍ତି ମଣିଷମାନଙ୍କୁ । ନୀଳକଂଠଙ୍କ ଶିଶୁ-କବିତାରେ ଏଇ ଭବଟି ବେଶ୍ ଚହଟି ଉଠେ ।

ନୀଳକଂଠ ଥିଲେ ବିଜ୍ଞ ଓ ଦାର୍ଶନିକ । କେତୋଟି ଶିଶୁ କବିତାରେ ସେଇ ଦାର୍ଶନିକ ଚିନ୍ତା ଓ ଚେତନା ଫୁଟି ଦିଶୁଚି । ଏଠାରେ ତିନୋଟି କବିତାକୁ ଉଲ୍ଲେଖ କରିବା । ବୌଦ୍ଧଯୁଗର କିମ୍ବଦନ୍ତୀକୁ ଆଧାର କରି ରଚିତ ଦୁଇଟି କବିତା 'ବୁଦ୍ଧ ଓ ବିଧବା' ଏବଂ 'ସିଦ୍ଧାର୍ଥ ଓ ହଂସ' । ପ୍ରଥମ କବିତାଟିର ଚରିତ୍ର ବିନ୍ଶା ଗୌତମୀ ଅପତ୍ୟହରା / ସ୍ୱାମୀହରା ଜନନୀ ଓ ଜାୟା । ବୁଦ୍ଧ କହିଛନ୍ତି ସେଇ ଘରୁ ଆଞ୍ଜୁଳାଏ ରଶି ଆଣିବ ଯେଉଁଠି କେହି ମରି ନ ଥିବେ । (କେବି ବୈକୁଣ୍ଠନାଥଙ୍କ କବିତାରେ ରଶି

Digitized by PPRACHIN, SOA

ବା ଖସା ସ୍ଥାନରେ ସର୍ଷପ ଉଲ୍ଲେଖ ଅଛି) । କିନ୍ତୁ ବିଧବାଟି ଶେଷରେ ବ୍ୟର୍ଥ ହୋଇ ବୁଦ୍ଧଦେବଙ୍କ ପାଦତଳେ ଆଶ୍ରୟ ନେଉଛି ।

ଅନ୍ୟ କବିତାଟିରେ ଶରହତ ହଂସ ପକ୍ଷୀକୁ ଦାବୀ କରିବାକୁ ଧନୁର୍ବାଣହସ୍ତ ଦେବଦତ୍ତ ପହଂଚିଛନ୍ତି । କିନ୍ତୁ ସେତେବେଳକୁ ସିଦ୍ଧାର୍ଥ ହଂସଟି ଦେହରୁ ଶରଟିକୁ କାଢି ତାର ଉଷ୍ମରକ୍ତଧାରକୁ ନିଜ ଲୁଗାକାନିରେ ପୋଛି ଦେଉଥାନ୍ତି ଓ ଧୀରେ ଧୀରେ ହଂସଟି ଦେହରେ ଅଙ୍ଗୁଳି କରୁଥାନ୍ତି । ତାଙ୍କର ଉତ୍ତର ଥିଲା–

"ମାଇଲା ଯେ ହଂସଟିକୁ ହଂସ ହେବ ତାର
ବଂଚାଇ ରଖିଲା ଯେହୁ ହୋଇବ ସେ ପର"

ନିଜର ରାଜ୍ୟ ଓ ସଂପତ୍ତି ବଦଳରେ ସେ ହଂସଟିକୁ ପାଖରେ ରଖିବାକୁ ଚାହିଁଛନ୍ତି–ଏପରି ଉଦାରତା ଅତୁଳନୀୟ । ଶିଶୁ ମନରେ ଉଦାରତା, ତ୍ୟାଗ ଓ ଦୟା ସୃଷ୍ଟି କରିବା ପାଇଁ ଏ କବିତା ଗୁଡ଼ିକ ରଚିତ ହୋଇଛି– ଏଥିରେ ସନ୍ଦେହ ନାହିଁ ।

ସେହିପରି ଆଉ ଗୋଟିଏ କବିତା–"ବଢ଼େଇ ବାଳକ ।" ଏଥିରେ ସେହିପରି ଏକ କିମ୍ବଦନ୍ତୀକୁ ଭିତ୍ତି କରାଯାଇଛି, ଯେଉଁ କିମ୍ବଦନ୍ତୀଟି ଗୋପବନ୍ଧୁଙ୍କ 'ଧର୍ମପଦ' କାବ୍ୟରେ ଏକ ମହାନ ଆଦର୍ଶର ଭୂମିକା ସୃଷ୍ଟି କରିଥିଲା । ଧର୍ମପଦ ଆମୁଖାସ ଦେଲାବେଳେ "ଜୟ ଜଗଦୀଶ ହରେ" ବୋଲି ଗାନ କରିଥିବାରୁ ଯେଉଁ ତାର୍କିକ ନୀଳକଂଠ ଏହାକୁ "ଭକ୍ତିକ ମିଥ୍ୟା" ବୋଲି ସନ୍ଦେହ ପୋଷଣ କରି କହିଥିଲେ, ସେ ପୁଣି ପ୍ରବୃଦ୍ଧ ବୟସରେ ସେଇ କିମ୍ବଦନ୍ତୀ ଓ ସେଇ ଚରିତ୍ରକୁ ନେଇ ଶିଶୁମାନଙ୍କୁ ତ୍ୟାଗର ଦୀକ୍ଷା ଦେବାପାଇଁ ଯେ କବିତାଟିଏ ରଚନା କରିଛନ୍ତି ଏହା ପରମ ବିସ୍ମୟର ବିଷୟ । ଏହାହିଁ ନୀଳକଂଠଙ୍କ ବ୍ୟକ୍ତିତ୍ୱର ଏକ ବୈଶିଷ୍ଟ ଦିଗ । ଅର୍ଥାତ୍ କୌଣସି ମତବାଦରେ ସେ ଜିଦ୍‌ଖୋର ଭବେ ମତାନ୍ଧ ନୁହନ୍ତି । ସେ ଯୁକ୍ତିପ୍ରିୟ ତାର୍କିକ ସତ କିନ୍ତୁ ଖୁବ୍ ଉଦାର ଓ ଉନ୍ମୁକ୍ତମନା । ପ୍ରଚଣ୍ଡ ପାଣ୍ଡିତ୍ୟ ତାଙ୍କୁ ତାର୍କିକ କରି ପାରିଥାଏ, କିନ୍ତୁ ବିପୁଳ ମନୀଷୀ ତାଙ୍କୁ ଅତି ସରଳ ଶିଶୁଟିଏ ବି କରିଦିଏ । ମୁଁ ନିଜେ ଅନୁଭବ କରିଚି ଯେ ସେ ଖୁବ୍ ଜିଦ୍‌ଖୋର ଥିଲାବେଳେ ବି ମୋ କଥାକୁ ମାନି-

Digitized by PPRACHIN, SOA

ନେଇଛନ୍ତି ଓ କହିଛନ୍ତି—"ତୁମେ ଯଦି କହୁଚ ଏକଥା ଲେଖିଲେ ଲୋକେ ଖରାପ ଭାବିବେ ତେବେ ତାହାହିଁ ହେଉ ।" ସେ ମନୀଷୀର ସ୍ଥିତିସ୍ଥାପକତା ଦେଖି ମୁଁ ବେଳେବେଳେ ବିସ୍ମିତ ହୋଇଛି । ଏ କବିତାଟି ସେହି ବ୍ୟକ୍ତିତ୍ୱର ଏକ ଆଭାସ ମାତ୍ର ।

"ଗତି ନ ପାଇଁ ସେ ଉଠିଲା ସୂର୍ଯ୍ୟ ଦେଉଳ ଚୂଳେ,
ବିଭୁଙ୍କୁ ସୁମରି ଆନନ୍ଦେ ଡେଇଁ ପଡ଼ିଲା ଜଳେ ।"

ଅବଶ୍ୟ ନୀଳକଂଠଙ୍କ ଅବଚେତନ ଉପରେ ଗୋପବନ୍ଧୁଙ୍କର କେତେ ବେଶୀ ପ୍ରଭାବ ଥିଲା—ଏଥିରୁ ଜଣା ପଡ଼ିବ । ଏକ ବାରବର୍ଷର କିଶୋରର ତ୍ୟାଗରେ ଏକ ଜାତୀୟ ଜୀବନର ଯେଉଁ ବିଭୂତି ଯୁଗ ଯୁଗ ଧରି ଗଢି ଉଠିଛି, ତା' ସହିତ ଶିଶୁମାନେ ପରିଚିତ ହୁଅନ୍ତୁ—ବୁଝନ୍ତୁ 'ଭୋଗ ନୁହେଁ ଯୋଗ' ହିଁ ସନାତନ ଭାରତୀୟ ସଂସ୍କୃତି—ଜଗନ୍ନାଥ ଦେଶର ସଂସ୍କୃତି—ସେଥିପାଇଁ ଏଇ ପ୍ରକ୍ଷିପ୍ତ କିମ୍ବଦନ୍ତୀଟିକୁ କବିତାର ବିଷୟବସ୍ତୁ ଭାବେ ବାଛି ନେବାରେ କବିମାନେ ଅଧିକନ୍ତୁ ଦାର୍ଶନିକ କବି ନୀଳକଂଠ କାର୍ପଣ୍ୟ ପ୍ରକାଶ କରିନାହାନ୍ତି ।

ନୀଳକଂଠଂକ ପ୍ରଚଣ୍ଡ ମନୀଷା ଓ ବ୍ୟକ୍ତିତ୍ୱକୁ ତାଙ୍କ ଶିଶୁ କବିତା ଅପେକ୍ଷା ତାଙ୍କ କାବ୍ୟ କବିତାରୁ ଅଧିକ ସନ୍ଧାନ କରଯାଇ ପାରିବ । କିଂତୁ ଚିନ୍ତାରେ ଯେ ସେ ଥିଲେ ଅନ୍ୟନ୍ୟ ତାହାର ପ୍ରମାଣ ମଧ୍ୟ ଖୋଜାଯାଇ ପାରିବ ଶିଶୁ ଏଇ କବିତା ଭିତରୁ । ଉଦାହରଣ ସ୍ୱରୂପ 'ଆମ ଜାତୀୟ ପତାକା' କବିତାଟିକୁ ନିଆଯାଉ । ଏଥିରେ ଥିବା ତିନିରଂଗ ନାରଂଗୀ, ଧଳା ଓ ସବୁଜ— ଶାନ୍ତି, ମୈତ୍ରୀ ଓ ପ୍ରୀତିର ପ୍ରତୀକ ହୋଇପାରେ । କିଂତୁ ନୀଳକଂଠ ଲାଲ ରଂଗକୁ ହିଂଦୁ, ଶାଗୁଆକୁ ମୁସଲମାନ ଜାତିଭାବେ ଓ ଧଳାକୁ ସବୁବର୍ଣ୍ଣ ଓ ଧର୍ମର ସମାହାର ଭାବେ ଗ୍ରହଣ କରିଛନ୍ତି । ତାଙ୍କର ଉଦ୍‌ବୋଧନ ହେଲା—

"କି ଲାଲ, କେ ନେଳି, କି ଧଳା ସବୁ ଯାଉରେ ମିଶି
ଗଗନେ ପବନେ ଭାରତ ବାନା ଦିଶୁ ଝଲସି ।"

ପୁଣି ଶେଷରେ ତାଙ୍କର ଦାର୍ଶନିକ ବାର୍ତ୍ତା ହେଉଛି—

Digitized by PPRACHIN, SOA

"ପରଶେ ପରଶେ ଉଠୁରେ ତୋର କଂପନ ଥରି
ସେ କଂପେ ଜଗତେ ଯାଉରେ ଆମ ଜୀବନ ଭରି ।"

ନୀଳକଂଠ ଥିଲେ ଜଣେ ଯୁଗ ପୁରୁଷ– ଯେଉଁ ଯୁଗ କି ଗୋପବନ୍ଧୁ ଓ ମଧୁବାବୁଙ୍କ ଜାତୀୟତାମନ୍ତ୍ରରେ ଖୁବ୍ ବେଶୀ ସଂଜୀବିତ ହୋଇଥିଲା । ସତ୍ୟବାଦୀ ଜୀବନଧାରା, ଚିନ୍ତାଦର୍ଶ, ଚଳଣୀ, ଆଚାର ଓ ବିଚାରରେ ଯେଉଁ ସ୍ୱାଦେଶିକତା ଫୁଟି ଉଠୁଥିଲା ତାହାକୁ ଆଜି ଇତିହାସରେ "Satyabadi School of Thought" ଭାବେ ନାମିତ କରାଯାଇ ପାରିବ । ଅବିଚଳ ଆଦର୍ଶ ଓ ଅପ୍ରତିହତ ବିଶ୍ୱାସରେ ସେମାନେ ଗୋଟିଏ ଗୋଟିଏ ବ୍ୟକ୍ତିସତ୍ତାରୁ ମହାନ୍ ଜାତିସତ୍ତାକୁ ଉନ୍ନୀତ ହୋଇ ଯାଇଥିଲେ– ତେଣୁ ଆଜି 'ସତ୍ୟବାଦୀ' କହିଲେ ଏକ ଉନ୍ନତ ଜାତୀୟ ଚେତନା, ଉଦାର ମାନସିକତା, ଶୁଦ୍ଧପୂତ ଉତ୍ସର୍ଗୀକୃତ ପ୍ରାଣସତ୍ତା, ଦେଶ/ଜାତିର ଯଜ୍ଞପୀଠରେ ପରମ ପବିତ୍ରିତ ହୋଚ୍ଛ ଜୀବନ ଭାବେ ଗ୍ରହଣ କରାଯିବ । ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନତା ସଂଗ୍ରାମରେ ପ୍ରାଣାହୁତି 'ସତ୍ୟବାଦୀ' ଜୀବନଧାରାର ଅନ୍ୟତମ ପରିଚୟ । ଲେଖା ଓ ରେଖାରେ ସ୍ୱାଭାବିକ-ଭାବେ ତାହାହିଁ ଫୁଟି ଉଠୁଥିଲା । ଗୋପବନ୍ଧୁ ଛାତ୍ରାବାସ ରନ୍ଧନଶାଳା ପାଖରେ ଉଠିଥିବା କାଙ୍କଣ ଗଛଟିରେ ପୂଝାରୀ ରଂଗା ଦେଇଥିବା ଲକ୍ଷ୍ୟ କରିଥିଲେ– ପରିଣତିରେ ଲଟାଟି ମରିଗଲା । ଗୋପବନ୍ଧୁ ଲେଖୁଲେ–

"ସ୍ୱାଧୀନତା ପ୍ରିୟେ ଧରି ଅପର ଚରଣ
ଭାଗ୍ୟ ଅରଜନୁଁ ଶ୍ରେଷ୍ଠ ମଣିଲୁ ମରଣ"

ନୀଳକଂଠଂକ ଶିଶୁ କବିତାରେ ସେଇ ଭାବନାର ପ୍ରତିଫଳନ ମଧ୍ୟ ସ୍ୱାଭାବିକ ଭାବେ ପ୍ରକଟିତ ହୋଇଛି । 'ପିଲା ଓ ଚଢ଼େଇ' କବିତାରେ ପିଲାଟି କେବେ ପ୍ରଲୋଭନ ଦେଖାଇ ଡାକୁଥିବ, ଚଢ଼େଇଟି ସବୁ ସମ୍ଭାବିତ ଭୋଗ ଓ ଭାଗ୍ୟକୁ ପ୍ରତ୍ୟାଖାନ କରି ଦେଲା ପରେ କହିଛି–

"ଡେଣା ପିଟି ଖାଉଛି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବନ୍ଧନ ପରି,
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ"

Digitized by PPRACHIN, SOA

ଏହିପରି ଅନେକ ତାତ୍ପର୍ଯ୍ୟ ପୂର୍ଣ୍ଣ ପଙ୍କ୍ତି ତାଙ୍କ ଶିଶୁ କବିତାରୁ ଉଦ୍ଧାର କରଯାଇପାରେ । ଏ କବିତାର ସମୟୋପଯୋଗିତା ଓ ଉଦ୍ଦେଶ୍ୟମୂଳକତା ବିଷୟରେ ଅଧିକ କହିବାର ଅବକାଶ ନାହିଁ । କହିବା ବାହୁଲ୍ୟ ହେବ । ବରଂ କବିର ପ୍ରଚଣ୍ଡ ବ୍ୟକ୍ତିତ୍ୱ ସହିତ ଏ କବିତା ଗୁଡ଼ିକର ଭାବ ଓ ଉଦ୍ଦେଶ୍ୟ ଖୁବ୍ ବେଶୀ ବିଜଡ଼ିତ । ଶିଶୁ ମାନସିକତାକୁ ଗଠନ କରିବା ପାଇଁ ଏସବୁ କବିତାର ଅଭିନିବେଶ ବିଷୟରେ ଆଜି ଆଉ ପ୍ରଶ୍ନ ଉଠୁନାହିଁ । ପ୍ରତିଦିନର ଥିଲା ଜିନିଷରୁ ତା'ର ଅସାଧାରଣତ୍ୱକୁ ସନ୍ଧାନ କରିବା ଓ ତାକୁ ଶିଶୁଙ୍କ ମନୋପଯୋଗୀ କରି ପରିବେଷଣ କରିବା ହିଁ କବିର ବାହାଦୁରୀ । ଘଟଣା ନୁହେଁ ଘଟଣାର ନିଷ୍କର୍ଷ ହିଁ ଏଠାରେ କବିରେ ଧ୍ୟେୟ ବସ୍ତୁ । ତାହାହିଁ ପ୍ରତୀକ, ତାହାହିଁ ଚେତନା । ପ୍ରତୀକ ଓ ଚେତନା ବ୍ୟତୀତ ଉଚ୍ଚାଙ୍ଗ କବିତା ଗଠିତ ହୋଇ ପାରିବ ନାହିଁ–ଉଚ୍ଚକୋଟୀର ଶିଶୁ କବିତା କ'ଣ ଚୈତନିକ ଆବେଦନକୁ ହରାଇ ଉସ୍ତକନ୍ଦ ହୋଇ ପାରିବ ? ନା ଶାଖାୟିତ ବନସ୍ପତିଟିଏ ହୋଇ ଶାଖାପ୍ରଶାଖା ମେଲାଇ ଦେଇ ପାରିବ ?

ଗଣି ଗଣି ଘଟିଯାଉଥିବା ଘଟଣା ଭିତରୁ ଶିଶୁମନରେ ରହସ୍ୟ, ବିସ୍ମୟ ଓ ଆବେଦନ ସୃଷ୍ଟି କରୁଥିବା ପରି ମାତ୍ର କେତୋଟି କଥାକୁ ନୀଳକଂଠ ଖୁବ୍ ମନନଶୀଳତାର ସହ ସାଉଁଟି ନେଇଛନ୍ତି । ସେହିପରି ତାଙ୍କର ଗୋଟିଏ କବିତା–"ଚକାଫଳ ନଖାଉଁ" । ଆଖୁଲେଭୀ ଭାଲୁ ଓ ବିରୁଡ଼ି ବୃତ୍ତାନ୍ତ । ପିଲାବେଳେ ଆମର ପହଳି ହୋଇ ଯାଇଥିଲା "ଚକାଫଳ ନଖାଉଁ, ଆଖୁବାଡ଼ି ନଯାଉଁ ।" ପରସ୍ୱାପହରଣର ଯେ ଏତେ ଯନ୍ତ୍ରଣା, ଏତେ ନିର୍ଯ୍ୟାତନା ସେକଥା ଲେଭୀ ଭାଲୁଟି କଣ ଭବିଥିଲା ନା ବୁଝିଥିଲା ? ସେହିପରି 'ମାଛି ବୁଢ଼ିଆଣୀ' କିମ୍ବା 'ବେଙ୍ଗ ବୁଢିଆଣୀ' କବିତା ଦୁଇଟି । ଖାଦ୍ୟ ଓ ଖାଦକର ସଂପର୍କ ଚିରନ୍ତନ ଏକ ଶୋଷିତ–ଶୋଷକର ସଂପର୍କ । ଶୋଷକର ସମସ୍ତ ଗୁଟ୍ଟ, ଯାଚଞ୍ଚା, ଓ କାକୁତି ଶୋଷିତ ପାଇଁ କର୍ଣ୍ଣର ସାୟନ ହୋଇପାରେ କିନ୍ତୁ ତାର ପରିଣତି ପ୍ରତି ସଚେତନ ହେବା ଶୋଷିତର କର୍ତ୍ତବ୍ୟ–ଅନ୍ତତଃ ସତ୍ୟଦ୍ରଷ୍ଟା କବି ତାହା ଦେଖାଇଦିଏ । ଜାଲରେ ବସି ରହିଥିବା ବୁଢ଼ିଆଣୀ ମାଛି ପାଇଁ ଯାହା, ତା' ପାଇଁ (ବୁଢ଼ିଆଣୀ ପାଇଁ) ବେଙ୍ଗର ଗୁଟ୍ଟ ମଧ୍ୟ ଠିକ୍ ସେଇଆ, ସମାର୍ଥବୋଧକ ।

Digitized by PPRACHIN, SOA

କେତେ କଦରରେ କେତେ ଆଳରେ ସେ ଆହ୍ୱାନ ଦିଏ—କୁମ୍ଭୀର କଥାରେ ତ ପୁଣି ମାଙ୍କଡ ଭୁଲିଯାଇ ଥିଲା । ଏଇ ଛୋଟ ଛୋଟ ଦୃଶ୍ୟ ଓ ରୂପକ ଭିତରୁ ନୀଳକଂଠ ଶଶୁମାନଙ୍କ ପାଇଁ କିଛି ବୈଶିଷ୍ୟର ସନ୍ଧାନ ଦିଅନ୍ତି—ଯାହା ବିଷମ ପୃଥିବୀର ନିତିଦିନିଆ କାରବାରୀ ଜୀବନ ପାଇଁ ହୁଏତ ପାଥେୟ ହେବ । ଏ ଦୃଷ୍ଟିରୁ ଏ କବିତା ଗୁଡ଼ିକର ମୂଲ୍ୟାୟନ କରଯାଇପାରେ । ମୋଟ ଉପରେ କବିର ବ୍ୟକ୍ତିତ୍ୱ ସହିତ ଏ ଭବନା ଯେ ଖୁବ୍ ବେଶୀ ଅବଲମ୍ବନ ଏଠାରେ ଆଉ ଦୁହାଇ କହିବାର ଆବଶ୍ୟକତା ନାହିଁ ।

ଶେଷରେ ଏତିକି କୁହାଯାଇପାରେ ଯେ ସୂର୍ଯ୍ୟରୁ ରଶ୍ମି ପରି, ତୁହିନାବୃତ୍ତ ହିମାଳୟରୁ ଗଙ୍ଗୋତ୍ରୀର ସ୍ୱଚ୍ଛ ଧାର ପରି ନୀଚକଂଠଙ୍କ ବିପୁଳ ମନୀଷା ଓ ବ୍ୟକ୍ତିତ୍ୱ ମଧ୍ୟରୁ ଏ କବିତା ଗୁଡ଼ିକ ନିବସାରିତ ହୋଇ ଆସିଥିଲ—ଯାହା ଶିଶୁମାନଙ୍କ ମନରେ ପ୍ରତ୍ୟୟ ତଥା ଜାତି ପାଇଁ ଜିଜ୍ଞାସା ସୃଷ୍ଟି ଉଦ୍ଦେଶ୍ୟରେ ଥିଲ ଅଭିଳଷିତ । ଆଦର୍ଶ ଜୀବନଚର୍ଯ୍ୟା ତଥା ଆଦର୍ଶ ମଣିଷ ସୃଷ୍ଟି ଥିଲ ସତ୍ୟବାଦୀ ଚିନ୍ତାଧାରର ଦ୍ୱିଧାହୀନ ଲକ୍ଷ୍ୟ—ସେଇ ଲକ୍ଷ୍ୟ ତାଙ୍କର ବିଦଗ୍ଧ କବିତାଠାରୁ ପ୍ରବୃଦ୍ଧ ବୟସରେ ରଚିତ ଏ ଶିଶୁ-କବିତା ଗୁଡ଼ିକରେ କିପରି ସଂସାଧିତ ହୋଇଛି ତାହାହିଁ ତାଙ୍କ ବ୍ୟକ୍ତିତ୍ୱର ପରିମାପକ ।

Digitized by PPRACHIN, SOA

# "ପଣ୍ଡିତ ନୀଳକଂଠଂକ ସାଂସ୍କୃତିକ ଚେତନା"

Digitized by PPRACHIN, SOA

Digitized by PPRACHIN, SOA

# ପଣ୍ଡିତ ନୀଳକଂଠଂକ
# ସାଂସ୍କୃତିକ-ଚେତନା : ଏକ ସୂଚନା

ନୀଳକଂଠଙ୍କ ଭଷା ବିଗ୍ୱର ସଂପର୍କରେ ହୋଇଥିବା ଆଲୋଚନା ଚକ୍ରରେ ( ନୀଳକଂଠ ସ୍ମାରକୀ, ୩ୟ ଖଂଡ଼ ) ଅଧ୍ୟାପକ ପଞ୍ଚାନନ ମହାନ୍ତି ପରାମର୍ଶ ଦେଲେ ଯେ ପଣ୍ଡିତ ନୀଳକଠଂକର ସାଂସ୍କୃତିକ - ଚେତନା ସଂପର୍କରେ ଏକ ଆଲୋଚନା ଚକ୍ର କରଯାଇ ପାରିଲେ ତାଙ୍କର ଭଷା ସଂପର୍କିତ ରଚନାବଳୀର ବିଗ୍ୱର ବିମର୍ଶ ଅଧିକ ବୋଧଗମ୍ୟ ହୋଇପାରେ । ତେଣୁ ପଣ୍ଡିତ ନୀଳକଂଠ ସ୍ମୃତି ସମିତି ତରଫରୁ ଭୁବନେଶ୍ୱର ଓ ଶାନ୍ତି ନିକେତନଠାରେ ଏଥିପାଇଁ ଦୁଇଟି ଆଲୋଚନା ଚକ୍ରର ଆୟୋଜନ କରଯାଇଥିଲା । ଏଥିରେ ଉପସ୍ଥାପିତ ପ୍ରବନ୍ଧଗୁଡ଼ିକ ଏ ଗ୍ରନ୍ଥରେ ସନ୍ନିବେଶିତ କରଯାଉଛି ।

କୁହାଯାଇଛିଯେ "ଏକଂ ସତ୍ ବିପ୍ରା ବହୁଧା ବଦନ୍ତି ।" ପଣ୍ଡିତ ନୀଳକଂଠ ଯେ ଜଣେ ବିଶିଷ୍ଟ ସଂସ୍କୃତି-ସଚେତନ ଯୁଗପୁରୁଷ ଥିଲେ, ଏହା ଅବିସମ୍ବାଦିତ ସତ୍ୟ ହେଲେ ମଧ୍ୟ, ଆଲୋଚକମାନେ ତାଙ୍କର ଏହି ସଚେତନତାକୁ ନିରୀକ୍ଷଣ କରିବାକୁ ପ୍ରୟାସ କରିଛନ୍ତି, ବିଭିନ୍ନ ଦୃଷ୍ଟି କୋଣରୁ ।

"ସଂସ୍କୃତି" ଓ "ସଚେତନତା" ଗଭୀର ଅର୍ଥଦ୍ୟୋତକ ଓ ବଡ ବ୍ୟାପକ ଶବ୍ଦ । ଦେଶ, କାଳ ଓ ପାତ୍ର ପରିପ୍ରେକ୍ଷୀରେ ଏହି ଅର୍ଥର ସଂପ୍ରସାରଣ ବା ସଂକୋଚନ ଘଟିଥାଏ । ତତ୍ତ୍ୱବିଶାରଦମାନଙ୍କ ହାତରେ ମଧ୍ୟ ଏହି ବ୍ୟାଖ୍ୟାର ବିସ୍ତୃତି ଘଟିଥାଏ । ତେବେ ଆଲୋଚନାର ମାର୍ଗକୁ ଅନୁଶୀଳନାତ୍ମକ କରିବାପାଇଁ ଯେଉଁ ପ୍ରଚେଷ୍ଟା ହୋଇଥାଏ, ସେଥିରେ ସ୍ୱୀକୃତ ମାର୍ଗ ମାତ୍ର ଦୁଇଟି । ପ୍ରଥମଟି "ସଂସ୍କୃତି-ସଚେତନତା"ର ବର୍ଣ୍ଣନାତ୍ମକ ଓ ପ୍ରାୟୋଗିକ ସଂଜ୍ଞା ନିରୂପଣ ଓ ସେହି ଧାରାରେ ପଣ୍ଡିତ ନୀଳକଂଠଂକର ରଚନାବଳୀର ଅନୁଶୀଳନ । ଦ୍ୱିତୀୟ ମାର୍ଗଟି ହେଉଛି ପଣ୍ଡିତ ନୀଳକଂଠଂକ ପ୍ରଦତ୍ତ ନିଜସ୍ୱ ସଂଜ୍ଞାର ଆଧାରରେ ତାଂକର ରଚନାବଳୀର ବିଶ୍ଳେଷଣ । ଗବେଷଣାର ଏଇ ଦୁଇଟି ମାର୍ଗ ବ୍ୟତୀତ ବୌଦ୍ଧିକ ଦୃଷ୍ଟିକୋଣରୁ ବିଭିନ୍ନ "ବିଷୟ-ଶୃଙ୍ଖଳା"ର ମଧ୍ୟ ନିଜସ୍ୱ ଧାରା

Digitized by PPRACHIN, SOA

ରହିଛି । ଯେପରି ସାହିତ୍ୟିକ, ନୃତତ୍ତ୍ୱବିଦ୍, ଓ ମନସ୍ତାତ୍ତ୍ୱିକ ଐତିହାସିକ-ମାନେ ନିଜ ନିଜ 'ବିଷୟ-ଶୃଙ୍ଖଳା'' ଦୃଷ୍ଟିରୁ ମଧ୍ୟ ସଂଜ୍ଞା ନିରୂପଣ କରିଥାଛି । ମୁଖ୍ୟତଃ ଏଇ ''ବିଷୟ-ଶୃଙ୍ଖଳା'' ଗୁଡ଼ିକୁ ଦାର୍ଶନିକ, ନାନ୍ଦନିକ, ଐତିହାସିକ, ନୃତାତ୍ତ୍ୱିକ ଓ ସାହିତ୍ୟିକ ବିଗ୍ୱର ଭବରେ ଗ୍ରହଣ କରଯାଇ ପାରେ । ସନ୍ନିବେଶିତ ପ୍ରବନ୍ଧଗୁଡ଼ିକରେ ଆଲୋଚକମାନେ ଏହି ଦୃଷ୍ଟି-କୋଣର ପରିଚୟ ପ୍ରଦାନ କରିଛନ୍ତି । ଏସବୁ ସତ୍ତ୍ୱେ ପଣ୍ଡିତ ନୀଳକଂଠଂକର ''ସାଂସ୍କୃତିକ-ସଚେତନତାର'' ସ୍ୱରକୁ ବୈଜ୍ଞାନିକ ପଦ୍ଧତିରେ ଅନୁଶୀଳନକରି ବିଭିନ୍ନ ଆଲୋଚକଙ୍କର ବିଗ୍ୱର ବିମର୍ଶ ଜରିଆରେ ଉପସ୍ଥାପିତ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ତାଙ୍କର ବ୍ୟକ୍ତିତ୍ୱକୁ ଅଧିକ ବୋଧଗମ୍ୟ କରିବା ଓ ଏଇ ବ୍ୟକ୍ତିତ୍ୱର କଳନା ଜରିଆରେହିଁ ତାଙ୍କର ''ସଚେତନତା''ର ଉପାଦନାଗୁଡ଼ିକୁ ପୁଞ୍ଜିକରଣ କରିବା । ଏ ଦିଗରେ ଆଲୋଚକମାନେ ସଫଳ ହୋଇଛନ୍ତି ।

ବିଶ୍ୱ ସଂସ୍କୃତିର ପରିପ୍ରକ୍ଷୀରେ ଭରତୀୟ ଦର୍ଶନର ଭିନ୍ନତା ଓ ତାହାରି ଭିତରେ ଉତ୍କଳୀୟ ସଂସ୍କୃତିର ରୂପରେଖ କଳନା କରିବା ଥିଲା ପଂଡ଼ିତ ନୀଳକଂଠଂକର ଆଭିମୁଖ୍ୟ । ତେଣୁ ସଂସ୍କୃତିର ଆଲୋଚନା ପାଇଁ ସେ ମାତ୍ର ତିନୋଟି ଓଡ଼ିଆ ଶବ୍ଦ ଉପରେ ନିର୍ଭର କରିଛଂତି– ଗୃହାଣୀ, ଚଳଣୀ ଓ ଚମକ । ଏଇ ତିନୋଟି ''ଚ''– କାରନ୍ତ ଶବ୍ଦ ସମୂହ ଭିତରେ ସେ ସମଗ୍ର ବିଶ୍ୱ ସଂସ୍କୃତିର ପର୍ଯ୍ୟାଲୋଚନା କରିବା ସଂଗେ ସଂଗେ ତା'ରି ଭିତରେ ଓଡ଼ିଆ ଜୀବନର ଚଳଣୀକୁ ବିଶ୍ଳେଷଣ କରି ଉତ୍କଳୀୟ ସଂସ୍କୃତିର ଧାରାକୁ ଏକ ଐତିହାସିକ ଭିତ୍ତିରେ ଉପସ୍ଥାପିତ କରିଛନ୍ତି । ମୋର ମନେ-ହୁଏ, ପଂଡ଼ିତ ନୀଳକଂଠଙ୍କ ପୂର୍ବରୁ କେହି ଏପରି ବ୍ୟାପକ ଭବରେ ''ସଂସ୍କୃତିର'' ବ୍ୟାଖ୍ୟା କରି ନ ଥିଲେ । ତାଂକର ପୂର୍ବ ସୂରୀମାନଙ୍କର ସାଂସ୍କୃତି ସଚେତନତାର ଆଭସ ଥିଲେ ମଧ୍ୟ, ଜଣେ ପ୍ରାବନ୍ଧିକର ଅନୁ-ଶୀଳନାତ୍ମକ ଦୃଷ୍ଟିକୋଣରୁ 'ସଂସ୍କୃତି'ର ସ୍ୱରୂପ ଉଦ୍‌ଘାଟନ କରିବା କ୍ଷେତ୍ରରେ ପଂଡ଼ିତ ନୀଳକଂଠହିଁ ହେଉଚଂତି ପ୍ରଥମ ଓଡ଼ିଆ । ଚିନ୍ତା କ୍ଷେତ୍ରରେ ଏଇ ଆଲୋଡନ, ତାଙ୍କୁ ଯେତିକି ଗଭୀର ଓ ଗମ୍ଭୀର ସମାଲୋଚକ ଭବରେ ଖ୍ୟାତି ପ୍ରଦାନ କରିଛି, ସର୍ଜନାତ୍ମକ ସାହିତ୍ୟ କ୍ଷେତ୍ରରେ ଏଇ ସଚେତନତା ତାଂକର କାବ୍ୟରଜିକୁ ସେତିକି ରସୋତ୍ତୀର୍ଣ୍ଣ କରିପାରିଛି ।

Digitized by PPRACHIN, SOA

"ସଂସ୍କୃତି"ର ଦାର୍ଶନିକ ଓ ଲୋକତାତ୍ତ୍ୱିକ ଦିଗ ପ୍ରତି ପଣ୍ଡିତ ନୀଳକଂଠ ଯେତିକି ସଚେତନ, ସାମାଜିକ ଜୀବନ ଚର୍ଯ୍ୟାର ବିଶ୍ଳେଷଣରେ "ସଂସ୍କୃତି"ର ବିଭିନ୍ନ ଧାରା କିପରି ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରିଛି, ସେ ଦିଗଟିକୁ ନିଖାରି ବାରେ ମଧ୍ୟ ସେ ସେତିକି ସକ୍ଷମ ହୋଇଛନ୍ତି । ସେଇଥିପାଇଁ "ଉତ୍କଳୀୟ ସଂସ୍କୃତି"ରେ ସେ "ଉତ୍କଳୀୟ", "କୋଶଳୀୟ" ଓ "କଳିଂଗ ସଂସ୍କୃତି"ର ସମ୍ମିଶ୍ରଣର ସାକାର ସ୍ୱରୂପ ଅନୁଧ୍ୟାନ କରିଛଂତି "ଜଗନ୍ନାଥ ସଂସ୍କୃତି"ରେ । ଏହାକୁ "ଉଗ୍ର ସଂସ୍କୃତି-ଚେତନା" ଭାବରେ ନାମିତ କରିବା ବୋଧହୁଏ ଅପ୍ରୀତିକର ହେବ ନାହିଁ । କାରଣ ଏଇ "ଉଗ୍ରତା"ର ସ୍ୱରୂପ ତାଂକ ଲେଖନୀରେ ସ୍ଥାନେ ସ୍ଥାନେ ପ୍ରକାଶ ପାଇଛି–ଯେପରି "ଭାକ୍ତିକତା" ଓ "ଗୌଡ଼ୀୟ ବୈଷ୍ଣବମାନଙ୍କ ସଂପର୍କରେ ତାଂକର ମତବାଦ । ବୋଧହୁଏ ଏକ ପରାଧୀନ ଜାତି ମଧ୍ୟରେ ସ୍ୱାଭିମାନ ଜାଗ୍ରତ କରିବା ତାଂକର ଉଦ୍ଦେଶ୍ୟ ହୋଇଥିବାରୁ ତାଂକ ଚିନ୍ତା ଓ ଲେଖନୀରେ ଉଗ୍ରତା ପ୍ରକାଶ ପାଇଛି । ଏ ସବୁ ସତ୍ତ୍ୱେ "ସଂସ୍କୃତି-ସଚେତନତା"ର ଅନୁଶୀଳନାତ୍ମକ ଓ ସର୍ଜନାତ୍ମକ ଦିଗ ତାଂକ ରଚନା-ବଳୀରେ ସମୃଦ୍ଧ । ତେଣୁ ପୁଣି ଥରେ ସ୍ୱୀକାର କରିବାକୁ ବାଧ୍ୟ ହେବାକୁ ପଡେ ଯେ "ସଂସ୍କୃତି" ସଂପର୍କୀୟ ଗଭୀର ଅନୁଶୀଳନ କ୍ଷେତ୍ରରେ ପଂଡ଼ିତ ନୀଳକଂଠହିଁ ପ୍ରଥମ ଓଡ଼ିଆ । ସର୍ବ ଭାରତୀୟ କ୍ଷେତ୍ରରେ ତାଂକର ଏଇ ଅବଦାନକୁ ସ୍ୱୀକୃତି ଦେବା ଆବଶ୍ୟକ । ଦାର୍ଶନିକ ଦୃଷ୍ଟିକୋଣରୁ ତାଂକର ଚେତନା ଏକ ଭିନ୍ନ ପର୍ଯ୍ୟାୟର । ତାହା କାଳକ୍ରମେ ବିଶ୍ୱ ଦରବାରରେ ସ୍ଥାନ ପାଇବାର ସମ୍ଭାବନା ଉଜ୍ଜଳ ।

ପଣ୍ଡିତ ନୀଳକଂଠ ସ୍ମୃତି ସମିତି ଭୁବନେଶ୍ୱର ଓ ଶାନ୍ତିନୀକେତନ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିବାକୁ ମତେ ସୁଯୋଗ ଦେଇଥିବାରୁ ଓ "ସଂସ୍କୃତି ସଚେତନତା" ସଂପର୍କରେ ନୀଳକଂଠଙ୍କ ଅବଦାନର ଏକ ସୂଚନା ଦେବାପାଇଁ ଅନୁରୋଧ କରିଥିବାରୁ ମୁଁ ସମିତି ନିକଟକରେ ମୋର କୃତଜ୍ଞତା ପ୍ରକାଶ କରୁଛି । ଆଶା କରୁଛି, କାଳକ୍ରମେ ପଣ୍ଡିତଜୀଙ୍କର ବହୁ-ମୁଖୀ ପ୍ରତିଭାର ମୂଲ୍ୟାୟନ ହେବ ଓ ବିଶ୍ୱର ବୁଦ୍ଧିଜୀବିମାନଙ୍କ ଗହଣରେ ସେ ତାଙ୍କର ସମୁଚିତ ସ୍ଥାନ ପାଇ ପାରିବେ ।

ଭାବଗ୍ରାହୀ ମିଶ୍ର

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ସଂସ୍କୃତି— ଆଭିମୁଖ୍ୟ

ଡକ୍ଟର ସୀତାକାନ୍ତ ମହାପାତ୍ର

## ଆଭିମୁଖ୍ୟର ପରିବେଶ ଓ ପରିସର

ପ୍ରଥମରୁ ବୋଧହୁଏ ସ୍ପଷ୍ଟ କରିଦେବା ଉଚିତ ହେବ ଯେ ଏ ପ୍ରବନ୍ଧରେ ସଂପୃକ୍ତ ବିଷୟଟିର ସଂପୂର୍ଣ୍ଣ ବା ବିଶଦ ଆଲୋଚନା କରିବା ପାଇଁ ଏ ଲେଖକର ଯୋଗ୍ୟତା ନାହିଁ ଏବଂ ତା' ମଧ୍ୟ ତା'ର ଅଭିପ୍ରାୟ ନୁହେଁ । ପଂଡ଼ିତ ନୀଳକଂଠ ଥିଲେ ଓଡ଼ିଶା ଓ ଓଡ଼ିଆ ସଂସ୍କୃତିର ଅନ୍ୟତମ କର୍ଣ୍ଣଧାର । ତେଣୁ ତାଙ୍କର ସାମଗ୍ରୀକ, ରଚନାବଳୀ ଉପରେ ମୁଁ କେବଳ ଦୃଷ୍ଟିପାତ କରିଛି ଏବଂ ସଂସ୍କୃତି କ'ଣ ସେ ସଂପର୍କରେ ତାଙ୍କରି ରଚନାବଳୀରୁ ଯାହା ପରିସ୍ଫୁଟ ହେଉଛି, ତାହାରି ସମ୍ୟକ୍ ସୂଚନା ଦେବା ହିଁ ଏ ସଂକ୍ଷିପ୍ତ ପ୍ରବନ୍ଧର ଉଦ୍ଦେଶ୍ୟ । ଏହାର ପ୍ରତ୍ୟେକଟି ଦିଗ ଅଧିକ ଲେଖନ, ଆଲୋଚନା, ପର୍ଯ୍ୟାଲୋଚନାର ଅପେକ୍ଷା ରଖିବା ସ୍ୱାଭବିକ ।

ସଂସ୍କୃତି, ଭରତୀୟ ସଂସ୍କୃତି ଏବଂ ଓଡ଼ିଆ ସଂସ୍କୃତି ଏଇ ତିନୋଟି କଥା । ପ୍ରବନ୍ଧରେ ପ୍ରଥମ ବିଷୟଟି ହିଁ ମୂଳତଃ ଆଲୋଚ୍ୟ । ଅବଶ୍ୟ ସଂସ୍କୃତିର ସଂଜ୍ଞା-ନିରୂପଣ, ମୂଲ୍ୟାୟନ ଏବଂ ସଂସ୍କୃତି ସଂପର୍କରେ ନୀଳକଂଠଂକର ଦୃଷ୍ଟିଭଙ୍ଗୀ ଏକାନ୍ତ ଭବରେ ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ-ସଚେତନତା ସହିତ ଜଡ଼ିତ ଏବଂ ସେଇ କାରଣରୁ ସେ ଦୁଇଟିକୁ ସଂପୂର୍ଣ୍ଣ ଭବେ ପୃଥକ କରି ଦେଖିବା ମଧ୍ୟ ସମ୍ଭବ ନୁହେଁ ।

ବୈଜ୍ଞାନିକ ବା ବିଶ୍ଲେଷଣାତ୍ମକ ଦୃଷ୍ଟିରୁ ଦେଖିଲେ ନୀଳକଂଠ ସଂସ୍କୃତି ସଂପର୍କରେ ବିଧିବଦ୍ଧ ଭବରେ ଯେ ବିଶଦ ଆଲୋଚନା କେଉଁଠି ଗୋଟିଏ ବହି ବା ପ୍ରବନ୍ଧରେ କରିଛନ୍ତି, ତା' ବି ନୁହେଁ । କିନ୍ତୁ ତାଙ୍କର ଅଜସ୍ର ରଚନାର ବିଭିନ୍ନ ସ୍ଥାନରେ ସଂସ୍କୃତି ସଂପର୍କରେ ପ୍ରତ୍ୟକ୍ଷ ବା ପରୋକ୍ଷ ମନ୍ତବ୍ୟମାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ସେଗୁଡ଼ିକୁ ଏକତ୍ର

Digitized by PPRACHIN, SOA

ଦେଖିଲେ ସଂସ୍କୃତିର ବିଭିନ୍ନ ବିଭାଗ ଓ ଆଙ୍ଗିକ—ଯଥା ଐତିହ୍ୟ—ସଚେତନତା, ମାନସିକ ଦୃଷ୍ଟିକୋଣ, ଇତିହାସ, ସମୟ, ପରମ୍ପରା, ଭାଷା, ସାହିତ୍ୟ—ଉପରେ ତାଙ୍କର ସାମଗ୍ରିକ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ହୋଇ ଉଠେ ।

## ସଂସ୍କୃତି-ସଂଜ୍ଞା ନିରୂପଣ

ସଂସ୍କୃତି ସଂପର୍କରେ ବହୁ ଐତିହାସିକ (ଟୟନ୍‌ବି, ସୋରେକିନ୍) ନୃତତ୍ତ୍ୱବିଦ୍ (ଟାଇଲର୍, କ୍ରୋବର୍, ମାଲିନାସ୍କି, ଫ୍ରାଞ୍ଜ୍ ବୋଆସ୍, ଲିଣ୍ଟନ, ଏନ୍. କେ. ଘୋଷ ଓ ଦାର୍ଶନିକ (ରସେଲ୍, ରାଧାକ୍ରିଷ୍ଣନ୍) ନିଜ ନିଜର ମତାମତ ଉଲ୍ଲେଖ କରିଛନ୍ତି । ସଂସ୍କୃତି କ'ଣ ଓ ସମାଜରେ ତାହା କିପରି ଗୋଟିଏ ଯୁଗରୁ ଆଉ ଗୋଟିଏ ଯୁଗକୁ ଗଡ଼ି ଚାଲେ, ପରିବର୍ତ୍ତିତ ହୁଏ, ନୂଆ ରୂପ ନିଏ—ଏ ସଂପର୍କରେ ନାନା ମୁନିଙ୍କର ନାନା ମତ ଅଛି । ସଂକ୍ଷେପରେ କେବଳ ଏତିକି କୁହାଯାଇପାରେ ଯେ ଗୋଟିଏ ନିର୍ଦ୍ଦିଷ୍ଟ ସମାଜ ବା ଗୋଷ୍ଠୀର ସାମୂହିକ ଜୀବନ-ଶୈଳୀ ହିଁ ସଂସ୍କୃତି ଏବଂ ସେ ସମାଜ ବା ଗୋଷ୍ଠୀର ପ୍ରତ୍ୟେକ ବ୍ୟକ୍ତିକୁ ଉତ୍ତରାଧିକାର ସୂତ୍ରେ ଏହା ମିଳିଥାଏ । ଏହା ଖାଦ୍ୟପେୟ, ଘର ତିଆରି ବା, ପୋଷାକ ପରିଚ୍ଛଦଠାରୁ ଆରମ୍ଭ କରି ସଂଗୀତ, ନୃତ୍ୟ, ଚିତ୍ରକଳା, ସାହିତ୍ୟ, ଭାଷା ଏବଂ ଅନ୍ୟାନ୍ୟ ମାନସିକ ଓ କଳ୍ପନା-ସଂଭୂତ ସୃଷ୍ଟିଯାଏ ପରିବ୍ୟାପ୍ତ । ସମୟ ଓ ମୃତ୍ୟୁ ପ୍ରତି ଧାରଣା ଏ ସାମୂହିକତାରେ ମୂଳଦୂଆ ରୂପେ ଛିଡ଼ା ହୋଇଥାଏ । ଯୁକ୍ତି ବା ମନନଶୀଳତା ଓ ତା'ର ପରିପନ୍ଥୀ ଆବେଗ ବା କଳ୍ପନାଶକ୍ତି ଏ ଦୁଇଟି ମାନସିକ ଶକ୍ତି ମଧ୍ୟ ସେଇ ମୂଳଦୂଆର ଅନ୍ୟତମ ଅଂଶ । ଏଥିରେ ପରମ୍ପରା-ପ୍ରତି ଆଭିମୁଖ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରେ । ସାମାଜିକ-ସଂପର୍କ, ସାମାଜିକ ବ୍ୟବହାର ଓ ଚଳଣି ସ୍ୱଭାବତଃ ଏହାର ଅନ୍ୟତମ ଅଂଶ । ମୂଲ୍ୟବୋଧ, ନୈତିକତା, ଧର୍ମ-ଧାରଣା ସଂସ୍କୃତିର ବାହକ ତଥା ସଂଜ୍ଞା-ନିରୂପକ ।

## ସମୟ, ତା'ର ପ୍ରବାହମାନତା ଓ ପରିବର୍ତ୍ତନ

ଜୀବନ୍ତ ସଂସ୍କୃତି ସମୟକ୍ରମେ ନିଜର ମଞ୍ଜ ବା କେନ୍ଦ୍ର-ଇଲକାକୁ ସ୍ଥିର ରଖି ବକଳ ବା ବାହ୍ୟ ପ୍ରକାଶରେ ପରିବର୍ତ୍ତିତ ହେଉଥାଏ ।

Digitized by PPRACHIN, SOA

ଐତିହ୍ୟର ତାହାହିଁ ଅନ୍ୟନାମ । ଅନ୍ୟ ପକ୍ଷରେ ଯେଉଁଠି ପ୍ରବାହମାନତା ଅବରୁଦ୍ଧ ହୁଏ ସେଠାରେ ଜଳସ୍ରୋତ ଆବଦ୍ଧ, ପଙ୍କିଳ ବା ଦଳରେ ଶ୍ୱାସରୁଦ୍ଧ ହୋଇ ମରଣାନ୍ତକ ସ୍ୱରୂପ ନିଏ । ସେଥିରେ ଆଉ ଶକ୍ତିନଥାଏ, ସଂଗ୍ରଣକ୍ଷମ ଆବେଗ ନ ଥାଏ, ଦୂର ଭବିଷ୍ୟତର ସ୍ୱପ୍ନ ନ ଥାଏ । କେବଳ ନିଜକୁ ବଞ୍ଚେଇ ରଖି ଇତିହାସ ବା ପରମ୍ପରା ବା ଐତିହ୍ୟର ନାମ ନେବା ହିଁ ସାର ହେଉଥାଏ । ସେତିକିବେଳେ ସେଇ ସଂସ୍କୃତିର ଅନେକ ଅପ-ପୁରୋଧା ପରଂପରାବାଦୀ ନାମରେ ନୈଷ୍ଠିକତାକୁ ଏକ ଧର୍ମ ରୂପେ ଗ୍ରହଣ କରନ୍ତି; ସବୁ ପରିବର୍ତ୍ତନ ସଂସ୍କୃତି—ବିରୋଧୀ ଏତାଦୃଶ୍ୟ ଏକ ଭାବନାରେ ଉଦ୍‌ବୁଦ୍ଧ ହୋଇ ସେମାନେ ଅବକ୍ଷୟର ସ୍ୱରୂପ ନ ବୁଝି କେବଳ ସ୍ଲୋଗାନ୍‌ରେ ହିଁ ସଂସ୍କୃତିକୁ ଶ୍ୱାସରୁଦ୍ଧ କରି ମାରି ଦିଅନ୍ତି । ଅନ୍ୟ ପକ୍ଷରେ ପରଂପରାର ଯେଉଁ ଅଂଶ ସେମାନଙ୍କ ବିଗ୍ରରରେ "ଶୁଦ୍ଧ" ମନେ ନ ହୁଏ ତାକୁ ଅଗ୍ରାହ୍ୟ କରନ୍ତି, ସେଇ ସବୁ ତଥ୍ୟ "ଐତିହାସିକ ନିଶ୍ଚିତତାର" କଥାବସ୍ତୁ ହୋଇଥିଲେ ମଧ୍ୟ ତା ପ୍ରତି ଆଖି ବୁଜି ଦିଅନ୍ତି ।

## ପରଂପରା ଓ ଚଳନ୍ତି ସଂସ୍କୃତି :

ନୀଳକଂଠ ଜାଣିଥିଲେ ସଂସ୍କୃତି ପରଂପରାର ଅନ୍ଧାନୁକରଣ ନୁହେଁ କି ପରଂପରାର ବିଭିନ୍ନ ଦିଗ ବା ପର୍ଯ୍ୟାୟକୁ ଆଗ୍ରାହ୍ୟ କରିବାରେ ସୀମିତ ହେବା ଉଚିତ ନୁହେଁ । ସମାଜର ତତ୍‌କାଳିକ ଶ୍ରେଣୀ ସ୍ୱରୂପ, ଜାତି-ବର୍ଣ୍ଣ-ଗୋଷ୍ଠୀ-ସ୍ୱରୂପକୁ ଅଗ୍ରାହ୍ୟକରି, ବର୍ତ୍ତମାନର ସ୍ୱରୂପକୁ ଅଗ୍ରାହ୍ୟକରି ଏକ ଐତିହାସିକ, "ଏକଦା-ଥିଲା" ସଂସ୍କୃତିର ମୂର୍ତ୍ତି ଗଢାଯାଇପାରେ, ମାତ୍ର ଚଳନ୍ତି, ଜୀବନ ସଂସ୍କୃତିର ମୂର୍ତ୍ତି ନୁହଁ । ସେଇଥିପାଇଁ ତାଙ୍କ ନିଜ ଜୀବନ-ଚର୍ଯ୍ୟାରେ, ରଚନାବଳୀରେ ପରଂପରା ନିଷ୍ଠା ସହ, ସଂସ୍କାର କର ପୁରୋଦୃଷ୍ଟି ଅତ୍ୟନ୍ତ ଅଭିନନ୍ଦନୀୟ । ଗୋଟିଏ ଯୋଡ଼ିଏ ଦୃଷ୍ଟାନ୍ତଦେଲେ ଏହା ବୋଧହୁଏ ସ୍ପଷ୍ଟତର ହେବ ।

ନିମ୍ନ ଉଦ୍ଧୃତି କେଇଟି ତାଙ୍କ ଆତ୍ମ-ଜୀବନରୁ

(କ) ଛଅବର୍ଷବେଳେ ତାଙ୍କ କୃମିରୋଗର ପରିସ୍ଥିତି । "ପରେ ମୁଁ ବୁଝିପାରିଲି ସେଇ ଅସରପା ପାଣିରେ ମୋତେ ଔଷଧ ଦିଆ ହୋଇଥିଲା...। ଆଉଥରେ ସେଇ ଭଗୀକରଙ୍କ କଥାରେ ଜିଆନାଡ଼ ସିଝେଇ

Digitized by PPRACHIN, SOA

ବୋଉ ମୋତେ ଔଷଧ ଦେବାର ମନେଅଛି ।” ତା’ପରେ ତାଙ୍କ ନନା ଗଗନବାବୁ ପୁରୀ ଡାକ୍ତରଙ୍କଠୁଁ ଘରିଅଣା ଦେଇ ଆଣିଥିବା ଔଷଧରେ କୃମି ପଡ଼ିଗଲେ, ସେ ଭଲହେଲେ ।

(ଖ) ତାଙ୍କୁ ପାଞ୍ଚବର୍ଷ ହୋଇଥିବାବେଳେ ନନାଙ୍କଠୁଁ ଭଙ୍ଗଟିକେ ମାଗି ପିଇବା ଘଟଣା : “ତହିଁଆରଦିନ ଠିକ୍‌ବେଳକୁ ପୁଣିଯାଇ ବସିଲି । କହିଲି “ନନା ମୁଁ ଖାଇବି ।” ଆଜିମଧ୍ୟ ସେ ଚିତ୍ର ମୋର ମନେପଡୁଚି । ନନା ଟିକିଏ ଚିନ୍ତିତହୋଇ ବସିଗଲେ । ତଳସାହାନ୍ତି ଘରୁ ବୋଉକୁ ଡାକିଲେ । ବୋଉ ଆସିଲାରୁ କୁଣ୍ଡିବାଡ଼ି, ଗଞ୍ଜେଇ ମସଲାଥିବା ବଟୁଆ ସବୁ ତାକୁ ଦେଇ କହିଲେ “ତୁ, ଯାକୁନେ, ଫିଙ୍ଗିଦେ, ନଇଲେ ଯାହା କର, ମୁଁ ଆଉ ଭଙ୍ଗ ଖାଇଲେ ପୁଅ ପାଇବି ନାହିଁ । ଏ ଭଙ୍ଗଡ଼ି ହୋଇଯିବ ।” ×“ଏ ପ୍ରାୟ ନନାଙ୍କ ପଚାଶ ବରଷ ବେଳର କଥା । ସେ ଅଣାନବେ ବରଷରେ ୧୯୨୮ରେ ମଲେ, ମାତ୍ର ସେଇଦିନଠାରୁ ସେ ଭାଙ୍ଗ ଆଉ କେବେ ସ୍ପର୍ଶ କରିନାହାନ୍ତି ।”

(ଗ) ଆଉ ଗୋଟିଏ ଉଦାହରଣ । ତାଙ୍କ ନନାଙ୍କୁ ୭୨ବର୍ଷ । ନୀଳକଂଠ କଲିକତାରେ ଏମ୍. ଏ. ଛାତ୍ର । ନନାଙ୍କ ଶ୍ୱାସରୋଗପାଇଁ ଚ୍ୟବନପ୍ରାସ, ମକରଧ୍ୱଜ ନେଇ ଘରକୁ ଆସିଲେ । “ସେ ବହୁକଷ୍ଟରେ କହିଲେ–ସେସବୁ ଔଷଧ କଥା ଆଉ । ଗୋଟିଏ କଥା ଶୁଣୁ, ତତେ କହିବି ବୋଲି ରହିଁ ବସିଥିଲି । ତା’ପରେ ଶୁଖିଲା ପତ୍ରରେ ମୋଡ଼ା ହୋଇଥିବା ଅଫିମ ଟିକିଏ କାଢି ମୋ ଆଗରେ ଥୋଇଲେ ।” ଆର୍ତ୍ତକଣ୍ଠ ମିଶ୍ରେ ତାଙ୍କ ଶ୍ୱାସପାଇଁ ଏଇ ଅଫିମ ବଢେଇଥିଲେ ।

## ପରଂପରା ଓ ସଂସ୍କାର :

ମୋର ମନେହୁଏ, ଏଇ ପିଲାଦିନର ଘଟଣାରୁହିଁ ତାଙ୍କର ସଂସ୍କୃତି-ଆଭିମୁଖ୍ୟର ମୂଳଦୁଆ ପଡ଼ି ଯାଇଥିଲା । ସାମାଜିକ, ବ୍ୟାବହାରିକ ଚଳଣିର ଗତାନୁଗତିକତା ଓ ଅଭ୍ୟାସ ଶେଷକଥା ନୁହେଁ କି ସ୍ୱୀକରଣୀୟ ନୁହେଁ । ବେଳେବେଳେ ତାକୁ ଫୋପାଡ଼ିବାକୁ, ବଦଳେଇବାକୁ ପଡ଼େ, ଭାଙ୍ଗିବାକୁ ପଡ଼େ, । ‘ନିଶା ଆନ୍ଦୋଳନ’ କରିବାକୁ ପଡ଼େ । ସତ୍ୟବାଦୀ

Digitized by PPRACHIN, SOA

ସ୍କୁଲରେ ବ୍ରାହ୍ମଣ । ଅବ୍ରାହ୍ମଣ ପିଲାଙ୍କୁ ଅଲଗା ଅଲଗା ଖାଇବାକୁ ବଢାଯାଉ ବୋଲି ଦାବୀ କରୁଥିବା ସଂସ୍କୃତି-ସଂପନ୍ନ ମୁରବୀ ଅଭିଭାବକମାନଙ୍କୁ ଚ୍ୟାଲେଞ୍ଜ କରିବାକୁ ପଡେ; ଅମାନ୍ୟ କରିବାକୁ ପଡେ । ଜାତିଆଣ ଭାବକୁ ଦୂରକୁ ଠେଲିଦେବାକୁ ପଡେ । ବୁଝିବାକୁ ପଡେ ସମୟ ସହିତ ତାଳ ଦେଇ ଚାଲିବା ଜୀବନ୍ତ ସଂସ୍କୃତିର ଲକ୍ଷଣ । ତା'ସହିତ ମଞ୍ଜିକୁ ରକ୍ଷା କରିବାକୁ ପଡ଼େ । ଗୀତା ଉପନିଷଦ୍ ପୁରାଣ ଭାଗବତ ଆମର ଦର୍ଶନ ଆମର ନୈତିକ ଜୀବନ ଏ ସବୁକୁ ଭଲଭାବରେ ବୁଝିବାକୁ ପଡ଼େ ଓ ଭାଙ୍ଗିବା– ଫୋପାଡ଼ିବା ପାଇଁ ଯେଉଁ ଦମ୍ଭ, ଯେଉଁ ଅସ୍ତିବାଦୀ ଚେତନା ସେଇଥିରୁ ହିଁ ତାକୁ ଆହରଣ କରିବାକୁ ପଡ଼େ । ସାଧାରଣ ଜୀବନରେ, ଆସେମ୍ବ୍ଲିରେ ବା ଅନ୍ୟତ୍ର ଗଭୀରଭାବେ ଜଡ଼ିତ ହେଲାବେଳେ ବି ନିଜର ବିଶିଷ୍ଟ ଦୃଷ୍ଟିଭଙ୍ଗୀ ବଜାୟ ରଖିବାକୁ ପଡେ । ଅର୍ଥାତ୍ ସଂଖ୍ୟାଲଘୁ ଗୁଣୀ ବା minority eliteର ଅଂଶ ହେଲେ ବି ସମୂହ ପାଇଁ ସହଜରେ ଅସଂଦିଗ୍ଧ ଭାବେ କାମ କରିଯାଇ ହୁଏ । "ସେମାନେ କିଛି ଜାଣନ୍ତିନି" "ହେଇ ସାଧାରଣ, ଅସଂସ୍କୃତ ମଣିଷ"– ଏମିତି ଏକ ଅବିମୃଶ୍ୟକାରିତାର ଶୀକାର ଆଉ ହୋଇ ହୁଏନି । ମନ ବୁଝିଯାଏ ଯେ ସଂସ୍କୃତି ଏଲିଟ୍ ବା ଗୁଣୀମାନଙ୍କ ଦ୍ୱାରା ନିର୍ଦ୍ଦେଶିତ, ସଂପ୍ରେକ୍ଷିତ ହୋଇ ପାରିଥାଏ କିନ୍ତୁ ଜନ-ଜୀବନରେ ଓତଃପ୍ରୋତ ଭାବରେ ସଂଚରିତ ହେଲେ ଯାଇ ତା' ଜୀବନ୍ତ ହୁଏ, ଐତିହାସିକତାର ପ୍ରବହ-ମାନତାରେ ତା'ର ଆପଣାର ସ୍ଥିତିସ୍ଥାପକତା ଲାଭ କରେ ।

ଅନ୍ୟ ପକ୍ଷରେ କ'ଣ ପାଇଁ ନୀଳକଂଠ ନିଜ ଆତ୍ମଜୀବନୀରେ ନିଜ ନନାଙ୍କ ସମ୍ପର୍କରେ ଏ ଦୁଇଟି ଘଟଣାର ଅବତାରଣା କଲେ ? ଚାହିଁଥିଲେ ବହୁ ବଡ଼ ମଣିଷଙ୍କ ପରି ଏ ଘଟଣା ମଧ୍ୟ ସେ ଅଲିଖିତ ରଖିପାରିଥାନ୍ତେ । କିନ୍ତୁ ନା, ସତ୍ୟନିଷ୍ଠ, ସଂସ୍କୃତି ସଚେତନ ମଣିଷଟିର ଦୃଷ୍ଟିଭଙ୍ଗୀ ଭିନ୍ନ । ପରଂପରାର ଅକୁଳାଣ ପଣିଆ, ଦୁର୍ବଳତା, ଅପ୍ରାଚୁର୍ଯ୍ୟ ସଂଲଗ୍ନତା– ଏ ସବୁକୁ ସେ ବୁଝିଥିଲେ । ସମୟର ପ୍ରବହମାନତାକୁ ବୁଝିଥିଲେ । ତାଙ୍କରି ରଚନାରୁ ଆଉ ଯୋଡ଼ିଏ ଉଦ୍ଧୃତି ।

(୧) ସତ୍ୟବାଦୀ ରକ୍ଷଣଶୀଳ ବ୍ରାହ୍ମଣଶାସନ ମାନଙ୍କର କେନ୍ଦ୍ର । ସେଇ ରକ୍ଷଣଶୀଳମାନେ ଆସି ମତେ ଅନୁରୋଧ କଲେ– "ବ୍ରାହ୍ମଣ ଓ

Digitized by PPRACHIN, SOA

ଅବ୍ରାହ୍ମଣଙ୍କ ପାଇଁ ଅଲଗା ଅଲଗା ଭୋଜନ ସ୍ଥାନର ବ୍ୟବସ୍ଥା କର । ତା' ନହେଲେ ଲୋକଙ୍କୁ ଅସହ୍ୟ ହେଉଚି" । ମୁଁ କହିଲି "କୁଳଗୃହର ସମସ୍ତ ଅନ୍ତେବାସୀଙ୍କର ମୁଁ କୁଳପତି, ସୁବିଧା ଥିଲେ ମୋର ପତ୍ନୀ ନିଜ ପୁତ୍ର ରୂପେ ସେମାନଙ୍କୁ ରନ୍ଧି ଖୋଇବାକୁ ଦିଅନ୍ତା ମୁଁ । ଏଇ ପୁତ୍ରମାନଙ୍କ ମଧ୍ୟରେ ବର୍ଣ୍ଣ ଧର୍ମଭେଦ କରିପାରିବି ନାହିଁ । କ୍ଷମା କରନ୍ତୁ ।" ସେଥି-ପାଇଁ ରକ୍ଷଣଶୀଳମାନେ ତତ୍କାଳୀନ ପଣ୍ଡିତମାନଙ୍କୁ ଧରି ମତେ ଅପାଂକ୍ତେୟ କରି ଶାସନ କରିବାର ବହୁ ଉଦ୍ୟମ କରିଥିଲେ ।

( ଆତ୍ମଜୀବନୀ—ପୃ ୬୫, ଗ୍ରନ୍ଥାବଳୀ ପ୍ରଥମ ଭାଗ )

ଏଥିରୁ କେବଳ ତାଙ୍କର ନୈତିକ ସାହସର ପରିଚୟ ମିଳେନି । ମୂର୍ତ୍ତିମାନ୍ ହୋଇ ଛିଡ଼ାହୁଏ ଗୁରୁକୁଳ ଆଶ୍ରମ, ଗୁରୁ ଶିଷ୍ୟ ପରମ୍ପରା, ଶିଷ୍ୟ ଯେ ନିଜର ପୁତ୍ର । ସେଇ ଆଗ୍ଧର୍ଷିମାନେ, ସେଇ ରଚିଥିବା ତପୋବନ ସବୁ । ଆଉ କେଡ଼େ ମାର୍ମିକ ସେଇ ବାକ୍ୟଟିର ଋଷି ସୁଲଭ ଉଦାତ୍ତ ଗମ୍ଭୀର ଉଚ୍ଚାରଣ, "ସୁବିଧା ଥିଲେ ମୋର ପତ୍ନୀ ନିଜ ପୁତ୍ର ରୂପେ ସେମାନଙ୍କୁ ରନ୍ଧି ଖାଇବାକୁ ଦିଅନ୍ତା ।" ତା'ଙ୍କ ଜୀବନ-ଚର୍ଯ୍ୟାରେ ଥିଲା ସଂସ୍କୃତିର ପ୍ରକୃଷ୍ଟ ସଂଜ୍ଞା ।

## ଭାବ, ଇତିହାସ ଓ ସ୍ମୃତି

ଦ୍ୱିତୀୟ ଉଦ୍ଧୃତିଟି ଏମିତି— ''ଦେଶବାସୀ ଖୋଜି ଦେଖିବେ କି ? ଜିନିଷ ? ଚାଲିଯାଏ, ଭାବରାଜ୍ୟରେ ମୃତ୍ୟୁ ନାହିଁ । ଏ ଭାବରାଜ୍ୟରେ ପୁଣି ସ୍ମୃତିର ସଂପର୍କ କେତେ ଓ କିପରି ସଭ୍ୟତାର ଇତିହାସରେ ତାହା ଅନୁସଂଧେୟ । ତଥାପି ଭାବ ଇତିହାସ ଭୂମି ଛାଡ଼ି ସ୍ମୃତିରେ ହିଁ ପ୍ରଭାବ ବିସ୍ତାର କରେ । ପୁଣି ଆଜି ମଧ୍ୟ ଆମେ ତର୍ପଣ କରୁ— "ସୋମପା ପିତର ସ୍ତୃପ୍ୟଂତାମ୍" ଅର୍ଥ କଲେ ଅନେକଙ୍କୁ ବିକୃତ ଲାଗିବ । ଏହାର ଅର୍ଥ ହେଉଛି "ସୋମରସ ମଦ୍ୟପାନ କରୁଥିଲେ ଆମର ଯେଉଁ ପିତୃମାନେ ସେମାନେ ତୃପ୍ତ ହୁଅନ୍ତୁ"। ଗୋପବନ୍ଧୁଙ୍କ ଏ ତର୍ପଣରେ ସେହି ମହାମାନବର ପ୍ରଭାବ ଅଛି କି ନାହିଁ ତା' ମୋର କଥନୀୟ ନୁହେଁ । "ନମେ ଭକ୍ତି"ରେ ମହାପୁରୁଷ ପୁଣି ନଷ୍ଟ ହୁଅନ୍ତି, ତାଙ୍କ ପ୍ରଭାବ ବିକୃତ ହୁଏ । ଏ କ୍ଷେତ୍ରରେ

Digitized by PPRACHIN, SOA

ତା' ନ ହେଉ । ଗୋପବନ୍ଧୁ, ରାମଚନ୍ଦ୍ର ଆଦିଙ୍କୁ ଧରି ପୁଣ୍ୟ ପ୍ରଭାବରେ ଜୀବିତ ହୁଅନ୍ତୁ । ଦେଶର ଶିକ୍ଷା ସାଧନା ସେଥିରେ ପ୍ରାଣବନ୍ତ ହେଉ । ପ୍ରତ୍ୟେକ ଦେଖନ୍ତୁ ସେମାନଙ୍କ ଜନ୍ମ ବେଳର ପରିସ୍ଥିତିରୁ ମୃତ୍ୟୁ ପରିସ୍ଥିତି ବିକାଶରେ ପ୍ରବୁଦ୍ଧ ହୋଇଛି ।" ଏହାର ସମୟାନୁଯାୟୀ ପରଂପରା ଚେତନା ଅତ୍ୟନ୍ତ ସୁସ୍ପଷ୍ଟ ।

## ବିଶ୍ୱାସ, ଭକ୍ତି ବନାମ ଜ୍ଞାନ ଓ ଯୁକ୍ତି

ସମୟ ପ୍ରବାହରେ ଯେମିତି ଅତୀତର ସ୍ମୃତି ଓ ଭବିଷ୍ୟତର ସ୍ୱପ୍ନକୁ ଯୋଡେ ବର୍ତ୍ତମାନ ଓ ବର୍ତ୍ତମାନର ପରିପ୍ରେକ୍ଷୀରେ ହିଁ ଉଭୟ ସ୍ମୃତି ଓ ସ୍ୱପ୍ନର ତର୍ଜମା ଜରୁରୀ ଠିକ୍ ସେମିତି ସଂସ୍କୃତିର ସ୍ଥିତି ସ୍ଥାପକତା ସହିତ କ୍ଷିପ୍ରତା, ଗତିବେଗ ସହିତ ମୂଳପିଣ୍ଡର ସ୍ଥିରତାର ପ୍ରକୃଷ୍ଟ ସମୀକରଣ ପାଇଁ ମାନସିକ ସ୍ତରରେ ପ୍ରଭୂତ ପ୍ରସ୍ତୁତି ଲୋଡାହୁଏ; ଏ କଥା ଭଲଭାବରେ ବୁଝିଥିଲେ ନୀଳକଂଠ ଓ ଏଇ ମାନସିକ, ଆବେଗିକ ସମନ୍ୱୟରେ ବିଶ୍ୱାସ ତଥା ଜ୍ଞାନ ବା ଭକ୍ତି ଓ ଯୁକ୍ତି ଏ ଉଭୟର ଆବଶ୍ୟକତା ସେ ଜାଣିଥିଲେ । ମାତ୍ର ଆଧୁନିକ ବୈଜ୍ଞାନିକ ମନୋବୃତ୍ତି ଓ ତା'ର ନୂତନ ଦିଗନ୍ତକୁ ଆଖିରେ ରଖି ଏବଂ ଭକ୍ତି ରସ ପ୍ରାବଲ୍ୟଜନିତ ଓଡ଼ିଆ ଇତିହାସ ସଂସ୍କୃତିର କ୍ଷୟ କ୍ଷତିକୁ ନ ଭୁଲି ସେ ଜ୍ଞାନ, ଯୁକ୍ତି ଓ ପ୍ରଶ୍ନ ପଚାରିବାର ପରଂପରାକୁ ଅଧିକତର ଗୁରୁତ୍ୱ ଦେଇଥିଲେ । ଆନୁଷ୍ଠାନିକ ସ୍ମୃତି ପୂଜା, ବ୍ୟକ୍ତି ବିଶେଷଙ୍କ ସ୍ମୃତି ପୂଜା, 'ନାମେ ଭକ୍ତି' ଏ ସବୁକୁ ତେଣୁ ସେ ଅତ୍ୟନ୍ତ ସଂଦିଗ୍ଧ ଭାବେ ଦେଖୁଥିଲେ । ସହଜରେ ସବୁକଥା ବିଶ୍ୱାସ କରିଯିବା ଓ ଅନ୍ଧ ପରି ତାକୁ ଗ୍ରହଣ କରି ତଦନୁଯାୟୀ ପରିଚାଳିତ ହେବା ଏହା ଯେ ଅପସଂସ୍କୃତିର ପରିଚାୟକ ଏ କଥା ସେ ବୁଝିଥିଲେ । ତେଣୁ ପ୍ରଶ୍ନ ପଚାରିବାର ମୌଳିକ ପରଂପରା ତାଙ୍କ ପାଇଁ ଥିଲା ସଂସ୍କୃତିର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭବ । ଏପରିକି ବିରକ୍ତିରେ ସେ ତଥାକଥିତ "ଭକ୍ତି" ପ୍ରତି ନିଜର ବିତୃଷ୍ଣା ଅତ୍ୟନ୍ତ ସ୍ପଷ୍ଟ କରି ଦେଇଥିଲେ, ଯାହା ନିମ୍ନୋକ୍ତ ଉଦ୍ଧୃତିରୁ ଦେଖା ଯାଇପାରେ । "ମାନବ ସମାଜରେ ଭକ୍ତି ଗୋଟିଏ ବିପଦଜନକ ବସ୍ତୁ । ଭକ୍ତ ବଡ ଅସହିଷ୍ଣୁ । ସେ ନିରଟ ମିଥ୍ୟାବାଦୀ । ସେ ବହୁତ ଅଦ୍ଭୁତ କୃତି କଳ୍ପନା କରେ ଓ ସତ ବୋଲି କହେ । ନିଜର ଆଦର୍ଶ

Digitized by PPRACHIN, SOA

ବାଦରେ ଉପାସ୍ୟକୁ ଜଡ଼ିତ କରି ସାଧାରଣଙ୍କ ଆଗେ ଥୁଏ । ମାନବ ସମାଜର ଏ ଗୋଟିଏ ସାଧାରଣ ଦୁର୍ବଳତା ଓ ଦୂରଗେଗ୍ୟ ବ୍ୟାଧି”। ଏ ଭକ୍ତିର ମୂଳକଥା କେଡେ ଗୁରୁତ୍ୱପୂର୍ଣ୍ଣ । ମଣିଷ ଇତିହାସରେ ଧର୍ମବିଶ୍ୱାସୀ ଗୋଷ୍ଠୀର ପରଂପଗ କେଡେ ଭୟାବହ । ଭକ୍ତ ବଡ ଅସହିଷ୍ଣୁ । ଅର୍ଥାତ୍ ଉପରଠାଉରିଆ ଭକ୍ତ । ପ୍ରକୃତ ଭକ୍ତଙ୍କ କଥା ନୀଳକଂଠ କହୁ ନାହାନ୍ତି ଶିଖ ଧର୍ମର ଭକ୍ତ, ହିନ୍ଦୁ ଧର୍ମର ଭକ୍ତ, ଆଲ୍ଲାଙ୍କ ଭକ୍ତ—ସେମାନେ ଉପରଠାଉରିଆ ହେଲେ ଧର୍ମୀୟ ମୌଳିକତାବାଦ ବା fundamentalismରେହିଁ ପର୍ଯ୍ୟବସିତ ହୁଏ । ଇତିହାସର ପୃଷ୍ଠା ଧର୍ମଯୁଦ୍ଧ, ଗୋଷ୍ଠୀଯୁଦ୍ଧ, ସାଂପ୍ରଦାୟିକ ହଣାମରରେ ରକ୍ତରଂଜିତହୁଏ । ଏହା କେବଳ ଐତିହାସିକ ଚେତାବନୀ ନୁହେଁ । ସାଂସ୍କୃତିକ ଆଭିମୁଖ୍ୟର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ସଂସ୍କୃତିସଂପନ୍ନ ବ୍ୟକ୍ତି ନିଜ ଚେତନା ଓ ଆଗ୍ରହ ବ୍ୟବହାରରେ ଯୁକ୍ତି ଓ ଭକ୍ତିକୁ ଏକାଠି କରେ, ସାମ୍ୟ ଆଣେ । ସେଇଥିପାଇଁ ଗୋପବଂଧୁ ମୃତ୍ୟୁମୁଖରେ ପଡ଼ିଥିବା ପୁତ୍ରକୁ ଛାଡ଼ି “ଏତେପୁତ୍ର ଭସିଯାଇଛନ୍ତି ବୋଲିକହି, କିଛି ଆଉ ନମାନି ବଢି ଅଂଚଳକୁ ଗଲେ” ଏହା ଐତିହାସିକ ସତ୍ୟ ନୁହେଁ ବୋଲି ସେ ଲେଖିଛନ୍ତି । ତାଙ୍କ ଭାଷାରେ “ଗୋପବଂଧୁ କେବେ ଏପରି ହୃଦୟହୀନ ଥିବାର ମୁଁ ଦେଖିନାଇଁ କିମ୍ବା ହୃଦୟର ଭବାବେଗ ଲୁଗ୍ଭଇ ନିଜକୁ ଅନ୍ୟପ୍ରକାର ଦେଖାଇହେବା ହୁଏତ ତାଙ୍କର ପ୍ରକୃତି ନଥିଲା । ତାଙ୍କର କବି ହୃଦୟ ଅତି କୋମଳ ଥିଲା ।”

## ସଂସ୍କୃତିର ଚେର୍-ଇତିହାସ :

କେବଳ ମହାକାବ୍ୟ, ବେଦ ଉପନିଷଦ, ସାଂଖ୍ୟ, ଗୀତା, ନୁହେଁ ଗଣିଗଣି ପୋଥି, ଶହଶହ ମନ୍ଦିର, ଅକଳନ ଚିତ୍ର ସଂଭର, ପ୍ରାଚୀନ ଲୁପ୍ତ-ପ୍ରାୟ ପରଂପଗର ପୁନଃ-ଜାଗରଣ, ପୁନଃ ପ୍ରତିଷ୍ଠା—ଏସବୁ ତାଙ୍କ ସଂସ୍କୃତି ଆଭିମୁଖ୍ୟର ଦୃଢ ଆଙ୍ଗିକ ଥିଲେ । ସେଇଥିପାଇଁ ‘କୋଣାର୍କେ’ କାବ୍ୟ ମୋ ମତରେ କେବଳ ଓଡ଼ିଆ କାବ୍ୟ ସାହିତ୍ୟର ଅମୂଲ୍ୟ ସଂପଦ ନୁହେଁ, ଓଡ଼ିଆ ସଂସ୍କୃତି ସଚେତନତାର ଅନ୍ୟତମ ଶକ୍ତିଶାଳୀ ସ୍ତମ୍ଭ । ଏହା ନିଃସଂଦେହରେ ଅନୁପମ କାବ୍ୟ, ଭାଷା, ଚରିତ୍ରଚିତ୍ରଣ, ଭବରାଜିର ବୈଚିତ୍ର୍ୟ, କଳ୍ପନାଶକ୍ତିର ବିସ୍ଫୋରଣ, ଉପମା ଅଳଂକାର ବ୍ୟବହାର—ସବୁଦିଗରୁ ଦେଖିଲେ ଏହା ଏକ ଐଶ୍ୱର୍ଯ୍ୟ ବିମଣ୍ଡିତ ମହାକାବ୍ୟ କିନ୍ତୁ

Digitized by PPRACHIN, SOA

ତା'ପଛରେ ଅଛି ଜାତିର ମୂର୍ତ୍ତିମନ୍ତ ଐତିହ୍ୟର ଇଙ୍ଗିତ । ରାମଚଣ୍ଡୀରେ ସେଇ ଗର୍ଜ୍ଜି ଓ ସକାଳ । ଶରଦଜ୍ୟୋସ୍ନା ରାତିରେ ମେଘମେଦୁର ଆକାଶ । ସେତେବେଳେ ନୀଳକଂଠ ତରୁଣ ଓ ଶିକ୍ଷକ । ପିଲେ, ଛାତ୍ରମାନେ ସିନା ଶୋଇ ପଡ଼ିଲେ ଶିକ୍ଷକ-କବିଙ୍କୁ ନିଦ କାହିଁ ? ସେ ଯେ ଇତିହାସର, ପରଂପରାର ସୁଦୂରପ୍ରସାରୀ ମହାସାଗରରେ ଭସି ଯାଉଛନ୍ତି ପଛକୁ, ପଛକୁ । କେଉଁଠି ଗଡ଼ଜାତରେ ଶୁଣିଥିବା ଭାଟ-ମୁହଁ ନିସୃତ ଗଳ୍ପରୁ ଉଦ୍ଭବ ହୋଇଛି 'ମାୟାଦେବୀ' କାବ୍ୟାଂଶ । ପ୍ରତ୍ୟୟ, ତା'ର ସୂଚୀତା, ତା'ର ଐତିହ୍ୟ, ଶିଶୁପାଳଗଡ଼ର ଭଗ୍ନ ଦୁର୍ଗରେ ତସ୍କରତାଡ଼ନାରେ ବ୍ୟଥିତ । ନରସିଂହଙ୍କର ମାୟାଦେବୀଙ୍କ ସାକ୍ଷାତ ଏ ସବୁ ସତେ ଯେପରି କୋଣାର୍କ ମନ୍ଦିର ପଛରେ ଲୁଚିଥିବା ନାନାବିଧ ପରଂପରା, ଉପ-ପରଂପରା ଭିତରେ ନିଜର ଚେର ଖୋଜିବାର ପ୍ରଚେଷ୍ଟା । ଆଉ ସେ କେଉଁ ଭାଟଠାରୁ ଶୁଣିଥିଲେ ବୋଲି ଲେଖିଚନ୍ତି । ନୀଳକଂଠଂକ ଭାଷାରେ, "ସେ ସେକାଳେ ଅନୁଗୁଳରେ ଥିବା ରାଜାଙ୍କର ଭାଟବଂଶର ଜଣେ । ଏବେ ତା'ର ଜମିବାଡ଼ି କିଛି ନାହିଁ । ଇଂରେଜ ମୁଲକ ହୋଇଯିବାରୁ ତା' ବଂଶର ଜାଗିରି ଜମି ସବୁ କର ବସି ପରେ ବିକ୍ରୀ ହୋଇଯାଇଚି । ସେ ଏବେ ଭିଖ ମାଗୁଚି । ତା' ଘରେ ବୀଣା ଅଛି । ଦଶହରା ଦିନ ସେ ତା' ପୂଜା କରେ ଓ ରାଜାଙ୍କ ବଂଶରେ ଯେ ଅଛନ୍ତି, ତାଂକ ଦୁଆରକୁ ପାରିଲେ, ଟିକିଏ ଯାଏ ।

ସଂସ୍କୃତି ଏମିତି ଦୃଢ଼ ଚେରରେ ହିଁ ଜୀଇ ରହିଥାଏ । କେତେବେଳେ ମୃତପ୍ରାୟ ଦିଶେ ସିନା, ସରି ନ ଥାଏ, ମରି ନ ଥାଏ, ପୁଣି କଅଁଳେ, ପତ୍ରପୁଷ୍ପ ମଣ୍ଡିତ ହୁଏ । ସେମିତି ତାଙ୍କର କାବ୍ୟ 'ଖାରବେଳ' । ଐର ଖାରବେଳ କେବଳ ଖଣ୍ଡଗିରି, ଉଦୟଗିରିର, ରାଣୀନଅର, ରାଣୀହଂସପୁର ବା ଜୈନ ସାଧୁଙ୍କ ଧ୍ୟାନ ପାଇଁ ଗୁମ୍ଫା ନିର୍ମାଣ କରି ପ୍ରସିଦ୍ଧ ନୁହନ୍ତି । ସେ କେବଳ ମଗଧ ବିଜୟୀ ସମ୍ରାଟ୍ ନୁହନ୍ତି, ସେ ପ୍ରାଚୀନ ପରଂପରା ଧର୍ମ ଓ ସାମୂହିକ ଉନ୍ନତି ପରିକଳ୍ପେ ନିଜକୁ ନିୟୋଜିତ କରିଥିବା ରାଜଶକ୍ତିର ପ୍ରତୀକ, ସଂସ୍କୃତି-ସଂପନ୍ନ ଐତିହାସିକ ସମ୍ରାଟ୍, ମହାନ୍ ବିଜେତା । କେବଳ ଦକ୍ଷିଣପୂର୍ବ ଏସିଆ ନୁହେଁ ପାରସ୍ୟ ଉପକୂଳ ପର୍ଯ୍ୟନ୍ତ ସମୁଦ୍ରରେ ବାଣିଜ୍ୟ କରୁଥିଲେ ତାଙ୍କର ବଣିକମାନେ । 'କୋଣାର୍କେ' ଓ 'ଖାରବେଳ' କାବ୍ୟ ଦୁଇଟି ମନେହୁଏ ନୀଳକଂଠଂକ ସଂସ୍କୃତି ଆଭିମୁଖ୍ୟର ନିଖୁଣ ବାହକ ।

Digitized by PPRACHIN, SOA

## ଭାଷା ଓ ସଂସ୍କୃତି

ତାଙ୍କ 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥରେ ସେ କହିଛନ୍ତି"ଭାଷା ହିଁ ସାହିତ୍ୟ ତଥା ସଭ୍ୟତାର ଆଧାର" (ପୃ–୧୬) । ଆଂଚଳିକ ଭାଷା ଆଂଚଳିକ ସାହିତ୍ୟର ବିକାଶ ଓ ଅଭିବୃଦ୍ଧି ଯେ କେବଳ ଭାରତୀୟ ସାହିତ୍ୟ ବା ଭାରତୀୟ ସଂସ୍କୃତିର ବିକାଶ ପାଇଁ ଅପରିହାର୍ଯ୍ୟ ସେତିକି ନୁହେଁ, ବରଂ ସାମଗ୍ରିକ ଭାବରେ ଏହା ସଭ୍ୟତା ଓ ସଂସ୍କୃତିର ଅତ୍ୟାବଶ୍ୟକୀୟ ପରିବେଶ, ଯାହା ବ୍ୟତିରେକେ ସଂସ୍କୃତିର ପ୍ରକୃଷ୍ଟ ବିକାଶ ସଂଭବ ହୁଏ ନାହିଁ । ନୀଳକଂଠଙ୍କ ଦୃଷ୍ଟିରେ ମହାଭାରତୀୟ ସାହିତ୍ୟିକ ଓ କଥିତ ଭାଷା ଶାବର, ଦ୍ରାବିଡ ଓ ଆର୍ଯ୍ୟ ଏବଂବିଧ ତ୍ରିଧାରା ଦ୍ୱାରା ପୁଷ୍ଟ ଓ ମହିମାନ୍ୱିତ । ଓଡ଼ିଆ ଭାଷା ଓ ସଂସ୍କୃତିରେ ଯେ ଏଇ ସୁବିପୁଳ ପରଂପରାର ପୃଷ୍ଠପୋଷକ ଥିଲେ, ପଥିକୃତ ଥିଲେ । ସେଇଥିପାଇଁ ଓଡ଼ିଆ ବ୍ୟାକରଣରେ ବାକ୍ୟ ବିଗ୍ରହ, ପଦ ବିଗ୍ରହ, ଶବ୍ଦ ବିଗ୍ରହ, ବର୍ଣ୍ଣ ବିଗ୍ରହ ଠାରୁ ଆରମ୍ଭ କରି ଛନ୍ଦ ଓ ତତ୍ତ୍ୱ ବିଗ୍ରହ ପର୍ଯ୍ୟନ୍ତ ସେ ସ୍ୱ-ଦୃଷ୍ଟିଭଂଗୀରେ ରଖିଥିଲେ ଓ ପ୍ରବନ୍ଧମାନ ରଚନା କରିଥିଲେ । ଉନବିଂଶ ଶତାବ୍ଦୀରେ ଭାଷାର ବିବର୍ତ୍ତନ କ୍ରମେ ସମାଜରେ ଘଟୁଥିବା ପରିବର୍ତ୍ତନମାନ ଭାଷାରେ ମଧ୍ୟ ପ୍ରତିଫଳିତ ହୋଇ-ଥିଲା । ସମାଜ ତତ୍ତ୍ୱବିଦ୍‌ମାନେ ଏହାକୁ ପାଶ୍ଚାତ୍ୟକରଣ ବା Westerni-sation ଏବଂ ସଂସ୍କୃତିକରଣ ବା Sanskritisation କହିଛନ୍ତି । ଏ ସବୁକୁ ବିଗ୍ରହ କରି ସେ ଓଡ଼ିଆ ଭାଷାର ବିଶେଷତ୍ୱକୁ ଚିହ୍ନାଇ ଦେଇ ତା' ମାଧ୍ୟମରେ ସାଂସ୍କୃତିକ ବୈଶିଷ୍ଟ୍ୟକୁ ମଧ୍ୟ ସୂଚାଇବାର ପ୍ରୟାସ କରିଥିଲେ । ସେହିପରି 'ଲିପି ସଂସ୍କାର' ପ୍ରତି ମଧ୍ୟ ସେ ଦୃଷ୍ଟି ଦେଇଥିଲେ । ଯଦିଓ ଏ କଥା ସତ ଯେ ତାଙ୍କର ଭାଷାତାତ୍ତ୍ୱିକ ଚର୍ଚ୍ଚା ଏବଂ ଲିପି-ସଂସ୍କାର ପରିକଳ୍ପନା ସଂପୂର୍ଣ୍ଣ ହୋଇପାରି ନ ଥିଲା ବହୁ ବିଭିନ୍ନ କାରଣରୁ । କିନ୍ତୁ ସଂସ୍କୃତିର ବାହକ ଓ ପରିଗ୍ରାହକ ହିସାବରେ ଭାଷାର ଅବଦାନ ସଂପର୍କରେ ସେ ସମ୍ୟକ୍ ସଚେତନ ଥିଲେ ।

ଏ ପ୍ରବନ୍ଧରେ ନୀଳକଂଠଙ୍କ ଆର୍ଯ୍ୟ ସଂସ୍କୃତି ସଂପର୍କିତ ଆଲୋଚନା ବା ଉପନିଷଦ ବେଦ ପୁରାଣ ଆଦି ସଂପର୍କରେ ତାଙ୍କ ଆଲୋଚନା ଓ ସଂସ୍କୃତି ଆଭିମୁଖ୍ୟ ସହିତ ତା'ର ସଂଯୋଗ କିଛି କୁହାଯାଉନି; କାରଣ ମୋର ମନେହୁଏ ସେ ସଂପର୍କରେ ଅନେକ ଆଲୋଚନା ଏଥିପୂର୍ବରୁ ହୋଇସାରିଛି ।

●

Digitized by PPRACHIN, SOA

# ନୀଳକଂଠଂକ ଗ୍ରନ୍ଥାଣିରେ ଚମକ

## ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର

ଖାଲି ଓଡ଼ିଆ ସାହିତ୍ୟର ନୁହେଁ, ଯେ କୌଣସି ଭଷା-ସାହିତ୍ୟର ସମାଲୋଚନା ଗୁଣରେ ପଣ୍ଡିତ ନୀଳକଂଠ ଦାସଙ୍କ ପ୍ରଣୀତ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଗୋଟିଏ ବ୍ୟତିକ୍ରମ ବୋଲିବାକୁ ହେବ । ଏଇ କଥାଟି ସେଇ ଗ୍ରନ୍ଥର ଆରମ୍ଭରୁ ହିଁ ପ୍ରାଞ୍ଜଳ ଜଣାପଡ଼େ ।

## ସାହିତ୍ୟର ପରିସୀମା

କ୍ରମ ପରିଣାମର ଆରମ୍ଭରେ ନୀଳକଂଠ ସ୍ୱକୀୟ ବିଗ୍ଚର ଅନୁସାରେ ସାହିତ୍ୟର ପରିସୀମା ନିର୍ଣ୍ଣୟ କରିଛନ୍ତି । ଏଇ ନିର୍ଣ୍ଣୟକୁ ଧରିଲେ ହିଁ କ୍ରମ ପରିଣାମରେ ଆଲୋଚିତ ବିଷୟଗୁଡ଼ିକ ଓଡ଼ିଆ ସାହିତ୍ୟ ପ୍ରସଙ୍ଗକୁ ଆସିବ । ଏଇଠି ନୀଳକଂଠ ସାହିତ୍ୟକୁ ଭଷାର ନିଗଡରେ ବାନ୍ଧି ନରଖି ମଣିଷର ଆତ୍ମପ୍ରକାଶର ଯାବତୀୟ ମାଧ୍ୟମ– ଯଥା : କଳା, ବିଜ୍ଞାନ, ଶିଳ୍ପ, ବ୍ୟବହାର– କ୍ଷେତ୍ରକୁ ମଧ୍ୟ ପ୍ରସାରିତ କରିଛନ୍ତି । ତାଙ୍କରି ଭଷାରେ–

> "ବ୍ୟାପକ ଭବରେ ବୁଝିଲେ, ସମାଜ ବିକାଶର ପ୍ରକାଶ ହେଉଚି ସାହିତ୍ୟ । ଏଇ ବିକାଶର ଚଳଣି ସଂସ୍କୃତିରେ ଧରାହୁଏ । ସାହିତ୍ୟରେ ଏଇ ସଂସ୍କୃତି ମପା ହୁଏ । ତେଣୁ ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ ।"
>
> ( କ୍ରମ ପରିଣାମ ପୃ-୧ )

ସାହିତ୍ୟରେ ସଂସ୍କୃତି ମପା ହେବା କଥାଟିର ନିଦର୍ଶନ ରୂପେ ଅନ୍ୟାନ୍ୟ ମାପ ବିଷୟ ଆଲୋଚନା କରଯାଇପାରେ । ସମୟର ଆରମ୍ଭ ନାହିଁ କି ଶେଷ ନାହିଁ । ବର୍ଷ, ମାସ ଆଦି ସସୀମ ଅବଧ ଦ୍ୱାର ସମୟ

Digitized by PPRACHIN, SOA

ମପା ହୁଏ । ସେହିପରି ଦିକ୍ ବା Space ଅନାଦି ଓ ଅନନ୍ତ, ତେଣୁ ଅସୀମ । କୋଶ, ମାଇଲ ଆଦି ସସୀମ ଦୈର୍ଘ୍ୟ ଦ୍ୱାରା ତାହା ମପାହୁଏ । ବୁଝିବାକୁ ଗଲେ, ପରିମାଣ ( ବର୍ଷ, କୋଶ ଆଦି ) ଓ ପରିମେୟ ( ସମୟ, ଦିକ୍ ଆଦି ) ଏକା କଥା ନୁହନ୍ତି– ଯେପରିକି ଗଣ୍ଡି ଓ ଧ୍ୟାନ ଏକା ନୁହନ୍ତି– କିନ୍ତୁ ପରିମେୟ ଅମୂର୍ତ୍ତ ବିଷୟ ହେଲେ ପରିମାଣକୁ ଛାଡ଼ିଲେ ତାହାର ଧାରଣା କରି ହେବନାହିଁ । ଅମୂର୍ତ୍ତ ସଂସ୍କୃତିର ମାପ ସାହିତ୍ୟ ବୋଲି ନୀଳକଂଠ ଧରିଛନ୍ତି । ସାଧାରଣ ଲୋକେ ବର୍ଷକୁ ସମୟ ବୋଲି ବୁଝନ୍ତି । ବର୍ଷ ଓ ସମୟ ମଧ୍ୟର ଭେଦକୁ ବାରିବା ପାଇଁ ନିବିଡ଼ ବିମର୍ଶ ଆବଶ୍ୟକ । ନୀଳକଣ୍ଠ ସାହିତ୍ୟକୁ ସଂସ୍କୃତିର ପରିମାପକ ବୋଲି ଚିହ୍ନାଇ ସଂସ୍କୃତିର ଅଭିବ୍ୟକ୍ତିଗୁଡ଼ିକ ସାହିତ୍ୟର ଅନ୍ତର୍ଗତ ବୋଲି ବୁଝାଇବା ଭିତରେ ଏପରି ବିମର୍ଶ ରହିଛି ।

ସଂସ୍କୃତିକୁ ସାହିତ୍ୟ ଦ୍ୱାରା ମାପିବାର ପ୍ରୟାସ ଆଧୁନିକ । ପରଂପରାରେ ସାହିତ୍ୟ ଥିଲା କିଛି ଶ୍ରାବ୍ୟ ( ଯଥା : ବେଦ ), କିଛି ପାଠ୍ୟ (ଯଥା : କାବ୍ୟ, ପୁରାଣ) ଓ କିଛି ଦୃଶ୍ୟ (ଯଥା : ନାଟକାଦି ରୂପକ) । ଦୃଶ୍ୟ-ସାହିତ୍ୟ ସହିତ କେତେକ କଳା ( ଯଥା : ଅଭିନୟ, ବାଦନ, ବେଶରଚନା ) ଅଙ୍ଗାଙ୍ଗୀ ଭାବରେ ରହିଥିଲା କିନ୍ତୁ ଅନ୍ୟଥା ସାହିତ୍ୟ ଥିଲା ବିଦ୍ୟା, କଳା ନୁହେଁ । ପ୍ରାଚୀନ ଦୃଷ୍ଟିରେ ଯାହା ଭାଷାର ଆଶ୍ରିତ ତାହା ବିଦ୍ୟା ଓ ଯାହା କର୍ମ ଦ୍ୱାରା ସାଧ୍ୟ ତାହା କଳା । ଏପରି ଭେଦବିଚାର ପାଶ୍ଚାତ୍ୟ ପରଂପରାରେ ନଥିଲେ ହେଁ ସେଠାରେ ମଧ୍ୟ କଳା ଓ ସାହିତ୍ୟର ପାର୍ଥକ୍ୟ ସ୍ୱୀକୃତ ହେଉଥିଲା । ଚଳିତ ଶତାବ୍ଦୀର ଆରମ୍ଭରେ ଇତାଲୀୟ ପଣ୍ଡିତ ବେନେଡେଟୋ କ୍ରୋଶେ ( ୧୮୬୬-୧୯୫୨ ) 'ଏସ୍ଥେଟିକ୍' ପୁସ୍ତକରେ ମଣିଷର ଭାଷା ଓ କଳା ଏକାତ୍ମ୍ ବୋଲି ପ୍ରତିପାଦନ କରି ଭାଷା ଦର୍ଶନର ସୂତ୍ରପାତ କରିଥିଲେ । କ୍ରୋଶେଙ୍କ ଅନୁଗାମୀ ଇଂରାଜୀ ସମାଲୋଚକ ଜର୍ଜ କୋଲିଂଉଡ୍ କହିଥିଲେ "କଳା ଓ ଭାଷାର ଅନନ୍ୟତା ହିଁ ମୋ ଆଲୋଚନାର ଲକ୍ଷ୍ୟ ।" ସାହିତ୍ୟ ଓ ସଂସ୍କୃତି ମଧ୍ୟର ସାମଞ୍ଜସ୍ୟ କଥାଟି ଏହା ସହିତ ସଂପୃକ୍ତ ହୋଇପାରେ; କାରଣ ଭାଷା ସାହିତ୍ୟର ବାହକ ଓ ଭାଷା ସାଙ୍ଗକୁ କଳା ସଂସ୍କୃତିର ବାହକ; ଯଦିଚ ନୀଳକଂଠ କ୍ରୋଶେ ଆଦିଙ୍କୁ ଅଧ୍ୟୟନ କରିଥିବା କଥା ଜଣାନାହିଁ । ନୀଳକଂଠଙ୍କ

Digitized by PPRACHIN, SOA

ଦୃଷ୍ଟି ଅନନ୍ୟ ସାଧାରଣ, ସାଧାରଣ ଲୋକେ ସାହିତ୍ୟକୁ କଳା ଭିତରେ ଦେଖନ୍ତି ନାହିଁ । ନିଜର ଦୃଷ୍ଟିର ଅନନ୍ୟ ସାଧାରଣତା ବିଷୟରେ ସେ ସଚେତନ ମଧ୍ୟ । ସେ କହିଛନ୍ତି—

"ସ୍ୱଷ୍ଟ ଲେଖାରେ ପ୍ରକାଶ ପାଇଲେ, ସାହିତ୍ୟ ଦେଖିବା ଓ ବୁଝିବା ସୁଗମ ହୁଏ । ତେଣୁ ସାଧାରଣତଃ ଲେଖା ସାହିତ୍ୟକୁଇ ସାହିତ୍ୟ କହନ୍ତି"

( କ୍ରମ ପରିଣାମ ପୃ ୩ )

## ଗ୍ରହାଣି, ଚଳଣି, ଚମକ

ସାହିତ୍ୟ ବିଷୟରେ ନୀଳକଂଠଙ୍କର ଏ ପ୍ରକାର ବିଚାର ନିଶ୍ଚୟ ଅଭିନବ । ଅଭିନବତା ନୀଳକଂଠଙ୍କର ସ୍ୱଭାବର ଗୋଟିଏ ବିଶିଷ୍ଟ ଲକ୍ଷଣ, ତାଙ୍କର ସବୁ ଆଲୋଚନାରେ ଅଭିନବତା ଫୁଟି ଦିଶେ, ଯାହାକୁ ନିଜେ ନୀଳକଂଠ 'ଚମକ' ଆଖ୍ୟା ଦେଇଛନ୍ତି । ସାହିତ୍ୟର ଅବଧାରଣା ପ୍ରସଙ୍ଗରେ ସେ ଗ୍ରହାଣି ଓ ଚଳଣି ସାଙ୍ଗକୁ ଚମକ-ତତ୍ତ୍ୱର ଅବତାରଣା କରିଛନ୍ତି ଓ ତାହା ନୀଳକଂଠଙ୍କର ସାହିତ୍ୟ-ସମାଲୋଚନାର ମୂଲ୍ୟବୋଧ ପାଇଁ ଖୁବ୍ ସହାୟକ । କ୍ରମ ପରିଣାମରେ ଗ୍ରହାଣି ବା ଚିତ୍ତବୃତ୍ତି ବା ଭାବ ବା Theory ଓ ଚଳଣି ବା ଆଚରିତ ଭାବ ବା Practice ଉପରେ ଚମକର ପ୍ରାଧାନ୍ୟ ଦର୍ଶାଇ ସେ କହିଛନ୍ତି—

"କଞ୍ଚା ଓଡ଼ିଆରେ କହିଲେ ଗ୍ରହାଣି, ଚଳଣି ଓ ଚମକ, ଏଇ ତିନୋଟିରେ ସମାଜର ସଂସ୍କୃତି ଦେଖାପଡ଼େ । ଗ୍ରହାଣି ବୋଇଲେ 'ଦର୍ଶନ' ଓ ଦୃଷ୍ଟିଭଙ୍ଗୀ, ଏଥିରେ ତତ୍ତ୍ୱ କଥା, ଆଲୋଚନା ଓ ଆବିଷ୍କ୍ରିୟା ସବୁ ରହିଲା । ଚଳଣି ବୋଇଲେ ସମାଜର ଆଦାନ ପ୍ରଦାନ ଘଟିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ସୃଷ୍ଟି ତଥା କଳାର ସୃଷ୍ଟି— ସବୁ ବୁଝାଯିବ । ଚମକ ବୋଇଲେ ସଂକେତର ଆକସ୍ମିକତା ଓ ଭାବର ଅମାପ ସ୍ଫୁରଣ । ଗ୍ରହାଣି ଓ ଚଳଣି ଭିତରେ ଏଇ ଚମକ ସର୍ବତ୍ର ପ୍ରକାଶ ପାଏ । ଏହା ହିଁ କଳା, କବିତା, ସୌଷ୍ଠବ ଓ ସୌନ୍ଦର୍ଯ୍ୟ ଭିତରେ ମନୁଷ୍ୟକୁ ଆନନ୍ଦ ଆଡ଼କୁ ଆକର୍ଷଣ କରେ । ଗ୍ରହାଣି ଓ ଚଳଣି ସାହିତ୍ୟର ଶରୀର । ଏଇ ଚମକ ହେଉଛି ତା' ପ୍ରାଣ ।"

( କ୍ରମ ପରିଣାମ ପୃ ୨ )

Digitized by PPRACHIN, SOA

ଗ୍ରହାଣି ଓ ଚଳଣି ମଧ୍ୟରେ ପାର୍ଥକ୍ୟ ବିଷୟରେ ସଚେତନତା ଦୂର ଅତୀତରେ ମଧ୍ୟ ଥିଲା । ଗ୍ରହାଣି-ଚଳଣି ଭେଦ ପରି ଜ୍ଞାନକାଣ୍ଡ-କର୍ମକାଣ୍ଡ, ମନନ-କର୍ତ୍ତବ୍ୟ, ତତ୍ତ୍ୱ-ବ୍ୟବହାର, ପାଣ୍ଡିତ୍ୟ ଆଗ୍ରହ, ଧ୍ୟାନ-ସେବା, Theory-Practice ଭେଦ । ଏହା ସହିତ ଚମକକୁ ଯୋଡ଼ିବା କଥାଟି ନୀଳକଂଠଂକ ବିଶେଷତ୍ୱ । ଲକ୍ଷ୍ୟ କରିବାର କଥା, ନୀଳକଂଠ ଗ୍ରହାଣି ଓ ଚଳଣି ଉଭୟକୁ ସାହିତ୍ୟର ଶରୀର ବୋଲି କହିଥିବା ବେଳେ ଚମକକୁ ତାହାର ପ୍ରାଣ ବୋଲି କହିଛନ୍ତି । ସାହିତ୍ୟର ପ୍ରାଣ ଚମକ, ଏ କଥାଟିକୁ ସେ ଅତି ମାମୁଲି ଭାବରେ କହି ପକାଇଛନ୍ତି ସତ କିନ୍ତୁ ଭାବିଲେ କଥାଟି ଖୁବ୍ ମହତ୍ତ୍ୱପୂର୍ଣ୍ଣ । ସାହିତ୍ୟର ଆତ୍ମା ବା ପ୍ରାଣ ଖୋଜିବା ବ୍ୟାପାରଟି ଭାରତରେ ବହୁ ଯୁଗରୁ ଚାଲିଛି । ଆଳଂକାରିକମାନେ ନାନା ଯୁକ୍ତିତର୍କ ମଧ୍ୟରେ ଆପଣା ମତଟିକୁ ସାବ୍ୟସ୍ତ କରିବାକୁ ଖୁବ୍ ପ୍ରୟାସ କରିଛନ୍ତି । କିନ୍ତୁ ସମସ୍ତେ ଯେଝା ହାତରେ ଚଉଦପାଆ । ଧ୍ୱନି, ବକ୍ରୋକ୍ତି, ଔଚିତ୍ୟ, ରସ, ରମଣୀୟାର୍ଥ ପ୍ରତିପାଦନ ଆଦି ସାହିତ୍ୟର ବିଭିନ୍ନ ଗୁଣକୁ ବିଭିନ୍ନ ଆଳଂକାରିକ ସାହିତ୍ୟର ଆତ୍ମା ବୋଲି ଚିହ୍ନାଇଛନ୍ତି । ନୀଳକଂଠ 'ସାହିତ୍ୟର ପ୍ରାଣ ଚମକ' କଥାଟିକୁ ପ୍ରମାଣିତ କରିବାକୁ ପ୍ରୟାସୀ ହୋଇ ନଥିଲେ ହେଁ ଏଇ ପରଂପରକୁ ପୃଷ୍ଠଭୂମି କରି ତାହାର ତାତ୍ପର୍ଯ୍ୟ ବୁଝିବା ଠିକ୍ ହେବ ।

## ସାହିତ୍ୟରେ ଚମକ କ'ଣ ?

ଗ୍ରହାଣି ଓ ଚଳଣିର ଆଦ୍ୟ ଚକାର ସାଙ୍ଗକୁ ଚମକ ଠିକ୍ ଖାପୁଛି । ନୀଳକଂଠଙ୍କ ସ୍ୱୀକୃତି ଅନୁସାରେ ଏ ସବୁ କଅଁା ଓଡ଼ିଆ ଶବ୍ଦ । ଏପରି ଘରୁଆ ଓଡ଼ିଆ ଶବ୍ଦ ସବୁକୁ ବାଛି ଆଣି ଉଚ୍ଚାଙ୍ଗ ଆଲୋଚନା ଭିତରେ ଖଟାଇ ପାକଳ କରଇବାର ଅଭ୍ୟାସ ତାଙ୍କର ଥିଲା । ବ୍ୟବହାରରେ ଚମକର ତିନି ପ୍ରକାର ଅର୍ଥ ଦେଖାପଡ଼େ :—୧) ଛନକା ବା ଭୟ; ୨) ଝଟକ ଓ ୩) ବିସ୍ମୟ । ସଂସ୍କୃତର ଚମତ୍କାର ଶବ୍ଦଜ ହୋଇଥିବାରୁ ତାହାର ବିସ୍ମୟ ଅର୍ଥଟି ହିଁ ମୌଳିକ । ନୀଳକଂଠ ବିସ୍ମୟ ଅର୍ଥରେ ଚମକ ଶବ୍ଦ ପ୍ରୟୋଗ କରିଥିବା ବିଷୟରେ ସନ୍ଦେହ ରହୁନାହିଁ, କାରଣ ସେ ସ୍ପଷ୍ଟ କରି ପକାଇଛନ୍ତି ଯେ ଚମକରେ ସଂକେତର ଆକସ୍ମିକତା ଓ

Digitized by PPRACHIN, SOA

ଭବର ଅମାପସ୍ଫୁରଣ ଥାଏ । ବିସ୍ମୟ କଥାଟି ସବୁବେଳେ ଆକସ୍ମିକ ଓ ଅପ୍ରତ୍ୟାଶିତ । ପାଣିନି ଅଷ୍ଟାଧ୍ୟାୟୀରେ କହିଛନ୍ତି 'ଆଶ୍ଚର୍ଯ୍ୟମନିତ୍ୟେ', ଯାହା ଅନିତ୍ୟ ଅର୍ଥାତ୍ ବିରଳ ଭବରେ ଘଟେ, ତାହା ଆଶ୍ଚର୍ଯ୍ୟ । ଏହା ଉପରେ ବାର୍ତ୍ତିକରେ କାତ୍ୟାୟନ କହିଲେ 'ଆଶ୍ଚର୍ଯ୍ୟମଦ୍ଭୁତମିତି ବକ୍ତବ୍ୟମ୍' । ଏଠି ଅଦ୍ଭୁତ ଶବ୍ଦର ନିର୍ବାଚନ ଅତି ଉପଯୁକ୍ତ । ନିରୁକ୍ତ ଅନୁସାରେ ଅଦ୍ଭୁତର ଅର୍ଥ 'ନ ଭୂତ' ଅର୍ଥାତ୍ ଯାହାପରି କିଛି ଅତୀତରେ ଘଟି ନଥିଲ । ଅଳଂକାର ଗ୍ରନ୍ଥ ଗୁଡ଼ିକରେ ମଧ୍ୟ ଅଦ୍ଭୁତ ରସର ଆଲୋଚନା ପ୍ରସଙ୍ଗରେ ଅପୂର୍ବତାକୁ ଅଦ୍ଭୁତର ଉତ୍ସ ବୋଲି ଧରଯାଇଛି । ଏଣୁ ଚମକରେ କ୍ରମାନୁସାରିତା ନ ଥାଏ, ଅନୁକରଣ ନ ଥାଏ, ପୁନରବୃତ୍ତି ନ ଥାଏ, ଧାରବାହିକତା ନ ଥାଏ କି ପ୍ରତ୍ୟାଶିତତା ନ ଥାଏ; ଥାଏ ବ୍ୟତିକ୍ରମ, ମୌଳିକତା, ଅଭିନବତା, ଅପୂର୍ବତା, ଅପ୍ରତ୍ୟାଶିତତା । ଏଣୁ ନୀଳକଂଠ ଚମକରେ ଆକସ୍ମିକତା ଓ ଅମାପ ସ୍ଫୁରଣ ଥିବା କଥା କହିବାର ତାତ୍ପର୍ଯ୍ୟ ବୁଝି ହେଉଛି ।

ଜଣେ ସଂସ୍କାରବାଦୀ ଜନନାୟକ ଭବରେ ନୀଳକଂଠ ପରିବର୍ତ୍ତନକୁ ପସନ୍ଦ କରିବା ସ୍ୱାଭବିକ । ଆକସ୍ମିକତା ନଥିଲେ, ଅପ୍ରତ୍ୟାଶିତତା ନଥିଲେ ଗତାନୁଗତିକତା ଭିତରେ ମଣିଷ ଗୁଳାରେ ପଡ଼ିଥିବା ଶଗଡ଼ ପରି ସ୍ୱାଚ୍ଛନ୍ଦ୍ୟ ହରଇ ବସେ । ଗତି ନୀରସ ଓ ଆକର୍ଷଣହୀନ ହୋଇପଡ଼େ । ଜଣା-ପଡ଼ୁଛି ଚମକ ସାହିତ୍ୟର ପ୍ରାଣ ବୋଲି କହିବା ଭିତରେ ସେ ନିଜ ଜୀବନ-ଦର୍ଶନର ସଂସ୍କାରପ୍ରବଣ ଦିଗଟିକୁ ପ୍ରକାଶ କରିଛନ୍ତି । ଏହାର ଜରିଆରେ ସେ ସାହିତ୍ୟ ରଜ୍ୟର ଭବ, ଭଷା ଓ ପ୍ରକାଶଭଙ୍ଗୀରେ ଅଭିନବତାକୁ ସ୍ୱାଗତ କରିଛନ୍ତି ମଧ୍ୟ ।

## ନିବନ୍ଧର ଶୈଳୀ

ସାହିତ୍ୟର ପ୍ରାଣକଳ୍ପ ଚମକକୁ ନୀଳକଂଠ କ୍ରମପରିଣାମରେ କେତେଦୂର ସଂଗ୍ରହ କରିଛନ୍ତି, ତା' ଦେଖିବାର କଥା । ଏହି ପ୍ରସଙ୍ଗରେ ରଚନାଶୈଳୀ ବିଷୟଟି ଆଲୋଚ୍ୟ, କାରଣ ସବୁ ପ୍ରକାରର ରଚନାଶୈଳୀ ପାଇଁ ଚମକର ଉପଯୋଗିତା ସମାନ ନୁହେଁ ।

Digitized by PPRACHIN, SOA

ମୋଟାମୋଟି ଭାବରେ କହିବାକୁ ଗଲେ ନିବନ୍ଧ ରଚନାରେ ତିନି ପ୍ରକାରର ଶୈଳୀର ଉପଯୋଗ ହୁଏ । ପ୍ରଥମତଃ ପ୍ରତିପାଦକ ଶୈଳୀ, ଯାହାକୁ ପାଶ୍ଚାତ୍ୟ ପରଂପରାରେ Dialectical Style କୁହାଯାଏ । ଏହି ଶୈଳୀର ଆଧାର ଯୁକ୍ତି ଓ ପ୍ରମାଣ । ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଖଣ୍ଡନ-ମଣ୍ଡନର ଧାରା ଏହି ଶୈଳୀର ବିଶେଷତ୍ୱ । ପ୍ରତିକୂଳ ସିଦ୍ଧାନ୍ତକୁ କାଟି ଯୁକ୍ତି ପ୍ରମାଣ କାଢି ଆପଣା ସିଦ୍ଧାନ୍ତକୁ ଠିଆ କରାଇବା ମଧ୍ୟରେ ପାଠକକୁ ଲେଖକ ସପକ୍ଷରେ ରାୟ ଦେବା ଭଳି ବୁଝାଇଦେବା ପ୍ରତିପାଦକ ଶୈଳୀର ଲକ୍ଷଣ । ଦ୍ୱିତୀୟତଃ ଆମୋଦକ ଶୈଳୀ, ଯାହା Middle Styleର ସଜାତୀୟ । ପାଠକ ପାଇଁ ରୋଚକ ଭାବପ୍ରକାଶ ହେଉଛି ଏହି ଶୈଳୀର ଆଧାର । କ'ଣ କିପରି ଲେଖିଲେ ପାଠକ ସନ୍ତୁଷ୍ଟ ହୋଇ ଲେଖକର ପ୍ରଶଂସା କରିବ, ଏହି ପ୍ରଶ୍ନଟି ଲେଖକକୁ ଘାରିଥାଏ । ଏଠି ଲେଖକ ପାଠକକୁ ନିଜ ଆଡ଼କୁ ଟାଣି ଆଣିବା ପରିବର୍ତ୍ତେ ନିଜେ ତା'ର ପ୍ରତ୍ୟାଶିତ ପାଠକଙ୍କ ଆଡ଼କୁ ଟାଣି ହୋଇଯାଏ । ତୃତୀୟତଃ ଉଦ୍‌ବୋଧକ ଶୈଳୀ ବା Eristical Style । ଭାବାବେଗ ଓ ଆଦର୍ଶ ଏହି ଶୈଳୀର ଆଧାର । ଆଲୋଚ୍ୟ ବିଷୟରେ ସ୍ୱତନ୍ତ୍ର ମତ ଥାଏ ଓ ନାନାବିଧ ଭାବାବେଗ ଓ ଆଦର୍ଶବାଦର ଦ୍ୱାହି ଦେଇ ସେ ପାଠକକୁ ଉଦ୍‌ବୁଦ୍ଧ କରିଥାଏ । ଜାତୀୟ ଗୌରବବୋଧ, ଆଞ୍ଚଳିକ ପ୍ରୀତି, ଦେଶପ୍ରେମ, ଐତିହ୍ୟ, ଶିଷ୍ଟପରଂପରା, ଭାଷାଚେତନା, ଧର୍ମ, ଆଦର୍ଶବାଦ ଆଦି ବିଭିନ୍ନ ଆବେଗ ଓ ବିଶ୍ୱାସର ପ୍ରରୋଚନା ଦ୍ୱାରା ଲେଖକ ପାଠକକୁ ଦୀକ୍ଷିତ କରାଇ ନିଏ । ସବୁ ଖ୍ୟାତିବନ୍ତ ବକ୍ତା ଏହି ଶୈଳୀର ଉପଯୋଗ କରିଥାନ୍ତି ।

ଅନ୍ୟ ଦିଗରୁ ଦେଖିଲେ ପାଠକକୁ ସମଜାଇବା, ଖୁସି କରାଇବା ଓ ମୁଗ୍ଧ କରାଇବା ଏଇ ତିନି ଶୈଳୀର କାର୍ଯ୍ୟ । ସମଝାଇବା ଲେକଟିକୁ ପାଠକର ସ୍ତରକୁ ଖସି ଆସିବାକୁ ହୁଏ, ଖୁସି କରାଇବା ଲୋକଟି ପାଠକ ତୁଳନାରେ ଗୌଣ ଓ ମୁଗ୍ଧ କରାଇବା ଲୋକଟି ସବୁବେଳେ ଉପର ସ୍ତରକୁ ରହି ପାଠକକୁ ଉଦ୍‌ବୋଧନ ଦେଇଥାଏ । ଏହି ତ୍ରିବିଧ ଶୈଳୀର ଆଭିମୁଖ୍ୟରେ ମଧ୍ୟ ତାରତମ୍ୟ ରହିଛି । ପ୍ରତିପାଦକ ଶୈଳୀର ଆଭିମୁଖ୍ୟ ସବୁ ଉପରେ ଆଶ୍ରିତ ସତ୍ୟ, ଅବଶ୍ୟ ତା' ଲେଖକ ଯେତେଦୂର ବୁଝିଛି ।

Digitized by PPRACHIN, SOA

ଉଦ୍‌ବୋଧକ ଶୈଳୀର ଆଭିମୁଖ୍ୟ ଚିତ୍ ଉପରେ ଆଶ୍ରିତ ଜୀବନାଦର୍ଶ, ଏହା ମଧ୍ୟ ଲେଖକର ବ୍ୟକ୍ତିଗତ ଚେତନା ପ୍ରସୂତ । ଆମୋଦକ ଶୈଳୀର ଆଭିମୁଖ୍ୟ ଆନନ୍ଦ ଉପରେ ଆଶ୍ରିତ ସନ୍ତୋଷ, ଏହା ଲେଖକ ଦ୍ୱାରା ପ୍ରତ୍ୟାଶିତ ପାଠକର ସନ୍ତୋଷ ।

ମନେ ରଖିବାକୁ ହେବ, ନିଚ୍ଛକ ଗୋଟିଏ ଶୈଳୀର ରଚନା କ୍ୱଚିତ ମିଳେ । ନିବନ୍ଧରେ ଶୈଳୀ ଗୁଡ଼ିକ ସାଧାରଣତଃ ଊଣାଅଧିକ ମାତ୍ରାରେ ମିଶିମାଶି ଥାଆନ୍ତି ଓ ଯେଉଁ ଶୈଳୀର ପ୍ରାଧାନ୍ୟ ତନ୍ମଧ୍ୟରେ ଅଧିକ ନିବନ୍ଧଟି ସେହି ଶୈଳୀର ରଚନା ବୋଲି ଧରିବାକୁ ହୁଏ ।

ଏଇ ତିନି ଶୈଳୀ ପାଇଁ ଚମକର ଉପଯୋଗିତା କମ୍ ବେଶି ରହିଛି । ପ୍ରତିପାଦକ ଶୈଳୀ ଯୁକ୍ତି-ପ୍ରମାଣିତ ହେବା ଯୋଗୁ ସଂକେତର ଆକସ୍ମିକତା ଓ ଭାବର ଅମାପ ସ୍ଫୁରଣର ସଂଭାବନା ସେଥିରେ ସୀମାବଦ୍ଧ । ଆମୋଦକ ଶୈଳୀ ପାଠକର ରୁଚି-ନିର୍ଭର ହେବା ଯୋଗୁଁ ଅପ୍ରତ୍ୟାଶିତତା ଓ ଅଭିନବତା ଏଥିରେ ଅଧିକ ହୋଇପାରେ ନାହିଁ । କିନ୍ତୁ ଉଦ୍‌ବୋଧକ ଶୈଳୀ ପାଇଁ ଚମକ ଖୁବ୍ ଉପଯୋଗୀ । ପାଠକର ମନକୁ ହଠାତ୍ ଆକର୍ଷଣ କରିବାରେ ଓ ତାହାର ଗତାନୁଗତିକ ଚିନ୍ତାଧାରାକୁ ଅଟକାଇ ଭିନ୍ନ ଆଡ଼କୁ ମୁହାଁଇବାରେ ଚମକ ବିଶେଷ କାମ ଦିଏ ।

## କ୍ରମ ପରିଣାମର ଶୈଳୀ

କ୍ରମ ପରିଣାମ ଦୁଇଟିଯାକ ଭାଗ ପ୍ରଧାନତଃ ଉଦ୍‌ବୋଧକ ଶୈଳୀର ଲେଖା ହୋଇଛି । ଅବଶ୍ୟ ନୀଳକଂଠ ମଧ୍ୟେ ମଧ୍ୟେ ସ୍ୱମତକୁ ପୁଷ୍ଟ କରିବା ପାଇଁ କିଛି ଯୁକ୍ତି ବାଢ଼ିଛନ୍ତି କିନ୍ତୁ କ୍ୱଚିତ୍ ସେ ସମସ୍ତ ବିରୁଦ୍ଧ ମତକୁ ନିରସିତ କରି ନିଜ ମତକୁ ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି । ତାଙ୍କର ବିଷୟ ଚର୍ଚ୍ଚାର ଢଙ୍ଗ ଏପରି ଯେ ଯୁକ୍ତି ସର୍ବସ୍ୱ ପ୍ରମାଣ ନିର୍ଭର ପଦ୍ଧତିରେ ଉପଲବ୍‌ଧ ଯାବତୀୟ ଉପାଦାନର ବିଶ୍ଳେଷଣ, ବ୍ୟାଖ୍ୟା ଓ ଆଲୋଚନା ତାହାର ଉଦ୍ଦେଶ୍ୟ ହିଁ ନୁହେଁ । ଠାଏ ଠାଏ ଯୁକ୍ତି ପ୍ରମାଣ ସର୍ବସ୍ୱ ଶୈଳୀ ପ୍ରତି ସେ କଟାକ୍ଷ ମଧ୍ୟ କରି କହିଛନ୍ତି—"ଅନେକେ ମଧ୍ୟ ମାର୍ଜିତ ଓଡ଼ିଆର ପ୍ରାଚୀନତାଟାକୁ ସତେ ଯେପରି କଚେରୀରେ ପ୍ରମାଣ କରୁଛନ୍ତି

Digitized by PPRACHIN, SOA

ଏଇ ବୁଦ୍ଧିରେ ସାହିତ୍ୟ ଆଲୋଚନା କରନ୍ତି” (ପୃ ୪୯୧) । କ୍ରମପରିଣାମର ଛତ୍ରେ ଛତ୍ରେ ତୁଙ୍ଗ ଉଦ୍‌ବୋଧକ ଶୈଳୀର ପ୍ରାଧାନ୍ୟ ବାରି ହେବ । ଭାତହାଣ୍ଡିରୁ ଗୋଟିଏ—

“ବୁଝି ରଖିବାର ଅଛି, ଆମ ସଭ୍ୟତାର ତୁଙ୍ଗ ଓ ବିଶାଳ ଇତିହାସ ଅଛି । ସାହିତ୍ୟରେ ତା’ ପ୍ରକାଶ ପାଇଛି । କାଳେ କାଳେ ଇତିହାସର ସେଇ ସାଧନାରେ ଆମ ସାହିତ୍ୟ ପରଂପରା ପ୍ରତିଷ୍ଠାରେ ଆତ୍ମବାନ । ବେଷ୍ଟନୀକୁ ପ୍ରଭବିତ କରି ଜୀବନ୍ତ ଓ ଜାଗ୍ରତ ମାନବ ସମାଜ ତଥା ଭରତ ସମାଜରେ ଓଡ଼ିଆର ବଳିଷ୍ଠ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପ୍ରକାଶ ପାଇ ଆସିଛି । ଏ ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ପରଂପରା ଯେତେ ସ୍ପଷ୍ଟ ହେବ ପୁଣି ଯେତେ ବଢ଼ିବ, ଭରତ ତଥା ମହାମାନବ ସମାଜର ବ୍ୟକ୍ତିତ୍ୱ, ସଂହତିର ଆଦାନପ୍ରଦାନରେ ସେତେ ପରିପୁଷ୍ଟ ହେବ । ବିଶ୍ୱାସ କରିବାକୁ ହେବ, ଆମ ନିଜର ସାହିତ୍ୟ ତଥା ସମାଜକୁ ସୁଦୃଢ଼ ଓ ସୁପୁଷ୍ଟ କରିବା ହିଁ ଆମର ଭରତସେବା ଓ ସେଇ ସୂତ୍ରରେ ବିଶ୍ୱସେବା । ବିଶ୍ୱ ଶୃଙ୍ଖଳାରେ ଓଡ଼ିଆର ନବାର ଯେପରି ଅଛି, ଦବାର ମଧ୍ୟ ସେହିପରି ଅଛି । ସେ ନେଇ ଆସିଛି, ଦେଇ ଆସିଛି ।”

(କ୍ରମପରିଣାମ—ଭାଗ ପୃ-୨୨)

ଚିରକାଳ ବନ୍ୟା ଓ ଦୁର୍ଭିକ୍ଷର ତାଡ଼ନା ସହି ସହି ଶିଳ୍ପ, ବିଜ୍ଞାନ, କାରିଗରୀ, ବାଣିଜ୍ୟ, ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, କଳା, କ୍ରୀଡ଼ା, କୃଷି, ରାଜନୀତି ଆଦି ସକଳ କ୍ଷେତ୍ରରେ ଭରତରେ ସବାପଛରେ ପଡ଼ିଥିବା ନିର୍ବୋଧ ଓ ଦୁର୍ବଳ ଓଡ଼ିଆମାନଙ୍କ ପାଇଁ ନୀଳକଂଠଂକ ‘ମାନବ-ସମାଜ ତଥା ଭରତ ସମାଜରେ ଓଡ଼ିଆର ବଳିଷ୍ଠ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପ୍ରକାଶ ପାଇ ଆସିଛି’ ବାଣୀର ମହତ୍ତ୍ୱ ନ କହିଲେ ବି ବୁଝାପଡୁଛି । ଏଥିରେ କେତେ ପଣ ସତ୍ୟତା ଅଛି, ଦେଶଭକ୍ତି କେତେପଣ ଅଛି, ଆପଣାର ଲୋକମାନଙ୍କୁ ସ୍ୱାଭିମାନ ଦେଇ ଉନ୍ନତିର ସିଡ଼ିରେ ଚଢ଼ାଇବା ଲାଗି ଆକାଙ୍‌କ୍ଷା କେତେପଣ ଅଛି, ତା’ କଳନା କରିବା ପାଇଁ ଅବକାଶ ନାହିଁ; ଉଦ୍‌ବୋଧକ ଶୈଳୀରେ ତଥ୍ୟ ଅପେକ୍ଷା ଭବାବେଗ ଓ ବିଶ୍ୱାସ ସବୁବେଳେ ଜୋରଦାର୍ । ଜଣେ ବିଦେଶୀ ଐତିହାସିକ ହଣ୍ଟର୍

Digitized by PPRACHIN, SOA

ଓଡ଼ିଆଙ୍କ ବିଷୟରେ କରିଥିବା କଟୂକ୍ତିର ପୃଷ୍ଠଭୂମିରେ ଓଡ଼ିଆ ଜନ ନାୟକ ନୀଳକଂଠଂକ 'ଆମ ସଭ୍ୟତାର ତୁଙ୍ଗ ଓ ବିଶାଳ ଇତିହାସ ଅଛି' ଅଭିମତକୁ ଥୋଇଲେ ଉଦ୍‌ବୋଧନରେ ଚମକର ଭୂମିକାକୁ ମାନିବାକୁ ପଡ଼ିବ । ହଣ୍ଟର୍ ତାଙ୍କ 'ଓଡ଼ିଶା' ପୁସ୍ତକର ସଂଭବନା କଥା କହିବାକୁ ଯାଇ ଓଡ଼ିଆଙ୍କୁ ତୁଚ୍ଛ ଜ୍ଞାନ କରି କହିଛନ୍ତି—

> "To the world's call-roll of heroes it will add not one name. The people of whom it treats have fought no great battle for human liberty, nor have they succeeded even in the more primary task of subduing the forces of nature to the control of man. To them the world stands indebted for not a single discovery which augments the comforts or mitigates the calamities of life. Even in literature—the peculiar glory of the Indian race—they have won no conspicuous truimph.
>
> ( ORISSA Vol. I P.3 )

## କ୍ରମ ପରିଣାମର ଆଭିମୁଖ୍ୟ

କ୍ରମ ପରିଣାମ କ୍ରମାଗତ ଭବରେ ଲେଖା ହୋଇ ନାହିଁ । ପ୍ରଥମ ଭଗ ଲେଖା ସରିଲା ୧୯୪୮ରେ । ଏହାର ଦୁଇ ବର୍ଷ ପରେ ୧୯୫୦ରେ ତାହାର ଦ୍ୱିତୀୟ ଭାଗ ଲେଖା ଆରମ୍ଭ ହେଲା । ଶହେ ପୃଷ୍ଠା ଖଣ୍ଡେ ଲେଖା ହୋଇ ଛାପା ସରିବା ପରେ ଲେଖା ଅଟକି ରହିଲା । ନୀଳକଣ୍ଠ ଏହି ସମୟରେ ରାଜନୀତିରେ ବ୍ୟସ୍ତ ରହିଲେ । ପୁଣି ଦୁଇ ବର୍ଷ ବାଦ୍ ୧୯୫୨ର ସାଧାରଣ ନିର୍ବାଚନ ସରିବା ପରେ ଦ୍ୱିତୀୟ ଭାଗର ଅବଶିଷ୍ଟ ଅଂଶ ଲେଖା ହେଲା । ନୀଳକଂଠ ଜଣାଇଛନ୍ତି, "ପରବର୍ତ୍ତୀ ଅଂଶମାନ ଲେଖିଲା ବେଳକୁ ପୂର୍ବବର୍ତ୍ତୀ ଅଂଶମାନ ଛାପା ହୋଇ ଯାଇଥିଲା । ଏଥିରେ ଯାହା ଅସୁବିଧା ହୋଇଥିବ, ତା' ପାଠକମାନେ ବୁଝି ପାରିବେ ଓ ବୁଝି ସହିଯିବେ ବୋଲି ଅନୁରୋଧ କରୁଛି" ( ପୃ ୨୪୧ ) । ରଚୟିତା ଆପଣା ଲେଖାକୁ ଆଉଡ଼ାଇ ସୁଧାରି ପାରି ନଥିବାରୁ ଗ୍ରନ୍ଥରେ କିଛି ପୁନରୁକ୍ତି, ଅସମତୁଲତା ଆଦି ସାଂଗଠନିକ ଦୁର୍ବଳତା ରହିଯାଇଛି ।

Digitized by PPRACHIN, SOA

ଦ୍ୱିତୀୟଭାଗ ଲେଖା ସରିଲା ବେଳକୁ ନୀଳକଂଠଙ୍କ ପରିକଳ୍ପନାରେ ଏହାର ଆହୁରି ଦୁଇଟି ଭାଗ ଥିଲା । ତୃତୀୟ ଭାଗରେ ଜଗନ୍ନାଥ ଧର୍ମର ଗତି ଓ ପରିଣତି ବିଷୟ ଓ ଚତୁର୍ଥ ଭାଗରେ ସାହିତ୍ୟ ଓ ଶିଳ୍ପର ଧାରା ବିଷୟ ଆଲୋଚନା କରିବା ଇଚ୍ଛା ତାଙ୍କର ଥିଲା । ଏହାର ଶେଷ ଦୁଇ ଭାଗ ପ୍ରକାଶ ପାଇନାହିଁ କିନ୍ତୁ ତୃତୀୟ ଭାଗ ପାଣ୍ଡୁଲିପିର କିୟଦଂଶ ଇଂ ମଧୁସୂଦନ ଦାଶ ଉଦ୍ଧାର କରିଛନ୍ତି ବୋଲି ଶୁଣିଛି । ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର କ୍ରମପରିଣାମର ତୃତୀୟ ଭାଗ ରୂପେ ନୀଳକଂଠଙ୍କର ଅନ୍ୟ ଏକ ଲେଖାକୁ ଦୁର୍ବିଗ୍ଧରରେ ଛାପିଛନ୍ତି ⁂ । ଏହି ଦୃଷ୍ଟିରେ କ୍ରମ ପରିଣାମ ଏକ ଅସମ୍ପୂର୍ଣ୍ଣ ରଚନା । ହେଲେ ହେଁ ଏହାର ଦ୍ୱିତୀୟ ଭାଗର ଶେଷ ଯାଏ ଏକ ସୁନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରହିଛି ଓ ସ୍ୱୀକାର କରିବାକୁ ହେବ ଏ ପ୍ରକାର ଉଦ୍‌ବୋଧକ ଗ୍ରନ୍ଥରେ ଭାବ ଅପେକ୍ଷା ଭାବ ପ୍ରତି ଆଭିମୁଖ୍ୟଟି ବଡ଼ କଥା ।

କ୍ରମପରିଣାମ ଲେଖା ଆରମ୍ଭ ହେବା ସମୟଟି ଜାତିର ଘଡ଼ିସନ୍ଧି ବେଳ । ଭାରତ ସ୍ୱାଧୀନ ହେବା ପରେ ପରେ ଗଡଜାତ ମିଶ୍ରଣ ହେଲା । ଓଡ଼ିଶା ଗୋଟିଏ ଆଖିଦୃଶିଆ ପ୍ରଦେଶ ହେଲା । ଏଣିକି ଓଡ଼ିଶାକୁ ଅନ୍ୟାନ୍ୟ ପ୍ରଦେଶ ସଙ୍ଗେ ଟକ୍‌କର ଦେବାକୁ ପଡ଼ିବ । ଏଣୁ ବଙ୍ଗାଳି ଓ ତେଲୁଗୁ ତେଲଙ୍ଗାଙ୍କ ଚାପରେ ପୁରୁଷ ପୁରୁଷ ଧରି ପଡ଼ି ଓଡ଼ିଆମାନେ ନିଜକୁ ଛୋଟ ମନେ କରୁଥିଲେ । ହୀନମନ୍ୟତା ଦୂର ନହେଲେ ଓଡ଼ିଆମାନେ ପ୍ରତିଯୋଗିତାରେ ପଛରେ ପଡ଼ିଯିବେ । ଜନନାୟକ ନୀଳକଂଠ ଏ କଥା ଅନୁଭବ କରି ଓଡ଼ିଆଙ୍କ ମନରୁ ହୀନମନ୍ୟତାକୁ ପୋଛି ସ୍ୱାଭିମାନ ଦେବା ଉଦ୍ଦେଶ୍ୟରେ କ୍ରମପରିଣାମ ଲେଖା ଆରମ୍ଭ କରିଥିବା ଜଣା ପଡୁଛି । ଏଇ ଆଭିମୁଖ୍ୟଟି କ୍ରମପରିଣାମରେ ବରାବର ରହିଛି ।

## ସେଥିରେ ଗ୍ରହାଣି ଓ ଚମକ

ନୀଳକଂଠ ଯୌବନାବଧି 'ଜ୍ଞାନେରତ', ଜ୍ଞାନନିଷ୍ଠ । ନିରତ ଅଧ୍ୟୟନ, ନିମଗ୍ନ ମନନ ଓ ନିବିଷ୍ଟ ବିମର୍ଶ ଫଳରେ ଓଡ଼ିଆର ଜାତୀୟ

⁂ ଏହାର ଦ୍ୱିତୀୟ ସଂସ୍କରଣ ୧୯୭୭ରେ ପ୍ରକାଶିତ । ଏହି ପ୍ରବନ୍ଧରେ ଉଦ୍ଧୃତ ଅଂଶମାନ ତଥା ପୃଷ୍ଠା ସଂଖ୍ୟା ଏହି ସଂସ୍କରଣର ।

Digitized by PPRACHIN, SOA

ଜୀବନର ବହୁ ଦୁର୍ବଳତା ସେ ଠଉରାଇ ପାରିଛନ୍ତି । ଏ ସବୁ ଦୁର୍ବଳତା ଓଡ଼ିଆ ସଂସ୍କୃତିର ମୂଳ ସ୍ରୋତରେ ନଥିଲ, ଏ ସବୁ ଏକେତ ଉତ୍ତରରୁ ବଙ୍ଗଳା ଆଡୁ ଅଥବା ଦକ୍ଷିଣରୁ ଆନ୍ଧ୍ର ଆଡୁ ମାଡ଼ି ଆସିଛି ବୋଲି ସେ କ୍ରମ ପରିଣାମରେ ଦେଖାଇଛନ୍ତି । ନୀଳକଂଠଙ୍କର ଏହି ଗ୍ରହାଣୀ ତାହାଙ୍କର ଏକାନ୍ତ ନିଜସ୍ୱ ଓ ମୌଳିକ ।

ଆଦର୍ଶ ଧ୍ରୁବତାରା, ଯାହାକୁ ଦେଖି ମଣିଷ ନିଜ ଗତିର ଦିଗ ବାରିପାରେ, ଆଦର୍ଶ ବ୍ୟକ୍ତି ପାଇଁ ଯେପରି ଆବଶ୍ୟକ, ଜାତି ପାଇଁ ସେହିପରି । ନୀଳକଂଠ କ୍ରମପରିଣାମରେ ଜାତୀୟ ଆଦର୍ଶର ଭୂମି ରୂପେ ସଂଯମ, ସତ୍ୟନିଷ୍ଠା ଓ ମୈତ୍ରୀ ଉପରେ ଖୁବ୍ ଜୋର ଦେଇଛନ୍ତି ଓ ତାହା ଓଡ଼ିଆ ସଂସ୍କୃତିର ବିଶେଷତ୍ୱ ବୋଲି ଚିହ୍ନାଇ ଦେଇଛନ୍ତି । ସଂଯମ ପରିପ୍ରେକ୍ଷୀରେ ଯୌନ ବ୍ୟଭିଚାର, ପରକୀୟା ପ୍ରେମ ଓ ଭୋଗଲାଳସା ସଂପର୍କରେ ଓ ସତ୍ୟନିଷ୍ଠା ପରିପ୍ରେକ୍ଷାରେ ଭକ୍ତିକ ମିଥ୍ୟା ସଂପର୍କରେ ସାଙ୍ଗୋପାଙ୍ଗ ଆଲୋଚନା କରି ଏସବୁ ଚଳଣି ଉପରେ ଉପର୍ଯ୍ୟୁପରି କଶାଘାତ କରିଛନ୍ତି । ମୈତ୍ରୀ ପ୍ରସଙ୍ଗରେ 'ମାନବ ସମାଜର ନିରଳସ ସେବା ଓଡ଼ିଆର ଯଥାର୍ଥ ମୈତ୍ରୀ ଧର୍ମ, ଏହା ହିଁ ଓଡ଼ିଆ ସାହିତ୍ୟର ଅନ୍ତରାତ୍ମା' ବୋଲି ସୂଚାଇ ନୀଳକଂଠ କରୁଣା ମୈତ୍ରୀର ପରିପନ୍ଥକ ବୋଲି ଦର୍ଶାଇଛନ୍ତି । ଜାତିର ଆଦର୍ଶର ନିର୍ଣାୟକ ନୀଳକଂଠଂକର ଏହି ଗ୍ରହାଣିରେ ମୌଳିକତା ଅଛି ଓ ଯେପରି ଭଙ୍ଗୀରେ ସେ ପର୍ଯ୍ୟବେକ୍ଷଣ କରିଛନ୍ତି ସେଥିରେ ଛତ୍ରେ ଛତ୍ରେ ଚମକ ଭରି ରହିଛି ।

ଜାତୀୟ ଜୀବନ ଉଧେଇବା ପାଇଁ ଶୃଙ୍ଖଳା ଯେପରି ଆବଶ୍ୟକ, ମୂଲ୍ୟବୋଧ ସେହିପରି । ଏ ବିଷୟରେ ନୀଳକଂଠ ସଚେତନ । କ୍ରମପରିଣାମ ଲେଖାହେବା ପୂର୍ବରୁ ଓଡ଼ିଆ ତାହାର ଅତୀତକୁ ବଖାଣି ବଡ଼େଇ କରିବା ସାଧାରଣ କଥା ଥିଲ । ଏଇ ଭୂଖଣ୍ଡରେ ଉପଲବ୍ଧ ଯାହା କିଛି ପ୍ରାଚୀନତାକୁ ନେଇ ଢମ କରି ବସିଲେ ଭଲମନ୍ଦ ବାଛିବାର ବିବେକ ଜାତିର ରହିବ ନାହିଁ । ସବୁ ପୁରୁଣାକୁ ଆଦରି ସାଇତି ରଖିଲେ ନୂଆ ପାଇଁ ଜାଗା ରହିବ ନାହିଁ ମଧ୍ୟ । ପୁରାଣମିତ୍ୟେବ ନ ସାଧୁସର୍ବମ୍ । କିଛି ପୁରୁଣାକୁ ଅଳିଆଗଦାକୁ ଫିଙ୍ଗିବାକୁ ହେବ । ଏଥିପାଇଁ ମୂଲ୍ୟାଙ୍କନ

Digitized by PPRACHIN, SOA

ଆବଶ୍ୟକ, ବାଛିବିଗ୍ରର କରିବାକୁ ପଡ଼ିବ । ନୀଳକଂଠ କ୍ରମପରିଣାମରେ ଏ ବାଟଟିକୁ ଫିଟାଇଲେ । ସେଥିପାଇଁ ସେ ଆମର ନମସ୍ୟ ।

କ୍ରମପରିଣାମରେ ଓଡ଼ିଆ ଚଳଣିର ମେରୁ ଓ ଗ୍ରହାଣିର କେନ୍ଦ୍ର ରୂପେ ନୀଳକଂଠ ଜଗନ୍ନାଥଙ୍କୁ ଉପସ୍ଥାପିତ କରିଛନ୍ତି । ସେ କହିଛନ୍ତି–

"ଓଡ଼ିଆର ସଭ୍ୟତା ତଥା ସମାଜର ଗତି ନିୟାମକ, ସାହିତ୍ୟର ପରମ ଆଦର୍ଶ, ମାନବ ପ୍ରେରଣାର ପରମ ସଂକେତ, ସେଇ । ସେଇ ଏକା ଓଡ଼ିଆର ନିତ୍ୟ ଦେବତା, ସେଇ ଜଗନ୍ନାଥ । ସମସ୍ତ ଇତିହାସରେ ଓଡ଼ିଆର ସେଇ, ବ୍ୟବହାରରେ ସେଇ, ସମାଜରେ ସେଇ, ଦର୍ଶନରେ ସେଇ, ସାଧନାରେ ସେଇ, ସିଦ୍ଧିରେ ସେଇ ଜଗନ୍ନାଥ ଏକା ଆମର ମୂର୍ତ୍ତିମନ୍ତ ସଭ୍ୟତା ଓ ସାହିତ୍ୟ ।"

ନୀଳକଂଠ ଜ୍ଞାନମାର୍ଗୀ, ବହୁ ଭାବରେ ସ୍ମାର୍ତ୍ତ । ସେ ଭକ୍ତିଧର୍ମର ଘୋର ନିନ୍ଦୁକ ହେଲେ ହେଁ ଜଗନ୍ନାଥଙ୍କ ସଂପର୍କରେ ତାଙ୍କର ଏତାଦୃଶ ଦୃଷ୍ଟିଭଙ୍ଗୀ ବାସ୍ତବରେ ଏକ ବ୍ୟତିକ୍ରମ ଓ ସେହି ଭାବରେ ଏକ ଚମକ ।

ଉପ-ସଚିବ, ବିଧିବିଭାଗ
ସଚିବାଳୟ, ଭୁବନେଶ୍ୱର-୧

Digitized by PPRACHIN, SOA

ବିଶ୍ୱ ସଂସ୍କୃତିର ଦିଗ୍‌ବଳୟରେ

# ନୀଳକଂଠଙ୍କ ସଂସ୍କୃତି ଚେତନା

ଡକ୍‌ଟର ନରେନ୍ଦ୍ରନାଥ ମିଶ୍ର

## ସଭ୍ୟତା ଉନ୍ମେଷର ମୂଳଭିତ୍ତି, ସଂସ୍କୃତି

ସଂସ୍କୃତିର ସ୍ଥିତି ବହୁ ପ୍ରାଚୀନ । ସଭ୍ୟତା ଉନ୍ମେଷର ମୂଳଭିତ୍ତି– ସଂସ୍କୃତି । କାଳରେଖାର ଉଜାଣି ସ୍ରୋତରେ ଇତିହାସର ଧାର ଯେଉଁ ଅନ୍ଧକାର ଗୁହାରେ ହଜିଯାଏ ସେଇଠି ଜଳିଥାଏ ଆଦିମ ସଭ୍ୟତାର ଅମଳିନ ଦୀପଶିଖା । ପ୍ରାକୃତିକ ଜୀବନ ଓ ପ୍ରକୃତିର ଦାନ ନିଜର ଦେହ ଶକ୍ତି ଉପରେ ସଂପୂର୍ଣ୍ଣ ନିର୍ଭର ନ କରି ମନୁଷ୍ୟ ଯେତେବେଳେ ତାର ମନର ଶକ୍ତି ଉପରେ ନିର୍ଭର କରେ, ହାତକୁ ହତିଆର (tools) ତୋଳି-ନେଇପାରେ, ସେତେବେଳେ ସେ ହୁଏ ସଭ୍ୟତାର ସାରଥି । କିନ୍ତୁ ସଭ୍ୟତାର ସୋପାନରେ ସେ ପାଦଦେଲା କିପରି ଏହା ବୁଝିବାକୁ ହେଲେ ମନୁଷ୍ୟ ସଭ୍ୟତାର ବିକାଶ ପାଇଁ ସଂସ୍କୃତିର ଦାନ ପ୍ରସଙ୍ଗ ସ୍ୱତଃ ମନକୁ ଆସେ । ସଂସ୍କୃତି ହେଉଛି ଏହି learned behaviour । ଆମ ଶାସ୍ତ୍ରରେ ଅଛି 'ଜନ୍ମନା ଜାୟତେ ଶୂଦ୍ର ସଂସ୍କାରତ୍ ଦ୍ୱିଜ ମୁଚ୍ୟତେ' । ଏହି ଦ୍ୱିଜତ୍ୱ ପ୍ରାପ୍ତି ହିଁ ସଂସ୍କୃତିର ମୂଳକଥା । ଏକ ପରିବାର, ଏକ ପ୍ରଜାତି, ଏକ କୌମ, ଏକ ଭୂ-ଭାଗର ଅଧିବାସୀ ଭାବରେ ସାମାଜିକ ମନୁଷ୍ୟ ଯେଉଁ କ୍ରିୟା, ଯେଉଁ ଭାବ, ଯେଉଁ ମୂଲ୍ୟବୋଧ ଦ୍ୱାରା ଅଭ୍ୟାସଗତ ଭାବରେ ପରିଚାଳିତ ହୁଏ, ତାହା ହିଁ ତାହାର ସଂସ୍କୃତି । ଏହି ଭାବରେ ବୁଝିଲେ ସଂସ୍କୃତିର ବୃହତ୍ତର ଅର୍ଥର ଧାରଣା କରିହୁଏ । ତେବେ ପ୍ରଶ୍ନ ଉଠିବ, ଏହିପରି ବ୍ୟାପକ ଅର୍ଥରେ ବୁଝିଲେ ସଂସ୍କୃତିର ପରିମଣ୍ଡଳ ବାହାରେ ମଣିଷର କ'ଣ ସ୍ଥିତି ନାହିଁ ? ଅଛି । ଯେଉଁଳି କି ତା'ର କ୍ଷୁଧା, ତା'ର ଯୌନାବେଗ । କ୍ଷୁଧା ଦୈହିକ ପରିପାକକ୍ରିୟାର ଏକ ପ୍ରକାଶ । ସେହିପରି ଯୌନାବେଗ ମଧ୍ୟ ଦୈହିକ ପ୍ରଜନନ କ୍ରିୟାର ଅନ୍ୟତମ ପ୍ରକାଶ । ଏହି ଭାବରେ ସଂସ୍କୃତି ସହିତ ଏହାର କୌଣସି ସଂପର୍କ ନାହିଁ ।

Digitized by PPRACHIN, SOA

ମାତ୍ର ନିଜର ସ୍ୱାସ୍ଥ୍ୟ ରକ୍ଷାପାଇଁ ହେଉ ଅଥବା ପରିବେଶ ପରିବେଷ୍ଟନୀ ସହିତ ସଂହତି ରକ୍ଷା ପାଇଁ ହେଉ, ମନୁଷ୍ୟ ଯେତେବେଳେ ତା'ର ଜୈବିକ କ୍ଷୁଧାକୁ ଏକ ସୁନିର୍ଦ୍ଦିଷ୍ଟ ଧାରାରେ ପରିଚାଳିତ କରେ, କାଳଗତ ସଂଗତିରେ ଛନ୍ଦୋବଦ୍ଧ କରେ, ତା'ର ବିଶୃଙ୍ଖଳ ଅଭ୍ୟାସକୁ ବୈୟକ୍ତିକ ସ୍ୱେଚ୍ଛାଚାର ରୂପରେ ଛାଡ଼ି ନ ଦେଇ ସମାଜ ଦ୍ୱାରା ଆଚରିତ ରୀତି, ନୀତି ଦ୍ୱାରା ନିୟନ୍ତ୍ରିତ କରେ, ସେତେବେଳେ ସଂସ୍କୃତିର ଶକ୍ତି ଓ ସ୍ୱରୂପ ପ୍ରକାଶ ପାଏ ।

ମନୁଷ୍ୟ ଏକ ବଦ୍ଧଜୀବ ନୁହେଁ—ତା'ର ରହିଛି ମୁକ୍ତମନ, ସ୍ୱାଧୀନ ବିଚାରଶକ୍ତି । ସେ ସବୁକୁ ବିଚାର କଲେ ପରିବର୍ତ୍ତିତ ପରିସ୍ଥିତି ସହିତ ନିଜକୁ ଖାପ୍‌ଖୁଆଇବା ପାଇଁ ପରଂପରା ଯେଉଁଠି ପ୍ରଗତିର ବାଧକ ହୁଏ, ସେଥିରୁ ସେ ମୁକ୍ତିଲୋଡ଼େ । ଏହି ଭାବରେ ଆଦିମ ମାନବ ଆଧୁନିକ ଯୁଗରେ ପ୍ରବେଶ ପାଇଁ ଇତିହାସର ଯେଉଁ ଦୀର୍ଘ ପଥପରିକ୍ରମା କରିଛି, ସେଥିରେ ତା'ର ସଭ୍ୟତା, ତା'ର ସଂସ୍କୃତି, ତା'ର ମୂଲ୍ୟବୋଧ ସବୁକିଛି ଗୋଟିଏ ଧାରାରେ ପ୍ରବାହିତ ହୋଇନାହିଁ । ମାନବ ସଂସ୍କୃତିରେ ଆସିଛି ବୈଚିତ୍ର୍ୟ, ଆସିଛି ସଂଘାତ ଓ ସମନ୍ୱୟ ।

## ସଂସ୍କୃତିର ଦାନ :

ଏବେ ଦେଖାଯାଉ ସଂସ୍କୃତିର ଦାନ କ'ଣ ? ଯେଉଁ ପରିବେଷ୍ଟନୀରେ ଶିଶୁ ବଢ଼େ, ଜନ୍ମରୁ ଏପରିକି ମାତୃ ଗର୍ଭରୁ ସେହି ପରିବେଷ୍ଟନୀର ପ୍ରଭାବ ତା' ମନରେ ନିର୍ଦ୍ଦିଷ୍ଟ ଛାପ ପକାଏ । ସମାଜ, ପରିବେଶ ସହ କ୍ରିୟାରେ କିଛି ଅମେଳ ଘଟିଲେ, ତାକୁ ମିଳେ ଶାସ୍ତି ଓ ମେଳରଖି ଚାଲିପାରିଲେ ହୁଏତ ସେ ପାଇପାରେ ପ୍ରଶଂସା । ଶୈଶବରୁ ଆମର ଅବଚେତନ ମନରେ ସଂସ୍କୃତିର ଶକ୍ତି କ୍ରିୟାଶୀଳ ହୁଏ । ଆମେ ସଂସ୍କୃତିର ଗତି ଲକ୍ଷ୍ୟ କରୁ । ସାମାଜିକ ମନୁଷ୍ୟ ଭାବରେ କର୍ତ୍ତବ୍ୟବୋଧ ଜାଗ୍ରତ ହୁଏ । ସଂସ୍କୃତି ପ୍ରସଙ୍ଗରେ କୌଣସି ସଚେତନତା ନଥାଇ ମଧ୍ୟ ସଂସ୍କୃତିର ଶକ୍ତିଦ୍ୱାରା ନିୟନ୍ତ୍ରିତ ଆମର ଜୀବନ ଅବାଧ ଓ ସ୍ୱଚ୍ଛନ୍ଦ ହୁଏ । ଅଭ୍ୟାସକ୍ରମେ ଆମେ ଯେପରି ଶ୍ୱାସ ପ୍ରକ୍ରିୟାକୁ ଗ୍ରହଣ କରୁ, ଚାଲି ଶିଖୁ, ସେହିପରି ସଚେତନ ମନର କୌଣସି ସାହାଯ୍ୟ ନ ନେଇ ସାମାଜିକ ମନୁଷ୍ୟ ଭାବରେ ଆହାର

Digitized by PPRACHIN, SOA

ବିହାରରେ ସ୍ୱଛନ୍ଦ ହେଉ । ଏହି ଭବରେ ସଂସ୍କୃତିର ଶକ୍ତି ନବା ନବ ସାଧନ ପାଇଁ ମନୁଷ୍ୟର ମନକୁ ମୁକ୍ତି ରଖେ । ସଂସ୍କୃତିର ବିକାଶ ପ୍ରଥମେ ଘଟି ନ ଥିଲେ, ମନୁଷ୍ୟର ଜୀବନଯାତ୍ରା ସ୍ୱଛନ୍ଦ ହୋଇ ନ ଥିଲେ, ପଶୁ ଭଳି ନିଜର ଆହାର ନ ଖୋଜି, ନିଜର ଆହାର, ନିଜର ଶକ୍ତି ସଂଚି ଶିଖି ନ ଥିଲେ, ମନୁଷ୍ୟ କେବେ ସଭ୍ୟ ହୋଇନଥାନ୍ତା ।

## ସଂସ୍କୃତ ସଚେତନତା :

ସଂସ୍କୃତି ପ୍ରସଙ୍ଗରେ ଆଉ ଗୋଟିଏ ପ୍ରଧାନ ପ୍ରଶ୍ନ– ସଂସ୍କୃତି ସଚେତନତା । ସଭ୍ୟତାର ଆଦି ଯୁଗରୁ ସଂସ୍କୃତି ଥିଲା । ମାତ୍ର ସଂସ୍କୃତି ସଚେତନତା ଥିଲା କି ? ଖୁବ୍ ସମ୍ଭବ ଆଧୁନିକଯୁଗ ପୂର୍ବରୁ ପୃଥିବୀରେ ବାସ କରୁଥିବା ବହୁ ସଭ୍ୟଜାତିଙ୍କ ମଧ୍ୟରେ ଏହି ସଂସ୍କୃତି ସଚେତନତା ନଥିଲା । ଅଥବା ଥିଲେ ତାହା ଥିଲା ଅତ୍ୟନ୍ତ କ୍ଷୀଣ । ପ୍ରଥମତଃ ଏକା ପରିବେଶ ମଧ୍ୟରେ ବଢ଼ିଥିବା ମନୁଷ୍ୟ ନିଜ ସସ୍କୃତି ବିଷୟରେ ଆଦୌ ଧାରଣା କରିପାରେ ନାହିଁ । ପୁଣି ଦୈବାତ୍ ଯଦି ସେ ଭିନ୍ନ ସଂସ୍କୃତିର ଲୋକଙ୍କ ସଂସ୍ପର୍ଶରେ ଆସେ ତେବେ ଅବଶ୍ୟ ତା'ମନରେ କୌତୂହଳ ଜନ୍ମେ ଓ ଜନ୍ମେ ହୀନମନ୍ୟତା ବା ଆତ୍ମଶ୍ଳାଘା । ହୀନତ୍ୱ ବା ବଡ଼ିମାରୁ ସଂସ୍କୃତିଗତ ପାର୍ଥକ୍ୟ ବିଷୟରେ ପ୍ରାଥମିକ ଧାରଣା ଜନ୍ମିପାରେ । ମାତ୍ର ଏଥିରେ ସଂସ୍କୃତିର ସ୍ୱରୂପ ଓ ଶକ୍ତି ବିଷୟରେ ସଚେତନତା ସ୍ପେ ପ୍ରକାଶ ପାଇବ ତାହା ଆଶା କରିହେବ ନାହିଁ । ପ୍ରାଚୀନ ଭରତ ବର୍ଷରେ ହୁଏତ ଆର୍ଯ୍ୟମାନେ, ନିଷାଦ ଓ ଦ୍ରାବିଡ଼ ସଂସ୍କୃତିଠାରୁ ନିଜର ପାର୍ଥକ୍ୟ କଳ୍ପନା କରିଥିଲେ ଓ ସଂସ୍କୃତିର ଶକ୍ତି ତଥା ସାଧନ ବିଷୟରେ କିଛିଟା ଧାରଣା ବି କରିଥିଲେ । ସଂସ୍କୃତି ସଚେତନ ମଣିଷ କାହାରିକି ବଡ଼ ବା ଛୋଟ ମନେ କରେନାହିଁ । ମୁନି, ଋଷି, ମନୀଷୀ, କବି, ବୋଧା ଆଦି ଗୁରୁଙ୍କଠାରୁ ପାଇଥିବା ଶିକ୍ଷାର ପରିପୂର୍ଣ୍ଣତା କେବଳ ଘଟେ ଶୂଦ୍ର ଓ ନାରୀମାନଙ୍କଠାରୁ ଶିକ୍ଷାଲାଭର ସମାପ୍ତି ପରେ । ଏହିପରି ଧାରଣା ମୂଳରେ ସାଂସ୍କୃତିକ ସଚେତନତା ଓ ମାନବିକ ଉଦାରତାର ଅଙ୍କୁର ପ୍ରାଚୀନ ଭରତରେ ଫୁଟିଥିଲା । ମାତ୍ର ଯଥାର୍ଥ ସାଂସ୍କୃତିକ ସଚେତନତା ଆଧୁନିକ ଯୁଗର ସୃଷ୍ଟି । ଆଧୁନିକ ପୃଥିବୀ ଯଥାର୍ଥରେ ଇଉରୋପୀୟମାନଙ୍କର ଆବିଷ୍କାର । ପଞ୍ଚଦଶ ଶତକର ଆବିଷ୍କାର ଯୁଗ, ପର୍ତ୍ତୁଗୀଜ ନାବିକମାନଙ୍କର ବିଶ୍ୱପରିକ୍ରମାଠାରୁ ଆରମ୍ଭ

Digitized by PPRACHIN, SOA

କରି ଆଜି ପର୍ଯ୍ୟନ୍ତ ଦେଖିଲେ ଇଉରୋପୀୟ ଅଥବା ବିଜ୍ଞାନ ଓ ଶିକ୍ଷାଦ୍ୱାରା ଚାଳିତ ମନୁଷ୍ୟ ଆବିଶ୍ୱ ଭ୍ରମଣ କରିଛି । ଖଣ୍ଡବିଖଣ୍ଡିତ ଭାବରେ ନାନା ବିଚିତ୍ର ପ୍ରାକୃତିକ ପରିବେଶ ମଧ୍ୟରେ ବାସ କରୁଥିବା ସ୍ୱତନ୍ତ୍ର ସଭ୍ୟତାର ସଂସ୍ପର୍ଶରେ ଆସିଛି । ଆଫ୍ରିକା, ଅଷ୍ଟ୍ରେଲିଆ, ଭାରତ ଓ ପ୍ରଶାନ୍ତ ମହାସାଗର ଦ୍ୱୀପାପୁଞ୍ଜ ଆଦିରେ ମଣିଷର ବିଚିତ୍ର ଜୀବନ ଲୀଳା ପ୍ରତ୍ୟକ୍ଷ କରିଛି । ଏହି ଭାବରେ ଆଧୁନିକ ଜଗତରେ ସଂସ୍କୃତି ସଚେତନତାର ବିକାଶ ଘଟିଛି । ( ଦେଖ : Aspeets of Culture : Harry L. Shapiro : Rutyers University Press. New Jersey–1956. )

## ସଂସ୍କୃତି ସଚେତନତାର ବିକାଶ :

ସଂସ୍କୃତି ସଚେତନତାର ଆଦିମ ବିକାଶ ଘଟିଥିଲା ସାମ୍ରାଜ୍ୟବାଦର ବିସ୍ତାର ଯୁଗରେ । ଏକ ଏକ ଜାତିର ଆତ୍ମରକ୍ଷା ପାଇଁ ସାଂସ୍କୃତିକ ସଂଗ୍ରାମ ଅନପେକ୍ଷିତ ହୋଇ ପଡ଼ିଥିଲା । ସଂସ୍କୃତିର ମୂଳ ଆଦର୍ଶ ସମନ୍ୱୟ । ମାତ୍ର ଜାତି ଜାତି ମଧ୍ୟରେ ଆର୍ଥିକ ବୈଷମ୍ୟ, ଶୋଷଣ ଓ ପରାଧୀନତା ମଧ୍ୟରେ ସାଂସ୍କୃତିକ ବିଭେଦ ପ୍ରାଧାନ୍ୟ ଲାଭ କରିଥିଲା । ସାଧାରଣ ଇଉରୋପୀୟମାନେ ଆଫ୍ରିକା ଓ ଏସିଆବାସୀଙ୍କୁ ହୀନ ମନେ କରୁଥିଲେ ।

ଏଇ ପରିପ୍ରେକ୍ଷୀରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ସହିତ ନୀଳକଂଠ ସଂସ୍କୃତିର ସ୍ୱରୂପ ଓ ମହତ୍ୱ ଉଦ୍‌ଘାଟନ କାର୍ଯ୍ୟରେ ସଚେତନ ପ୍ରୟାସ କରିଥିବାର ଯଥେଷ୍ଟ ପ୍ରମାଣ ମିଳେ । ସଂସ୍କୃତିର ଦରବାରରେ ଏ ଯୁଗର ଅନ୍ୟତମ ପଥିକୃତ ଅଧିନେତା ଭାବରେ ତେଣୁ ନୀଳକଂଠଙ୍କୁ ଗ୍ରହଣ କରିବା ଅଧିକ ସମୀଚୀନ । ଏକ ନୂତନ ସାଂସ୍କୃତିକ ଅଭ୍ୟୁତ୍ଥାନର ଆଦର୍ଶରେ ଚାଳିତ ହୋଇ ସେ ସାହିତ୍ୟ ସାଧନା କରିଥିଲେ । ଶ୍ରୀମଦ୍‌ଭଗବତଗୀତାର ଅଭିନବ ବ୍ୟାଖ୍ୟାଠାରୁ ଆରମ୍ଭ କରି ଉତ୍କଳୀୟ ସମାଜ, ସଂସ୍କୃତି ଓ ସାହିତ୍ୟର କ୍ରମପରିଣାମ କଳନା ପର୍ଯ୍ୟନ୍ତ ସର୍ବତ୍ର ସଂସ୍କୃତି ଚର୍ଚ୍ଚାର ପ୍ରାଧାନ୍ୟ ଅନୁଭୂତି । 'ନବଭାରତ' ପତ୍ରିକାରେ 'ମାନବ ପ୍ରଗତିର ଧାରା' ନାମରେ ଏକ ଧାରାବାହିକ ଲେଖା ପ୍ରକାଶ ପାଇଥିଲା । ପ୍ରତିକ୍ରିୟାର

Digitized by PPRACHIN, SOA

ପରଂପରା, ପ୍ରତିକ୍ରିୟାର ଗତି ଓ ସମାଧାନର ଭିତ୍ତି– ଏହି ତିନୋଟି ପର୍ଯ୍ୟାୟରେ ଆଧୁନିକ ବିଶ୍ୱସଂସ୍କୃତିରେ ଆଦି ସଭ୍ୟତାର ଭୂମି ଆଫ୍ରେସିଆ ସଂସ୍କୃତିର ଯଥାର୍ଥ ଦାୟାଦ ଭାବରେ ଭାରତର ଦାନ ନୀଳକଂଠ କଳନା କରିଥିଲେ । ସ୍ୱାଧୀନତାର ପ୍ରାକ୍‌କାଳରେ ପ୍ରାୟ ଏହାର ଦଶବର୍ଷ ପରେ ଭାରତ ତଥା ବିଶ୍ୱ ସଂସ୍କୃତିରେ ଓଡ଼ିଆ-କଳିଙ୍ଗ ସଂସ୍କୃତିର ସ୍ଥାନ ତଥା ବିଶ୍ୱ ସଂସ୍କୃତିକୁ ଏହାର ଦାନ ପ୍ରସଙ୍ଗ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଗ୍ରନ୍ଥରେ ବିଶଦ ଭାବରେ ସେ ଚର୍ଚ୍ଚା କରିଛନ୍ତି ।

"ମାନବ ପ୍ରଗତିର ଧାରା" ପ୍ରବନ୍ଧରେ ଭାରତ ଓ ୟୁରୋପର ତୁଳନା କରି ନୀଳକଂଠ ଲେଖିଛନ୍ତି–

"ମାନବ ଆଜିର ଜନ୍ତୁ ନୁହେଁ– ସମାଜ ଆଜିର ବସ୍ତୁ ନୁହେଁ । ଭୋଗ ଓ ତ୍ୟାଗ ଆଜିର ନୀତି ନୁହେଁ । ଏ ଦୁଇଟିର ସାମଞ୍ଜସ୍ୟ ଏ ଭୂଇଁରେ ଦିନେକେ ଫୁଟି ନଥିଲା...... । ଏସବୁ ବୁଝିବା ପାଇଁ ଟିକିଏ ପୃଥିବୀ ସଭ୍ୟତାର ଇତିହାସ ଓ ସେଥିରେ ଭାରତ ଓ ୟୁରୋପର ସ୍ଥାନ ବୁଝି ରଖିବା ଉଚିତ୍...... । ସଭ୍ୟତାର ଆଦି ଭୂମିକୁ ପଣ୍ଡିତମାନେ ଏବେ ଆଫ୍ରେସିଆ ବୋଲି କହିବାକୁ ଆରମ୍ଭ କରିଛନ୍ତି । ଭାରତ ହିଁ ଏବେ ସେହି ଆଫ୍ରେସିଆର ଯଥାର୍ଥ ଦାୟାଦ । ......ୟୁରେସିଆରେ ଆଜି ବ୍ୟକ୍ତି ପ୍ରଚରିତ ସଭ୍ୟତା ବା ଧର୍ମ ନାମରେ ଭିତ୍ତିହୀନ ଭୋଗର ନିତ୍ୟ ସଂଗ୍ରାମ । ନୂତନ ସମାଧାନର ଭିତ୍ତି ଏବେ ମଧ୍ୟ ଫୁଟି ନାହିଁ । ଭାରତରେ ସେ ଭିତ୍ତି ଦେଖିବାକୁ ମିଳେ । ......ଏ ଭିତ୍ତିରେ ପାରଂପରିକ ଭୂୟୋଦର୍ଶନର ପରିପକ୍ୱ ପରିଣତି ଏକା ଭାରତରେ ଅଦ୍ୟାପି ଦେଦୀପ୍ୟମାନ ରହି ଯେପରିକି ଜଗତର ମୁକ୍ତି ନିମନ୍ତେ ଇଙ୍ଗିତ କରୁଚି ।"

( ସମାଧାନର ଭିତ୍ତି, ମାନବ ପ୍ରଗତିର ଧାରା-୩ ନବଭାରତ, ମକର ୧୩୪୫ ପୃ ୫୦୭-୫୧୪ )

## ଉତ୍କଳୀୟ ସାଂସ୍କୃତିର ବ୍ୟାଖ୍ୟା ଓ ବିଶ୍ୱ ସଂସ୍କୃତିକୁ ଓଡ଼ିଆ ସଂସ୍କୃତିର ଦାନ

ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ଆଦି ଖଣ୍ଡ ପ୍ରଥମ ପୃଷ୍ଠାରେ ନୀଳକଂଠ ଯଥାର୍ଥରେ ଲେଖିଛନ୍ତି–

Digitized by PPRACHIN, SOA

"ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ । ଏହି ବିକାଶ ଚଳଣି ସଂସ୍କୃତିରେ ଧରାଯାଏ । ସାହିତ୍ୟରେ ଏହି ସଂସ୍କୃତି ମପାଯାଏ ।" ....ରହଣି, ଚଳଣି, ଚମକ ଏହି ତିନୋଟିରେ ସମାଜର ସଂସ୍କୃତି ଦେଖାପଡ଼େ ।"

ଉତ୍କଳୀୟ ସମାଜର ସାଂସ୍କୃତିକ ଐତିହ୍ୟ ଆଲୋଚନା ପ୍ରସଙ୍ଗରେ କଳିଙ୍ଗ ସଂସ୍କୃତିର ଉତ୍ସ ଟାଇଗ୍ରୀସ୍ ଓ ଇଉଫ୍ରେଟିସ ନଦୀକୂଳରେ ବିକଶିତ ପ୍ରାଚୀନ ଅସୁର ସଂସ୍କୃତିକୁ ସମନ୍ୱିତ କରି ନୀଳକଂଠ ଦେଖିଛନ୍ତି । ଶେଷ ବୟସରେ ପ୍ରକାଶିତ ନିଜ ଗ୍ରନ୍ଥାବଳୀର ମୁଖବନ୍ଧରୁ ଦେଖିବାକୁ ମିଳେ ଯେପରିକି ଏହି ଆଦି କଳିଙ୍ଗର ସଙ୍କେତ ସେ ନିଜ ଜନ୍ମସ୍ଥାନ ସତ୍ୟବାଦୀ ଓ ରନ୍ଚିଗ ନଦୀ କୂଳରେ ଖୋଜିଛନ୍ତି–

ରନ୍ଚିଗର "ଏଇ ଚିଲିକାରେ ପଡ଼ିବାକୁ ଯିବା ଖଂଡ଼ ପୂର୍ବେ ଥିଲା କଳିଙ୍ଗ ଦେଶର ପ୍ରଧାନ ଖଂଡ । ଏଥିରେ ଥିଲା ଦୁଇଟି ବଡ଼ ଗ୍ରାମ– କୋରଙ୍ଗା ଓ ପାଟେଲୀ । ନଦୀର ଦୁଇ ପାଖେ ଏଇ ଗ୍ରାମ ଦୁଇଟିକୁ ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀରେ ଗ୍ରୀକ୍‌ମାନେ କହୁଥିଲେ–କଲିଙ୍ଗ ନଗର ଓ ପାର୍‌ଥାଲିସ୍ । ଏ ଦୁଇଟି ଗ୍ରାମ ମଧ୍ୟରେ ଏବେ କଳିଙ୍ଗେଇ ବୋଲି ଠାକୁରାଣୀ ଅଛନ୍ତି । ଏହିଠାରୁ ଏହାରି ପାଖ କୌଣସି ସ୍ଥାନରୁ ତୁଷରଥ (ଦଶରଥ) ଯାଇ ଖୁବ୍ ସମ୍ଭବ ମିଟାନି ରାଜ୍ୟରେ ନିଜ ରାଜ୍ୟ ବିସ୍ତାର କରିଥିଲେ । ଓଡ଼ିଶାର ଏଇ କଳିଙ୍ଗରୁ ବାଲ୍ମୀକି ଓ ରାମାୟଣର ମୂଳ ବାହାରିଥିବା ଅନୁମାନ ହୁଏ ।"

( ନୀଳକଂଠ ଗ୍ରନ୍ଥାବଳୀ ୧ମ ଖଣ୍ଡ ମୁଖ ବନ୍ଧ ପୃ - ୨ )

ବିଶ୍ୱ ସଂସ୍କୃତିକୁ ଓଡ଼ିଆ ସଂସ୍କୃତିର ଦାନ, ବିଶ୍ୱ ସଂସ୍କୃତିର ବିକାଶରେ ଓଡ଼ିଆର ଦାନ ଓ ତା'ର ଉଜ୍ଜଳ ଭବିଷ୍ୟତ ବିଷୟରେ ନୀଳକଂଠଙ୍କର ଗଭୀର ଆତ୍ମବିଶ୍ୱାସ ଥିଲା । ଲେଖକ, କବି, ରାଜନୈତିକ ନେତା; କର୍ମୀ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ଆଦି ଯେଉଁ ଭୂମିକାରେ ତାଙ୍କୁ ବିଚାର କରାଯାଉନା କାହିଁକି ଆଧୁନିକମନା ଜଣେ ବିଶ୍ୱ ନାଗରିକ ମହାନ୍ ସାଂସ୍କୃତିକ ଅଧିନେତା ଭାବରେ ତାଙ୍କର ପ୍ରଜ୍ଞା ଓ ପରିଣତ ବିଚାରବୋଧ ଉଲ୍ଲେଖଯୋଗ୍ୟ ।

"ଆମ ସଭ୍ୟତାର ତୁଙ୍ଗ ଓ ବିଶାଳ ଇତିହାସ ଅଛି । ସାହିତ୍ୟରେ ତା' ପ୍ରକାଶ ପାଇଛି । କାଳେ କାଳେ ଇତିହାସର ସେଇ ସାଧନାରେ

Digitized by PPRACHIN, SOA

ଆମ ସାହିତ୍ୟର ପରଂପରା ପ୍ରତିଷ୍ଠାରେ ଆତ୍ମଦାନ୍ । ବେଷ୍ଟନୀର ପ୍ରେରଣା ଘେନି, ପୁଣି ସେଇ ବେଷ୍ଟନୀକୁ ପ୍ରଭାବିତ କରି ଜୀବନ୍ତ ଓ ଜାଗ୍ରତ ମାନବ ସମାଜ ତଥା ଭାରତ ସମାଜରେ ଓଡ଼ିଆର ବଳିଷ୍ଠ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପ୍ରକାଶ ପାଇ ଆସିଛି । ଏ ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ପରଂପରା ଯେତେ ସ୍ପଷ୍ଟ ହେବ, ପୁଣି ଯେତେ ବଢ଼ିବ, ଭାରତ ତଥା ମହାମାନବ ସମାଜର ବ୍ୟକ୍ତିତ୍ୱ ସଂହତିର ଆଦାନ ପ୍ରଦାନରେ ସେତେ ପରିପୁଷ୍ଟ ହେବ । ......ବିଶୃଙ୍ଖଳାରେ ଓଡ଼ିଆର ନବାର ଯେପରି ଅଛି, ଦବାର ମଧ୍ୟ ସେଇପରି ଅଛି । ସେ ନେଇ ଆସିଚି, ଦେଇ ଆସିଚି । ଏଇ ଆଦାନର ସଂହତିରୁ ଆମ ବ୍ୟକ୍ତିତ୍ୱର ଆହରଣ ଓ ଏଇ ପ୍ରଦାନର ସେହି ସଂହତିରେ ଆମ ବ୍ୟକ୍ତିତ୍ୱର ପ୍ରକାଶରେ ଆତ୍ମଦାନ ।" (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ– ୧ମ ଭାଗ : ୧ମ ସଂସ୍କରଣ–କଟକ-୧୯୪୮ ପୃ ୨୩-୨୪ )

## ନୀଳକଂଠଂକ ସଂସ୍କୃତି ଚେତନାର ମୂଳ ଭିତ୍ତି

ମିଳିତ ଜାତି ସଂଘ (U.N.O.) ର ଶାଖା ରୂପେ ଶିକ୍ଷା ବିଜ୍ଞାନ ଓ ସଂସ୍କୃତି ସଂଗଠନ ପ୍ରତିଷ୍ଠାର ପ୍ରାକ୍‌କାଳରେ ଦୂରଦ୍ରଷ୍ଟା ନୀଳକଂଠ ମହାମାନବ ସମାଜର ବିକାଶରେ ସାଂସ୍କୃତିକ ସମତା ଓ ସମନ୍ୱୟର ଦିଗ୍‌ଦର୍ଶନ ଦେଇଛନ୍ତି । ଏହାର ମହତ୍ତ୍ୱ ଆଜି ସର୍ବତ୍ର ସ୍ୱୀକୃତ, ଯଦିବା ଲକ୍ଷ୍ୟ ସାଧନ ଏବେ ବି ସୁଦୂର ପରାହତ । ୧୯୬୬ ଖ୍ରୀ.ଅ.ରେ ବିଂଶତମ ପ୍ରତିଷ୍ଠା ବାର୍ଷିକୀ ପାଳନ ଅବସରରେ–ୟୁନେସ୍କୋର ଘୋଷଣାରେ ପ୍ରକାଶ ପାଇଚି–" (୧) ସବୁ ସଂସ୍କୃତିର ମହତ୍ତ୍ୱ ଅଛି, ମୂଲ୍ୟ ଅଛି । ଏହାକୁ ଶ୍ରଦ୍ଧା କରିବାକୁ ହେବ, ରକ୍ଷା କରିବାକୁ ହେବ । (୨) ନିଜ ସଂସ୍କୃତିର ବିକାଶ ପାଇଁ ପ୍ରତି ଜାତିର ଅଧିକାର ଅଛି, କର୍ତ୍ତବ୍ୟ ଅଛି । (୩) ଏଇ ମୂଲ୍ୟବାନ୍ ସାଂସ୍କୃତିକ ବୈଚିତ୍ର୍ୟ ଓ ପାର୍ଥକ୍ୟ ଭିତ୍ତିରେ ବିଭିନ୍ନ ସଂସ୍କୃତି ମଧ୍ୟରେ ପାରସ୍ପରିକ ପ୍ରଭାବ ବିସ୍ତାର ଫଳରେ ପ୍ରତ୍ୟେକ ସଂସ୍କୃତି ସମଗ୍ର ମାନବ ଜାତିର ଏକ ସାଧାରଣ ଐତିହ୍ୟର ଅଂଶ ବିଶେଷ ହୋଇ ପାରିବ ।"

ଆଧୁନିକ ବିଶ୍ୱରେ ଓଡ଼ିଆ ନିଜର ସାଂସ୍କୃତିକ ଐତିହ୍ୟର ଅଙ୍ଗୀକାର ଘେନି ଆତ୍ମ ପ୍ରତିଷ୍ଠା ଲାଭ କରୁ, ନିଜ ସାଂସ୍କୃତିର ବଳିଷ୍ଠ ବିକାଶ ସଙ୍ଗେ ବିଶ୍ୱ ସଂସ୍କୃତିର ବିକାଶରେ ଆତ୍ମଦାନ କରୁ–ଏହା ହିଁ ଥିଲା ନୀଳକଂଠଙ୍କ ସଂସ୍କୃତି ଚେତନାର ମୂଳଭିତ୍ତି ।

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ

# ଭାଷା-ଚର୍ଚ୍ଚାର ସାଂସ୍କୃତିକ ଭିତ୍ତି

ଡକ୍ଟର ଖଗେଶ୍ୱର ମହାପାତ୍ର

ଭାଷାହିଁ ଜାତି ଓ ସଂସ୍କୃତି ସଂଗଠନର ଏକ ମୌଳିକ ସୂତ୍ର । ଜାତିର ସାଂସ୍କୃତିକ କ୍ରିୟା କଳାପ ମଧ୍ୟରେ ଏକ ବିଶିଷ୍ଟ କର୍ମ ହେଉଛି ଭାଷାର ବ୍ୟବହାର । ସାହିତ୍ୟ ସୃଷ୍ଟି ଏହି ବ୍ୟବହାରର ଅନ୍ୟତମ ପ୍ରକୃଷ୍ଟ ପର୍ଯ୍ୟାୟ । ପୃଥିବୀର ସବୁ ଭାଷାହିଁ ନିଛକ ପ୍ରତୀକ । ସୁତରାଂ ପ୍ରତୀକ ପ୍ରୟୋଗରେ ଉପଯୋଗିତା ଓ କଳାକୁଶଳତା ସଂସ୍କୃତି ଚେତନାର ଏକ ବିଶେଷ ସିଦ୍ଧି ଭାବରେ ପରିଗଣ୍ୟ । ଭାଷାର ଶବ୍ଦ ସମ୍ପତ୍ତି, ବାକ୍‌ଭଙ୍ଗୀରେ ବିବିଧତା, ଭାବପ୍ରକାଶ କ୍ଷମତା ଇତ୍ୟାଦି ଭାଷାର ସାଂସ୍କୃତିକ ମହତ୍ତ୍ୱ ପ୍ରତିପାଦନ କରିଥାଏ । ଦୃଷ୍ଟାନ୍ତ ସ୍ୱରୂପ 'ଖା – ଭୁଂଜ – ଗିଳ୍' କିମ୍ବା 'ତୁ-ତୁମେ–ଆପଣ' ସମାଜରେ ସ୍ତର ଗଠନର ସୂଚନା ଦିଏ । ଗୋଟିଏ ଶବ୍ଦ ଏବଂ ପ୍ରୟୋଗ ବିଧିରୁ ଗୋଟିଏ ଜନଗୋଷ୍ଠୀର ସଂସ୍କୃତି ଧରା-ପଡ଼ିଥାଏ । "ପତ୍ର ପଢ଼ିଲ" ଓ "ପାଠ ପଢ଼ିଲ" ଅର୍ଥରେ "ଉଲିଆ" ଲୋକଙ୍କ ଡ଼ିଡ଼ାଇ ଜନଜାତିର ପରଂପରାରେ ବିଦ୍ୟାଶିକ୍ଷା ପ୍ରଚଳିତ ନ ଥିବାର ପ୍ରମାଣ ଦିଏ । ସେହିପରି ପୁଅ ହୋଇଚି କି ଝିଅ ହୋଇଛି ଅର୍ଥରେ 'କାଠକଟାଳି କି ପତ୍ରତୋଳଣୀ' ହୋଇଛି ଉକ୍ତି ମଧ୍ୟରେ ଜୁଆଙ୍ଗ ଜନଜାତର ପୁରୁଷ ଓ ସ୍ତ୍ରୀ ମଧ୍ୟରେ ତାରତମ୍ୟ ସୂଚିତ ହୁଏ । ଭାଷାରେ ସୁଭାଷଣ, ଉଦ୍ଭାଷଣ; ଅଳଂକରଣ, ବ୍ୟଙ୍ଗୋକ୍ତି, ଶ୍ଳେଷ, ବିନୟ, କ୍ରୋଧ, ଅଭିମାନ ଇତ୍ୟାଦିର ପ୍ରକାଶ ଭଙ୍ଗୀରେ ବୈଚିତ୍ର୍ୟ ଜାତିର ସାଂସ୍କୃତିକ ଜୀବନଧାରାର ପର୍ଯ୍ୟାପ୍ତ ପ୍ରମାଣ ଦେଇଥାଏ ।

ପଂଡ଼ିତ ଗୋପବନ୍ଧୁ ଯେତେବେଳେ ଆଧୁନିକ ଅର୍ଥରେ ଯଥାର୍ଥତଃ ଓଡ଼ିଆ ପ୍ରେସ୍‌ର ସଂସ୍ଥାପନା କଲେ ଏବଂ ତାଙ୍କ 'ସମାଜ' (୧୯୧୯) ସମ୍ବାଦପତ୍ର ପାଇଁ ଓଡ଼ିଆରେ ଏକ ପରିଭାଷା ହୋଇଗଲା, ସେତେବେଳକୁ

Digitized by PPRACHIN, SOA

ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ ମୋଟାମୋଟି ପ୍ରତିଷ୍ଠିତ ହୋଇଯାଇଥିଲା ଏବଂ ମଧୁସୂଦନ ପ୍ରବର୍ତ୍ତିତ ସାଧୁ-ସ୍ତରୀୟ ରଚନାଶୈଳୀ ମାନକତା ଲାଭ କରିଗଲା । ଏହି ଶୈଳୀକୁ 'ସଂଜ୍ଞା ଅନୁସାରେ କୁହାଯାଇପାରେ ବିଦଗଧ ରୀତି । ସଂସ୍କୃତ ସୂତ୍ରରୁ ଆହୃତ ଶବ୍ଦ ଏବଂ ଇଂରଜୀ ସୂତ୍ରରୁ ଅନୁକୃତ ବାକ୍ୟ ଥିଲା ଏହି ରୀତିର ପ୍ରାରୂପ । ଓଡ଼ିଆ ଲେଖାରେ ପୂର୍ଣ୍ଣାବୟବ । ବାକ୍ୟର ଏକ ବିଧିବଦ୍ଧ ଆଦର୍ଶ, ଏହି ଶୈଳୀରେ ହିଁ ପରିସ୍ଫୁଟିତ ହୋଇଥିଲା । ରାଧାନାଥୀୟ ଯୁଗୀୟ ସମସ୍ତ ଚିନ୍ତା-ଗମ୍ଭୀର ଲେଖକ ଏହି ଶୈଳୀରୁ ହିଁ ଅନୁବର୍ତ୍ତନ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଓ ସତ୍ୟବାଦୀ ଗୋଷ୍ଠୀର ଲେଖକଗଣ ପୂର୍ବବର୍ତ୍ତୀ ବହୁ ସାହିତ୍ୟିକ ପ୍ରବୃତ୍ତି ସମେତ ଏହି ଭାଷାଶୈଳୀର ନିବନ୍ଧନ ମଧ୍ୟ ସ୍ୱୀକାର କରିନଥିଲେ । ଧର୍ମତଃ ଏମାନେ ଥିଲେ ଗଣଚେତନା ବାଦୀ । ସୁତରାଂ, ଏହି ଶୈଳୀର ସଂସ୍କାର ପ୍ରକ୍ରିୟାରେ ଏମାନଙ୍କ ଲକ୍ଷ୍ୟ ନିବଦ୍ଧ ହେଲା । ସଂସ୍କୃତର ଗୁରୁଗ୍ରହରୁ ଭାଷାର ମୁକ୍ତି ଏବଂ ରଚନାଶୈଳୀର ସ୍ଥିତିସ୍ଥାପକତା ଲୌକିକ-ସ୍ତର ପର୍ଯ୍ୟନ୍ତ ପ୍ରସାରଣ ଲାଭ କଲା । ଦୃଷ୍ଟାନ୍ତ ମୂଳକ ଭାବରେ ଓଡ଼ିଆ ଗଦ୍ୟଶୈଳୀର କ୍ରମବିବର୍ତ୍ତନ ମଧୁସୂଦନଙ୍କ ପୂର୍ବ ଓ ପର ସମୟରେ ଏହିପରି ସମ୍ଭାବ୍ୟ—ସେ ଭୁଂଜୁଛନ୍ତି—ସେ ଭୋଜନ କରୁଛନ୍ତି—ସେ ଖାଉଛନ୍ତି । ପ୍ରଥମଟି ବଚନିକା ସଂସ୍କୃତ ଓ ଲୌକିକ ରୀତି ମଧ୍ୟରେ ଝୁଲନ୍ତ ଓ ଅନିଶ୍ଚିତ ସାହିତ୍ୟିକ ଶୈଳୀର ସୂଚକ, ଦ୍ୱିତୀୟଟି ମଧୁସୂଦନୀୟ ସାହିତ୍ୟିକ ବାଣୀଭଙ୍ଗୀର ଆଦର୍ଶ, ତୃତୀୟଟି ସହଜ ସ୍ୱାଭାବିକ ଓ ଲୌକିକ ଯାହାକି ଥିଲା ସତ୍ୟବାଦୀ ଗୋଷ୍ଠୀର କାମ୍ୟ ।

ଊନବିଂଶ ଶତାବ୍ଦୀଠାରୁ ଭାରତୀୟ ପ୍ରାଦେଶିକ ଭାଷାମାନଙ୍କର ବ୍ୟାକରଣିକ ଅଧ୍ୟୟନର ସୂତ୍ରପାତ ହେଲା । ଖ୍ରୀଷ୍ଟିୟାନ ଧର୍ମପ୍ରଚାରକଗଣ ଏ ଦିଗରେ ଥିଲେ ପଥପ୍ରଦର୍ଶକ । ସେମାନଙ୍କର ଦେଶୀ ଭାଷା ଶିକ୍ଷା କରିବାର ଅଭୀପ୍ସା ଯୋଗୁ ସେମାନେ ବ୍ୟାକରଣର ଉପଯୋଗିତା ଉପଲବ୍ଧି କରିଥିଲେ । ତାଙ୍କ ଆଗରେ ଥିଲା ଲାଟିନ୍ ବ୍ୟାକରଣର ଆଦର୍ଶ । ସେମାନଙ୍କର ଦେଶୀ ସହଯୋଗୀ ଓ ଶିଷ୍ୟମାନଙ୍କ ଆଗରେ ଥିଲା ସଂସ୍କୃତ ବ୍ୟାକରଣର ଆଦର୍ଶ । ଉଭୟ ପକ୍ଷର ସମବାୟରେ ପ୍ରାଦେଶିକ ଭାଷା-ବ୍ୟାକରଣ ଉଦ୍‌ଭବିତ ହେଲା । ସ୍ୱଭାବତଃ ଏହି ବ୍ୟାକରଣ ବୈଧାନିକ

Digitized by PPRACHIN, SOA

ବର୍ଗର ହୋଇଥିଲା । ଏହା ନିଃସନ୍ଦେହ ଭବେ ସେମାନଙ୍କ ଉଦ୍ଦେଶ୍ୟ, ଜନସାଧାରଣଙ୍କ ସହିତ ବାର୍ତ୍ତାଳାପ କରିବାର କାମଚଳା ଭଷାଜ୍ଞାନ ଅର୍ଜନ ଓ ସାଧନ କରିବାରେ ସହାୟକ ହୋଇଥିଲା, କିନ୍ତୁ, ଦୁର୍ଭାଗ୍ୟତଃ, ଧର୍ମପ୍ରଚାରକ ପାଦ୍ରୀମାନଙ୍କ ମଧ୍ୟରେ ସୀମିତ ରହିବା ପରିବର୍ତ୍ତେ ଏହି ବ୍ୟାକରଣ ଗୁଡ଼ିକ ଶେଷରେ ବିଦ୍ୟାଳୟ ସ୍ତରରେ ଗୋଟିଏ ଶାସ୍ତ୍ରୀୟ ଢାଞ୍ଚାର ପରଂପରା ପ୍ରବର୍ତ୍ତନ କରିଥିଲା ।

ଓଡ଼ିଆ ବ୍ୟାକରଣ ଗୁଡ଼ିକର ଏକ ଐତିହାସିକ ପରିକ୍ରମା କଲେ ଉପଲବ୍‌ଧ ହୁଏ ଯେ ଏହି ଭଷାର ବ୍ୟାକରଣ କ୍ରମାନୁସାରେ କେବଳ କେତେକ ଆରୋପିତ ଢାଞ୍ଚାରେ ବାରମ୍ବାର ପରିକଳ୍ପିତ ହୋଇଛି ଏବଂ ଅବିମୃଷ୍ୟକାରୀ ପରଂପରାବାଦୀ ବ୍ୟାକରଣକାରମାନେ ଏହି ଭଷାର ଆନ୍ତରିକ ଉଦ୍‌ଘାଟନ କରିବା ପରିବର୍ତ୍ତେ ସଂସ୍କୃତ ବା ଲାଟିନ୍‌ ବ୍ୟାକରଣର ପୁରଣ ମଧ୍ୟରେ ଏହାକୁ ଆବଦ୍ଧ କରି ଦେଇଛନ୍ତି । କୌଣସି କ୍ଷେତ୍ରରେ ମୋଟେ ଦେଖାଯାଏ ନାହିଁ ଯେ ଭଷାର ବିନ୍ୟାସ ରୀତିରେ ନିହିତ ଉପାଦାନଗୁଡ଼ିକର ସ୍ୱରୂପ ଓ କାର୍ଯ୍ୟ-କାରିତା ଆବିଷ୍କାର କରିବା ପାଇଁ କିମ୍ବା ଏକ ପୂର୍ଣ୍ଣାଙ୍ଗ ଓ ଯଥାର୍ଥ ବର୍ଣ୍ଣନା କରିବା ଦିଗରେ କିଛି ଆନ୍ତରିକ ପ୍ରୟାସ କରାଯାଇଛି । ଏହି ବ୍ୟାକରଣ ଗୁଡ଼ିକ ମଧ୍ୟରୁ ଅଧିକାଂଶ ବୈଧାନିକ ବର୍ଗର, ଯାହାକି କେବଳ ଶିଷ୍ଟ ଭଷାର ଆଦର୍ଶ ଶିକ୍ଷା ଦାନ କରେ; କେତେକ ଐତିହାସିକ ବର୍ଗର, ଯାହାକି ବ୍ୟୁତ୍ପତ୍ତି ଓ ଶବ୍ଦତତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ସଂସ୍କୃତ ଓ ପ୍ରାକୃତ ସହିତ ସମ୍ବନ୍ଧ ଦର୍ଶାଇବାରେ କେବଳ ସାହାଯ୍ୟ କରେ ଏବଂ କେତେକ ତୁଳାନାତ୍ମକ ବର୍ଗର, ଯାହାକି ସମଗୋଷ୍ଠୀୟ ଅନ୍ୟାନ୍ୟ ଭଷାଠାରୁ ଏହାର ସ୍ୱାତନ୍ତ୍ର୍ୟ ବା ଉତ୍କର୍ଷ କେବଳ ପ୍ରତିପାଦନ କରେ । ଭଷାର ଏକ ପ୍ରାମାଣିକ ବ୍ୟାକରଣର ଅଭବ ହେତୁହିଁ ଓଡ଼ିଆ ଏକ ରକ୍ଷଣଶୀଳ ଭଷା । ଏହା ବଙ୍ଗଳାର ଏକ ଉପଭଷା, ଏହା ବହୁତୋଭବେ ଦ୍ରାବିଡ଼ ଭଷାମୁଖୀ ଇତ୍ୟାଦି ଭ୍ରାନ୍ତ ଓ ଭିତ୍ତିହୀନ ଐତିହାସିକ ଧାରଣାମାନ ତୁଚ୍ଛାରେ ପ୍ରସାର ଲଭ କରିଥିଲା ।

ରେଭରେଣ୍ଡ ଆମସ୍‌ ସଟନ ଖ୍ରୀ: ୧୮୩୧ରେ ଓଡ଼ିଆ ଭଷାର ପ୍ରଥମ ବ୍ୟାକରଣ ରଚନା କଲେ । ଓଡ଼ିଆ ଭଷା ସମ୍ବନ୍ଧରେ ଯାହାଙ୍କର ଧାରଣା

Digitized by PPRACHIN, SOA

ଥିଲା ଯେ ଏହା ବର୍ତ୍ତମାନ ଏକ ଅମାର୍ଜିତ ସ୍ତରରେ ଅବସ୍ଥିତ ଥିବାରୁ ବ୍ୟାପକ ଭାବେ ସଂସ୍କାର ଯୋଗ୍ୟ, ତାଙ୍କଠାରୁ କେଉଁ ପ୍ରକାର ବ୍ୟାକରଣ ଆଶା କରାଯାଇପାରେ, ତାହା ସହଜରେ ଅନୁମେୟ । ବିଦ୍ୟାଳୟର ପାଠ୍ୟକ୍ରମରେ ଯେତେବେଳେ ବ୍ୟାକରଣକୁ ଅନ୍ତର୍ଭୁକ୍ତ କରାଗଲା, ତାଙ୍କର ବ୍ୟାକରଣ ଥିଲା ଏକମାତ୍ର ସୁଲଭ ଗ୍ରନ୍ଥ । ସେତେବେଳେ ମୂଳତଃ ବ୍ୟାକରଣ ଶିକ୍ଷାର ଉଦ୍ଦେଶ୍ୟ ଭାଷାକୁ ସଂସ୍କୃତ ବା ଇଂରାଜୀ ଛାଞ୍ଚରେ ପରିମାର୍ଜନ ଏବଂ 'ସାଧୁଭାଷା' ନାମରେ ଏକ କୃତ୍ରିମ ସାହିତ୍ୟିକ ରୀତିର ପ୍ରବର୍ତ୍ତନ । ସେ ସମୟରେ ଏହି ରୀତିରେ ଓଡ଼ିଆ ବ୍ୟାକରଣ ପରିକଳ୍ପନା ଏପରି ପରଂପରାବଦ୍ଧ ହୋଇଯାଇଥିଲା ଯେ ଗ୍ରୀୟରସନ ମଧ୍ୟ Linguistic Survey of India (୫ମ ଖଣ୍ଡ, ଦ୍ୱିତୀୟଭାଗ) ଗ୍ରନ୍ଥରେ ସନ୍ନିବେଶିତ ଜୀବନ୍ତ ଓଡ଼ିଆ ଭାଷାର ଏକ ଯଥାର୍ଥ ବର୍ଣ୍ଣନା ପ୍ରଦାନ କରିପାରି ନାହାନ୍ତି । ପ୍ରତ୍ୟେକ ଭାଷାର ବିନ୍ୟାସ ପଦ୍ଧତି ତାର ନିଜସ୍ୱ; ସୁତରାଂ ନିଜର କିଛି କିଛି ବୈଶିଷ୍ଟ୍ୟ ନ ହରାଇ କିମ୍ବା ଅନ୍ୟର କିଛି ବୈଶିଷ୍ଟ୍ୟ ଆତ୍ମସାତ୍ ନକରି ଏକ ଭାଷା କଦାପି ଅନ୍ୟ ଭାଷାର ଛାଞ୍ଚରେ ଢଳା ଯାଇନପାରେ । ଯେହେତୁ ଓଡ଼ିଆ ବ୍ୟାକରଣକାରମାନେ ସଂସ୍କୃତ ଓ ଇଂରାଜୀରେ ଶିଷ୍ଟ ପ୍ରୟୋଗ ଅନୁକରଣ କରିଥିଲେ, ସେମାନେ ଓଡ଼ିଆରେ କେବଳ ସେହିସବୁ ବ୍ୟାକରଣର ପ୍ରୟୋଗ ବିଧି ଓ ସ୍ୱତନ୍ତ୍ରତା ଅନୁସନ୍ଧାନ କରିଥିଲେ ଏବଂ ଯେତେବେଳେ ପ୍ରକୃତପକ୍ଷେ ତାହା ସବୁ ପାଇ ନ ଥିଲେ ସେ ସବୁର କେବଳ ଆରୋପ କରିଥିଲେ । ଏହା ଫଳରେ ଏହି ସବୁ ବ୍ୟାକରଣରେ ଏପରି ସବୁ ବିନ୍ୟାସ ପଦ୍ଧତି ସମ୍ବନ୍ଧୀୟ ଭ୍ରାନ୍ତ ତଥ୍ୟ ଏବଂ ସଂଜ୍ଞା ଓ ସୂତ୍ର ଦେଖାଯାଏ, ଯାହାର କି ଓଡ଼ିଆ ସହିତ କୌଣସି ସଂପର୍କ ନାହିଁ । ଯାହାହେଉ, ଚଳିତ ଶତକର ଦ୍ୱିତୀୟ ଦଶନ୍ଧିରେ ପଣ୍ଡିତ ଗୋପୀନାଥ ନନ୍ଦ ଓ ପଣ୍ଡିତ ନୀଳକଂଠ ଦାସଙ୍କ ରଚନାରେ କେତେକ ପରିମାଣରେ ଓଡ଼ିଆ ବ୍ୟାକରଣର ଯଥାର୍ଥ ବିବରଣୀ ପ୍ରଥମେ ଉପଲବ୍ଧ ହେଲା । ସେମାନଙ୍କ ରଚନାର ପ୍ରଧାନ ମହତ୍ତ୍ୱ ହେଉଛି ସଂସ୍କୃତ ବ୍ୟାକରଣର ମାନଦଣ୍ଡରେ ଓଡ଼ିଆ ପ୍ରୟୋଗ-ବିଧିର ଗୁଣାତ୍ମକ ବିଗ୍ରହ କରାଯାଇ ନାହିଁ । ସେମାନଙ୍କର ଲକ୍ଷ୍ୟ ଥିଲା ଔଚିତ୍ୟ–ଅନୌଚିତ୍ୟ ନିର୍ବିଶେଷରେ ଓଡ଼ିଆ ଭାଷାର ଏକ ଯଥାର୍ଥ ବର୍ଣ୍ଣନା ପ୍ରଦାନ ।

Digitized by PPRACHIN, SOA

ଓଡ଼ିଆ ଭଷାର ଏକ ସମକାଳିକ ପ୍ରାମାଣିକ ବ୍ୟାକରଣିକ ବର୍ଣ୍ଣନା ପ୍ରଦାନରେ ନୀଳକଂଠଂକ କୃତିତ୍ୱ ଏକ ଅନନ୍ୟସିଦ୍ଧି । ତାଙ୍କର ଗୋଟିଏ ଉକ୍ତି–"ଭଷାରୁ ବ୍ୟାକରଣ ହୁଏ, ବ୍ୟାକରଣରୁ ଭଷା ହୁଏ ନାହିଁ" (ଓଡ଼ିଆ ଭଷା ଓ ସାହିତ୍ୟ) । ଓଡ଼ିଆ ଭଷାଚର୍ଚ୍ଚାରେ ନୀଳକଂଠ ଏକ ଆଦର୍ଶ ସ୍ଥାନରେ ଅବସ୍ଥାପିତ ହୁଅନ୍ତି । ତାଙ୍କ ସମୟରେ ଏହିପରି ଏକ ସାହସିକ ଭାଷା-ବୈଜ୍ଞାନିକ ସିଦ୍ଧାନ୍ତ ପ୍ରକାଶ କରିବାର ଦକ୍ଷତା ବୋଧହୁଏ ଆଉ କାହାର ନଥିଲ । ସେ ତାଙ୍କର 'ଓଡ଼ିଆ ବ୍ୟାକରଣ', 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥରେ ଏବଂ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ବହିର ମୁଖବନ୍ଧ ଓ ଅନ୍ୟାନ୍ୟ ବହୁବିଧ ଭାଷାତାତ୍ତ୍ୱିକ ପ୍ରବନ୍ଧରେ ଓଡ଼ିଆ ଭାଷାର ଯେଉଁ ରୂପରେଖ ପ୍ରତିପାଦନ କରିଛନ୍ତି ତାହା ତାଙ୍କଭଳି ଜଣେ ଓଡ଼ିଆ ସଂସ୍କୃତି ଚେତା ପଣ୍ଡିତଙ୍କଠାରୁ ଏକାନ୍ତ କାମ୍ୟ । ଭାଷା ଯେ ସଂସ୍କୃତିର ଏକ ବିଭବ ଏବଂ ଓଡ଼ିଆ ସଂସ୍କୃତିର ଐତିହାସିକ ବିକାଶ-କ୍ରମ ଓଡ଼ିଆ ଭାଷାର କ୍ରମବିବର୍ତ୍ତନ ସହିତ ସଂପୃକ୍ତ ଏହା ତାଙ୍କର ବିଭିନ୍ନ ଲେଖାରେ ପ୍ରତିପାଦିତ । ସେ ନିଜର ସାହିତ୍ୟିକ ରଚନାରେ ତଥା ଆଲୋଚନାତ୍ମକ ବିଗ୍ରହରେ ଓଡ଼ିଆ ଭାଷାକୁ ଓଡ଼ିଆ ସଂସ୍କୃତି ସହିତ ସମନ୍ୱିତ କରି ସାହିତ୍ୟ ସୃଷ୍ଟିରେ ତଥା ଭାଷା-ଚର୍ଚ୍ଚାରେ ଏକ ଅନୁକରଣୀୟ ଆଦର୍ଶ ପ୍ରତିଷ୍ଠା କରିଛନ୍ତି । ସଂସ୍କୃତିର ବିଭିନ୍ନ ବିଭାବ ଅଛି– ଭୌତିକ, ସାମାଜିକ, ବୌଦ୍ଧିକ, ନାନ୍ଦନିକ, ନୈତିକ, ଅର୍ଥନୈତିକ ଇତ୍ୟାଦି । ପଣ୍ଡିତ ନୀଳକଂଠ ଏସବୁ ବିଭାବକୁ 'ଗୃହାଣି, ଚଳଣି, ଚମକ' ଭାବରେ ସଂଜ୍ଞାବଦ୍ଧ କରିଛନ୍ତି । ଶାରଳା ଦାସଙ୍କ ଠାରୁ ଆରମ୍ଭ କରି ସାହିତ୍ୟ ମାଧ୍ୟମରେ ଭାଷାର ଯେ ଐତିହାସିକ ବିକାଶ ସଂଘଟିତ ହୋଇଛି, ସେଥିରେ ଓଡ଼ିଆ ସଂସ୍କୃତିର ସର୍ବବିଧ ବିଭାବ ମଧ୍ୟ ପର୍ଯ୍ୟାୟକ୍ରମେ ପ୍ରତିଫଳିତ ହୋଇଛି ବୋଲି ବିଶ୍ୱାସ । ତେଣୁ ନୀଳକଂଠଂକର ସମକାଳିକ (Synchronic) ତଥା କାଳାନୁକ୍ରମିକ (Diachronic) ଭାଷାଚର୍ଚ୍ଚାରେ ଭାଷାର ଏପରି ଏକ ସାଂସ୍କୃତିକ ପ୍ରେକ୍ଷାପଟ୍ଟ ଲକ୍ଷଣୀୟ । ଓଡ଼ିଆ ବ୍ୟକ୍ତି ସତ୍ତାର ଐତିହାସିକ

Digitized by PPRACHIN, SOA

ବିକାଶ ସହିତ ଓଡ଼ିଆ ଭାଷାର ବିକାଶଧାରା ସମାନ୍ତରାଳ ଭାବେ ଯେ ପର୍ଯ୍ୟାବେକ୍ଷଣ କରାଯାଇ ପାରେ ଏହା କେବଳ ନୀଳକଂଠଂକ ପରି ସଂସ୍କୃତି– ଚେତା ଆଲୋଚକଙ୍କ ଠାରେ ସମ୍ଭାବ୍ୟ । ତେଣୁ ନୀଳକଂଠ ଭାଷାକୁ ଜାତିର ସାଂସ୍କୃତିକ ପରଂପରାଠାରୁ ବିଚ୍ଛିନ୍ନ ଭାବେ ଅବଧାରଣା କରିପାରି ନାହାନ୍ତି । ସୁତରାଂ ଭାଷା ସାହିତ୍ୟ-ସଂସ୍କୃତି ବିଷୟକ ତାଙ୍କର ଯାବତୀୟ ଆଲୋଚନାର ମୂଳସୂତ୍ର ହେଉଛି ଭାଷା ହିଁ ଜାତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ସଂଯୋଜକ ।

ପ୍ରଫେସର ଓଡ଼ିଆ, ବିଶ୍ୱଭାରତୀ
ଶାନ୍ତିନିକେତନ

●

Digitized by PPRACHIN, SOA

# ନୀଳକଣ୍ଠଙ୍କ ସମାଲୋଚନା ସାହିତ୍ୟ ଓ ସାଂସ୍କୃତିକ ଦୃଷ୍ଟିକୋଣ

**—ଶ୍ରୀ ସତ୍ୟ ଷଡଙ୍ଗୀ**

## ସଂସ୍କୃତି ଓ ସାହିତ୍ୟ ସମାଜର ଭିତ୍ତି ଭୂମି :

ସମାଜ, ନୀଳକଂଠଙ୍କ ଦୃଷ୍ଟିରେ ସଂସ୍କୃତି ଓ ସାହିତ୍ୟ ଉଭୟର ଭିତ୍ତିଭୂମି । କାରଣ ତାଙ୍କ ମତରେ, ସମାଜ ବିକାଶରେ ଚଳଣି, ଗୃହାଣୀ ଓ ଚମକ ହେଉଛି ସଂସ୍କୃତି ଓ 'ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ' । ବାସ୍ତବରେ ସାହିତ୍ୟ ବ୍ୟକ୍ତିଦ୍ୱାରା ସୃଷ୍ଟ ହେଉଥିଲେ ମଧ୍ୟ ସେହି ବ୍ୟକ୍ତି ଏକ ସାଂସ୍କୃତିକ ପରିମଣ୍ଡଳ ମଧ୍ୟରେ ଥାଏ । ଏହି ସାଂସ୍କୃତିକ ପରିମଣ୍ଡଳର ପୁଣି ରହିଛି ନିର୍ଦ୍ଦିଷ୍ଟ ଏକ ସମାଜ-ଭିତ୍ତି । ତେଣୁ ପ୍ରଥମେ ସମାଜ, ସମାଜରୁ ସଂସ୍କୃତି ଓ ସଂସ୍କୃତିରୁ ସାହିତ୍ୟ । ସଂସ୍କୃତି ଏକ ପକ୍ଷରେ ସାହିତ୍ୟର ପ୍ରେରକତତ୍ତ୍ୱ ଓ ଅନ୍ୟ ପକ୍ଷରେ ସାହିତ୍ୟ ସଂସ୍କୃତିର ପ୍ରଧାନ ଅଙ୍ଗ ହୋଇଥିବାରୁ 'ସାହିତ୍ୟରେ ଏଇ ସଂସ୍କୃତି ମପାହୁଏ ।' ସଂସ୍କୃତି ଓ ସାହିତ୍ୟ ପ୍ରତି ଏଭଳି ପରସ୍ପର ପରିପୂରକାତ୍ମକ ଦୃଷ୍ଟିକୋଣର ଭିତ୍ତିଭୂମିରୁ ନୀଳକଂଠଙ୍କ ସମାଲୋଚନା-ସାହିତ୍ୟର ଉଦ୍‌ଭବ । ନୀଳକଂଠଙ୍କ ସାହିତ୍ୟ ସମାଲୋଚନା ଲାଗି "ଓଡ଼ିଆ ଭଷା ଓ ସାହିତ୍ୟ" (୧୯୫୪) ଓ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ( ୧୯୪୮, ୧୯୫୩ )ରେ ସନ୍ନିବେଶିତ ଆଲୋଚନାଗୁଡ଼ିକୁ ଏଠାରେ ଲକ୍ଷ୍ୟ କରଯାଇଛି । ସାହିତ୍ୟର କଳାତ୍ମକ ବିଭବ ସମ୍ପର୍କରେ ସେ ଯେ ଆଲୋଚନା କରିନାହାନ୍ତି ତା' ନୁହେଁ, କିନ୍ତୁ ସେ ଯେଉଁ ସ୍ୱତନ୍ତ୍ର ଓ ଅଭିନବ ଦୃଷ୍ଟିକୋଣ ଭିତ୍ତିରେ ଓଡ଼ିଆ ସାହିତ୍ୟର ଆଲୋଚନା କରିଛନ୍ତି ତାହା ହେଲା ସାଂସ୍କୃତିକ-ଦୃଷ୍ଟି । ଓଡ଼ିଆ ସଂସ୍କୃତିର ମାନଦଣ୍ଡରେ ସେ ଓଡ଼ିଆ ସାହିତ୍ୟର ଆଲୋଚନା କରିଛନ୍ତି ।

Digitized by PPRACHIN, SOA

## ନୀଳକଂଠ ଥିଲେ ପ୍ରଧାନତଃ ଉତ୍କଳୀୟ ସଂସ୍କୃତିର ନିଷ୍ଠାପର ଆଲୋଚକ

ପଣ୍ଡିତ ନୀଳକଂଠ ଦାସ କେବଳ ଜଣେ ସାହିତ୍ୟ-ସମୀକ୍ଷକ ନୁହନ୍ତି, ସେ ପ୍ରଧାନତଃ ଉତ୍କଳୀୟ ସଂସ୍କୃତିର ଜଣେ ନିଷ୍ଠାପର ଆଲୋଚକ । ତାଙ୍କର ପ୍ରତ୍ୟେକ ରଚନାରେ ଉତ୍କଳୀୟ ସଂସ୍କୃତିର ଆଲୋଚନା ବିଦ୍ୟମାନ । ଏପରିକି 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥର ସେ ସାହିତ୍ୟକୁ ବ୍ୟାପକ ଅର୍ଥରେ ସଂସ୍କୃତିର ସମାର୍ଥକ ଶବ୍ଦ ଭାବେ ଗ୍ରହଣ କରିଛନ୍ତି । ଆପଣାର ପ୍ରଚଣ୍ଡ ମେଧାଶକ୍ତି ବଳରେ ନୀଳକଂଠ ଉତ୍କଳୀୟ ସଂସ୍କୃତିର ଯେଉଁ ରୂପ ଆବିଷ୍କାର କରିଥିଲେ ବହୁ ପ୍ରବୀଣ ଆଲୋଚକ ତା'ର ବ୍ୟାଖ୍ୟା କରି ସାରିଛନ୍ତି । ସେମାନଙ୍କ ଆଲୋଚନାରୁ ଜଣାପଡ଼େ ଉତ୍କଳୀୟ ସଂସ୍କୃତି ପ୍ରତି ନୀଳକଂଠଙ୍କ ଦୁଇଟି ଧାରଣା ମୁଖ୍ୟ ଥିଲା ।

## ଉତ୍କଳୀୟ ସଂସ୍କୃତି ସ୍ୱତନ୍ତ୍ର ଓ ସ୍ୱୟଂ ସଂବୃଦ୍ଧ–

ପ୍ରଥମତଃ ନୀଳକଂଠଙ୍କ ଧାରଣାରେ ଉତ୍କଳୀୟ ସଂସ୍କୃତି ସ୍ୱତନ୍ତ୍ର ଓ ସ୍ୱୟଂ-ସଂବୃଦ୍ଧ । ସେ ନିର୍ଣ୍ଣୟ କରିଥିଲେ ଯେ ପ୍ରାଗୈତିହାସିକ କାଳରୁ ଓଡ଼ିଶା ମାଟିରେ ଦେଖା ଦେଇଥିବା ଶବର, କଳିଙ୍ଗ ତଥା ଆର୍ଯ୍ୟ ସାହିତ୍ୟର ମିଶ୍ରଣରେ ଏକ ସ୍ୱତନ୍ତ୍ର ସଂସ୍କୃତିର ଉଦ୍‌ଭବ ହୋଇଥିଲା । ଏଥିରେ ପ୍ରାଚୀନ ସୁମେର, ଇଜିପ୍‌ଟ ଓ ମିଶର ସଭ୍ୟତାର ଆଦାନ ପ୍ରଦାନ ମଧ୍ୟ ଘଟିଥିଲା । ବିଶ୍ୱ ସଂସ୍କୃତିର ସାରମର୍ମ ଏଥିରେ ମଧ୍ୟ ପ୍ରତିଫଳିତ ।

ଦ୍ୱିତୀୟତଃ ନୀଳକଂଠଙ୍କ ମତରେ ଜଗନ୍ନାଥହିଁ ଉତ୍କଳୀୟ ସଂସ୍କୃତିର ପ୍ରତୀକ । ଅର୍ଥାତ୍ ଜଗନ୍ନାଥ ଧର୍ମର ବୈଶିଷ୍ଟ୍ୟ ଯାହା, ତାହା ମଧ୍ୟ ଉତ୍କଳୀୟ ସଂସ୍କୃତିର ବୈଶିଷ୍ଟ୍ୟ । ଏହି ସଂସ୍କୃତିରେ ବ୍ୟକ୍ତିବାଦ ଅପେକ୍ଷା ସମୂହବାଦ, ଭକ୍ତି ଅପେକ୍ଷା ଜ୍ଞାନ, ପରକୀୟା ବଦଳରେ ସ୍ୱକୀୟା ଚିନ୍ତାଧାରକୁ ଗୁରୁତ୍ୱ ଦିଆଯାଉଛି । ଯୌନ ସଙ୍ଗମ, ଶୂନ୍ୟ ସାଧନା, ପିଣ୍ଡ ବ୍ରହ୍ମାଣ୍ଡ ଦର୍ଶନ, ଗଣତାନ୍ତ୍ରିକ ଭାବଧାରା, ମୈତ୍ରୀଧର୍ମ ପ୍ରଭୃତି ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ । ଜଗନ୍ନାଥଙ୍କ ଭଳି ଏହି ସଂସ୍କୃତି ନିଜର ମୌଳିକ ଧର୍ମରେ ଅବିଚଳିତ ରହି ବୌଦ୍ଧ ଓ ଜୈନ ଦର୍ଶନ ଦ୍ୱାରା ପ୍ରଭାବିତ

Digitized by PPRACHIN, SOA

ହୋଇଛି । ଏଭଳି ବୈଶିଷ୍ଟ୍ୟମୟ ଓଡ଼ିଆ ସଂସ୍କୃତି ଭିତ୍ତିରେ ନୀଳକଂଠ ତାର ସାହିତ୍ୟକୁ ବିଗ୍ଭର ଓ ମୂଲ୍ୟାୟନ କରିଛନ୍ତି । ଗୋଟିଏ କଥାରେ କହିଲେ ଓଡ଼ିଆ ସାହିତ୍ୟରୁ ସଂସ୍କୃତିକୁ ମାପ କରିଛନ୍ତି ।

## ଉତ୍କଳୀୟ ସଂସ୍କୃତି ବିଳମ୍ବରେ ସାହିତ୍ୟରେ ରୂପାୟିତ ହେବାର କାରଣ–

ଓଡ଼ିଶା ବହୁକାଳରୁ ପ୍ରତିଷ୍ଠିତ ଭୂମି ଓ ଏହାର ସଂସ୍କୃତି ସୁପ୍ରାଚୀନ ହେଲେ ମଧ୍ୟ ଏହା ଓଡ଼ିଆ ସାହିତ୍ୟରେ ରୂପାୟିତ ହୋଇଥିଲା ବହୁ-ବିଳମ୍ବରେ । କାରଣ ସେତେବେଳେ କ୍ଷମତାରେ ଥିବା ଭୌମ, କେଶରୀ ଓ ଗଂଗ ବଂଶର ସମ୍ରାଟମାନେ ଓଡ଼ିଆ ସଂସ୍କୃତିର ବାହକ ନଥିଲେ । ସେମାନେ ସଂସ୍କୃତ ନଚେତ୍ ଦ୍ରାବିଡ଼ ଭାଷାର ପୃଷ୍ଠପୋଷକତା କରୁଥିବାର ଜଣାପଡ଼େ । କେଶରୀ ବଂଶର ସମ୍ରାଟମାନେ ଶୈବ ତଥା ସ୍ମାର୍ତ୍ତ ଧର୍ମୀ ଥିବାରୁ ମଧ୍ୟ ଦେଶର ସଂସ୍କୃତି ପ୍ରତି ଉନ୍ମୁଖ ଥିଲେ । ଗଙ୍ଗ ବଂଶର ଆଦିସ୍ଥାନ କର୍ଣ୍ଣାଟ । ସେମାନେ ବୈଷ୍ଣବ ଥିଲେ ମଧ୍ୟ ଯଥାର୍ଥ ଜଗନ୍ନାଥଧର୍ମୀ ନଥିଲେ ଓ ଜଗନ୍ନାଥଙ୍କ ପାଇଁ ମନ୍ଦିର ନିର୍ମାଣ କରିଥିଲେ ମଧ୍ୟ ଜଗନ୍ନାଥ ଧର୍ମର ଯଥାର୍ଥ ତତ୍ତ୍ୱ ସେମାନେ ବୁଝି ନଥିଲେ । ଗଙ୍ଗବଂଶ ପରେ ସୂର୍ଯ୍ୟବଂଶୀ ସମ୍ରାଟ ଗଜପତି କପିଳେନ୍ଦ୍ରଦେବ ଓଡ଼ିଶାର ସିଂହାସନ ଆରୋହଣ କଲେ । କିମ୍ବଦନ୍ତୀ ଅନୁସାରେ ସେ ଖାଣ୍ଟି ଓଡ଼ିଆ ଥିବାରୁ ଓଡ଼ିଆ ସଂସ୍କୃତି ତଥା ସାହିତ୍ୟର ପୃଷ୍ଠପୋଷକତା କରିଥିଲେ । ଜଗନ୍ନାଥଙ୍କ ସାମ୍ୟଧର୍ମ ତାଙ୍କର ଆଦର୍ଶ ଥିଲା । କପିଳେନ୍ଦ୍ରଦେବ ତେଣୁ ସମାଜ-ସଂସ୍କୃତି ଦୃଷ୍ଟିରୁ ମହାବିପ୍ଳବୀ । ଓଡ଼ିଆର ଏଭଳି ସାଂସ୍କୃତିକ ଅଭ୍ୟୁଦୟ କାଳରେ ଓଡ଼ିଆର ଆଦିକବି ସାରଳା ଦାସଙ୍କ ଆବିର୍ଭାବ । ସଂସ୍କୃତ ଭାଷାର ବଂଧନ ଭିତରୁ ସାହିତ୍ୟକୁ ମୁକ୍ତ କରି ସେ ଓଡ଼ିଆ ସାହିତ୍ୟର ମୂଳଦୁଆ ସ୍ଥାପନ କରିଗଲେ । ତାଙ୍କରି ମହାଭାରତ, ଚଣ୍ଡୀପୁରାଣ ପ୍ରଭୃତି ଗ୍ରନ୍ଥ ସମୂହରେ ଓଡ଼ିଆର ନିଜସ୍ୱ ସାଂସ୍କୃତିକ ବୈଶିଷ୍ଟ୍ୟମାନ ମୁକ୍ତ ଭାବରେ ଜୀବନ୍ୟାସ ପାଇଲା । ନୀଳକଂଠ ଦାସଙ୍କ ମତରେ କେତୋଟି ପରବର୍ତ୍ତୀ ପ୍ରକ୍ଷେପକୁ ବାଦ୍ ଦେଲେ ସାରଳା ସାହିତ୍ୟ ଓଡ଼ିଆ ସଂସ୍କୃତିର ଯଥାର୍ଥ ପ୍ରତିନିଧି ।

Digitized by PPRACHIN, SOA

ଗଜପତି କପିଳେନ୍ଦ୍ରଦେବଙ୍କ ପରେ ପରେ ସିଂହାସନପାଇଁ ଗୃହବିବାଦ ଓ ବହିର୍ବିବାଦ ଲାଗିରହେ । କପିଳେନ୍ଦ୍ରଙ୍କ ଉତ୍ତରାଧିକାରୀ ପ୍ରତାପରୁଦ୍ରଙ୍କ ସମୟରେ ଚୈତନ୍ୟଦେବଙ୍କ ପ୍ରବର୍ତ୍ତିତ ରାଗାନୁଗାଧର୍ମର ପ୍ଲାବନ ଓଡ଼ିଆରେ ଦେଖା ଦେଇଥିଲା । ସ୍ୱୟଂ ପ୍ରତାପରୁଦ୍ର ଏହାର ପୃଷ୍ଠ-ପୋଷକତା କରିଥିଲେ । ଜଗନ୍ନାଥଦାସ, ବଳରାମଦାସ, ଅନନ୍ତ, ଅଚ୍ୟୁତାନନ୍ଦ, ଯଶୋବନ୍ତ ପ୍ରଭୃତି ଉତ୍କଳୀୟ ସଂସ୍କୃତି ସଚେତନ କବିଙ୍କ ଅଭ୍ୟୁଦୟ ବେଳକୁ ଓଡ଼ିଶାରେ ଏଭଳି ଏକ ବାତାବରଣ ବିଦ୍ୟମାନଥିଲା । ଗୌଡ଼ୀୟ ଦର୍ଶନର ପ୍ଲାବନ ମଧ୍ୟରେ ପଞ୍ଚସଖା ଆପଣା ସଂସ୍କୃତିକୁ ବଞ୍ଚାଇ ରଖିବାପାଇଁ ସତତ ଉଦ୍ୟମ କରିଥିଲେ । ଏହି ଉଦ୍ୟମର ଫଳ ହେଉଛି ସେମାନଙ୍କ ରଚିତ ସାହିତ୍ୟ ସମୂହ । ସେମାନଙ୍କ ଶୂନ୍ୟସାଧନା, ପିଣ୍ଡବ୍ରହ୍ମାଣ୍ଡ ଦର୍ଶନ ପ୍ରଭୃତି ଗୌଡୀୟ ବୈଷ୍ଣବର ଭୋଗବାଦୀ ସହଜିଆ ନୀତିର ପ୍ରତିବାଦରେ ଆବିଷ୍କୃତ । ନୀଳକଣ୍ଠଙ୍କ ଭାଷାରେ କହିଲେ– "ବଶୀକରଣାଦି ବାହାରର ସିଦ୍ଧିଦେଖାଇ ସାଧନା ନାମରେ ଯୋନି ଓ ଜିହ୍ୱାର ସ୍ୱାଦ୍ୟସେବାରେ ମାତିବାରୁ ଲୋକଙ୍କୁ ଛଡାଇବାପାଇଁ ଶେଷକୁ ସେମାନେ ବୁଝାଇଚନ୍ତି, କାଉଁରୀ କାଳିକାଯାଏ, ମକାର ସେବାଠାରୁ ରାଧାକୃଷ୍ଣ ମିଳନଯାଏ–ସବୁ ବ୍ରହ୍ମାଣ୍ଡଯାକର କଥା ଏଇପିଣ୍ଡରେ ଅଛି । ସଂକେତରେ ସେ ସବୁ ଶରୀର ଭିତରେ ଶରୀର ସାଧନାରେ ଅନୁଭବ କରିବାକୁ ହେବ–ବାହାରର କାଉଁରୀ ସଂଗେ ଯୌନ ବିହାର ବା ରାଧା ବା ଗୋପୀଙ୍କପରି ପରକୀୟା ସଂଗେ ବାସ୍ତବ ପ୍ରେମରେ ନୁହେଁ" (ଗ୍ରନ୍ଥାବଳୀ ୩, ପୃ-୫୬-୫୭) । ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟସଂହିତା', ବଳରାମ ଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ' ପ୍ରଭୃତି ରଚନା ପାଠକଲେ ଏହା ଉପଲବ୍ଧ ହେବ ।

ସନ୍ଥସାହିତ୍ୟର ସଂସ୍କୃତି ଭିତ୍ତିକ ଆଲୋଚନା କରି ପଣ୍ଡିତ ଦାସ ଆହୁରି କେତୋଟି ଦିଗ ନିର୍ଦ୍ଦେଶ କରିଛନ୍ତି । ପଞ୍ଚସଖାଙ୍କ ନାମରେ ଯେତେ ପୋଥିପତ୍ର ରହିଛି ସେସବୁକୁ ସେମାନଙ୍କ ସୃଷ୍ଟିରୂପେ ସ୍ୱୀକାର କରିବାକୁ ସେ ପ୍ରସ୍ତୁତ ନୁହନ୍ତି । ବିଶେଷକରି ବଳରାମ ଦାସଙ୍କ ରଚନା ଭାବେ 'ବଟ ଅବକାଶ' ଭଳି ରଚନାକୁ ସେ ଅସ୍ୱୀକାର କରିଛନ୍ତି । କାରଣ ଯେଉଁ ବଳରାମ ଦାସ ଉତ୍କଳୀୟ ସଂସ୍କୃତିର ସତର୍କ ପ୍ରହରୀ ସେ ଏଭଳି

Digitized by PPRACHIN, SOA

ସହଜିଆ ଅନ୍ଧଭକ୍ତି ମୂଳକ ମିଥ୍ୟାଗ୍ରନ୍ଥ ରଚନାକରିବା ଅସମ୍ଭବ ମନେହୋଇଛି । ଏହାବ୍ୟତୀତ ମାର୍କଣ୍ଡଦାସଙ୍କ 'କେଶବ କୋଇଲି'ର ରଚନାକାଳ ସଂପର୍କରେ ନୀଳକଣ୍ଠ ଦେଇଥିବା ମତ ମଧ୍ୟ ଉଲ୍ଲେଖଯୋଗ୍ୟ—" ଏହା ଚୈତନ୍ୟଙ୍କ ଆଗମନ ପୂର୍ବରୁ ଲେଖାଯାଇ ନାହିଁ । କେବଳ ଭଷା ମାର୍ଜିତ ଥିବାହେତୁ ଏକଥା କୁହାଯାଉ ନାଇ । ଯଶୋଦାଙ୍କ ବାତ୍ସଲ୍ୟ ଏଥିରେ ପ୍ରକାଶ ପାଇଚି, ସତ, ମାତ୍ର ଗୋପୀପ୍ରୀତି, ବିଶେଷରେ ରାଧାପ୍ରୀତିରେ ମଜ୍ଜିଥିବା ଗୋପର ବା ବୃନ୍ଦାବନର କୃଷ୍ଣଙ୍କୁ ଓଡ଼ିଆ ସାଧବ ସାଧାରଣଙ୍କ ଭିତରେ ଭର୍ତ୍ତି କରିବା ଉଦ୍ୟମର ଏହା ହାତ ମଛର ପର୍ବ ରଂଗ ମାତ୍ର" (ଗ୍ରନ୍ଥାବଳୀ-୩, ପୃ-୩୦୩) । ଏହିକାରଣରୁ ଜଗନ୍ନାଥଦାସ 'ଭବକୋଇଲି' ନାମରେ ଓଡ଼ିଆ ସଂସ୍କୃତି ସମ୍ପନ୍ନ ବ୍ୟାଖ୍ୟା କରିବାକୁ ଯାଇଥିଲେ । ନଚେତ ଜଗନ୍ନାଥଦାସ ଏହାର ତାତ୍ତ୍ୱିକ ବ୍ୟାଖ୍ୟା କରିବାର ଆବଶ୍ୟକତା ନଥିଲବୋଲି ନୀଳକଣ୍ଠଙ୍କ ମତ ।

## ଭଂଜ ସାହିତ୍ୟ ଉତ୍କଳୀୟ ସଂସ୍କୃତିପ୍ରତି ସଜାଗ ଥିଲା

ଭଂଜଯୁଗରେ ଓଡ଼ିଶାର ରାଜନୀତିକ ଓ ସାଂସ୍କୃତିକ ଅବସ୍ଥା ଚରମ ସଂକଟାପନ୍ନ ଥିଲା । ଓଡ଼ିଆ ଏକପକ୍ଷରେ ମୋଗଲମାନଙ୍କଦ୍ୱାରା ଅଧିକୃତ ହୋଇ ନିର୍ଯ୍ୟାତିତ ହେଉଥିଲା । ଅପର ପକ୍ଷରେ ଗୌଡ଼ୀୟ ବୈଷ୍ଣବଙ୍କ ଚିନ୍ତାଦର୍ଶ ଓଡ଼ିଶାର ଧର୍ମ ଓ ସମାଜକ୍ଷେତ୍ରରେ ଘୋର ବ୍ୟଭିଚାର ସୃଷ୍ଟି କରିଥିଲା । ଗୌଡ଼ୀୟ ବୈଷ୍ଣବଙ୍କ ପରକୀୟାତତ୍ତ୍ୱ ଧର୍ମନାମରେ ନାରୀ-ସଂଭୋଗକୁ ପ୍ରଶ୍ରୟଦେଇ ଓଡ଼ିଆର ଜନଜୀବନକୁ କଳୁଷିତ କରିଥିଲା । ସେ ଯୁଗର ରୀତିସାହିତ୍ୟରେ ମଧ୍ୟ ଏହି ପ୍ରବଣତା ଅନୁପ୍ରବେଶ କରିଥିଲା । ଭଂଜସାହିତ୍ୟ ରୀତିଯୁଗୀୟ ସାହିତ୍ୟ ହେଲେହେଁ ନୀଳକଣ୍ଠଙ୍କ ଦୃଷ୍ଟିରେ ଏସବୁ ବ୍ୟଭିଚାରଠାରୁ ଦୂରରେ ରହି, ସଂସ୍କୃତି ପ୍ରତି ସଜାଗ ରହିଛି । ଭଂଜ ସାହିତ୍ୟ ମଧ୍ୟ ସେ କାଳର ରୀତି ଅନୁଯାୟୀ ଶବ୍ଦାଡମ୍ବର, ଆଳଙ୍କାରିତା ଓ ଯୌନ-ଜୀବନକୁ ନେଇ ରଚିତ । କିନ୍ତୁ ନୀଳକଂଠଙ୍କ ଅଭିଜ୍ଞ ଦୃଷ୍ଟି ଏ ସାହିତ୍ୟ ମଧ୍ୟରୁ ଜାତୀୟ ଲକ୍ଷଣ ଖୋଜି ବାହାର କରିଛି । ଭଂଜ ସାହିତ୍ୟରେ ସେ କହନ୍ତି "ଭକ୍ତି ଧର୍ମର ନିତ୍ୟ ଉପାଦାନ ରୂପେ ମନାଇବାର ଦୌରାତ୍ମ୍ୟ ଓ ଭେଦ ସୃଷ୍ଟି ଭିତରେ ମୈତ୍ରୀଦେବ ଜଗନ୍ନାଥଙ୍କ ସତ୍ତା; କାବ୍ୟର

Digitized by PPRACHIN, SOA

କୃତ୍ରିମତା ତଥା ଗତାନୁଗତିକ ଅଳଂକାର ଭିତରେ ଓଡ଼ିଆ ବ୍ୟକ୍ତି କର୍ମରେ ଜ୍ଞାତ ବା ଅଭ୍ୟସ୍ତ ସମାଜ ଦୃଷ୍ଟି ଓ ତଦ୍‌ଗତ ସଂଯମ ଶୃଙ୍ଖଳା ଭଳି ଜାତୀୟ ଲକ୍ଷଣ ସବୁ ଏକା ଦେଖିବାର ଜିନିଷ”(ଗ୍ରନ୍ଥାବଳୀ-୩,ପୃ୧୭୪)। ପ୍ରକୃତରେ ଦେଖିବାକୁ ଗଲେ ବୈଷ୍ଣବ ସାହିତ୍ୟ ଭଳି ଭଂଜ ସାହିତ୍ୟରେ କୌଣସି ଧର୍ମ ପ୍ରଚାରର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ନାହିଁ । ଏ ସାହିତ୍ୟ ଯୌନ-ରସକୁ ଅଙ୍ଗୀରସ ଭବେ ଗ୍ରହଣ କରିଥିଲେ ମଧ୍ୟ ଯଥା ସ୍ଥାନରେ ସଂଯମକୁ ଗୁରୁତ୍ୱ ଦେଇଛି । ଭଂଜ ସାହିତ୍ୟରେ ପ୍ରଣୟର ତିନୋଟି ବୈଶିଷ୍ଟ୍ୟ ରହିଛି–(କ) ଧର୍ମ ନାମରେ ଯୌନ ପରିବେଷଣ କରି ଉପେନ୍ଦ୍ର ଧର୍ମ-ଜୀବନକୁ କଳୁଷିତ କରି ନାହାନ୍ତି । (ଖ) ପ୍ରଣୟ ମଧ୍ୟରେ ସର୍ବଦା ସ୍ୱକୀୟା ପ୍ରୀତିର ପ୍ରଚାର କରିଛନ୍ତି । (ଗ) ଦାମ୍ପତ୍ୟ ଜୀବନର ସଂଯମ ଯାହାକି ଓଡ଼ିଆ ଜୀବନର ବୈଶିଷ୍ଟ୍ୟ, ତାହା ଭଂଜଙ୍କ କାବ୍ୟ ଗୁଡ଼ିକରେ ଅକ୍ଷରେ ଅକ୍ଷରେ ପାଳିତ ହୋଇଛି ।

ମୋଗଲମାନଙ୍କ ପରେ ଓଡ଼ିଶା ମରହଟ୍ଟାଙ୍କ ଅଧୀନ ହୋଇଛି । ନୀଳକଂଠଙ୍କ ମତରେ ମରହଟ୍ଟାଙ୍କ ଶାସନ କାଳରେ ଓଡ଼ିଆର ବିଶେଷ ପରିବର୍ତ୍ତନ ସାଧିତ ହୋଇନାହିଁ । ଓଡ଼ିଶାର ମୈତ୍ରୀ ଧର୍ମ ଓ ସ୍ୱାଧୀନ ତଥା ସ୍ୱଚ୍ଛନ୍ଦ ମାନବୀୟ ବିକାଶ ବୁଝି ନବ ସାହିତ୍ୟର ଧାର ଫିଟାଇବା ଭଳି ପ୍ରେରଣା ମଧ୍ୟ ନଥିଲା । ତେଣୁ ଭଂଜଯୁଗ ପରେ ଓଡ଼ିଆ ସାହିତ୍ୟରେ ଘୋର ଚର୍ବିତ ଚର୍ବଣ ବ୍ୟତୀତ ଆଉ କିଛି ପ୍ରକାଶ ପାଇ ନାହିଁ ।

## ଫକୀର ମୋହନ ଓ ନଂଦ କିଶୋର ଓଡ଼ିଆ ସଂସ୍କୃତିର ବାହକ

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଇଂରାଜୀ ଶିକ୍ଷା ଓ ସଂସ୍କୃତିର ପ୍ରସାର ଫଳରେ ରାଧାନାଥ, ମଧୁସୂଦନ ପ୍ରଭୃତି ନବ୍ୟ ଶିକ୍ଷିତଗଣ ପାଶ୍ଚାତ୍ୟ ଅନୁକରଣରେ ସାହିତ୍ୟ ସୃଷ୍ଟି କଲେ । ଏ ସାହିତ୍ୟ ଯେପରି ପାଶ୍ଚାତ୍ୟ ସଭ୍ୟତା ଓ ବଂଗୀୟ ସଂସ୍କୃତି ପ୍ରତି ଉନ୍ମୁଖ ଥିଲା ସେପରି ଆପଣାର ମୌଳିକ ସଂସ୍କୃତି ପ୍ରତି ବୀତସ୍ପୃହ ଥିଲା । ତେଣୁ ସଂସ୍କୃତି ଦୃଷ୍ଟିରୁ ବିଚାର କରି ନୀଳକଂଠ ଏ ସାହିତ୍ୟରେ ପରାଧୀନତାର ଗୌଣ ମନୋବୃତ୍ତି ପ୍ରକାଶ ପାଇଛି ବୋଲି ମତ ଦେଇଛନ୍ତି । ତଥାପି ସେ ରାଧାନାଥ ରାୟଙ୍କୁ ଆଧୁନିକ

Digitized by PPRACHIN, SOA

ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା ରୂପେ ଓ ଫକୀର ମୋହନ ତଥା ମୌଳିକ ସ୍ରଷ୍ଟା ଓ ଉତ୍କଳୀୟ ସଂସ୍କୃତିର ବାହକ ନନ୍ଦକିଶୋର ବଳଙ୍କୁ ଭବେ ସ୍ୱାଗତ କରିଛନ୍ତି ।

ଏ ପର୍ଯ୍ୟନ୍ତ ଓଡ଼ିଆ ସଂସ୍କୃତିକୁ ଭିତ୍ତିକରି ନୀଳକଂଠଂକ ସମାଲୋଚନା କିଭଳି ଗତିକରିଛି ତାହା ଆଲୋଚିତ ହେଲା । ତାଙ୍କର ଏଭଳି ଆଲୋଚନାରେ ଯୁକ୍ତିଯୁକ୍ତତା କେତେ ଓ ଏହାଦ୍ୱାର ସେ ଓଡ଼ିଆ ସମାଲୋଚନାକୁ କେଉଁ ସ୍ତରକୁ ଉନ୍ନୀତ କରିଥିଲେ ବା ଓଡ଼ିଆ ସମାଲୋଚନାପ୍ରତି ତାଙ୍କର ଅବଦାନ କ'ଣ ଏସବୁ ମଧ୍ୟ ବିଗ୍ୱର କରିବା ଉଚିତ । ପ୍ରାକ୍ ନୀଳକଂଠ ଯୁଗୀୟ ଓଡ଼ିଆ ସମାଲୋଚନାର ଧାର ଓ ପଦ୍ଧତି ଦେଖିଲେ ଏହା ଅଧିକ ସ୍ପଷ୍ଟହେବ ।

## ଉତ୍କଳ ପ୍ରଭା ଓ ଉତ୍କଳ ସାହିତ୍ୟରେ ସୁସ୍ଥ ସମାଲୋଚନା ପ୍ରତିଷ୍ଠା ପାଇଲା—

ଊନବିଂଶ ଶତାବ୍ଦୀର ଶେଷଭଗରୁ ଓଡ଼ିଆ ସମାଲୋଚନାର ଉଦ୍‌ଭବ । କିନ୍ତୁ ଇଂଦ୍ରଧନୁ-ବିଜୁଳୀ ପତ୍ରିକାରେ ପ୍ରାଚୀନ ଓ ନବୀନର ସଂଘର୍ଷ ସାହିତ୍ୟର ସମାଲୋଚନା ପରିବର୍ତ୍ତେ ପ୍ରାୟ ବ୍ୟକ୍ତିଗତ କୁତ୍ସାରଟନା ପର୍ଯ୍ୟାୟକୁ ଗ୍ଲିଯାଇଥିଲା । ପରେ ପରେ 'ଉତ୍କଳପ୍ରଭା' (୧୮୯୧) ଓ ଉତ୍କଳ ସାହିତ୍ୟ (୧୮୯୭) ପତ୍ରିକାର ଜନ୍ମ ଓ ତାହା ମାଧ୍ୟମରେ ସମାଲୋଚନାର ସୁସ୍ଥବାତାବରଣ ପ୍ରତିଷ୍ଠା ପାଇଥିଲା । ଶ୍ୟାମସୁନ୍ଦର ଗଜଗୁରୁ, ଗୋପୀନାଥ ନନ୍ଦଶର୍ମା ଏବଂ ମୃତ୍ୟୁଞ୍ଜୟ ରଥ ଏ ସମାଲୋଚନାର ନେତୃତ୍ୱ ଦେଇଥିଲେ । ଏମାନେ ସଂସ୍କୃତ ସାହିତ୍ୟକୁ ମୂଳଧରି ଓଡ଼ିଆ ମହାଭରତ ପ୍ରଭୃତିର ତୁଳନାତ୍ମକ ଆଲୋଚନା କରିଥିଲେ । ପ୍ରାଚୀନ କବିଙ୍କ ଜୀବନୀ ଓ ରଚନାବଳୀର ଅନୁସନ୍ଧାନ ମଧ୍ୟ ଏମାନଙ୍କ ଆଲୋଚନାର ପରିସରଭୁକ୍ତ ଥିଲା । ଏମାନଙ୍କ ପରେ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଆବିର୍ଭୂତ ହୁଅନ୍ତି ଆର୍ତ୍ତବଲ୍ଲଭ ମହାନ୍ତି । ତାଙ୍କର ପ୍ରଧାନ କାର୍ଯ୍ୟଥିଲା ପ୍ରାଚୀନ ଓଡ଼ିଆ ସାହିତ୍ୟାବଳୀର ପ୍ରାମାଣିକ ସଂସ୍କରଣ ପ୍ରସ୍ତୁତି । ଏହା ସହିତ ବିଭିନ୍ନ ଧର୍ମଧାରର ଆଲୋଚନା, ରଚନାର କାଳ ନିର୍ଣ୍ଣୟ ଓ ସାହିତ୍ୟର ଆଳଂକାରିକ ଆଲୋଚନା ମଧ୍ୟ ଅନ୍ତର୍ଭୁକ୍ତଥିଲା । ପଣ୍ଡିତ ନୀଳକଂଠ ଦାସ ଆର୍ତ୍ତବଲ୍ଲଭଙ୍କ

Digitized by PPRACHIN, SOA

ସମକାଳୀନ । ଉତ୍କଳୀୟ ସଂସ୍କୃତିକୁ ମାନଦଣ୍ଡ କରି ସେ ଓଡ଼ିଆ ସାହିତ୍ୟର ଯେଉଁ ଆଲୋଚନା କରିଛନ୍ତି, ତହିଁରୁ ପୂର୍ବବର୍ତ୍ତୀ ଆଲୋଚକଙ୍କଠାରୁ ତାଙ୍କ ସମାଲୋଚନାର ପଦ୍ଧତି ଓ ଧାରା ଯେ ସ୍ୱତନ୍ତ୍ର ଏହା ସ୍ପଷ୍ଟ ହୋଇଯାଏ ।

## ନୀଳକଂଠଂକ ସଂସ୍କୃତି ଭିତ୍ତିକ ସମାଲୋଚନାର ବୈଶିଷ୍ଟ୍ୟ

ନୀଳକଂଠଂକ ସଂସ୍କୃତିଭିତ୍ତିକ ସମାଲୋଚନାର କେତୋଟି ବୈଶିଷ୍ଟ୍ୟ ବାହାର କରାଯାଇପାରେ—ପ୍ରଥମତଃ, ନୀଳକଂଠଂକ ସମାଲୋଚନା ପ୍ରମାଣିତ କଲା ଯେ ଓଡ଼ିଆର ଏକ ନିଜସ୍ୱ ସାହିତ୍ୟିକ ପ୍ରାଣଧାରା ରହିଛି । ଆପଣା ସଂସ୍କୃତି ଅନୁସାରେ ଏହା ସୃଷ୍ଟ ଓ ବିକଶିତ । ସଂସ୍କୃତ ସାହିତ୍ୟ ସହ ଓଡ଼ିଆ ସାହିତ୍ୟର ତୁଳନାମୂଳକ ଅଧ୍ୟୟନ କରି ଓଡ଼ିଆ ସାହିତ୍ୟର ଗୌଣତ୍ୱ ପ୍ରତିଷ୍ଠା କରିବାରେ ସେ ଆଗ୍ରହୀ ନୁହନ୍ତି । ବରଂ ଓଡ଼ିଆ ସଂସ୍କୃତି ଭିତ୍ତିରେ ଓଡ଼ିଆ ସାହିତ୍ୟର ଆଲୋଚନାକରି ସେ ଓଡ଼ିଆ ସାହିତ୍ୟର ଯଥାର୍ଥ ମହତ୍ତ୍ୱ ପ୍ରତିଷ୍ଠା କରିଯାଇଛନ୍ତି । ସେଥିପାଇଁ ସାରଳାଦାସ ତାଙ୍କ ଦୃଷ୍ଟିରେ ଜଣେ କୁଶଳୀ ଅନୁବାଦକ ମାତ୍ର ନୁହନ୍ତି, ସେ ବିପ୍ଳବୀ ଓ ବିଦ୍ରୋହୀ । ସ୍ୱୀୟ ସଂସ୍କୃତିକୁ ରୂପ ଦେବାକୁ ଯାଇ ସାରଳାଦାସ ଯେଉଁ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି, ଆଜି ପର୍ଯ୍ୟନ୍ତ ତାହା ଓଡ଼ିଆ ସଂସ୍କୃତିର ଦିଗବାରେଣୀ ହୋଇ ରହିଛି । ସାରଳାଦାସହିଁ ପ୍ରଥମେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂସ୍କୃତର ବଂଧନରୁ ମୁକ୍ତ କରିଥିଲେ । ସଂସ୍କୃତସହ ତୁଳନାତ୍ମକ ଆଲୋଚନାରେ କିନ୍ତୁ ସାରଳାଦାସଙ୍କ ଏ ପ୍ରତିକୃତିଟି ଫୁଟିନଥାଏ । ଓଡ଼ିଆର ଗ୍ରହାଣି, ଚଳଣି ଓ ଚମକ ନେଇ ଓଡ଼ିଆ ସାହିତ୍ୟ ବିକଶିତ, ଏଥିରେହିଁ ତାର ଗୌରବ ନିହିତ—ନୀଳକଂଠଂକ ସମାଲୋଚନା ଏହିବାଣୀ ଘୋଷଣା କରିଛି । ଏ ପ୍ରସଂଗରେ ଆହୁରି ଗୋଟିଏ କଥା ଉଲ୍ଲେଖ ଯୋଗ୍ୟ—ସଂସ୍କୃତିସହ ଇତିହାସର ଅଙ୍ଗାଙ୍ଗୀ ସଂପର୍କଭଳି ନୀଳକଂଠଂକ ସମାଲୋଚନାରେ ମଧ୍ୟ ଇତିହାସ ସଚେତନତା ପରିଲକ୍ଷିତ । ଏହା ମଧ୍ୟ ତାଙ୍କ ସମାଲୋଚନାର ଅନ୍ୟତମ ବୈଶିଷ୍ଟ୍ୟ । ପରିସ୍ଥିତି ଭିତରେ ପରଂପରାର ସ୍ଥିତିକୁ ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି । ପରିସ୍ଥିତି ହେଉଛି ଇତିହାସ ଓ ପରଂପରା—ସଂସ୍କୃତି ।

Digitized by PPRACHIN, SOA

କଳା, କଳାପାଇଁ ନୁହେଁ, କଳା ସମାଜ ଓ ଜୀବନ ପ୍ରତି ଉଦ୍ଦିଷ୍ଟ– ନୀଳକଂଠଙ୍କ ସମାଲୋଚନା ସାହିତ୍ୟରେ ଏହି ସତ୍ୟକୁ ଗ୍ରହଣ କରାଯାଇଛି । ସେ ସାହିତ୍ୟକୁ ସମାଜର ବିକାଶ ଅର୍ଥରେ ଗ୍ରହଣ କରିଛନ୍ତି । ସନ୍ଥସାହିତ୍ୟ ଓ ଭଂଜ ସାହିତ୍ୟର ଆଲୋଚନା କାଳରେ ନୀଳକଂଠ ଏହି କଥାକୁ ପ୍ରମାଣିତ କରିଥିଲେ । ପରଂପରାର ସୂତ୍ର ଧରି ପରିସ୍ଥିତିର ଦୁର୍ଯୋଗରୁ ପୁରୋଦୃଷ୍ଟି ନିକ୍ଷେପ କରିବା ସାହିତ୍ୟିକର କର୍ତ୍ତବ୍ୟ ବୋଲି ନୀଳକଂଠ ବାରମ୍ବାର କହିଛନ୍ତି । ଲେଖକର ସାମାଜିକ ଅଙ୍ଗୀକାର ବଦ୍ଧତା ପ୍ରତି ସେ ଗୁରୁତ୍ୱ ଦେଇଥିବା କଥା ଏଥିରୁ ସୂଚିତ ହୁଏ ।

ନୀଳକଂଠଙ୍କ ସମାଲୋଚନାର ଚତୁର୍ଥ ବୈଶିଷ୍ଟ୍ୟ ହେଲା ଏହାର ଗଠନମୂଳକ ଆଭିମୁଖ୍ୟ । ସମାଲୋଚନା କେବଳ ସୃଷ୍ଟ ସାହିତ୍ୟର ଆଲୋଚନା ନୁହେଁ, ଏହା ମଧ୍ୟ ସୃଷ୍ଟି ହେବାକୁ ଥିବା ସାହିତ୍ୟ ପ୍ରତି ପ୍ରେରଣା । ନୀଳକଂଠ ସମାଲୋଚନାର ଏ ଦିଗଟି ପ୍ରତି ସଚେତନ ଥିଲେ । 'ଓଡ଼ିଆ ଭଷା ଓ ସାହିତ୍ୟ' ୨ୟ ସଂସ୍କରଣର ଭୂମିକାରେ ସେ କହନ୍ତି– "ସାହିତ୍ୟରେ ମୁଖ୍ୟ ଗଠନ ମୂଳକ କର୍ମ ହେଉଚି, ଇତିହାସ ଓ ଅନ୍ତର୍ଦୃଷ୍ଟିରେ ସାହିତ୍ୟର ଆଲୋଚନା ଓ ସମାଲୋଚନା ।" ଯେଉଁ ଲେଖକ ସାଂସ୍କୃତିକ ଇତିହାସ ପରିପ୍ରେକ୍ଷୀରେ ମଣିଷକୁ ଯେତେ ବେଶୀ ଅନୁଭବ କରେ ତାର ସାହିତ୍ୟ ସେତେ ବେଶୀ ସମୃଦ୍ଧ ହୁଏ । ଏଭଳି ବିସ୍ତୃତ ଇତିହାସ ବୋଧ ଓ ସଂସ୍କୃତି ବୋଧ ସମସ୍ତଙ୍କ ପକ୍ଷରେ ମଧ୍ୟ ସହଜ ନୁହେଁ । ସଂସ୍କୃତି ଓ ଇତିହାସ ଭିତ୍ତିରେ ସାହିତ୍ୟର ଆଲୋଚନା କଲେ ଭବିଷ୍ୟତ ସାହିତ୍ୟ ଏହି ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହେବ । ପଣ୍ଡିତ ନୀଳକଂଠ ଦାସ ଓଡ଼ିଆ ଲେଖକମାନଙ୍କୁ ସ୍ୱୀୟ ସଂସ୍କୃତି ଓ ଇତିହାସର ସମ୍ୟକ ଅବବୋଧରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତର ସାହିତ୍ୟକୁ ଏକ ସମୃଦ୍ଧ ସାଂସ୍କୃତିକ ଭିତ୍ତି ଉପରେ ପ୍ରତିଷ୍ଠିତ ହେବାପାଇଁ ଦିଗ ନିର୍ଦ୍ଦେଶ କରିଛନ୍ତି ।

## ନୀଳକଂଠଙ୍କ ସର୍ବଶ୍ରେଷ୍ଠ ଅବଦାନ

ପରିଶେଷରେ ନୀଳକଂଠଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଲା– ସାରଳା ସନ୍ଥ ସାହିତ୍ୟ ଓ ଭଞ୍ଜ ସାହିତ୍ୟ ସଂପର୍କରେ ଦେଇଥିବା ମନ୍ତବ୍ୟ । ଏସବୁ

Digitized by PPRACHIN, SOA

ଆଜିପର୍ଯ୍ୟନ୍ତ ସ୍ଥିର ବିଗ୍ରହ ଭାବେ ଅନତିକ୍ରମ୍ୟ ଓ ଅନୁକରଣୀୟ ହୋଇ ରହିଛି । ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରବୀଣ ଆଲୋଚକ ଡଃ ନଟବର ସାମନ୍ତରାୟଙ୍କ ଭାଷାରେ ଏହାର ପ୍ରମାଣ ଦିଆଯାଇପାରେ । ନୀଳକଂଠଙ୍କ ଆଲୋଚନା ଉପରେ ଡଃ ସାମନ୍ତରାୟ ନିମ୍ନ ଅଭିମତମାନ ଦେଇଛନ୍ତି ।

(କ) ଅନ୍ୟ କେତେକ ଲେଖକ ଏ ସାହିତ୍ୟରେ ( ସାରଳା-ସାହିତ୍ୟରେ ) ହାତ ଦେଇଥିଲେହେଁ ପଣ୍ଡିତ ନୀଳକଂଠ ଦାସଙ୍କ ପରି ଏମାନଙ୍କ କାହାରି ଲେଖାରେ ସମାଲୋଚନାର ବଳିଷ୍ଠ ପ୍ରବୃତ୍ତି ଅନୁଭୂତ ହୁଏ ନାହିଁ । ପଣ୍ଡିତ ନୀଳକଂଠ ଗୋଟିଏ ଦୁଇଟି ପ୍ରବନ୍ଧରେ ଏ ସାହିତ୍ୟର ବୈଶିଷ୍ଟ୍ୟ ଯେମିତି ଦେଖାଉଛନ୍ତି, ତା'ର ତୁଳନା ଏକାନ୍ତ ଦୁର୍ଲ୍ଲଭ । (ଖ) ପଣ୍ଡିତ ନୀଳକଂଠ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକରେ ଏ ସାହିତ୍ୟର ( ସନ୍ଥସାହିତ୍ୟ ) ଯେଉଁ ବ୍ୟାଖ୍ୟା କରିଛନ୍ତି, ତାହା କେବଳ ଅଭିନବ ଓ ଅନବଦ୍ୟ ନୁହେଁ, ଏପରି ସମାଲୋଚନା ଏ ସାହିତ୍ୟରେ ଯଥାର୍ଥରେ ଅନନ୍ୟ ସାଧାରଣ । (ଗ) ପଣ୍ଡିତ ନୀଳକଂଠଙ୍କ 'ସଂସ୍କୃତି' ସର୍ବସ୍ୱ ଆଲୋଚନାରେ ଭଞ୍ଜ ସାହିତ୍ୟରେ ସ୍ୱକୀୟା ପ୍ରୀତିର ତାତ୍ପର୍ଯ୍ୟ ଏକମାତ୍ର ଅଭିନବ ସାହିତ୍ୟିକ ସମାଲୋଚନା । ଏଇ ଭବଧାରାଟି ପରବର୍ତ୍ତୀ ଆଧିକାଂଶ ଲେଖକଙ୍କ ଆଲୋଚନାରେ ପ୍ରାୟ ଦେଖିବାକୁ ମିଳେ ।
'( ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି, ୧୯୮୧, ପୃ ୨୪୦-୪୨ )

## ନୀଳକଂଠଂକ ଆଲୋଚନାମାନ ଭ୍ରାନ୍ତଶୂନ୍ୟ ବୋଲି କୁହାଯାଇ ନପାରେ

ପଣ୍ଡିତ ନୀଳକଂଠ ଦାସ ନୂଆ ଢଙ୍ଗରେ ଓଡ଼ିଆ ସାହିତ୍ୟର ଆଲୋଚନା କରିଥିଲେ । ଏହା ଫଳରେ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଏକ ନୂତନ ଧାରା ଉନ୍ମୋଚିତ ହେବା ସହିତ ବହୁ ତଥ୍ୟମାନ ଆବିଷ୍କୃତ ହେଲା । ଏ ସବୁ ସତ୍ତ୍ୱେ ଯେ ନୀଳକଂଠଙ୍କ ଆଲୋଚନା ଭ୍ରାନ୍ତି ଶୂନ୍ୟ ତାହା କୁହାଯାଇନପାରେ । ତାଙ୍କ ଆଲୋଚନାରେ ସଂଫଳତା ସାଙ୍ଗକୁ ବିଫଳତା ମଧ୍ୟ ରହିଛି । ଓଡ଼ିଆର ମୌଳିକ ସଂସ୍କୃତି ପ୍ରତି ଗୁରୁତ୍ୱ ଦେବାରୁ ଚର୍ଯ୍ୟା ସାହିତ୍ୟ, ବୈଷ୍ଣବ ସାହିତ୍ୟ ତଥା ଦାର୍ଢ୍ୟତା ଭକ୍ତି ଭଳି ମହିମା ବର୍ଣ୍ଣନା ମୂଳକ ଗ୍ରନ୍ଥଗୁଡ଼ିକ ପ୍ରତି ତାଙ୍କର ମତାମତ ଅତ୍ୟନ୍ତ

Digitized by PPRACHIN, SOA

ଅନୁଦାର ହୋଇପଡ଼ିଛି । ଏହାର କାରଣ ଓଡ଼ିଆ ସଂସ୍କୃତି ସଂପର୍କରେ ତାଙ୍କର ରୂଢ଼ୀବାଦୀ ଧାରଣା ଯେତିକି ନୁହେଁ—ସେତିକି ଦାୟୀ ତାଙ୍କର ଜାତୀୟତା ଓ ସମାଜସଙ୍ଗଠନ ପାଇଁ ରାଜନୀତିକ ବିଶ୍ୱାସ । 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥର ମୁଖବନ୍ଧରେ ସେ ସ୍ୱୀକାର କରିଛନ୍ତି— "ସାହିତ୍ୟ ଆଲୋଚନାର ପ୍ରବନ୍ଧମାନଙ୍କ ସମ୍ବନ୍ଧରେ କେବଳ ଏତିକି କହିପାରେ- ଯେ ସତ୍ୟବାଦୀ ବିଦ୍ୟାଳୟ ଯେଉଁ ଉଦ୍‌ବୋଧ ଉପରେ ପ୍ରତିଷ୍ଠିତ ହୋଇଥିଲା, ଏହା ସେଇ ଉଦ୍‌ବୋଧର ବହିଃ ପ୍ରକାଶ ମାତ୍ର । × × ଆମର ସବୁ ଥିଲା ଓ ଆମ କବି, ଆମ ଲେଖକ ବଡ଼ ଇଂରେଜମାନେ ନଷ୍ଟ କରି ଦେଇଥିବା ଆମ ଶିଳ୍ପପରି ଆଉ କାହାରି ନ ଥିଲା ପ୍ରଭୃତି ଭାବ ଯେ ଏଥିରେ ପୂରି ରହିଥିଲା, ଏହା ନ କହିଲେ ମଧ୍ୟ ବୁଝାଯାଉଚି । ସେଇ ଭାବର ଛାୟା ନ୍ୟୁନାଧିକ ପରିମାଣରେ ମୋର ଏଇ ସବୁ ପେ ଯୁଗର ଆଲୋଚନା ଭିତରେ ଦେଖା ପଡ଼ିବ ।" ଏହା ବ୍ୟତୀତ ରୁଷିଆରେ ଆରମ୍ଭ ହୋଇଥିବା ସମାଜ ଗଠନର ଆଦର୍ଶ ମଧ୍ୟ ନୀଳକଂଠଙ୍କ ସମାଲୋଚନାର ପ୍ରତିଫଳିତ ହୋଇଥିଲା । ଭାଷା ଓ ସାହିତ୍ୟ ସୂତ୍ରରେ ସମାଜଗଠନକୁ ମହାତ୍ମାଗାନ୍ଧୀ ମଧ୍ୟ ଗ୍ରହଣ କରିଥିଲେ । ପ୍ରତ୍ୟେକ ଭାଷା, ସାହିତ୍ୟ ଓ ସଂସ୍କୃତି ସ୍ୱତନ୍ତ୍ର । ଏହାରି ଆଧାରରେ ସମାଜ ଗଠିତ ହେବା ଆବଶ୍ୟକ ବୋଲି ନୀଳକଣ୍ଠ ବିଶ୍ୱାସ କରୁଥିଲେ । ତାଙ୍କ ମତରେ "ପୃଥିବୀରେ ଆଜି ସମାଜ ଗଠନର ଆଦର୍ଶ ଓ ଉଦ୍ଦେଶ୍ୟ ଯାହା ହୋଇଚି ସେଇ ଦୃଷ୍ଟିରେ ଆମ ସାହିତ୍ୟର ଆଲୋଚନା କରିବାକୁ ହେବ" (ଗ୍ରନ୍ଥାବଳୀ ୩, ପୃ ୭) । ଓଡ଼ିଆ ସଂସ୍କୃତିର ମୂଳ ଅନ୍ୱେଷଣ, ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ଓ ଏହା ଆଧାରରେ ସାହିତ୍ୟର ଆଲୋଚନା ପାଇଁ ନୀଳକଂଠ ଏସବୁ ଅନୁଭବ ଦ୍ୱାରା ପ୍ରଭାବିତ ହୋଇଥିଲେ ।

## ନୀଳକଣ୍ଠ ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶ ପ୍ରତି ଦୃଷ୍ଟି ଦେଇ ନ ଥିଲେ :

ସମାଜ, ସଦା ପରିବର୍ତ୍ତନଶୀଳ ବା ବିକାଶଶୀଳ । ତେଣୁ ସମାଜ ଭିତ୍ତିକ ସଂସ୍କୃତି ମଧ୍ୟ ପରିବର୍ତ୍ତନଶୀଳ । ଚିର ପରିବର୍ତ୍ତନଶୀଳ ସଂସ୍କୃତି ପ୍ରତ୍ୟେକ ସମୟରେ, ପ୍ରତ୍ୟେକ ପରିସ୍ଥିତିରେ ନୂଆ ନୂଆ ରୂପ ନେଇ ଉଦ୍‌ଭାସିତ ହୋଇଥାଏ ଓ ସାହିତ୍ୟ କର୍ମକୁ ସେହି ଭାବରେ ପ୍ରେରିତ କରୁ-

Digitized by PPRACHIN, SOA

ଥାଏ । ସମାଜ, ସଂସ୍କୃତି ଓ ସାହିତ୍ୟ ସଂପର୍କରେ ନୀଳକଂଠଙ୍କ ଯେଉଁ ଧାରଣା ପ୍ରବଂଧର ଆଦ୍ୟରୁ ଆଲୋଚିତ ହୋଇଛି ସେଥିରୁ ନୀଳକଂଠ ଏକଥା ବୁଝି ନ ଥିଲେ ବୋଲି କୁହାଯାଇ ନ ପାରେ । ଏତିକି କେବଳ କୁହାଯାଇ ପାରେ ତାଙ୍କ ସମାଲୋଚନାରେ ଏହି ଚିନ୍ତା ପ୍ରତିଫଳିତ ହୋଇ ନାହିଁ । କାରଣ ସେ ଓଡ଼ିଆ ସାହିତ୍ୟର ସାଂସ୍କୃତିର ବିକାଶ ପ୍ରତି ଦୃଷ୍ଟି ଦେଇ ନାହାନ୍ତି । ସେ ଉତ୍କଳୀୟ ମୌଳିକ ସଂସ୍କୃତିକୁ ସମଗ୍ର ଓଡ଼ିଆ ସାହିତ୍ୟ ମଧ୍ୟରୁ ଠାବ କରିଛନ୍ତି । 'ମୂଳର ଗୃହାଣି ଓ ଚଳଣିକୁ ଲକ୍ଷ୍ୟ କରି ଭଷାର ପ୍ରକାଶରେ ବିଚ୍ରର, ବର୍ଣ୍ଣନା ଓ ବ୍ୟଞ୍ଜନାକୁ, ବିକାଶ ଓ ବିତ୍‌ପାତ ଭିତରେ ଫେଡ଼ି ଦେଖିବାକୁ ସେ ଚେଷ୍ଟା କରିଛନ୍ତି । ଏହା ହି ତାଙ୍କ ଆଲୋଚନାର ଉଦ୍ଦେଶ୍ୟ । ସେଥିପାଇଁ ଶବର-କଳିଙ୍ଗ-ଆର୍ଯ୍ୟ ଅଧ୍ୟୁଷିତ ଉତ୍କଳୀୟ ସଂସ୍କୃତି ହିଁ ତାଙ୍କ ସଂସ୍କୃତି ଧାରଣାର ମୋଟା କଥା । ଜଗନ୍ନାଥହିଁ ତାଙ୍କ ସଂସ୍କୃତି ଧାରଣାର ମୂର୍ତ୍ତିମନ୍ତ ବିଗ୍ରହ । ସେଥିପାଇଁ ତାଙ୍କ ଆଲୋଚନାରେ ସହଜିଆ ସଂସ୍କୃତି ଓ ସାହିତ୍ୟ, ଗୌଡ଼ୀୟ ବୈଷ୍ଣବ ଧର୍ମ ଓ ତତ୍ ପ୍ରଭାବିତ ସାହିତ୍ୟ ତଥା ପାଲା, ତ୍ରିନାଥମେଳା, ଦାର୍ଢ୍ୟତାଭକ୍ତି ପ୍ରଭୃତି ଓଡ଼ିଆ ସାହିତ୍ୟର ନିପାତନ ଭବେ ଗୃହୀତ ହୋଇଛି ।

## ଚିତ୍ତରଂଜନ ଦାସଙ୍କ ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶ ଧାରା ଏକ ଉଲ୍ଲେଖଯୋଗ୍ୟ କୃତି

ଯାହାହେଉ, ପଣ୍ଡିତ ନୀଳକଂଠ ଦାସ ଓଡ଼ିଆ ସଂସ୍କୃତିକୁ ଭିତ୍ତି କରି ଓଡ଼ିଆ ସାହିତ୍ୟରେ ଯେଉଁ ସମାଲୋଚନା ଧାରାର ଅୟମାରମ୍ଭ କରିଥିଲେ ତାହା ଆଜି ସୋପାନ ଅତିକ୍ରମ କରି ଚିତ୍ତରଂଜନ ଦାସଙ୍କ ପର୍ଯ୍ୟନ୍ତ ପହଂଚି ସାରିଛି । ନୀଳକଂଠଙ୍କ ଆଲୋଚନା ପରେ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା ଦ୍ୱାରା ପ୍ରକାଶିତ ଚିତ୍ତରଞ୍ଜନ ଦାସଙ୍କ 'ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶ ଧାରା' ଯେ ଏକ ଉଲ୍ଲେଖ ଯୋଗ୍ୟ ତଥା ଅଭିନବ କୃତି—ଏଥିରେ ସଂଦେହ ନାହିଁ ।

ଓଡିଆ ବିଭାଗ, ବିଶ୍ୱଭାରତୀ
ଶାନ୍ତିନିକେତନ

Digitized by PPRACHIN, SOA

# ନୀଳକଂଠଂକ ପ୍ରବନ୍ଧ ସାହିତ୍ୟରେ ସାଂସ୍କୃତିକ ଅବବୋଧ

## ଶ୍ରୀ ସୁବାସ ଚନ୍ଦ୍ର ସାହୁ

ନୀଳକଂଠଂକ ଭଷାରେ, "କଂଗ୍ର ଓଡ଼ିଆରେ କହିଲେ ଗ୍ରହାଣି, ଚଳଣି ଓ ଚମକ ଏଇ ତିନୋଟିରେ ସମାଜର ସଂସ୍କୃତି ଦେଖାପଡ଼େ । ଗ୍ରହାଣି ବୋଇଲେ ଦର୍ଶନ ଓ ଦୃଷ୍ଟିଭଙ୍ଗୀ; ଏଥିରେ ତତ୍ତ୍ୱକଥା ଆଲୋଚନା ଓ ଆବିଷ୍କିୟା ସବୁ ରହିଲା । ଚଳଣି କହିଲେ, ସମାଜରେ ଆଦାନ ପ୍ରଦାନ ଘଟିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ସୃଷ୍ଟି ତଥା, କଳାର ସୃଷ୍ଟି—ସବୁ ବୁଝାଯିବ । ଚମକ ବୋଇଲେ—ସଂକେତରେ ଆକସ୍ମିକତା ଓ ଭାବର ଅମାପ ସ୍ଫୁରଣ । ଚାହାଣି ଓ ଚଳଣି ଭିତରେ ଏଇ ଚମକ ସର୍ବତ୍ର ପ୍ରକାଶ ପାଏ । ଏହାଇ କଳା, କବିତା ସୌଷ୍ଟବ ଓ ସୌନ୍ଦର୍ଯ୍ୟ ଭିତରେ ମନୁଷ୍ୟକୁ ଆନନ୍ଦ ଆଡ଼କୁ ଆକର୍ଷଣ କରେ ।" ନୀଳକଂଠଂକ ଉକ୍ତିକୁ ଆଉ ଟିକିଏ ସ୍ୱଷ୍ଟ କରି କହିଲେ—ସମୟର ଗତି ଓ ସାମାଜିକ ପ୍ରଗତି ଦେଇ ସମାଜ ଜୀବନରେ ପ୍ରତିଫଳିତ ଚିନ୍ତା ଓ ଚଳଣିର ବିଶିଷ୍ଟରୂପ ସଂସ୍କୃତି । ପ୍ରତ୍ୟେକ ସାମାଜିକର ବ୍ୟକ୍ତିଗତ ଜୀବନଚର୍ଯ୍ୟା, ଗ୍ରଲି-ଚଳନ, ରୀତି-ନୀତି, ହାବ-ଭବ ଆଧ୍ୟାତ୍ମିକ ଦୃଷ୍ଟି, ସାମାଜିକ ତଥା ପାରିବାରିକ ସଂପର୍କ ଇତ୍ୟାଦି ତା'ର—ଚଳଣି । ସେହିପରି ଗୋଷ୍ଠୀ ମଣିଷର ମିଳିତ ଉଦ୍ୟମ ସାପେକ୍ଷ, କଳା ଓ ସାହିତ୍ୟ ଦର୍ଶନ ଓ ବିଜ୍ଞାନରେ ଫୁଟି ଉଠୁଥିବା ସ୍ୱତନ୍ତ୍ର ମୌଳିକ ଦୃଷ୍ଟି ତାର—'ଚିନ୍ତା' । ସମାଜ ବ୍ୟବସ୍ଥାର ଐତିହାସିକ ବିବର୍ତ୍ତନ ପ୍ରକ୍ରିୟାରେ ସଂଚିତ ଅନୁଭୂତି ଓ ଅଭିଜ୍ଞତାର ରୂପାତ୍ମକ ପ୍ରକାଶ—"ଚିନ୍ତା ଓ ଚଳଣି" । ଚିନ୍ତା ଓ ଚଳଣି ସମାଜର ସମୃଦ୍ଧି ଓ ପ୍ରଗତିର କାରଣ । ଏହା ମଣିଷର ନୀତି ଓ ଆଦର୍ଶର କୋଠାଘର । ଚିନ୍ତା ଓ ଚଳଣିରେ ନୀତି ଓ ଆଦର୍ଶଗତ ପାର୍ଥକ୍ୟ ଯୋଗୁଁ ଗୋଟାଏ ସଂସ୍କୃତି ଅନ୍ୟ ଏକ ସଂସ୍କୃତିଠାରୁ ପୃଥକ । ଉଦାହରଣ ସ୍ୱରୂପ—ଇସ୍‌ଲମୀୟ ଦେବାରାଧନା ପଦ୍ଧତି, ବୈବାହିକ ଓ

Digitized by PPRACHIN, SOA

ପାରିବାରିକ ସଂପର୍କ, ସାମାଜିକ ନୀତିଗତ ଆଦର୍ଶ ଇତ୍ୟାଦି ସନାତନ ହିନ୍ଦୁ ପରଂପରଠାରୁ ଭିନ୍ନ । ଭୌଗୋଳିକ ଅବସ୍ଥିତି, ଜାତି, ଧର୍ମ, ବର୍ଣ୍ଣ, ମାନସିକ ଚିନ୍ତନ ଶକ୍ତିର କ୍ଷୀପ୍ରତା ଓ ମନ୍ଥରତା ଇତ୍ୟାଦି କାରଣରୁ ମଧ୍ୟ ସାଂସ୍କୃତିକ ପାର୍ଥକ୍ୟ ଦେଖାଦେଇଥାଏ ।

## କୁସଂସ୍କାର ସହିତ ସଂସ୍କୃତିର ବୈମାତୃକ ସଂପର୍କ

କୁସଂସ୍କାର ସହ ସଂସ୍କୃତିର ବୈମାତୃକ ସଂପର୍କ । ସମାଜ ରକ୍ଷଣଶୀଳ ହେଲେ କୁସଂସ୍କାରର ବିସ୍ତୃତି ଘଟେ । ସମାଜର ଧର୍ମ ମୂଳଭିତ୍ତି, ସମାଜପତିମାନଙ୍କ ସ୍ୱାର୍ଥାନ୍ୱେଷୀ ମତବାଦର ପ୍ରଣୟନ, ଭିନ୍ନଧର୍ମ ସଂସ୍କୃତିର ପ୍ରଭାବ ଜନିତ ସ୍ୱସଂସ୍କୃତି ନିଷ୍ପାର ଭୟ ଓ ଆଶଙ୍କା, ପ୍ରଭାବଶାଳୀ ସମାଜ ସଚେତନ ଚିନ୍ତାଶୀଳ ବ୍ୟକ୍ତିର ଅଭାବ ଆଦି କାରଣଯୋଗୁଁ ସମାଜ ରକ୍ଷଣଶୀଳ ହୋଇପଡ଼େ । ଉନ୍ନତ ଚିନ୍ତା, ଦର୍ଶନ ଓ ଶିକ୍ଷାର ସଂସ୍ପର୍ଶରେ ଆସିଥିବା ଚିନ୍ତାଶୀଳ ବ୍ୟକ୍ତି କିମ୍ବା ଶାସକ ପ୍ରଣୀତ ଆଇନ ଦ୍ୱାରା ସଂସ୍କୃତିରୁ କୁସଂସ୍କାର ଦୂର କରିବାର ଉଦ୍ୟମ କରଯାଇଥାଏ । ଫଳରେ ସମାଜ ଓ ସଂସ୍କୃତି ନିଜସ୍ୱ ମୌଳିକ ଆଦର୍ଶକୁ ଧରି ରଖି ପ୍ରଗତି ଓ ବିକାଶ ପଥରେ ଆଗେଇଯାଏ । ତେଣୁ ଯଥାର୍ଥରେ କୁହାଯାଇଥାଏ— ସମୟର ଆବଶ୍ୟକତା, ଯୁଗୀୟ ରୁଚିବୋଧର ଦାବୀକୁ ସ୍ୱୀକାର କରି ଯେଉଁ ସଂସ୍କୃତି ନିଜସ୍ୱ ମୌଳିକ ଦୃଷ୍ଟି ଓ ଦର୍ଶନରେ ଅଟଳ ରହି ଯୁଗୋପଯୋଗୀ ସଂସ୍କାର ଆଣିପାରେ ସେହି ସଂସ୍କୃତି ସେତିକି ଉନ୍ନତ ଓ ସମୃଦ୍ଧ ।

## ଭାରତରେ ସଂସ୍କୃତିର ବିକାଶ

ଊନବିଂଶ—ବିଂଶଶତାବ୍ଦୀ ଭାରତ ତଥା ଓଡ଼ିଶା ପାଇଁ ଏକ ଯୁଗୀୟ ସଂକଟର ସମୟ । ଏହି କାଳ ମଧ୍ୟରେ ଇଂରେଜୀ ସଭ୍ୟତା ଓ ସଂସ୍କୃତିର ସିଧାସଳଖ ପ୍ରଭାବରେ ଭାରତୀୟ ଯୁଗଚେତନାର ଯେଉଁ ଆଲୋଡ଼ନ ଦେଖାଦେଇଥିଲା, ତାହା ଭାରତୀୟ ଚିନ୍ତାରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଥିଲା । ଇଂରେଜମାନଙ୍କ ଖ୍ରୀଷ୍ଟିୟାନ ଧର୍ମ-ପ୍ରଚାର ଓ ପ୍ରସାରର ପ୍ରଚେଷ୍ଟା, ରାଜକାର୍ଯ୍ୟରେ ସହାୟତା ଦୃଷ୍ଟିରୁ

Digitized by PPRACHIN, SOA

ଭାରତୀୟମାନଙ୍କୁ କିରାଣୀ ଭାବେ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଶିକ୍ଷାଦାନର ବ୍ୟବସ୍ଥା ନୂତନ ଶିଳ୍ପ ପ୍ରତିଷ୍ଠା, ବୈଷୟିକ ଜ୍ଞାନର ପ୍ରୟୋଗ ଓ ପ୍ରସାର, ରେଳ, ଡାକ, ତାର ଆଦି ସୁବିଧାମାନ ନିଜ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ପରୋକ୍ଷ ଭାବରେ ଏହା ଯେ ଭାରତୀୟ ଜନମାନସର ଜ୍ଞାନଚକ୍ଷୁ ଉନ୍ମୋଚନର କାରଣ ହୋଇଥିଲା ଏହା ଅସ୍ୱୀକାର କରାଯାଇନପାରେ । ଏହାଛଡ଼ା ଇଂରେଜ ଶାସକମାନଙ୍କ ପ୍ରଣୀତ କୁସଂସ୍କାର ବିରୋଧୀ ଆଇନ୍ ପ୍ରଣୟନ ଦ୍ୱାରା ସଂସ୍କାରର ଯେଉଁ ସବୁ ଉଦ୍ୟମ କରାଗଲା, ତାହା ଭାରତୀୟମାନଙ୍କୁ ନିଜ ବିଷୟରେ ଚିନ୍ତା କରିବା ପାଇଁ ପ୍ରେରଣା ଯୋଗାଇ ଥିଲା । ଖ୍ରୀଷ୍ଟିୟାନ ଧର୍ମ କବଳରୁ ନିଜର ସଂସ୍କୃତି ଓ ସମାଜ ବ୍ୟବସ୍ଥାକୁ ରକ୍ଷା କରିବା ପାଇଁ ଭାରତୀୟ ଧର୍ମୀୟ ପରଂପରା ଓ ସମାଜ ନୀତିରେ ମଧ୍ୟ ପରିବର୍ତ୍ତନର ପ୍ରଚେଷ୍ଟା ଏହି ସମୟରେ ଦେଖାଯାଏ । ଏହାଛଡ଼ା ଶକ୍ତିଶାଳୀ ଇଂରେଜ ସରକାରର ଶୋଷଣରୁ ମୁକ୍ତ ହେବା ପାଇଁ ତତ୍କାଳୀନ ଜନମାନସ ଚିନ୍ତା କରୁଥିବାବେଳେ ପ୍ରାନ୍ତୀୟ ବା ଆଞ୍ଚଳିକ ଜାତି ପ୍ରେମର ଅନ୍ତଃସଲିଳା ଫଲ୍‌ଗୁଧାରା ଉପଲବ୍ଧ ହୁଏ ।

## ଓଡ଼ିଶାରେ ଊନବିଂଶ ଶତାବ୍ଦୀର ଶେଷରେ ନବଜାଗରଣର ସୃଷ୍ଟି

ଓଡ଼ିଶାରେ ଏହି ନବଜାଗରଣ ବିଶେଷତଃ ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଉପଲବ୍ଧ ହୁଏ । ଏହାର ପ୍ରଭାବରେ ଉତ୍କଳୀୟ ଚେତନା ରାଜ୍ୟରେ ଯେଉଁ ଦୁଇଗୋଟି ପରିବର୍ତ୍ତନ ଆସିଥିଲା ତାହା ହେଉଛି– ୧) ସଂସ୍କାରବାଦୀ ଦୃଷ୍ଟି ୨) ଭାଷା ଓ ସାହିତ୍ୟକୁ ନେଇ ପ୍ରାଦେଶିକ ଜାତି ପ୍ରେମ । ଏହି ଆନ୍ଦୋଳନର ବିଶିଷ୍ଟ କର୍ମଧାରମାନେ ଥିଲେ– ଫକୀରମୋହନ, ରାମଶଙ୍କର, ଗୌରୀଶଙ୍କର, ବିଶ୍ୱନାଥ ଓ ଜଗମୋହନ ପ୍ରମୁଖ । ଏମାନେ ସାହିତ୍ୟ ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଯେଉଁ ଗଣଚେତନା ଜାଗୃତିର ପ୍ରଚେଷ୍ଟା ଚଳାଇଥିଲେ, ତାହା ଏ ସାହିତ୍ୟକୁ ପରବର୍ତ୍ତୀ କାଳରେ ସମ୍ମାନ ଓ ସ୍ୱୀକୃତି ଆଣି ଦେଇଥିଲା । ଏମାନଙ୍କ ସଂସ୍କାରବାଦୀ ଆନ୍ଦୋଳନ ବିଶେଷ କରି ସାହିତ୍ୟିକ ରଚନା ଗୁଡ଼ିକରେ ଫୁଟି ଉଠିଥିଲେ ମଧ୍ୟ ଏ କ୍ଷେତ୍ରରେ କୌଣସି ଗୋଷ୍ଠୀଗତ ବା ବ୍ୟକ୍ତିଗତ ପ୍ରଚେଷ୍ଟା ପ୍ରାୟ ଦେଖାଯାଏ ନାହିଁ ।

Digitized by PPRACHIN, SOA

## ବିଂଶ ଶତାବ୍ଦୀରେ ସତ୍ୟବାଦୀର ସାଧକଗଣ :

ପରବର୍ତ୍ତୀ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଏହି ନବ ଜାଗରଣର ପୂର୍ଣ୍ଣ ପ୍ରୟୋଗାତ୍ମକ ରୂପ ପରିଲକ୍ଷିତ । ଏହି ସମୟର ଶ୍ରେଷ୍ଠ ଚିନ୍ତାନାୟକ-ଗଣ ସେବା, ସଂସ୍କାର, ଆଞ୍ଚଳିକ ଜାତୀୟ ପ୍ରେମସହ ଏକ ସର୍ବଭାରତୀୟ ଜାତୀୟ ଚେତନା ଆଦି ବିଷୟରେ ଓଡ଼ିଶୀ ଜନମାନସକୁ ବହୁ ଭାବରେ ପ୍ରଭାବିତ କରିଥିଲେ । ପୂର୍ବସୂରୀମାନଙ୍କ ପରି ଏମାନେ ଆଉ ବାକ୍ୟବୀର ନ ହୋଇ, କର୍ମବୀର ସାଜି ସଂସ୍କାର ଓ ସେବାର ଯେଉଁ ମହାନ୍ ଆଦର୍ଶ ଏ ଜାତି ଆଗରେ ଥୋଇ ଯାଇଛନ୍ତି, ତାହା ଅନବଦ୍ୟ । ବ୍ୟକ୍ତିଗତ ଜୀବନରେ ସମସ୍ତ କୁସଂସ୍କାରକୁ ଅତି ଦୃଢ଼ ଭାବରେ ଅସ୍ୱୀକାର କରି, ତତ୍କାଳୀନ ଏହି ମହାପୁରୁଷଗଣ ଓଡ଼ିଶୀ ସଂସ୍କୃତିକୁ ଯେଉଁ ସାବଲୀଳ-ରୂପ ପ୍ରଦାନ କରିଛନ୍ତି ତାହା ପ୍ରତ୍ୟେକ ଓଡ଼ିଆକୁ ଏବେ ବି ସ୍ମରଣ କରାଇ ଦିଏ, ସେହି ମହାନ୍ ଦେଶ ସେବକମାନଙ୍କୁ । ଏହି ମହାନ୍ ପୁରୁଷଗଣ ଥିଲେ– ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ଗୋଦାବରୀଶ ଓ ପଂଡ଼ିତ ନୀଳକଂଠ ପ୍ରମୁଖ । ଏମାନେ ପ୍ରତ୍ୟେକେ ଭାଷା ଓ ସାହିତ୍ୟ, ରାଜନୀତି ଓ ସମାଜ ସେବା, ସଂସ୍କାର ଓ ସଂସ୍କୃତି ଚେତନା ଆଦି କ୍ଷେତ୍ରରେ ଖୁବ୍ ଦକ୍ଷତାର ସହ ସାଫଲ୍ୟ ଅର୍ଜନ କରି ପାରିଥିଲେ । ଏହି ସମୟକୁ ଓଡ଼ିଶା ଇତିହାସର ସୁବର୍ଣ୍ଣଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ସମାଜ ଜୀବନରୁ ପାପ-ଭ୍ରଷ୍ଟାଚାର ଅନୀତି-ଅନାଚାର, ଅନ୍ଧବିଶ୍ୱାସ-କୁସଂସ୍କାର ଆଦି ଦୂର କରି ସବୁଠି ସେହି ଶୁଦ୍ଧ ସଂସ୍କୃତ ମହାନ୍ ସନାତନ ମନ୍ତ୍ରର ପ୍ରଚାର ଓ ପ୍ରସାର କରି ଏମାନେ ଉତ୍କଳୀୟ ବ୍ୟକ୍ତି ଚେତନାରେ ଅଫୁରନ୍ତ ଆନନ୍ଦ ଓ ପ୍ରାଣ ପ୍ରାଚୁର୍ଯ୍ୟ ଭରି ଦେଇଥିଲେ ।

## ସତ୍ୟବାଦୀର ଇତିହାସରେ ନୀଳକଂଠ ବିସ୍ମୟାଦୀପ୍ତ ବ୍ୟକ୍ତିତ୍ୱ–

ସତ୍ୟବାଦୀର ଇତିହାସରେ ନୀଳକଂଠ ଏକ ବିସ୍ମୟାଦୀପ୍ତ ବ୍ୟକ୍ତିତ୍ୱ । ନିଜସ୍ୱ ଯୁକ୍ତିବତ୍ତା ଓ ସ୍ୱତନ୍ତ୍ର ବ୍ୟକ୍ତିଗତ ଦର୍ଶନ ସହ ପାରିପାର୍ଶ୍ୱିକ ପରିବେଶର ପ୍ରଭାବରେ ନୀଳକଂଠଙ୍କ ଚିନ୍ତା ଓ ଚଳଣିରେ ଯେଉଁ ବୈଶିଷ୍ଟ୍ୟ ସବୁ ଫୁଟି ଉଠିଥିଲା, ତାହାର ସଫଳ ରୂପାୟନ ତାଙ୍କୁ ଜଣେ ଉଚ୍ଚକୋଟିର

Digitized by PPRACHIN, SOA

ସାହିତ୍ୟିକ, ଦକ୍ଷ ରାଜନୀତିଜ୍ଞ, ସଚ୍ଚା ଦେଶ ସେବକ, କଠୋର ସଂସ୍କାରକ ଓ ସର୍ବୋପରି ଜଣେ ଯୁଗ ପୁରୁଷ ରୂପେ ଖ୍ୟାତି ଓ ପ୍ରତିଷ୍ଠା ଆଣି ଦେଇଥିଲା । ସାହିତ୍ୟିକ ହିସାବରେ ସେ ଯେଉଁ ସାହିତ୍ୟିକ ବିଭବ ଗୁଡ଼ିକରେ ହାତ ଦେଇଛନ୍ତି ସବୁଥିରେ ସଫଳତା ଓ ସାର୍ଥକତାର ସହ କୃତିତ୍ୱ ହାସଲ କରିଛନ୍ତି । ଶିଶୁ ସାହିତ୍ୟଠାରୁ ଆରମ୍ଭ କରି, କାବ୍ୟ-କବିତା ମଧ୍ୟ ଦେଇ ଜଣେ ମୌଳିକ ଚିନ୍ତାଶୀଳ ପ୍ରାବନ୍ଧିକ ତଥା ସମାଲୋଚକ ଭାବେ ସ୍ୱୀକୃତି ପାଇବା କମ୍ ସାଧନାର ଫଳ ନୁହେଁ । ତାଙ୍କର ପ୍ରତ୍ୟେକଟି ସୃଷ୍ଟି ମଧ୍ୟରେ ଏକ ନୂତନ ଚିନ୍ତା ସଂବଳିତ ବ୍ୟକ୍ତିଗତ ମୌଳିକ ଦର୍ଶନର ପରିଚୟ ମିଳେ । ନୀଳକଂଠଙ୍କ ଚିନ୍ତାମୂଳକ ପ୍ରବନ୍ଧଗୁଡ଼ିକରେ ଏକ ସଂସ୍କାରବାଦୀ ତୀକ୍ଷ୍ଣ ଦୃଷ୍ଟି ସହ ମଣିଷର ନୀତିବୋଧ, ତା'ର ସାମାଜିକ ସଂପର୍କ ଓ କୁସଂସ୍କାର ଆଦିର ସ୍ୱରୂପ ଓ ଉତ୍ସ ସମ୍ବନ୍ଧରେ ବହୁ ବିଶଦ ଆଲୋଚନା କରାଯାଇଛି । ଏହି ଆଲୋଚନାମୂଳକ ଚିନ୍ତା ମୂଳକ ପ୍ରବନ୍ଧ ଗୁଡ଼ିକର ଭିତ୍ତି ଭୂମି ହେଉଛି, ଭାରତୀୟ ସଂସ୍କୃତିର ମହାନ ଆଦର୍ଶଗତ ଐତିହ୍ୟର ଦାର୍ଶନିକ ବୈଶିଷ୍ଟ୍ୟ ।

## ବ୍ୟକ୍ତିହିଁ ନୀଳକଂଠଙ୍କ ସାଂସ୍କୃତିକ ଚେତନାର ମୂଳ ଉପାଦାନ

ନୀଳକଂଠଙ୍କ ସାଂସ୍କୃତିକ ଚେତନାର ମୂଳ ଉପାଦାନ ହେଉଛି ମଣିଷ ବା ବ୍ୟକ୍ତି । ଏଠାରେ ବ୍ୟକ୍ତି କହିଲେ, ଦେଶ, ଜାତି, ଧର୍ମ, ବର୍ଣ୍ଣ ସମାଜ ଇତ୍ୟାଦି । ପରେ ଯେଉଁ ମଣିଷଟି ରହେ ତାହାହିଁ ନୀଳକଂଠଙ୍କ ଚିନ୍ତାରେ ବ୍ୟକ୍ତି । ଅର୍ଥାତ୍ ସବୁକିଛି ମଣିଷଗଢ଼ା ପାଚେରୀର ସୀମା ସରହଦ ଅତିକ୍ରମ କରିବା ପରେ ଯେଉଁ ସର୍ବଶେଷ ଚିନ୍ତା ଓ ବିଗ୍ରହକ୍ଷମ ସଜୀବ-ସଚଳ ପ୍ରାଣୀଟିଏ ମିଳେ, ତାହାହିଁ ନୀଳକଂଠଙ୍କ ବ୍ୟକ୍ତି ବିଶେଷ । ଏହି ବ୍ୟକ୍ତି ବା ମଣିଷର ନିଜସ୍ୱ ସ୍ଥିତି ଓ ନିଜସ୍ୱ ସ୍ୱାଧୀନ ଚିନ୍ତା କରିବାର କ୍ଷମତା ବିଦ୍ୟମାନ ଜଣେ ମଣିଷର ଠିକ୍ କେଉଁ ପ୍ରକାର ଉଦ୍ଦେଶ୍ୟ ଓ ଚିନ୍ତା କରିବାର ଶକ୍ତି ରହିବା ଉଚିତ୍, ତାହାର ପରିସର କେତେ ସୁଦୂର-ପ୍ରସାରୀ ହେବା ଉଚିତ ଇତ୍ୟାଦି ପ୍ରଶ୍ନର ସମାଧାନ ନୀଳକଂଠ ନିଜ ପ୍ରବନ୍ଧଗୁଡ଼ିକ ମଧ୍ୟରେ ବିଶଦ ଭାବେ ଆଲୋଚନା କରିଛନ୍ତି । ଯଦି ମଣିଷ ନିଜର ମନୁଷ୍ୟତ୍ୱ ବିଷୟରେ ସଚେତନ ରହେ ତେବେ, ତା'ର ସାମାଜିକ

Digitized by PPRACHIN, SOA

ଜୀବନ ସହ ଦେଶୀୟ ଓ ଜାତୀୟ ଜୀବନ ସ୍ୱଚ୍ଛଳ ଓ ସ୍ୱାବଲମ୍ବୀ ହୋଇ ପାରିବ । ତଦନୁରୂପ ମଣିଷର ସାଂସ୍କୃତିକ ପରଂପରା ଉନ୍ନତ ଓ ସମୃଦ୍ଧ ହୋଇ ପାରିବ ।

ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଚିନ୍ତା-ଚେତନା ଓ ଚାଲି-ଚଳନ ଦୃଷ୍ଟିରୁ ପରସ୍ପରଠାରୁ ସ୍ୱତନ୍ତ୍ର ଓ ପୃଥକ । ତେଣୁ କିଏ ରାଜନୀତିଜ୍ଞ ତ କିଏ ଦାର୍ଶନିକ ଅଥବା ସାହିତ୍ୟିକ ଓ ସମାଜସେବୀ ଭାବେ ସ୍ୱତନ୍ତ୍ର ଆଦର୍ଶ ନେଇ ସମାଜରେ ପ୍ରତିଷ୍ଠା ଓ ପ୍ରତିପତ୍ତି ଅର୍ଜନ କରି ଥାଆନ୍ତି । ସମସ୍ତଙ୍କୁ ସବୁ କଥା ଭଲଲାଗେ ନାହିଁ ସମସ୍ତେ ଗୋଟାଏ ଆଦର୍ଶର ଅନୁସରଣ କରନ୍ତିନି, ସମସ୍ତଙ୍କର ଈଶ୍ୱର ବିଶ୍ୱାସ ସମାନ ନୁହେଁ । ଏତେ ଭିନ୍ନତା ସତ୍ତ୍ୱେ ସମସ୍ତେ କିନ୍ତୁ ମୋଟା କଥାରେ ଏକମତ ଏକ ରାସ୍ତାର ପଥିକ । ତାହା ହେଉଛି ମଣିଷର ନୀତିବୋଧ, ଯାହା ତାକୁ ମଣିଷ ବୋଲି ସ୍ୱୀକୃତି ଦେଇଛି । କେଉଁ ମୌଳିକ ନୀତିନିର୍ଦ୍ଦିଷ୍ଟ ପଥରେ ପଥିକ ହେଲେ ମଣିଷ ମଣିଷ ପଦବାଚ୍ୟ ହେବ ଓ ସାମାଜିକ ପ୍ରାଣୀର ସ୍ୱୀକୃତି ପାଇ-ପାରିବ ତାହା ନୀଳକଂଠଙ୍କ ସାଂସ୍କୃତିକ ଚେତନାର ଅନ୍ୟ ଏକ ବିଶିଷ୍ଟ ଦିଗ ।

## ନୀଳକଂଠଂକ ସାଂସ୍କୃତିକ ଚେତନା ଭିତ୍ତିକ ବିଭିନ୍ନ ଲେଖା

ତାଙ୍କର 'ନୀତି ଓ ପ୍ରକୃତି' 'ଅଛୁଁ ଓ ହେବୁ' ଆମର ଥିଲ କାରଣ ଥାଇପାରେ, 'ଯୌବନର ପ୍ରଭବ ଓ ପ୍ରତିଷ୍ଠା' 'ପ୍ରତିମା ପୂଜା ଓ ପ୍ରତିଭା ପୂଜା' ଆଦି ପ୍ରବନ୍ଧ ଗୁଡ଼ିକରେ ଉପରୋକ୍ତ ମାନବୀୟ ଚିନ୍ତା ଓ ଚଳଣିଗତ ଆଦର୍ଶ ବିଷୟକ ବହୁ ବିସ୍ତୃତ ଆଲୋଚନା କରାଯାଇଛି । ନୀଳକଂଠଙ୍କ ମତରେ ପ୍ରାଚୀନ ଭାରତୀୟ ବୈଦିକ ମଣିଷ, ମନୁପୁତ୍ର, ଆରଣ୍ୟ ସଭ୍ୟତାରୁ ଯେଉଁ ପ୍ରକ୍ରିୟାରେ ସଭ୍ୟ ଓ ସଂଗଠିତ ହୋଇ ପାରିଥିଲା, ସେହି ଆଦର୍ଶ ହେଉଛି ମନୁଷ୍ୟତ୍ୱର ପ୍ରକୃତ ସରଣୀ । ଏହା ହେଉଛି ମଣିଷର ବ୍ୟକ୍ତି ସଂସ୍କୃତି । ଆରଣ୍ୟ ସଂସ୍କୃତିର ମଣିଷ ଥିଲା ପଶୁ ତୁଲ୍ୟ । ପଶୁପରି ସେ ଥିଲା ସ୍ୱେଚ୍ଛାଚାରୀ । ହିଂସ୍ରତା, କ୍ଷୁଧାନିବାରଣ, ଯୌନ ସଂସର୍ଗ ଆଦିରେ ସେ ଥିଲା ସ୍ୱାଧୀନ ଓ ସ୍ୱେଚ୍ଛାଚାରୀ । ନଥିଲା ତା'ର ସମାଜ, ନଥିଲା ମଧ୍ୟ ପାରସ୍ପରିକ ସଂପର୍କର ପ୍ରଶ୍ନ । ଯାହାକୁ ଯାହା ଭଲ ଲାଗୁଥିଲା ସେ ତାହା କରୁଥିଲା । କ୍ରମେ ମଣିଷର ଏହି ସ୍ୱାଭାବିକ ପରିବର୍ତ୍ତନ

Digitized by PPRACHIN, SOA

ଆସିଲା । ସେ ଗଢ଼ିଲା ସମାଜ । ଗଢ଼ିଲା ମଧ୍ୟ ମଣିଷ ମଣିଷ ଭିତରର ସଂପର୍କ । ମଣିଷ ଏହିଠାରୁ ଜଣେ ବ୍ୟକ୍ତିବିଶେଷ ଭାବେ ପରିଗଣିତ ହେଲା । ସେହିଠାରୁ କ୍ରମେ ଗୋଷ୍ଠୀ ଜୀବନର ଅୟମାରମ୍ଭ ହୁଏ । ଫଳରେ ସମୟକ୍ରମେ ଅଭିଜ୍ଞତା ଓ ଅନୁଭୂତିରୁ ସଂଗୃହୀତ ଦର୍ଶନ ତତ୍ତ୍ୱ ଓ ମତବାଦ ଆଦିର ସୃଷ୍ଟି ହୁଏ । ଏହି କ୍ରମେ, ମଣିଷର ମାନସିକ ସ୍ତରରେ ଯେଉଁ କେତୋଟି ପ୍ରଶ୍ନ ଉଠିଲା । ତାହା ଥିଲା ନିଜର ସ୍ୱାତନ୍ତ୍ର୍ୟ ପ୍ରତି ସଚେତନତା ନୀତିବୋଧ ବା କେଉଁଟା ଭଲ ଓ କେଉଁଟା ମନ୍ଦର ସୀମାଙ୍କନ ଓ ସମାଜ ପ୍ରତି ଆନୁଗତ୍ୟ ଇତ୍ୟାଦି ।

ବିଶେଷ ଭାବେ 'ନୀତି ଓ ପ୍ରକୃତି', ଯୌବନର ପ୍ରଭାବ ଓ ପ୍ରତିଷ୍ଠା 'ଅଛୁଁ ଓ ହେବୁ' ଇତ୍ୟାଦି ପ୍ରବନ୍ଧ ଗୁଡ଼ିକରେ ଉପରୋକ୍ତ ମାନବୀୟ ଔଚିତ୍ୟବୋଧ ଉପରେ ଗୁରୁତ୍ୱ ଦିଆଯାଇଛି । 'ନୀତି ଓ ପ୍ରକୃତି' ପ୍ରବନ୍ଧରେ ନୀଳକଣ୍ଠ ମଣିଷର ନୀତିବାଦୀ ଚେତନା ଓ ଧ୍ୱଂସମୁଖୀ ପ୍ରକୃତି ମଧ୍ୟରେ ଏକ ସମନ୍ୱୟ ଆଣିବାପାଇଁ ଚେଷ୍ଟାକରିଛନ୍ତି । ତାଙ୍କ ମତରେ ମଣିଷର ଚିନ୍ତା ରାଜ୍ୟରେ ଦୁଇ ବିପରୀତମୁଖୀ ବିଭବ ପରିଦୃଷ୍ଟ—ଗୋଟାଏ ନୀତି ଓ ଅନ୍ୟଟି ପ୍ରକୃତି । ମାନବପ୍ରକୃତିର ଏଇ ବିଭବ ଦ୍ୱୟକୁ ପରସ୍ପରର ଅନୁପୂରକ ଖୋଲାଯାଇପାରେ । ଏଇ ଦିଓଟି କୁଭବର ବିଧିସଂଗତ ସମବାୟରେ ମନୁଷ୍ୟର ପ୍ରକୃତ ମନୁଷ୍ୟତ୍ୱ ପ୍ରତିଷ୍ଠା ପାଇଥାଏ । ଏହି ସମବାୟର ଏକ ଦିଗରେ ପ୍ରକୃତି ପ୍ରୟୋଜନ । ପ୍ରବଣ ନିରବଚ୍ଛିନ୍ନ ପଶୁଧର୍ମ ରଖି ମାନବର ମାନବତ୍ୱ ନିରୂପଣକରେ । ପ୍ରକୃତି ବ୍ୟତୀତ ନୀତିର ଅର୍ଥ ବା ଅସ୍ତିତ୍ୱ ନାଇ ଓ ନୀତି ବ୍ୟତୀତ ପ୍ରକୃତିର କିଛି ମୂଲ୍ୟନାହିଁ । × × × × × × । ଦିଓଟିର ସମାବୟରେ ମନୁଷ୍ୟର ମନୁଷ୍ୟତ୍ୱ ରହିଅଛି ।" ବେଦ, ବେଦାନ୍ତ-ଗୀତା ଓ ଉପନିଷଦର ଦର୍ଶନରେ ଉଦ୍‌ବୁଦ୍ଧହୋଇ ମଣିଷକୁ ମାନବୋତ୍ତର ପ୍ରତିଷ୍ଠା ଦେବାପାଇଁ ନୀଳକଣ୍ଠ ଗାଇ ଉଠିଛନ୍ତି ସେହି ବିଖ୍ୟାତ ମନ୍ତ୍ର—

"ଆପଦାଂ କଥିତଃ ପଂଥା
ଇନ୍ଦ୍ରିୟାଣାମ୍ ସଂଯମଃ ।
ତଦ୍‌ଜୟଃ ସଂପଦାଂ ମାର୍ଗୋ
ଯେନେଷ୍ଟଂ ତେନ ଗମ୍ୟତାମ୍ ।"

ଅର୍ଥାତ ଶ୍ରେୟଛାଡ଼ି କଲ୍ୟାଣକର ପ୍ରେୟର ପଥ ଅନୁସରଣ କର ।

Digitized by PPRACHIN, SOA

ମଣିଷ ଜୀବନର ମୂଳ ସନାତନୀ ପରଂପରା କ୍ରମ ବିବର୍ତ୍ତନ ଦର୍ଶାଇ ପଣ୍ଡିତ ନୀଳକଣ୍ଠ ମଣିଷକୁ ଏକ ନିର୍ବିପଥର ପଥଗ୍ରାମୀ ହେବାପାଇଁ ଆହ୍ୱାନ ଜଣାଇଛନ୍ତି । ସେଠି ଧର୍ମ, ଜାତି, ବର୍ଣ୍ଣ ଓ ଗୋଷ୍ଠୀର ପ୍ରଶ୍ନନାହିଁ । ସବୁକଥା ଖାଲି ମାନବୋତ୍ତର କଲ୍ୟାଣ ଉଦ୍ଦେଶ୍ୟରେ ଉଚ୍ଚାରିତ ଓ ଅନୁପ୍ରେରିତ । ନୀତି ଓ ପ୍ରକୃତି ପ୍ରବନ୍ଧର ଶେଷଭାଗରେ ନୀଳକଣ୍ଠ ଯାହା କହିଛନ୍ତି, ତାହା ଏହିକ୍ଷେତ୍ରରେ ବିଶେଷ ପ୍ରଣିଧାନ ଯୋଗ୍ୟ ।

"ଅତଏବ ମାନବ ! ପ୍ରକୃତିର ମହା ବିଭକ୍ଷିକାମୟ କରାଳ ମୁଖ-ବ୍ୟାଦାନ ନିଜ ମଧ୍ୟରେ ଅବଲୋକନ କରି ସାବଧାନ ହୁଅ, ମୋହମନ୍ତ୍ରରେ ମୁଗ୍ଧ ହୋଇ ଆଦର୍ଶର ଅପପ୍ରୟୋଗ କର ନାହିଁ । ପଶୁ ଓ ମନୁଷ୍ୟର ପ୍ରଭେଦ ଅବଲୋକନ କରି ଶୀଘ୍ର ପ୍ରକୃତ ମନୁଷ୍ୟତାରେ ନିଜର ପୀଠ ସ୍ଥିର କର । ଦିନେ ତୁମର ଶରୀର ସମ୍ବନ୍ଧରେ ତୁମର ସ୍ୱାର୍ଥ ସାଧନରେ ଉଦ୍ଦେଶ୍ୟ ଥିଲା । ସେତେବେଳେ ତୁମେ ସ୍ୱାର୍ଥରେ ଅନ୍ଧ ଥିଲ । ଆଜି ସେ ସ୍ୱାର୍ଥର ଆକାର ବଦଳି ଯାଇଛି । ସ୍ୱାର୍ଥରେ ଅନ୍ଧ ହୋଇ ବରଂ ଆଜି ତୁମେ ସେଇ ସ୍ୱାର୍ଥ ଚକ୍ଷୁରେ ସମସ୍ତ ଜଗତକୁ ଦେଖୁ ଅଛ । ଏବେ ଚାହିଁ, ସର୍ବତ୍ର ତୁମେ ତୁମର ପ୍ରତି ରୂପ ମାତ୍ର ଦେଖିବାକୁ ପାଉଅଛ । ଆଉ ମନୁଷ୍ୟ ମନୁଷ୍ୟର ଭେଦ ନାହିଁ । ତୁମେ ଏକ ଅପୂର୍ବ ଆତ୍ମା ସର୍ବତ୍ର ସମାନ ଭାବରେ ବିକଶିତ ଥିବାର ଅନୁଭବ କରୁଅଛ ଓ ସେହି ଆତ୍ମା ତୁମ ମଧ୍ୟରେ ତୁମର ସମସ୍ତ ଗତି ବିଧି ନିୟମିତ କରୁଅଛି । ଫଳତଃ ତୁମେ ଆଜି ନୀତିରେ ପ୍ରକୃତିକୁ ଜିଣି ଅଛ । ଆଦର୍ଶ ବଳରେ ପ୍ରକୃତିର ଚପଳ ତରଙ୍ଗ ନିୟମିତ ହୋଇଅଛି । ସାର୍ବଜନୀନ ଆତ୍ମା ମଧ୍ୟରେ ତୁମର ସମସ୍ତ ଗତିବିଧି ନିୟମିତ କରୁଅଛି । ହୀନ ସ୍ୱାର୍ଥ ପ୍ରୟାସୀ ପଶୁ ପ୍ରକୃତିକୁ ଆତ୍ମା ପରାସ୍ତ ଓ ବିଧ୍ୱସ୍ତ ହୋଇ ବିଶ୍ୱ ପ୍ରେମର ମୃତସଂଜୀବନୀ ଶକ୍ତିରେ ଉନ୍ନତ ଓ ପ୍ରଶସ୍ତତର କର୍ମ କ୍ଷେତ୍ରରେ ଉଜ୍ଜୀବିତ ହୋଇଅଛି । ତୁମେ ଆଜି ଜୀବନ୍ମୁକ୍ତ ହୋଇଅଛ, ତୁମର ଆତ୍ମା ଆଜି ପଶୁ ଧର୍ମରେ ଲିପ୍ତ ରହି ତୁମର ଶତ୍ରୁ ନୁହେଁ । ଏହା ପ୍ରକୃତ ମନୁଷ୍ୟତାର ଅବତାର ସ୍ୱରୂପ ହୋଇ ତୁମର ତଥା ଜଗତର ମିତ୍ରତ୍ୱରେ ଅଧିଷ୍ଠିତ ହୋଇଅଛି ।" ଏହାହିଁ ନୀଳକଂଠଙ୍କ ମଣିଷର ମନୁଷ୍ୟତା ଓ ତା'ର ସମୃଦ୍ଧ ଜୀବନ ସଂପର୍କୀତ ବାଣୀ ଯାହାକି ମଣିଷକୁ ଉତ୍ସାହିତ କରେ, ମହାନ ହେବାକୁ ପ୍ରେରଣା ଦିଏ ଏବଂ ପଶୁ ସଂସ୍କୃତିଠାରୁ ମଣିଷ

Digitized by PPRACHIN, SOA

ସଂସ୍କୃତିକୁ ଭିନ୍ନ କରି ଦେଖେ । ଏହିପରି ନୀଳକଂଠଙ୍କର ପ୍ରତ୍ୟେକଟି ପ୍ରବନ୍ଧରେ ମଣିଷ ଚରିତ୍ରର ସଂଶୋଧନ ଓ ସଂସ୍କାରର ତା'ର ସୃଷ୍ଟିର ଉଦ୍ଦେଶ୍ୟ ଓ ମହାନତା ବିଷୟକ ବହୁ ତାତ୍ତ୍ୱିକ ଓ ଯୁକ୍ତି ନିଷ୍ଠ ଚିନ୍ତାର ପରିଚୟ ମିଳେ ।

## ନୀଳକଂଠଙ୍କ ସାମାଜିକ ଆଦର୍ଶର ଦିଗ

ନୀଳକଂଠଙ୍କ ସମସାମୟିକ ସମାଜ ଜୀବନ କୁସଂସ୍କାର ସ୍ୱାର୍ଥାନ୍ଧତା ଅନ୍ୟାୟ ଅନୀତି ଓ ବ୍ୟଭିଚାର-ଶୋଷଣ ଆଦିରେ ଭରପୁର ଥିଲା । ବୈଷ୍ଣବ ଧର୍ମର କୁ-ପ୍ରଭାବ, ବ୍ରାହ୍ମଣ ଧର୍ମର ଅତ୍ୟାଚାର ଇତ୍ୟାଦି କାରଣ ଯୋଗୁଁ ତତ୍କାଳୀନ ସମାଜ ବ୍ୟବସ୍ଥା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷର ଏକ ମୁଖ୍ୟ ସମସ୍ୟା ଥିଲା । ଗୋପବଂଧୁ ଦାସଙ୍କ ସେବା ଓ ସଂସ୍କାର ଧର୍ମୀ ଆଦର୍ଶର ପ୍ରେରଣା, ନୀଳକଂଠଙ୍କୁ ଯେପରି ଭାବରେ ପ୍ରଭାବିତ କରିଥିଲା, ଅନୁରୂପ ଭାବେ ଖ୍ରୀଷ୍ଟ ତଥା ବ୍ରାହ୍ମ ଧର୍ମର ନୀତିଗତ ଆଦର୍ଶ ବୌଦ୍ଧ ତଥା ଜୈନ ଧର୍ମର ସଂସ୍କାରବାଦୀ ଦୃଷ୍ଟି ଓ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ପ୍ରଭାବ ତାଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥିଲା । ଫଳରେ ନୀଳକଂଠ ନିଜ ସମାଜ ବ୍ୟବସ୍ଥା (ଭାରତ ତଥା ଓଡ଼ିଶା)ର ସାଂସ୍କୃତିକ ପରଂପରାର ଉଚ୍ଚତମ ଆଦର୍ଶ ବିଷୟରେ ସଚେତନ ହେବା ସଙ୍ଗେ ସଙ୍ଗେ ପ୍ରଚଳିତ ସମାଜ ବ୍ୟବସ୍ଥାରେ ସଂସ୍କାର ଆଣିବାରେ ସଚେଷ୍ଟ ଓ ସକ୍ଷମ ହୋଇ ପାରିଥିଲେ । ତାଙ୍କ ଦୃଷ୍ଟିରେ ସମାଜର ଅର୍ଥ ବହୁ ବିସ୍ତୃତ, ଯାହା, ଜାତି, ଧର୍ମ, ବର୍ଣ୍ଣ ଇତ୍ୟାଦିର ଉର୍ଦ୍ଧ୍ୱରେ ଯେଉଁଠି ମଣିଷ ତା'ର ଚିନ୍ତା ଓ ଚଳଣିର ଆଦର୍ଶ ଗଢ଼ିଥାଏ । ଏହା ହିଁ ନୀଳକଂଠଙ୍କ ସାମାଜିକ ଆଦର୍ଶର ବିଶେଷ ଦିଗ ।

ନିଶ, ମୋନିଶ, ସଂସ୍କୃତ ଓ ସଂସ୍କୃତି, ଆର୍ଯ୍ୟ ଜୀବନ, ଅଛୁଁ ଓ ହେବୁଁ ଆଦି ପ୍ରବନ୍ଧରେ ସମାଜରେ ଶୃଙ୍ଖଳା, ସାମାଜିକ ସଂପର୍କ, ବ୍ୟକ୍ତିର କର୍ତ୍ତବ୍ୟ ଆଦି ପଛରେ ଯେଉଁ ସାମାଜିକ ଆକାଂକ୍ଷା ବିଦ୍ୟମାନ ତାହା ଅତି ସୂକ୍ଷ୍ମଭାବେ ବର୍ଣ୍ଣିତ । ଏହି ପ୍ରସଙ୍ଗରେ ପଂଡ଼ିତ ନୀଳକଂଠ ସମାଜ ବ୍ୟବସ୍ଥାର ମୂଳ ଆଦର୍ଶଗତ ଭାବଭୂମିର ସନ୍ଧାନ କରି ଉଚ୍ଚତର

Digitized by PPRACHIN, SOA

ସମାଜ ବ୍ୟବସ୍ଥାର କଥା ମଧ୍ୟ ନିର୍ଦ୍ଦେଶ କରିଛନ୍ତି । ପ୍ରତ୍ୟେକ ସମାଜ ନିଜ ନିଜର ସାଂସ୍କୃତିକ ଐତିହ୍ୟ ଓ ପରଂପରା ପ୍ରତି ଦୃଷ୍ଟି ରଖି ପୁରୋ-ଦୃଷ୍ଟିରେ ସଂସ୍କାର ଆଣିବା ପାଇଁ ଆହ୍ୱାନ ଜଣାଇଛନ୍ତି । ସାମାଜିକ ସଂସ୍କାର ଉଦ୍ଦେଶ୍ୟରେ ଜଣେ ନୀତିବାଦୀ ଉଦାର ଚେତା ବ୍ରାହ୍ମଣ ଭାବେ ସର୍ବପ୍ରଥମେ ବ୍ରାହ୍ମଣ୍ୟ ଧର୍ମରେ ଅନୁପ୍ରବେଶ କରିଥିବା କୁସଂସ୍କାର ଇତ୍ୟାଦି ଉପରେ କୁଠାରଘାତ କରିଛନ୍ତି । ସେଇଥିପାଇଁ ତାଙ୍କ "ନିଶ" ଆନ୍ଦୋଳନ ବହୁ ବିରୋଧ ସତ୍ତ୍ୱେ ମଧ୍ୟ, ସେହି ସମୟରେ ସଫଳ ହୋଇ ପାରିଥିଲା ।

'ନିଶ' ଓ 'ମୋନିଶ' ପ୍ରବନ୍ଧ ଦୁଇଟିରେ ସଂସ୍କାରର ଯେଉଁ ସହଜ ସରଳ ବ୍ୟଙ୍ଗାତ୍ମକ ପ୍ରଶ୍ନ ଉତ୍‌ଥାପିତ ହୋଇଛି, ତାହା କ୍ରମେ ନୀତି ଓ ପ୍ରକୃତି, ଅଛୁଁ ଓ ହେବୁଁ, ଆମର ଥିଲା ଓ କାରଣଥାଇପାରେ, ପ୍ରତିଭା ପୂଜା ଓ ପ୍ରତିମା ପୂଜା ଇତ୍ୟାଦିରେ ସ୍ପଷ୍ଟ ହୋଇ ଉଠିଛି । ନିଶ, ଏକ ସଂସ୍କାରର ପ୍ରତୀକ । ସେଠି ନୀତି ଓ ପ୍ରକୃତିର ସମନ୍ୱୟ ଘଟି ଏକ ନୂତନ 'ହେବୁ' ଶକ୍ତିର ଉଦ୍‌ଭବ ହୋଇଛି । ଆମ ଶାସ୍ତ୍ରରେ ଲେଖାଅଛି, ଆମ ସମାଜର ବଡ଼ ପଣ୍ଡାମାନେ କହୁଛନ୍ତି ବୋଲି ଆମର ଯେ କିଛି ପ୍ରଶ୍ନ କରିବାର ନାହିଁ, କିଛି ଚିନ୍ତା କରିବାର ନାହିଁ ଏହା ଯୁକ୍ତି ସଂଗତ ନୁହେଁ । ଆମର ଯାହା ଅଛି ତାକୁ ପରୀକ୍ଷା କରି ଦେଖିବୁ, ଯାହା ଭଲ ଲାଗିବ ତାକୁ ଗ୍ରହଣ କରିବୁ ଏବଂ ଯାହା ମନ୍ଦ ତାକୁ ବର୍ଜନ କରିବୁ । ଏହା ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ଓ ନିରପେକ୍ଷ ଆଦର୍ଶ ହେବା ଉଚିତ୍ । ଶ୍ରେୟ ଓ ପ୍ରେୟ ଭିତରୁ ଶ୍ରେୟର ଆରାଧନା ସର୍ବାଦୌ ବାଞ୍ଛନୀୟ । କାରଣ ଶ୍ରେୟ ସବୁବେଳେ କଲ୍ୟାଣକାମୀ ମାର୍ଗ ନିର୍ଦ୍ଦେଶକ । ବରଂ କଲ୍ୟାଣମୟ ପ୍ରେୟ ନୀତି ଓ ପ୍ରକୃତିର ସମନ୍ୱୟରେ ଗଠିତ ନୂତନ 'ହେବୁଁ' ଶକ୍ତିର ଆଧାର, ଯାହାକୁ ଆଶ୍ରୟ କଲେ ଏକ କୁସଂସ୍କାର ମୁକ୍ତ ସ୍ୱାଧୀନ ନିରପେକ୍ଷ ସମାଜ ଗଢ଼ିବା ସମ୍ଭବପର ହେବ । ସମାଜ ଜୀବନ ସ୍ନେହ ସୁହାଗ ଭ୍ରାତୃତ୍ୱ ଓ ମୈତ୍ରୀର ସାମସଂଗୀତରେ ଝଂକୃତ ହେବ । ଏହାହିଁ ନୀଳକଂଠଙ୍କର ସମାଜ ସଂପର୍କିତ ସୁଦୂରପ୍ରସାରୀ ବୈପ୍ଳବାତ୍ମକ ଦୃଷ୍ଟି ।

କେବଳ ବ୍ୟକ୍ତି ବା ସମାଜ ନୀଳକଂଠଂକ ସାଂସ୍କୃତିକ ଚେତନାର ଆଧାର ବସ୍ତୁ ନୁହନ୍ତି, ଏକ ସ୍ୱଦେଶୀ ଉଗ୍ର ରାଷ୍ଟ୍ରୀୟତାବାଦ ତାଙ୍କର ଏହି

Digitized by PPRACHIN, SOA

ଚେତନାର ବଳିଷ୍ଠ ଦିଗ । ଏକ ଦିଗରେ ଓଡ଼ିଆର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ତାଙ୍କୁ ଯେମିତି ବିମୁଗ୍ଧ କରିଛି, ଠିକ୍ ସେହି ଭବେ ଭରତୀୟ ସନାତନ ଆଦର୍ଶ ତାଙ୍କୁ ଅନୁପ୍ରେରିତ କରିଚି । ଓଡ଼ିଆ ସଂସ୍କୃତିର ବିଶାଳ ଦୃଷ୍ଟି ଭିତର ଦେଇ ସେ ମାପିଛନ୍ତି ଭରତୀୟ ଆର୍ଯ୍ୟର ଉନ୍ନତ ବୈଦିକ ସଭ୍ୟତାର ଗଭୀରତା ।

ଓଡ଼ିଶାର ସଂସ୍କୃତି ଯେପରି ପ୍ରଚୀନ ସେହିପରି ସମୃଦ୍ଧ । ଅତୀତର ଇତିହାସ ଏହି ସମୃଦ୍ଧିର ସାକ୍ଷୀ । ଓଡ଼ିଶା କଳା-ସାହିତ୍ୟ, ଶକ୍ତି-ଶୃଙ୍ଖଳା ଚିନ୍ତା-ଚେତନା, ଧର୍ମ-ଆଦର୍ଶ, ଦର୍ଶନ-ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ତା'ର ସାଂସ୍କୃତିକ ପରକାଷ୍ଠା ନେଇ ଏବେ ବି ଦଣ୍ଡାୟମାନ । ଅତୀତର ମନ୍ଦିରଶିଳ୍ପ, ତା' ସଂସ୍କୃତିର କୋଣାର୍କ ଯେଉଁଠି ଫୁଟିଛି ଓଡ଼ିଶୀ କଳାର ଶ୍ରେଷ୍ଠରୂପ, ଓଡ଼ିଆ କବି, ଜୟଦେବ, ସାରଳା, ଭଂଜ, ପଞ୍ଚସଖା, ତାର ବିଶିଷ୍ଟ ସାହିତ୍ୟରଥି; ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ, ତା'ର ସାଧବ ପୁଅର ଐଶ୍ୱର୍ଯ୍ୟବନ୍ତ ଅତୀତର ପରିଚୟ; ଓଡ଼ିଆ ସଂସ୍କୃତିର ଆରାଧ୍ୟ ଦେବତା ଜଗନ୍ନାଥ । ଯେଉଁଠି ବହୁଧର୍ମ, ବହୁସଂସ୍କୃତି, ବହୁଧାରଣାର ମିଳନ ଘଟିଛି । ଯେଠି ନାହିଁ ଜାତି-ଅଜାତିର ଚଣ୍ଡାଳ-ବ୍ରାହ୍ମଣ ଯୋଗୀ-ଭୋଗୀର ଭେଦାଭେଦର ପ୍ରଶ୍ନ । ଏହିଁପରି ଉନ୍ନତ ସମୃଦ୍ଧି–ସଂପନ୍ନ ଜାତି ହେଉଛି ଓଡ଼ିଆ ଜାତି, ଯାହାର ଧର୍ମ ଶୁଦ୍ଧ ମାନବତାବାଦ; ଯାହାର ଆଦର୍ଶ ପୃଥିବୀପରି ଉଦାର ଓ ବିସ୍ତୃତ । ଏହାହିଁ ହେଉଛି ଓଡ଼ିଆର ଜାତୀୟ ବୈଶିଷ୍ଟ୍ୟ, ସାମାଜିକ ଆଦର୍ଶର ମୂଳଭିତ୍ତି । ଯିଏ କେବଳ ବିଶ୍ୱସଂସ୍କୃତିକୁ ଦାନଦେଇଛି, ତା ଚେତନାର ମୌଳିକ ଆଦର୍ଶ, ଉଦାରତା ଓ ମହନୀୟତା । ବିଶ୍ୱସଂସ୍କୃତିକୁ ଓଡ଼ିଶାର ଦାନ ଶୀର୍ଷକ ପ୍ରବନ୍ଧରେ ଏହି ବିଷୟରେ ବହୁ ବିଶଦ ଆଲୋଚନା କରଯାଇଛି ।

ଉତ୍କଳୀୟ ସଂସ୍କୃତିକୁ ଟିକିଏ ମାର୍ଜିତ ଓ ସଂସ୍କୃତ କରିବାପାଇଁ ସେ ସଂସ୍କୃତ ଓ ସଂସ୍କୃତି ପ୍ରବନ୍ଧରେ ଯେଉଁ ଯୁକ୍ତିସବୁ ବାଢ଼ିଛନ୍ତି, ତାହା ତାଙ୍କ ଉଦାର ଯୁକ୍ତିବାଦୀତାର ପରିଚୟ ଦିଏ । ଜଗନ୍ନାଥ ଧର୍ମର ଏବର ଅବକ୍ଷୟମାନ ରୂପ, ଆମ ସଂସ୍କୃତିରେ କାଙ୍ଗାଳ ଭୋଜନର ପରଂପରର ଅନୁପ୍ରବେଶ ଆମ ସାହିତ୍ୟର ଦୁର୍ଗତି, ଆମ ଭଷାର ଅଧୋଗତି ବିଷୟ ଦେଖି ନୀଳକଂଠ ଉତ୍କ୍ଷିପ୍ତ ଓ ବିଚଳିତହୋଇ ପଡ଼ିଛନ୍ତି ।

Digitized by PPRACHIN, SOA

ଆମ ସଂସ୍କୃତିର ମୂଳ ଆଦର୍ଶକୁ ପୁଣି ଥରେ ଉଜ୍ଜୀବିତ କରିବାପାଇଁ "ଆମରଥିଲ ଓ କାରଣ ଥାଇପାରେ" ପ୍ରବଂଧରେ ଗଞ୍ଜା ସେବନପାଇଁ ଆଉ ତ୍ରିନାଥ ମେଳାର ଆୟୋଜନ ନକରିବାପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଓଡ଼ିଶୀ ସଂସ୍କୃତିର ମହନୀୟତା ଦର୍ଶାଇବାବେଳେ ସେ ଏହି ସଂସ୍କୃତିରେ ଅନାହୂତଭବେ ପ୍ରବେଶ କରିଥିବା କୁସଂସ୍କାରକୁ ମୂଳୋତ୍ପାଟନ କରିବାପାଇଁ ଚେଷ୍ଟାକରିଛନ୍ତି ।

କେବଳ ଓଡ଼ିଶାର ସଂସ୍କୃତି ନୁହେଁ, ମହାନ ଭରତୀୟ ସଭ୍ୟତାର ବୋଧିଦ୍ରୁମ ତଳେ ନୀଳକଂଠ ଭରତୀୟ ସଂସ୍କୃତିର ମୂଳ ଆଧାରଭୂମି, ବୈଦିକ ଦର୍ଶନ ଭିତର ଦେଇ ତାର ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ବିଶେଷ ଯତ୍ନଶୀଳ ଥିବାପରି ମନେହୁଏ । ବୈଦିକ ଦର୍ଶନ ଓ ତାର ମହତ୍ ଅପୁରୁଷେୟ ବାଣୀ ଏଜାତିର ଶ୍ରେଷ୍ଠ ଅନୁସରଣୀୟ ଆଦର୍ଶ । ଏହା ଯେପରି ଶିଶୁସୁଲଭ ଉଦାରତାରେ ପ୍ରଶସ୍ତ ଓ ସର୍ବଦର୍ଶୀ, ଠିକ୍ ସେହିପରି ସୂକ୍ଷ୍ମଦର୍ଶନ ଜିଜ୍ଞାସାରେ ତତ୍ତ୍ୱନିଷ୍ଠ । ତେଣୁ ଆର୍ଯ୍ୟଜୀବନ ଓ ତା'ର ସଂସ୍କୃତି ଯେପରି ବାହାରକୁ ଦେଖାଯାଏ ଠିକ୍ ସେପରିନୁହେଁ । "ଆର୍ଯ୍ୟଜୀବନ" ଶୀର୍ଷକ ପ୍ରବନ୍ଧରେ ପଣ୍ଡିତ ନୀଳକଂଠ ଆର୍ଯ୍ୟଜୀବନ ଚର୍ଯ୍ୟାର ମୌଳିକ ନୀତିଗତ ଆଭିମୁଖ୍ୟ; ତାର ଜୀବନର ଉଦ୍ଦେଶ୍ୟ ସଂପର୍କୀତ ପ୍ରଶ୍ନବାଚୀ, ଆଧ୍ୟାତ୍ମିକ ଦର୍ଶନ ଓ ସାମାଜିକ ଆଦର୍ଶ ସଂପର୍କରେ ଅତି ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିଛନ୍ତି ।

## ନୀଳକଂଠଂକ ମତରେ ଆର୍ଯ୍ୟର ଜୀବନଧାରା ଉନ୍ନତ ଓ ଶ୍ରେଷ୍ଠ

ଆର୍ଯ୍ୟଜୀବନ ଧାରା ଯେ ଅନ୍ୟାନ୍ୟ ଧର୍ମଧାରାର ଆଦର୍ଶ ଅପେକ୍ଷା ଉନ୍ନତ ଓ ଶ୍ରେଷ୍ଠ ତାହା ପ୍ରମାଣିତ କରିବା ନୀଳକଂଠଙ୍କର ଅନ୍ୟ ଏକ ଉଦ୍ଦେଶ୍ୟ ମଧ୍ୟ । ବେଦ, ବେଦାନ୍ତ, ଗୀତା ଉପନିଷଦର ଭବଧାରାକୁ ଠିକ୍‌ଭବେ ଉପସ୍ଥାପିତ କରିବାପାଇଁ ନୀଳକଂଠ ଅନେକ ବିଖ୍ୟାତ ଉଦ୍ଧୃତିର ଆଶ୍ରୟ ନେଇଛନ୍ତି । ଏହାଦ୍ୱାରା ସେ ପ୍ରମାଣିତ କରିଛନ୍ତି ଯେ ଆର୍ଯ୍ୟର ଜୀବନଚର୍ଯ୍ୟା ଦର୍ଶନ ପଛରେ କୌଣସି ବ୍ୟକ୍ତି ଦର୍ଶନର ପ୍ରେରଣାନାହିଁ, ବରଂ ଏକ ସର୍ବକାଳୀକ ସନାତନ ଦର୍ଶନର ପ୍ରେରଣା ତା'ର ଜୀବନକୁ ସ୍ୱଚ୍ଛଳ ଓ

Digitized by PPRACHIN, SOA

ସଚଳ କରିପାରିଛି । ଆର୍ଯ୍ୟ ଜୀବନରେ ନାହିଁ ଧର୍ମର ନୀତି ନିର୍ଦ୍ଦିଷ୍ଟ ବନ୍ଧନର ଅତ୍ୟାଗ୍ରହ, ଉପାସନାର ବାଧ୍ୟବାଧକ ନିୟମ । ତେଣୁ ଆର୍ଯ୍ୟର ଧର୍ମ ଠିକ୍ ଭାବେ ଧର୍ମ ନୁହେଁ, ବରଂ ଏକ ପରଂପରା ସଂଭୂତ ଧାରଣା, ଯାହା ତାକୁ ଧରିରଖିଛି ଇତିହାସର ଅଶ୍ଳେଷ ଓ ଉପହାସ ମଧ୍ୟରେ । ଆର୍ଯ୍ୟର ଜୀବନ କେବଳ ସଂଭୋଗ ବା ସନ୍ୟାସ ପାଇଁ ଉଦ୍ଦିଷ୍ଟ ନୁହେଁ । ସମ୍ଭୋଗରେ ସମୀଚୀନତା ରକ୍ଷାକରି ସନ୍ୟାସୀଟିଏ ହେବାରେ ତାର ବେଶୀ ଆନନ୍ଦ । ତେଣୁ ସେ ତ୍ୟାଗ ଭିତରେ ଭୋଗ ଓ ଭୋଗ ଭିତରେ ତ୍ୟାଗର ଗୁଣକୀର୍ତ୍ତନ କରେ । ପ୍ରତ୍ୟେକ ଆର୍ଯ୍ୟ କର୍ମ ଜୀବନର ସଫଳ ଉପଯୋଗୀତାକୁ ଧର୍ମ-ପାଳନା ବୋଲି ବିଚାରେ । ନିଷ୍କାମ କର୍ମମୁକ୍ତି ଓ ଯୁକ୍ତିହୀନ ଭକ୍ତିରେ ତାର ବିଶ୍ୱାସ । ତେଣୁ ଆର୍ଯ୍ୟର ସଂସ୍କୃତି କହେ–

"ସ୍ୱଧର୍ମ ମପିବେକ୍ଷ୍ୟ ନବିଙ୍କପିତୁମର୍ହସି
ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍
କ୍ଷତ୍ରିୟସ୍ୟ ନବିଦ୍ୟତେ ।"

ଆଧ୍ୟାତ୍ମିକ ବିଶ୍ୱାସ ଆର୍ଯ୍ୟ ଜୀବନର ଅନ୍ୟ ଏକ ବିଶିଷ୍ଟ ଦିଗ । ନିଜର କର୍ତ୍ତବ୍ୟ ପାଳଣାକୁ ସେ ତାର ଆଧ୍ୟାତ୍ମିକ ଗତି-ମୁକ୍ତିର କାରଣ ବୋଲି ବିଚାରେ । ନିଜର ନୀତି ବୋଧ ଓ ଯୁକ୍ତିବତ୍ତା ଦ୍ୱାରା ସେ ଯାହା ସ୍ଥିର କରେ ସେହି କର୍ମକୁ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପି ଦେଇ କର୍ମ ଭିତରେ କେବଳ ତାଙ୍କୁଇ ଆରାଧନା କରିବାରେ ତା'ର ସବୁଠୁ ବେଶୀ ଆନନ୍ଦ । ତେଣୁ ଆଧ୍ୟାତ୍ମିକ ଜୀବନ ଦୃଷ୍ଟିରୁ ଆର୍ଯ୍ୟ କୌଣସି ମଣିଷ ବା ତଥାକଥିତ ଅତିମାନବର ପୂଜା କରେନି । ବରଂ ସର୍ବଗୁଣର ଆଧାର ସେହି ବିଶ୍ୱବ୍ୟାପୀ ପ୍ରତିଭାର ଗୁଣ ଉପଲବ୍ଧି କରି ସେଇ ଅମୂର୍ତ୍ତ ବିଗ୍ରହ ବିଶ୍ୱନିୟନ୍ତାଙ୍କର ଉପାସନା କରେ ଅତି ସରଳ ଭାବେ, ନିଜର ବନ୍ଧୁ, ସଖା ଓ ପ୍ରେମିକା ରୂପରେ । ସେଠି ନଥାଏ ଜଟିଳ ତତ୍ତ୍ୱର ତର୍କଣା ବା ଯୋଗର କୁଛ୍ର ସାଧନା । ଆର୍ଯ୍ୟ ତାର ବ୍ୟକ୍ତିଗତ ଜୀବନରେ ଯେଉଁ ଚତୁରାଶ୍ରମର କଳ୍ପନା କରିଛି ତାହା କେବଳ, ବ୍ୟକ୍ତିର ଆତ୍ମ ପ୍ରସାର ନିମିତ୍ତ ଉଦ୍ଦିଷ୍ଟ । ତେଣୁ ତାର ଜୀବନ ଧାରା, ବ୍ୟକ୍ତିତ୍ୱ ସମାଜ ଜୀବନ, ଇତ୍ୟାଦି ସେହି ଉଦାର ଓ ମହାନ୍ ପ୍ରେରଣାର ଆଶୀର୍ବାଦ ଛଡ଼ା ଅନ୍ୟ କିଛି ନୁହେଁ ।

ନୀଳକଂଠଙ୍କ ମତରେ ଭାରତର ଏହି ମହାନ୍ ଆଦର୍ଶଭୂତ ମୌଳିକ ଦୂରଦୃଷ୍ଟି କ୍ରମ ବିକାଶଶୀଳ ଏକ ପରଂପରା ପ୍ରବାହ ସଂଭୂତ । ଏହା

Digitized by PPRACHIN, SOA

କୌଣସି ଏକ ନିର୍ଦ୍ଦିଷ୍ଟ କାଳବିନ୍ଦୁରୁ ହଠାତ୍ ଜନ୍ମି ନାହିଁ, ବରଂ ବହୁ ଅନୁଭୂତି ଓ ଅଭିଜ୍ଞତାର ପରୀକ୍ଷାଗାରରୁ ଏହାର ଜନ୍ମ । ଏହା ଛଡ଼ା 'ସଂସ୍କୃତ ଓ ସଂସ୍କୃତି' ପ୍ରବନ୍ଧରେ ପଂଡ଼ିତ ନୀଳକଂଠ ଭାରତୀୟ ଜ୍ୟୋତିର୍ବିଜ୍ଞାନ, ଚିକିତ୍ସାଶାସ୍ତ୍ର ଇତ୍ୟାଦିକୁ ପୁଣି ଥରେ ପୁନର୍ଜୀବିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି । କାରଣ ଏହି ଭାରତୀୟ ମହାନ ପରଂପରା କୌଣସି ଗୁଣରେ ଆଧୁନିକ ଆକାଶ ବିଜ୍ଞାନ ଓ ଚିକିତ୍ସା ଶାସ୍ତ୍ର ଠାରୁ କମ୍ ନୁହେଁ । ବସ୍ତୁତଃ ଏହାହିଁ ନୀଳକଂଠଙ୍କ ପ୍ରବନ୍ଧ ଗୁଡ଼ିକରେ ସଂସ୍କୃତି ଅବବୋଧର ସ୍ୱର ଓ ସ୍ୱରୂପ ।

## ନୀଳକଂଠ ଓଡ଼ିଶୀ ଚେତନା ରାଜ୍ୟରେ ବିଶିଷ୍ଟ ଚିନ୍ତାନାୟକ

ପଣ୍ଡିତ ନୀଳକଂଠ ଦାସ ଏକ ବ୍ୟକ୍ତିବିଶେଷ ନୁହଁନ୍ତି ବରଂ ତତ୍କାଳୀନ ଓଡ଼ିଶାର ଏକ ସଜୀବ ସାଂସ୍କୃତିକ ଅନୁଷ୍ଠାନ । ସତ୍ୟବାଦୀ ବିଦ୍ୟାଳୟର ଉଦାର ମାନବବାଦୀ ଦୃଷ୍ଟି, ସଂସ୍କାର ଓ ସେବା ଧର୍ମୀ ଶିକ୍ଷାଦାନ ପଦ୍ଧତିର ପ୍ରୟୋଗ ପରୀକ୍ଷା ଇତ୍ୟାଦି ନୀଳକଂଠଙ୍କ ବ୍ୟକ୍ତିତ୍ୱରେ ବହୁମୁଖୀନତା ଆଣି ଦେଇଥିଲା । ଫଳରେ ତତ୍କାଳୀନ ଓଡ଼ିଶୀ ଚେତନା ରାଜ୍ୟରେ ସେ ଥିଲେ ବିଶିଷ୍ଟ ଚିନ୍ତାନାୟକ । ତାଙ୍କର ପ୍ରବନ୍ଧ ସାହିତ୍ୟ ଭିତରେ ଆମେ ଦୁଇଟି କଥା ଦେଖୁ– (୧) ପ୍ରଥମେ ଆମ ସଂସ୍କୃତିର ସ୍ୱରୂପ ଓ ମୂଳ ରୂପର ସନ୍ଧାନ । (୨) ସଂସ୍କୃତିର ଏବର ରୂପ ଭିତରେ ସ୍ଥାନିତ କୁସଂସ୍କାରର ମୂଳୋତ୍ପାଟନର ଉଦ୍ୟମ ।

ନୀଳକଂଠ ବ୍ୟକ୍ତି ଜୀବନରେ ଯେପରି ଏକାଧାରରେ ଜଣେ ଭୀଷଣ ଅଭିମାନୀ, ସ୍ପଷ୍ଟବାଦୀ, ପରୋପକାରୀ, ସଂସ୍କାରକ ଓ ସଂସ୍କୃତି ସଚେତନ ବ୍ୟକ୍ତି ଥିଲେ, ଅନୁରୂପଭାବେ ସାହିତ୍ୟ ସାଧନା କ୍ଷେତ୍ରରେ ଜଣେ ନିରଳସ ଓ ନିଷ୍ଠାପର ସାହିତ୍ୟ ସାଧକ ଥିଲେ । ବାସ୍ତବିକ୍ ନୀଳକଂଠଙ୍କ ବିନା ଭାରତୀୟ ଦର୍ଶନ, ଭାରତୀୟ ସଂସ୍କୃତିର ଅବବୋଧ ଅପୂର୍ଣ୍ଣ ହୋଇ ରହିଯିବ । ନୀଳକଂଠ କେବଳ ଓଡ଼ିଶାର ବ୍ୟକ୍ତି ବିଶେଷ ବା ବିଶିଷ୍ଟ ଚିନ୍ତାନାୟକ ନୁହନ୍ତି ସାରା ଭାରତ ବର୍ଷର ଚିନ୍ତାରାଜ୍ୟରେ ସେ ଅନ୍ୟତମ ପ୍ରତିଭାଧର ।

ୟୁ.ଜି.ସି. ରିସର୍ଚ୍ଚ ଫେଲୋ
ବିଶ୍ୱଭାରତୀ, ଶାନ୍ତିନିକେତନ

●

Digitized by PPRACHIN, SOA

# ନୀଳକଣ୍ଠଙ୍କ କାବ୍ୟ କବିତାରେ ଉତ୍କଳୀୟ ସଂସ୍କୃତି

## ଡକ୍ଟର ପଦ୍ମାଳୟା ଗରାବଡ଼ୁ

ପଣ୍ଡିତ ନୀଳକଂଠ ତାଙ୍କର ଜୀବନ ବ୍ୟାପୀ ସାଧନା ମଧ୍ୟରେ ଓଡ଼ିଆ ଜାତିକୁ ଗଢ଼ିବାର ଯେପରି ସ୍ୱପ୍ନ ଦେଖିଥିଲେ, ସେହିପରି ଉତ୍କଳର ସଂସ୍କୃତିକୁ ବାହ୍ୟ ସଂସ୍କୃତିର କବଳରୁ ରକ୍ଷା କରିବାକୁ ସଫଳ ଉଦ୍ୟମ କରି ଥିଲେ । ସତ୍ୟବାଦୀର ସାଧକ ଗଣ ଯଥାର୍ଥରେ ଏ ଜାତିର ଶିକ୍ଷକ । ରାଜନୈତିକ ଜୀବନର ଆଦ୍ୟ ପର୍ଯ୍ୟାୟରେ ପଂଡ଼ିତ ନୀଳକଂଠ ଥିଲେ ଜଣେ ଶିକ୍ଷକ । ସତ୍ୟବାଦୀ ବିଦ୍ୟାଳୟର ଗୁରୁ ଦାୟିତ୍ୱ ବହନ କରିଥିବା ବେଳେ ସେ ଓଡ଼ିଶାର ଗୌରବମୟ ଅତୀତ ବିଷୟରେ ବହୁଗ୍ରନ୍ଥ ଅଧ୍ୟୟନ କରି-ଥିଲେ ଓ ରଚନା ମଧ୍ୟ କରିଥିଲେ । ଏହି ସମୟ ଥିଲା ତାଙ୍କ କବି ଜୀବନର ଉନ୍ମେଷ ଓ ବିକାଶର ସମୟ । ଏହା ପୂର୍ବରୁ ସେ ପ୍ରବନ୍ଧ ରଚନା କରି ଅବଶ୍ୟ ନିଜର ସାହିତ୍ୟିକ ପ୍ରତିଭାର ପରିଚୟ ଦେଇଥିଲେ । ଓଡ଼ିଶାର ପୂର୍ବ ପରଂପରା ଓ ଉଚ୍ଚ ଆଦର୍ଶ ତାଙ୍କୁ ଭାବ-ବିହ୍ୱଳ ଓ ଅନୁପ୍ରାଣୀତ କରିଥିଲା । ପଣ୍ଡିତ ନୀଳକଂଠଙ୍କ କବି ପ୍ରତିଭା ସତେ ଯେପରି ତାଙ୍କ ଭିତରେ ଲୁକ୍‌କାୟିତ ହୋଇ ରହିଥିଲା । ନିର୍ଝରିଣୀ ଭଳି ଉଚ୍ଛ୍ୱସିତ ହୋଇ କଳ କଳ ନାଦରେ ନିଜର ମଧୁଗୀତି ଶୁଣାଇ ହଠାତ୍ ନୀରସ ପାଷାଣ ମଧ୍ୟରେ ଆତ୍ମ ଗୋପନ କଲା । ତାଙ୍କ କବିତ୍ୱର ସ୍ଫୁରଣ କ୍ଷଣସ୍ଥାୟୀ ହେଲେ ମଧ୍ୟ ସେ କାବ୍ୟ ରଚନାରେ ଯେଉଁ ନିପୁଣତା ପ୍ରଦର୍ଶନ କରି ଯାଇଛଂତି, ତାହା ତାଙ୍କୁ ଓଡ଼ିଆ କାବ୍ୟ ରାଜ୍ୟରେ ଅମର କରି ପାରିଛି । ତାଙ୍କ କାବ୍ୟ ରାଜିରେ ରହିଚି ମାର୍ମିକ ଅନୁଭୂତି ଓ ଉତ୍କଳୀୟ ସଂସ୍କୃତିର ରୂପକାର ରୂପେ ସେ ଯେ କେବଳ ଉତ୍କଳୀୟ ସଂସ୍କୃତିର ଯଥାର୍ଥରୂପ ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରିଛନ୍ତି ତା ନୁହେଁ ସଂସ୍କୃତି ନାମରେ ଥିବା ନାନା ଅପ-ସଂସ୍କୃତିର ସ୍ୱରୂପ ଉନ୍ମୋଚନ କରି ଯାଇଛନ୍ତି ।

Digitized by PPRACHIN, SOA

## ଉତ୍କଳୀୟ ସଂସ୍କୃତି ତିନୋଟି ସଂସ୍କୃତିର ମିଶ୍ରଣ

ପଣ୍ଡିତ ନୀଳକଂଠଙ୍କ ମତରେ ତିନୋଟି ଭିନ୍ନମୁଖୀ ଚେତନାର ଚମତ୍କାର ସମନ୍ୱୟ ହେଉଛି ଉତ୍କଳୀୟ ସଂସ୍କୃତି । "ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ" ପ୍ରବନ୍ଧରେ ସେ ଲେଖିଛନ୍ତି ଯେ "ଉତ୍କଳୀୟ ସଂସ୍କୃତି ବୋଲି ମୂଳରୁ କୌଣସି ଅବିଚ୍ଛିନ୍ନ ସଂସ୍କୃତି ନ ଥିଲା । ବସ୍ତୁତଃ ଏହା ତିନୋଟି ସଂସ୍କୃତିର ମିଶ୍ରଣ । ମୂଳତଃ ଏଇ ତିନୋଟି ସଂସ୍କୃତିରୁ ଉତ୍ତରଟି ଏଇ ଉତ୍କଳର......ଦକ୍ଷିଣଟି କଳିଙ୍ଗର......ତୃତୀୟଟି ହେଉଛି ଦକ୍ଷିଣ କୋଶଳ ।" ଏଇ ତିନୋଟି ଚିନ୍ତାଧାରର ସମନ୍ୱୟରେ ଉତ୍କଳୀୟ ସଂସ୍କୃତିର ଜନ୍ମ । ଏହାର ଅନ୍ତଃରସ ଭାରତୀୟ ହୋଇଥିଲେ ହେଁ କାଳକ୍ରମେ ସ୍ୱନୀତି ସ୍ୱରୁଚି, ଉଚିତ ବିଗ୍ରହବୋଧ ଓ ନୂତନ ମୂଲ୍ୟବୋଧ ଦ୍ୱାରା ସମନ୍ୱିତ ହୋଇ ଏହା ବିଚିତ୍ର ବର୍ଣ୍ଣା ହୋଇଛି । ପୁଣି ଏହାର ସକ୍ରିୟତା ସାମାଜିକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରଂପରା ମଧ୍ୟରେ ଫୁଟି ଉଠିଛି ।

## ନୀଳକଂଠଙ୍କ କାବ୍ୟ ରଚନା ତତ୍କାଳୀନ ପରିବେଶ ଓ ପରିସ୍ଥିତି ଉପରେ ଆଧାରିତ

ସତ୍ୟବାଦୀର ଅନ୍ୟ ସାଧକମାନଙ୍କ ପରି ଏ ଦେଶର ଇତିହାସ ଓ କିଂବଦଂତୀର ପୃଷ୍ଠଭୂମିରେ ପଣ୍ଡିତ ନୀଳକଂଠ କାବ୍ୟ ରଚନା କରିଛନ୍ତି । ସେ ତାଙ୍କ ଆତ୍ମ-ଜୀବନୀରେ "ପୁଣି ଏକ ନିବେଦନ" ଶୀର୍ଷକରେ ଯାହା ଲେଖିଛନ୍ତି–ସେଥିରୁ ସ୍ପଷ୍ଟ ହୁଏ ଯେ ତତ୍କାଳୀନ ଓଡ଼ିଶାର ପରିବେଶ ଓ ପରିସ୍ଥିତି ଅନୁସାରେ ପାଠକମାନେ ଦେଶାତ୍ମବୋଧ ସଙ୍ଗେ ନିଜର ପରମ୍ପରା, କିଂବଦଂତୀ, ଲୋକ ଚଳଣି, ଆମ ରଜା ଝିଅ ରଜାପୁଅଙ୍କ ରୀତି ଓ ସାଧବମାନଙ୍କ ବୋଇତ ବଣିକ ପ୍ରତି ମମତା ଆଧାରିତ କାବ୍ୟ କବିତା ଚାହୁଁଥିଲେ । ପଣ୍ଡିତ ନୀଳକଂଠ ଆଧୁନିକ କାବ୍ୟ କବିତାରେ ଏହି ଉପାଦାନ ଗୁଡ଼ିକର ଅଭାବ ଅନୁଭବ କରି ରଚନା କରିଗଲେ ବହୁ କାବ୍ୟ କବିତା । ନାରୀ ସ୍ୱାଧୀନତାରେ ଗଭୀର ବିଶ୍ୱାସ ତାଙ୍କୁ ଇଂରେଜୀ କାବ୍ୟ "ପ୍ରିନ୍ସେସ୍" ଅବଲଂବନରେ "ପ୍ରଣୟିନୀ" ଲେଖିବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ଗଭୀର ସ୍ୱଦେଶ ପ୍ରୀତି ହିଁ ତାଙ୍କୁ ଅନୁପ୍ରାଣିତ କରି-ଥିଲା "କୋଣାର୍କେ" କାବ୍ୟଯୁଗ୍ମ ଓ "ଖାରବେଳ" କାବ୍ୟ ରଚନା ପାଇଁ ବୈଚିତ୍ର୍ୟମୟୀ ଉତ୍କଳୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟକୁ ନିରୀକ୍ଷଣ କରି କବି ତାଙ୍କ କୃତିରେ ତାର ରୂପରେଖ ପ୍ରଦାନ କରିଛନ୍ତି ।

Digitized by PPRACHIN, SOA

## ତ୍ୟାଗ, ପ୍ରେମରେ ତ୍ୟାଗ :

ତ୍ୟାଗ ଆମ ସଂସ୍କୃତିର ଏକ ନିର୍ଦ୍ଦିଷ୍ଟ ଦିଗ । ଉତ୍କଳୀୟ ସଂସ୍କୃତିର ଏହି ଆଭିମୁଖ୍ୟ ଭାରତୀୟ ସଂସ୍କୃତିରୁ ତାର ପ୍ରାଣଧାର ଆହରଣ କରିଛି ।

ପାଶ୍ଚାତ୍ୟ ସଭ୍ୟତାର ବିଷ ବାଷ୍ପରେ ଆମ ଦେଶର ସଂସ୍କୃତି ସେତେବେଳେ ଶ୍ୱାସରୁଦ୍ଧ । ତେଣୁ ଉତ୍କଳୀୟ ପରିବେଶ ଥାଇ ମଧ୍ୟ କବିବର ରାଧାନାଥଙ୍କର ଚନ୍ଦ୍ରଭାଗା, ଉଷା, ଜୟନ୍ତ ପ୍ରଭୃତି ଠିକ୍ ଭାବରେ ଓଡ଼ିଆ ଚରିତ୍ର ହୋଇ ପାରିନାହାନ୍ତି । ସେମାନଙ୍କ କାମଜ ପ୍ରୀତି ମଧ୍ୟରେ ନାହିଁ ପ୍ରାଣର ଆବେଗ, ନାହିଁ ତ୍ୟାଗ, ନାହିଁ ଆଦର୍ଶ । ସେହି ଯୁଗର କବି ଗଙ୍ଗାଧରଂକ ଅବଦାନ ହେଲ – "ଇନ୍ଦୁମତୀ", "ତପସ୍ୱିନୀ", "ପ୍ରଣୟ ବଲ୍ଲରୀ" ଓ କବି ନନ୍ଦକିଶୋରଙ୍କର "ଶର୍ମିଷ୍ଠା", ଯେଉଁଥିରେ ଅଛି ପବିତ୍ର ନିର୍ମଳ ପ୍ରେମର ଚିତ୍ର । କବି ନୀଳକଂଠ ତାଙ୍କର କାବ୍ୟ-ଧାରରେ ଆର୍ଯ୍ୟ ସଂସ୍କୃତିର ବନ୍ଦନା କରିଛନ୍ତି । ତପସ୍ୟା, ତ୍ୟାଗ, ଆକୁଳତା, ପ୍ରେମକୁ ସ୍ୱର୍ଗୀୟ ଓ ଚିରନ୍ତନ କରେ । ଯେଉଁ ନୀଳକଂଠ "କୋଣାର୍କେ"ରେ ରାଧାନାଥଙ୍କ ପ୍ରେମ ଚିତ୍ରକୁ ସମ୍ମାନିତ କରି ନପାରି ନିରାଶରେ ମୁହଁ ଫେରାଇ ଛନ୍ତି, ସେ ପୁଣି ଟେନିସନଙ୍କ "ପ୍ରିନସେସ୍" ବା "ଇନକ ଆଡ଼େନ" ଭଳି ପାଶ୍ଚାତ୍ୟ ସୃଷ୍ଟି ସମ୍ଭାରକୁ ଓଡ଼ିଆ ଭାଷାରେ ବ୍ୟକ୍ତ କରିଛନ୍ତି । ସେ ସାହିତ୍ୟରେ ଯେଉଁଠାରେ ଉଚ୍ଚ ଆଦର୍ଶ, ତ୍ୟାଗ ଓ ପବିତ୍ରତାର ମୂଲ୍ୟ-ବୋଧ ରହିଛି, କେବଳ ତାହାକୁହିଁ କବି ନୀଳକଂଠ ଅନୁରାଗର ସହିତ ଗ୍ରହଣ କରିଛନ୍ତି । ପାରିବାରିକ, ସାମାଜିକ ଓ ବ୍ୟକ୍ତିଗତ ଜୀବନର ନିର୍ଯ୍ୟାସହିଁ ଆଦର୍ଶ ପ୍ରେମ, ଏହା ସଂସ୍କୃତିର ମର୍ମବାଣୀ । କବି ନୀଳକଂଠଙ୍କ କାବ୍ୟ କବିତାରେ ଏହି ବାଣୀର ଲଳିତ ଶିଳ୍ପରୂପ ଦେଖିବାକୁ ମିଳେ । "ଆଦର୍ଶତାରା" "ପ୍ରୀତି ରହସ୍ୟ" କବି ନୀଳକଂଠଂକ ପ୍ରେମ ସଂପର୍କୀୟ ଦୃଷ୍ଟି ଭଂଗୀର ପ୍ରଥମ ରୂପ । ଡକ୍ଟର ନଟବର ସାମନ୍ତରାୟଙ୍କ ଭାଷାରେ "ଆଦର୍ଶତାରା"ରେ ପ୍ରେମର ନିଷ୍ଠା, ଆଦର୍ଶ ଓ ଆନ୍ତରିକତା ସହ ନିର୍ମଳତା ରକ୍ତମାଂସ ଅପେକ୍ଷା ଉଚ୍ଚ ଆଦର୍ଶ ସୁପରିସ୍ଫୁଟ । "ପ୍ରୀତି ରହସ୍ୟ" ମଧ୍ୟ ସେହି ପର୍ଯ୍ୟାୟର ସ୍ମରଣୀୟ କୃତି ।

Digitized by PPRACHIN, SOA

## ନାରୀ ପରମ ବଂଦନୀୟା :

ପଣ୍ଡିତ ନୀଳକଂଠ ମଧ୍ୟ ଯୁଗର ରକ୍ଷଣଶୀଳତା ବିରୁଦ୍ଧରେ ଯେଉଁ ସଂଗ୍ରାମ କରିଥିଲେ ସେହି ମନୋଭାବ "ପ୍ରିନ୍‌ସେସ" ଭିତରେ ସତେ ଯେପରି ବଳିଷ୍ଠ ପ୍ରେରଣା ଲାଭ କରିଥିଲା । ତରୁଣ ବୟସରୁ ପଣ୍ଡିତ ନୀଳକଂଠ ଯେଉଁ ଆଦର୍ଶ ପାଇଁ ଯୁକ୍ତି ବାଢ଼ିଛନ୍ତି, ତାହା "ଅଛି" ପାଇଁ ନୁହେଁ "ହେବ" ଶକ୍ତି ପାଇ । ସେହି "ହେବ" ସ୍ୱପ୍ନର ଗୋଟିଏ ଦିଗ "ପ୍ରଣୟିନୀ" କାବ୍ୟରେ ଝଲସି ଉଠିଛି । ଉତ୍କଳୀୟ ସଂସ୍କୃତିରେ ପ୍ରେମପ୍ରତି ଏହି ଆଭିମୁଖ୍ୟ ଉତ୍କଳୀୟ ସଂସ୍କୃତିକୁ ମହାଭାରତୀୟ ସଂସ୍କୃତିର ଦାନ । ବୈଦିକ ଆର୍ଯ୍ୟମାନେ ଆଦୌ ରକ୍ଷଣଶୀଳ ଓ ସଂକୀର୍ଣ୍ଣମନା ନଥିଲେ । ସେମାନଙ୍କ ନିକଟରେ ନାରୀଥିଲା ପରମ ବଂଦନୀୟା । "ଅର୍ଦ୍ଧନାରୀଶ୍ୱର" ଭଳି ଉଚ୍ଚ କଳ୍ପନା ସେମାନେହିଁ ସୃଷ୍ଟି କରିଥିଲେ । କାଳର ପରିହାସରେ ମଧ୍ୟ ଯୁଗରେ ଅତୀତର ଭାରତୀୟ ନାରୀର ସ୍ୱାଧୀନତାର ସ୍ୱର୍ଣ୍ଣ ଦିନ ଗୁଡ଼ିକ ହଜିଗଲା । ଉନବିଂଶ ଶତାବ୍ଦୀରେ ପଣ୍ଡିତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ରାଜା ରାମମୋହନ ରାୟ ପ୍ରମୁଖ ଜନନାୟକମାନେ ଭାରତରେ ସ୍ତ୍ରୀ ଶିକ୍ଷା ଓ ସ୍ତ୍ରୀ ସ୍ୱାଧୀନତା ପାଇଁ ଆନ୍ଦୋଳନ କରିଥିଲେ । ତତ୍କାଳୀନ ପ୍ରତ୍ୟେକ ଶିକ୍ଷିତ, ନବଯୁବକ ଏହି ଆନ୍ଦୋଳନ ସହିତ ପରିଚିତ ଥିଲେ ।

## ନୀଳକଂଠ ଥିଲେ ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତାର ପ୍ରବର୍ତ୍ତକ :

ପଣ୍ଡିତ ନୀଳକଂଠ କେବଳ ଯେ ସାମାଜିକ କୁସଂସ୍କାର ବିରୁଦ୍ଧରେ 'ନିଶ ଆନ୍ଦୋଳନ' କରିଥିଲେ, ତା ନୁହେଁ, ନାରୀ ସ୍ୱାଧୀନତାର ସେ ପ୍ରବର୍ତ୍ତକ ଥିଲେ । ଏଥିପାଇଁ ତାଙ୍କର ବ୍ୟାକୁଳତା ବା 'ପ୍ରଣୟିନୀ' କାବ୍ୟ ମାଧ୍ୟମରେ "ପ୍ରିନ୍‌ସେସ୍"ର ରୂପାନ୍ତର ଅଭିବ୍ୟଞ୍ଜିତ ହୋଇଛି । ସେଇପରି ନାରୀ ଶିକ୍ଷା ପ୍ରତି ମଧ୍ୟ ଏହି କାବ୍ୟରେ ଗୁରୁତ୍ୱ ଦିଆଯାଇଛି । ନାରୀମାନେ କିଭଳି ପୁରୁଷମାନଙ୍କ ସହିତ ସମାଜରେ ସମାନ ପ୍ରତିଷ୍ଠା ପାଇବେ, ଏହାହିଁ ଥିଲା ପଣ୍ଡିତ ନୀଳକଂଠଙ୍କ ଉଦ୍ଦେଶ୍ୟ । "ପ୍ରଣୟିନୀ"ର ପ୍ରାରମ୍ଭ ଭାଷଣ ମଧ୍ୟରେ ନୀଳକଂଠଙ୍କ ନିଜସ୍ୱ ଭାବ ପ୍ରାଞ୍ଜଳ ଭାବରେ ଫୁଟି ଉଠିଛି —

Digitized by PPRACHIN, SOA

"ଅହଙ୍କାରୀ ମାନବ ଜଗତେ,
ଅଜ୍ଞାନ ତିମିରେ ରଖି ରମଣୀ ସତତ
ଯାହା ଇଚ୍ଛା ଅପଳାପ କରେ ସେ ବିଦ୍ରୂପେ
କାହାର ଏ ଦୋଷ ? ଯଦି ଜ୍ଞାନର ଆଲୋକ
ପା'ଆନ୍ତେ ରମଣୀକୁଳ, ପୁରୁଷ ରମଣୀ
ହୁଅନ୍ତେ ସମାନ ନିକି ? ନିସର୍ଗ ବିଧାନେ,
ନିରପେକ୍ଷ ବିଶ୍ୱନୀତି ସ୍ୱାଧୀନ ବିକାଶେ;
ପିତାମହ ପାଳନରେ, ସମ୍ଭବ କି ଭେଦ"

ପୁଣି :– "ସରବେ ହୁଅନ୍ତି ଗଢ଼ା ନାରୀ ଅଦରଶେ
ନାରୀହିଁ ଜଗତେ ଆଦ୍ୟା ଆଦର୍ଶ ଶିଶୁର ।"

ଉକ୍ତ କାବ୍ୟରେ କବି ଅତୀତ ଭରତର ମହିୟସୀ ନାରୀମାନଙ୍କର ଶିକ୍ଷାଦୀକ୍ଷା ପାଣ୍ଡିତ୍ୟ ପ୍ରଭୃତିର ଉଲ୍ଲେଖ କରିଛନ୍ତି । ନାରୀର ସ୍ୱାଧୀନତା ଓ ସମାନତା ସମ୍ବନ୍ଧରେ କବି କହିଛନ୍ତି :–

"ସବୁଠାରେ ସମ ହେବେ ନରସଙ୍ଗେ ନାରୀ
ରନ୍ଧନ ଶାଳାରେ ଦୁହେଁ, ଦୁହେଁ ମନ୍ତ୍ରଣାରେ

ଜଟିଳ ସଂସାର କର୍ମେ ଦୁହେଁ ଦୁହେଁ ତୁଲ
ହେବେ ସେ ଉଦାର ଧର୍ମଜ୍ଞାନ ବ୍ୟବସାୟେ ।"

ନାରୀ ଜୀବନ ସାର୍ଥକ ହୁଏ ପୁରୁଷର ମିଳନରେ । ଏ ଉଭୟେ ହେଉଛନ୍ତି ବିଶ୍ୱନିୟନ୍ତାଙ୍କର ଅପୂର୍ବ ସୃଷ୍ଟି । ସହଯୋଗ ଓ ସାହଚର୍ଯ୍ୟରେ କାର୍ଯ୍ୟ କରିବା ବିଶ୍ୱସ୍ରଷ୍ଟାଙ୍କର ଉଦ୍ଦେଶ୍ୟ । କବି ଲେଖିଛନ୍ତି :–

"ରମଣୀ ହୁଅନ୍ତେ ନର, ନାରୀରୂପେ
ଯଶ ସଉରଭେ ଦେଖ କରନ୍ତେ ମୋଦିତ ।"

ଏ ଆଦର୍ଶ କେବଳ ଟେନିସନ୍‌ଙ୍କ କାବ୍ୟରେ ପ୍ରଚାରିତ ହୋଇଥିଲା ତା'ନୁହେଁ, ଏହାଥିଲା ଭରତୀୟ ସଂସ୍କୃତିର ଆଦର୍ଶ । ଯେଉଁମାନେ ନାରୀଶିକ୍ଷା

Digitized by PPRACHIN, SOA

ବା ସ୍ୱାଧୀନତା ନାମରେ ଉଚ୍ଛୃଙ୍ଖଳତାକୁ ପ୍ରୋତ୍ସାହନ ଦେଉଥିଲେ, ସେମାନଙ୍କପାଇଁ 'ପ୍ରଣୟିନୀ' କାବ୍ୟଥିଲା ଏକ ଚେତାବନୀ । ଏହି ଆଦର୍ଶ କାବ୍ୟଟିର ରଚନାପରେ ମଧ୍ୟ ନୀଳକଂଠ ବିବିଧ ପ୍ରବନ୍ଧରେ ଏ ବିଷୟରେ ଆଲୋକପାତ କରିଛନ୍ତି । ସେଥିରେ ମଧ୍ୟ ତାଙ୍କର ତିନୋଟି ଦୃଢ଼ମତ, ଯଥା– ନାରୀ ସ୍ୱାଧୀନତା, ନାରୀ ଓ ପୁରୁଷର ମିଳନରେ ନାରୀ ଜୀବନର ସାର୍ଥକତା ଓ ସ୍ୱାଧୀନତାର ଅର୍ଥ ଯେ ଉଚ୍ଛୃଙ୍ଖଳତା ନୁହେଁ, ଏହାହିଁ ସେ ପ୍ରତିପାଦିତ କରିବାକୁ ଗ୍ରହିଁଛନ୍ତି ।

ପଣ୍ଡିତ ନୀଳକଣ୍ଠଙ୍କ "ଦାସ ନାଏକ" ଅନୁରୂପ ଭାବରେ କବିଙ୍କର ମୌଳିକ ସୃଷ୍ଟି ନହୋଇ ଟେନିସନଙ୍କ "ଇନକ୍ ଆଡେନ"ର ଅବଲମ୍ବନରେ ଲିଖିତ ହୋଇଥିଲେହେଁ ଭାରତୀୟ ସଂସ୍କୃତି ସବୁବେଳେ ଯେ ନାରୀର ସତୀତ୍ୱକୁ ଆଦର୍ଶରୂପେ ଗ୍ରହଣ କରିଥିଲା, ତାହା ପ୍ରତିପାଦିତ କରୁଅଛି । ଅବଶ୍ୟ ନାରୀ ଥରେ ବିବାହ କଲପରେ ଆଉଥରେ ବିବାହ କରିପାରୁ ନଥିଲା । "ଦାସ ନାଏକ"ର ମେଲା, ଦାସ ନାଏକ ଓ ଲକ୍ଷଣ ଚରିତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି । ତାହାର କାରଣ ହେଲା

'ଦାସ ନାୟକ' ଯେଉଁ ସମାଜର ଚରିତ୍ର ଉପରେ ପ୍ରତିଷ୍ଠିତ, ସେ ନୋଳିଆ ସମାଜରେ ଦ୍ୱିତୀୟ ବିବାହପ୍ରଥା ପ୍ରଚଳିତ ଥିଲେହେଁ ଦାସନାଏକର ବିବାହିତା ପତ୍ନୀ ମେଲା ନିଜର ସତୀତ୍ୱ ରକ୍ଷା କରି ଦାସ ପାଇଁ ବହୁ ଦିନ ଅପେକ୍ଷା କରିଚି–ଶେଷରେ ପିଲାଙ୍କୁ ମଣିଷ କରିବା ଉଦ୍ଦେଶ୍ୟରେ ଲକ୍ଷଣକୁ ସ୍ୱାମୀ ରୂପେ ଗ୍ରହଣ କରିଛି । ଅବଶେଷରେ ଦାସ ନାଏକ ଗାଁକୁ ଫେରି ଆସିଛି । ମେଲା ଓ ଲକ୍ଷଣର ବିବାହିତ ଜୀବନ ଦେଖି ସେ ପ୍ରତିହିଂସା ପରାୟଣ ନ ହୋଇ ଅବସ୍ଥା ଦୃଷ୍ଟିରୁ ଏହି ମିଳନକୁ ନୀରବରେ ସ୍ୱାଗତ କରିଛି । କବିଙ୍କ ଭାଷାରେ–

"ଲକ୍ଷଣେ କହିବ, 'ମନାସୁଛି ମୁହିଁ,
ଭଲ ହେବ ତାର ସବୁମନ୍ତେ,'
ଭଲ ଛଡ଼ା, ମୋର ଆଉ କିଛି କେବେ,
ବିଗ୍ରରି ନାହିଁ ସେ ଏ ଜଗତେ !"

Digitized by PPRACHIN, SOA

"ଇନକ୍ ଆଡ଼େନ"ରେ ପ୍ରତିଫଳିତ ଉକ୍ତ ଆଦର୍ଶର ବଳିଷ୍ଠ ପ୍ରେରଣା କବିଙ୍କୁ "ଦାସ ନାଏକ" ପରିକଳ୍ପନା ପାଇଁ ଉଦ୍‌ବୁଦ୍ଧ କରିଥିଲା । କାବ୍ୟର ଭୂମିକାରେ ଲେଖକଙ୍କ ଉକ୍ତି ମଧ୍ୟରେ ଏହି ସତ୍ୟ ଆଭାସିତ ହୋଇଛି । କବି କହିଛନ୍ତି–"ସ୍ତ୍ରୀର ସତୀତ୍ୱ ଓ ଆଦର୍ଶ ଘେନି ଏ ଦେଶରେ ବହୁତ ଲେଖାଯାଇଛି ଓ ଯିବ । ପୃଥିବୀର ସଭ୍ୟ ସାଧାରଣଙ୍କର ଏବେ ବି ଏହା ଆଦର୍ଶ ଅଛି, ମାତ୍ର ଏ କାବ୍ୟରେ ନାରୀର ସ୍ୱଭାବ ସୁନ୍ଦର ସତୀତ୍ୱ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତି ସାଧନ ସାହିତ୍ୟ ରାଜ୍ୟର ଗୋଟିଏ ନୂତନ ବିଭବ । ଏ ବିଭବ ମଧ୍ୟ ମୋର ଏ କାବ୍ୟ ପ୍ରତି ଆଦର ବଢ଼ାଇ ଥିଲା ।"

## ପାଶ୍ଚାତ୍ୟ ସଂସ୍କୃତିର ଅନୁସରଣ ବିରୁଦ୍ଧରେ ପ୍ରତିକ୍ରିୟା, "କୋଣାର୍କେ"ର ଅନ୍ୟତମ ଆବେଦନ :

ଯେଉଁ ପ୍ରେମରେ ତ୍ୟାଗ ଓ ଶାଳୀନତା, ପରଂପରା ଓ ଚଳଣିର ଅଭାବ, ତାହା ବିରୁଦ୍ଧରେ ପଣ୍ଡିତ ନୀଳକଂଠ ସ୍ୱର ଉତ୍ତୋଳନ କରିଛନ୍ତି । ରାଧାନାଥଙ୍କ କାବ୍ୟ ସୃଷ୍ଟିର ବହୁ ନାୟିକା କବି ନୀଳକଂଠଂକ ମନରେ ଅନୁରାଗ ସୃଷ୍ଟି କରିପାରି ନାହାନ୍ତି । ପକ୍ଷାନ୍ତରରେ କବି ସେମାନଙ୍କୁ ଅସ୍ୱୀକାର କରି କହିଛନ୍ତି–

"ଚନ୍ଦ୍ର ହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ
ଯବନାନୀ କବି–ନାୟିକା ନାଚିତକ ଆଚରି
ବିଦେଶୀ ସୁମନ୍ୟୁ ଆସିବେ ତିଳେ ନାଚଣା–ଖେଳେ
ରହୁଁ ରହୁଁ ପୁଣି ମିଶିବେ ନୀଳ–ଜଳଧି–ଜଳେ ।
× × ×
କବିଙ୍କ କେଦାର ଗଉରୀ ଆସି ଯବନ ଦେଶୁ
ନାଚିଯିବେ ତିଳେ ସ୍ୱପନେ ତବ ଅଭ୍ୟାସ ବଶୁ
ସୁବର୍ଣ୍ଣ ଦୁହିତା ବରିବେ ସ୍ୱେରଗଙ୍ଗ–ରଜନ
କେରଳ–ମହଲେ ଉତ୍କଳ–ଭେରି ଶୁଭିବ ପୁଣ ।
ଘର ଛାଡ଼ି କିଂପା ଯିବେ ସେ ବୀର ବାଳା ନଂଦିକା
ସହକାର–ଦ୍ରୁମ–ଗହଳେ ଭେଦି କ୍ଷୀଣ ଚଂଦ୍ରିକା

Digitized by PPRACHIN, SOA

କଉସୁଲ୍ଲ ଗଙ୍ଗ, ଧଉଳି ଏହି ନୟନେ ନାଚେ,
କବିଂକି ସୁମରି ବିରଗେ ମୁଖ ଫେରଥ ପଛେ ।"

## ନୀଲକଂଠଂକ ଜାତୀୟ ଜୀବନ ଧାର :

ପଂଡ଼ିତ ନୀଳକଂଠଙ୍କ ଜାତୀୟ ଜୀବନର ଧାର ଥିଲ ବିଶ୍ୱମୁଖୀ । ସେ ଉତ୍କଳକୁ ଭିତ୍ତିଭୂମି କରି ଭରତୀୟ ଲୁପ୍ତ ଗୌରବ ଓ ଆଦର୍ଶର ପୂଜା କରିଛନ୍ତି । ଉତ୍କଳମଣି ପଂଡ଼ିତ ଗୋପବଂଧୁ ଦାସଙ୍କ ପ୍ରେରଣାରେ ଓଡ଼ିଶାର ଜାତୀୟ ଜୀବନକୁ ସଂଗଠିତ କରିବା ପାଇଁ ନିରବଚ୍ଛିନ୍ନ ଭବରେ ସେ ସାଧନା କରି ଯାଇଛଂତି । ଅଧ୍ୟାପକ ଶ୍ରୀ ଚିଂତାମଣି ଦାଶ "ମନୀଷୀ ନୀଳକଂଠ" ପୁସ୍ତକରେ ଲେଖିଛଂତି "ଇତିହାସ ଥିଲ ତାଙ୍କ ଜୀବନର ସହଚର । ଆତ୍ମାର ଆମା–ପ୍ରାଣର ଉଦ୍ଦୀପନାମୟ ଶକ୍ତି । ଏହି ଇତିହାସ ବୋଧରେ ସେ ଯେପରି ଅନୁପ୍ରାଣିତ ହୋଇଥିଲେ, ସେହିପରି ଛାତ୍ର ତଥା, ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ଯତ୍ନଶୀଳ ଥିଲେ । "କୋଣାର୍କେ" ଓ "ଖାରବେଳ" ସେହି ପ୍ରାଣ ପ୍ରାଚୁର୍ଯ୍ୟର ଫଳ । "ପ୍ରଣୟିନୀ" ଓ "ଦାସ ନାଏକ" କାବ୍ୟ ଇଂରେଜୀ କାବ୍ୟର ଛାୟାରେ ରଚିତ ହୋଇ ଥିବାରୁ ଏଥିରେ ଓଡ଼ିଆ ସଂସ୍କୃତିର ରୂପ ପ୍ରାଞ୍ଜଳ ଭବେ ପ୍ରକାଶିତ ହେବା ସମ୍ଭବ ନ ଥିଲ । କିନ୍ତୁ "କୋଣାର୍କେ"ରେ ଏ ସବୁର ବନ୍ଧନ ନ ଥିଲ । ୧୯୧୭ ମସିହା କୁମାର ପୂର୍ଣ୍ଣିମାରେ ସତ୍ୟବାଦୀର ଛାତ୍ରମାନଙ୍କୁ ନେଇ କୋଣାର୍କ ପରିଦର୍ଶନରେ ଯିବା ଅବସରରେ ଏହା ରଚିତ ହୋଇଥିଲ । ଏହା ଯେ ଓଡ଼ିଆ ସାହିତ୍ୟ ଭଂଡ଼ାରର ସମୁଜ୍ଜ୍ୱଳ ରତ୍ନ ଏଥିରେ ଦ୍ୱିମତ ନାହିଁ । ଓଡ଼ିଆ ଜାତିର ଅତୀତରେ ସାଧନା, ଶିଳ୍ପ ନିପୁଣତା ଓ ବୈଭବକୁ ପ୍ରକାଶ କରି ଜାତିର ଜୀବନରେ ଉନ୍ମାଦନା ଅଣାଇବା ଥିଲ କବି ନୀଳକଂଠଙ୍କର ଉଦ୍ଦେଶ୍ୟ । "କୋଣାର୍କେ" କାବ୍ୟ ଏହି ଚେତନାର ସଫଳ ପ୍ରୟାସ ।

## ପର୍ବପର୍ବାଣି ଆମ ସଂସ୍କୃତିର ଆକର୍ଷଣୀୟ ଦିଗ

ଜୀବନ ଯାତ୍ରାରେ ଅହରହ ସଂଗ୍ରାମ କରୁଥିବା ମଣିଷର ଜୀବନକୁ ଆନନ୍ଦ ମୁଖରିତ କରିବାପାଇଁ ଆମର ପୂର୍ବପୁରୁଷମାନେ ଅନେକ ପର୍ବ ପର୍ବାଣିର କଳ୍ପନା କରିଛନ୍ତି । ଏ ପର୍ବ ପର୍ବାଣି ଗୁଡ଼ିକ କୃଷି କେନ୍ଦ୍ରିକ ଓ

Digitized by PPRACHIN, SOA

ଜଗନ୍ନାଥଙ୍କୁ ଆଧାରକରି ପାଳିତ ହୋଇ ଆସୁଛି । ପଣ୍ଡିତ ନୀଳକଣ୍ଠ ନିଜ କୃତିରେ ସଂସ୍କୃତିର ଏହି ଦିଗର ସ୍ୱଚ୍ଛଚିତ୍ର ଅଙ୍କନ କରିଛନ୍ତି । ତାଙ୍କ ''କୋଣାର୍କେ''ରେ ପ୍ରଥମରୁ ଅଛି ଉତ୍କଳର ଆକର୍ଷଣୀୟ ପର୍ବ କୁମାର ପୂର୍ଣ୍ଣମୀର କଥା :—

ଆଜି ଯେ କୁଆଁର ପୁନିଅଁ କେତେ ସୁଖ—ଶରଧା
ମାଆ ଭଉଣୀଙ୍କ ଆଦର ନବବସନ ପିନ୍ଧା
ମନେ ପଡୁନାହିଁ ବାବୁହେ ଲଗି ଯାଇଛି ନିଦ
ମାଆ ଭଉଣୀଏ ଭବନେ ଭଜିଥିବେ ବିଷାଦ ।
ଲୁଗାରେ ହଳଦୀ ଲଗାଇ ଗୁହିଁଥିବେ ଜନନୀ
ପିଠାପଣା ଆଉ ନଥିବ ସୁଖେ ଆଜି ଭଗିନୀ ॥

ପୁଣି—

"ରହ ରହ ବାଆ ବତାସି ରହ ବରଷା ଧାର
କୁଆଁର ପୁନିଅଁ ହେଉରେ ଆଜି ରଜନୀ ସାର ।"

ଓଡ଼ିଆ ସମାଜରେ କୁମାର ପୂର୍ଣ୍ଣମୀ ଅନେକ ଆନନ୍ଦ ଉନ୍ମାଦନା ନେଇଆସେ । ଇତିହାସ ପ୍ରସିଦ୍ଧ ଗମଚଣ୍ଡୀ ମନ୍ଦିରରେ ଅବସ୍ଥାନ କାଳରେ କବି କୁମାର ପୂର୍ଣ୍ଣମୀର ଆନନ୍ଦ ଉତ୍ସବ ଓ ମନୋହର ପ୍ରକୃତିର ସ୍ମୃତିଚାରଣ କରିଛନ୍ତି । ଏହା ମଧ୍ୟ ଆମ ଜାତୀୟ ପୂଜା ପର୍ବର ଗୋଟିଏ ସଙ୍କେତ । ଓଡ଼ିଶାର ପାରିବାରିକ ଜୀବନର ସୁରଭି ପଣ୍ଡିତ ନୀଳକଂଠଂକୁ ମୁଗ୍ଧ କରିଥିଲା । ଓଡ଼ିଶାର ଜାତୀୟ ପର୍ବ ରୂପେ କୁମାର ପୂର୍ଣ୍ଣମୀର ବର୍ଣ୍ଣନା ଷୋଡଶ ଶତାବ୍ଦୀରୁ ସାହିତ୍ୟରେ ଦେଖିବାକୁ ମିଳେ । ଏଥିରେ ଓଡ଼ିଆ ଲୋକେ ଯେଉଁ ସୁଖ ଶରଧା ପ୍ରକାଶ କରନ୍ତି, ଛୋଟ ଛୋଟ ପିଲଙ୍କ ପାଇଁ ମାଆ ଭଉଣୀଙ୍କର ସ୍ନେହ ଓ ଆଦରର ଯେଉଁ ଆଦର୍ଶ ପ୍ରକାଶ ପାଇଥାଏ, ନବ ବସନ ପିନ୍ଧିବା, ଲୁଗାରେ ହଳଦୀ ଲଗାଇବା, ପିଠାପଣା ଖାଇବା ପ୍ରଭୃତିରେ ଯେଉଁ ଆନ୍ତରିକତା ଓ ହାର୍ଦ୍ଦିକତା ପ୍ରକାଶିତ ହୋଇଛି, ତାହାହିଁ ଓଡ଼ିଆ ଜାତିର ସୁହୃଦ ପାରିବାରିକ ଜୀବନ ।

## ସାମରିକ ସଂସ୍କୃତି : ଉତ୍କଳୀୟ ସଂସ୍କୃତିର ଅନ୍ୟତମ ଦିଗ

ଓଡ଼ିଶାର ବଳିଷ୍ଠ ସାମରିକ ଶକ୍ତିର ପରିଚୟ କେବଳ ଇତିହାସ ପୃଷ୍ଠାରେ ନୁହେଁ, ଏ ଦେଶର କଳା ଓ ସାହିତ୍ୟ ଭିତରେ ମଧ୍ୟ ବିଶିଷ୍ଟ

Digitized by PPRACHIN, SOA

ବିଭବ ରୂପେ ଆତ୍ମପ୍ରକାଶ କରିଛି । କୋଣାର୍କ ମନ୍ଦିର ଓ ସାରଳା ମହାଭରତ ଏହାର ନିଦର୍ଶନ । ପଣ୍ଡିତ ନୀଳକଂଠଙ୍କ "କୋଣାର୍କେ" ଓ "ଖାରବେଳ" କାବ୍ୟରେ ଆମେ ପାଉଁ ଏ ଜାତିର ସାମରିକ ବିଭବର ଚିତ୍ର । ଏ ଦେଶର ନାରୀ ମଧୁଶଯ୍ୟା ବାସରରେ ମଧ୍ୟ ତାର ପ୍ରିୟତମକୁ ବୀର ବେଶରେ ସଜାଇ ଦେବାର ଗୌରବ ଅର୍ଜନ କରେ । "କୋଣାର୍କେ"ର କବି ନୀଳକଂଠ ଏହାର ଏକ ଲୋଭନୀୟ ଚିତ୍ର ପ୍ରଦାନ କରିଛନ୍ତି :—

"ଚିଲିକା ଗରଭେ ଉଠିବ ଶତ ବୋଇତ ଭସି
ଅଗୁଣିତ ଦେଖି ବାରୁଣୀ ପଟେ ଜଟିଆ ନାସି,
ଗଉରବ ଗାଥା ଶୁଣିବ ବନ୍ଦୀ ଗାଇବେ କେତେ
ଭୀମ ତରବାରୀ ଫାଳକ ଯୋଧେ ଟେକିବେ ହାତେ
କବରୀ ଫିଟାଇ ତରୁଣୀ ମଧୁ ଶଯ୍ୟା ବାସରେ
'ରଣ ଜିଣି ଆସି ବାନ୍ଧିବ' ବୋଲି ଛାଡ଼ିବେ ବୀରେ"

ପିତା ଭ୍ରାତା, ସନ୍ତାନ ଏବଂ ପ୍ରିୟତମକୁ ଯୋଦ୍ଧା ବେଶରେ ସଜାଇ-ବାରେ ଉତ୍କଳୀୟ ରମଣୀର ଅପୂର୍ବ ଉନ୍ମାଦନା ଏ ଦେଶର ଏକଦା ସମୃଦ୍ଧ ସାମରିକ ସଂସ୍କୃତିର ଦ୍ୟୋତନା । ଏହାର ଗୁରୁ ଚିତ୍ର ଦେବାକୁ ଯାଇ କବି ନୀଳକଂଠ ଲେଖିଛନ୍ତି—

"ଦେଖ କି ପୁଲକେ ରମଣୀ ପର୍ବଦିନ ଭୂଷଣେ
ପୃଥୁଳ-ଉରସ-ବିସ୍ତାରେ ଗର୍ବ ପୀନ ନୟନେ
ତାତ-ଭ୍ରାତ-ସୁତ ଦୟିତେ ରଣ ଭୂଷଣେ ସାଜି
ଦୂର ପରିପନ୍ଥୀ-ବିନାଶେ-ଦେବେ ସୁଖେ ବରଜି ।"

× × ×

ପୁଣି—

"ଉଠ ବୀରେ ଉଠ ଯାଅ ହେ ଖରେ ଦୂର ବିଦେଶେ
ଦୁଆରେ ଅଗତି-ଦୁନ୍ଦୁଭି ଶୁଣିବ କି ହରଷେ ?
କୀରତି ସୁମରି, ସେ ଦୂରେ କରି ଅଗତି ନାଶ
ଆସିବ ବାହୁଡ଼ି ଗରବେ ଭବେ ଲଭିବ ଯଶ ।"

Digitized by PPRACHIN, SOA

ଏହିପରି ଭାବରେ କବି ଅତୀତ ଉତ୍କଳର ସାମରିକ ଅଭିଯାନର ଚିତ୍ର ଦେବା ସଙ୍ଗେ ସଙ୍ଗେ ସାମରିକ ସଂସ୍କୃତିର ଗାରିମାମୟ ରୂପ ପ୍ରକଟନ କରିଛନ୍ତି । ପ୍ରାଚୀନ ଉତ୍କଳର ଗୌରବ କେବଳ ନିଛକ ଦେଶ ପ୍ରେମ କିଂବା ଚାରିତ୍ରିକ ପବିତ୍ରତାରେ ନିବଦ୍ଧ ନଥିଲା, କଳା, ଭାସ୍କର୍ଯ୍ୟ ସଂଗୀତରେ ମଧ୍ୟ ଉତ୍କଳୀୟ ମାନଙ୍କର ଯେଉଳି ପାରଦର୍ଶିତା ଥିଲା, ସେହିଭଳି ବାଣିଜ୍ୟ ଓ ସାମ୍ରାଜ୍ୟ ବିସ୍ତାରର ଆକାଂକ୍ଷା ଏ ଜାତିକୁ ସମଗ୍ର ବିଶ୍ୱରେ ପରିଚିତ କରାଇ ଥିଲା । ସୁଦୃଢ଼ ସାମାଜିକ ବ୍ୟବସ୍ଥା ନ ଥିଲେ କୋଣାର୍କ ମନ୍ଦିର ଭଳି ବିଶାଳ ମନ୍ଦିର ତିଆରି ସମ୍ଭବ ହୋଇ ପାରି ନଥାନ୍ତା । ଏକ ଉନ୍ନତ ସମାଜ ଓ ପାରିବାରିକ ଜୀବନ ଉପରେ ଉତ୍କଳୀୟ ସଂସ୍କୃତି ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଆ ବୀରମାନେ ଜନ୍ମଭୂମି ପାଇଁ ଜୀବନ ଦାନ କରିବାରେ ଆନନ୍ଦ ଲାଭ କରୁଥିଲେ । ଅଦ୍ଭୁତ ବୀର କର୍ମ ମଧ୍ୟରେ ସେମାନେ ନିଜର କୀର୍ତ୍ତିକୁ ପ୍ରଖ୍ୟାପିତ କରିବାକୁ ଚାହୁଁଥିଲେ । କବିଙ୍କ ଭାଷାରେ–

"କେତେ ବନ୍ଦୀ ପୁଣି ଗାଇଲେ
କେତେ ସାମନ୍ତ ଯଶ
ଜନ୍ମ-ଭୂମି- ସୁଖେ ଜୀବନ
ପ୍ରଭୁ ଭକ୍ତି ବିଳାସ ।

ନୀଳାଚଳର ରତ୍ନ ସିଂହାସନକୁ ଅକ୍ଷତ ଅବସ୍ଥାରେ ରଖିବା ପାଇଁ ଓଡ଼ିଆ ଜାତି ଶପଥ ନେଇଥିଲା । କବିଙ୍କ ଭାଷାରେ–

"ଜୀଇଁ ଥାଉଁ କେବେ ଛାଡ଼ିବ ନାହିଁ ତୁମ୍ଭେ ଯବନ ?
ଶ୍ୟାମଳ ଉତ୍କଳେ କରିବ ନାହିଁ ବ୍ୟସନ ବନ ।"

## ସଂଯମ – ଉତ୍କଳୀୟ ସଂସ୍କୃତିର ବୈଶିଷ୍ଟ୍ୟ :

ସ୍ୱାଧୀନତା ରକ୍ଷା କରିବା ଅବସରରେ ଏ ଦେଶରେ ଅନୁଷ୍ଠିତ ହୋଇଛି କେତେ ବିବାହ ଉତ୍ସବ, କେତେ ସ୍ୱୟମ୍ବର, କେତେ ପଣ୍ଡିତ ସଭା, କେତେ ଶିକାର, କେତେ ପଦବୀ ଦାନ, କେତେ ନୌକା ଯାତ୍ରା, ଜଳ ଦସ୍ୟୁ ସହିତ କେତେ ଯୁଦ୍ଧ, କେତେ ଅଭିଷେକୋତ୍ସବ । କେତେ ସନ୍ନ୍ୟାସୀ ଏ ଦେଶକୁ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଆସିଛନ୍ତି । ସେହିପରି ଏ ଜାତି କେତେବେଳେ ଆମୋଦ ଭବନରେ ଓ କେତେବେଳେ ଉଦ୍ୟାନ ମଧ୍ୟରେ

Digitized by PPRACHIN, SOA

କାବ୍ୟ, ସଙ୍ଗୀତ ଓ ନୃତ୍ୟରେ ଜୀବନକୁ ପ୍ରମୋଦିତ କରିଛି । ସବୁଥିରେ ପ୍ରକାଶ ପାଇଛି ସଂଯମ । ଏଇ ସଂଯମ ହିଁ ଉତ୍କଳୀୟ ସଂସ୍କୃତିର ଅନ୍ୟତମ ବୈଶିଷ୍ଟ୍ୟ । ସଂଯମ ବଳରେ ହିଁ ମନୁଷ୍ୟ ଆନନ୍ଦମୟ ଜୀବନ ଯାପନ କରି ପାରିବ । କବି କହିଛନ୍ତି–

ପରଶେ ପରଶେ ବହଇ
ନବ ଜୀବନ ଧାର
ପଲକେ ପଲକେ ସ୍ଫୁରଇ
ପ୍ରାଣ ପୀରତି ଭର ।

ବାଣିଜ୍ୟ ଦ୍ୱାରା ଦେଶର ଶ୍ରୀ ଓ ସୌଭାଗ୍ୟ ବଢେ, ଦେଶ ଦେଶ ମଧ୍ୟରେ ସଂସ୍କୃତିର ଆଦାନ ପ୍ରଦାନ ହୁଏ । ମାନବ ପ୍ରୀତି ଭ୍ରାତୃତ୍ୱ ଓ ମୈତ୍ରୀର ବନ୍ଧନ ଦୃଢ଼ ହୁଏ । ଉତ୍କଳୀୟମାନେ ଏହି ସତ୍ୟକୁ ହୃଦୟଙ୍ଗମ କରିଥିଲେ ।

## ଜଗନ୍ନାଥ ସଂସ୍କୃତି ହିଁ ଉତ୍କଳୀୟ ସଂସ୍କୃତି :

ପଣ୍ଡିତ ନୀଳକଂଠ ଉତ୍କଳୀୟ ସଂସ୍କୃତିର ବ୍ୟାଖ୍ୟାକାର । ସେ ଅନୁଭବ କରିଛନ୍ତି–"ଜଗନ୍ନାଥ ସଂସ୍କୃତି ହିଁ ଉତ୍କଳୀୟ ସଂସ୍କୃତି" ସତ୍ୟବାଦୀର ସାଧକଗଣ ପ୍ରାଣେ ପ୍ରାଣେ ଅନୁଭବ କରିଥିଲେ ଯେ ଜଗନ୍ନାଥହିଁ ଏ ଜାତିର ପ୍ରାଣ । ସତ୍ୟବାଦୀର ଅନ୍ୟତମ ସାଧକ ଗୋପବନ୍ଧୁଙ୍କ ଭାଷାରେ–

ନ ଅଟକେ କର୍ମ ନେତାର ଅଭାବେ
ଧର୍ମ ନାବ ଚଳେ ଧର୍ମର ପ୍ରଭାବେ
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।"

ପଣ୍ଡିତ ନୀଳକଂଠ ଯେ ତାଙ୍କ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ଗୀତାର ପୀଠିକା ଓ ବିଭିନ୍ନ ପ୍ରବନ୍ଧରେ ଯେ କେବଳ ଜଗନ୍ନାଥ ସଂସ୍କୃତିର ଯେ ମହିମା ଗାନ କରିଛନ୍ତି ତା' ନୁହେଁ, ତାଙ୍କ କାବ୍ୟ ଧାରରେ ଆମେ ପାଉ ଶ୍ରୀ ଜଗନ୍ନାଥଙ୍କ ବନ୍ଦନା ଗୀତି । "ଦାସ ନାଏକ"ରେ ଏ ଜାତି କିଭଳି ଜଗନ୍ନାଥଙ୍କୁ ଦେଖି ଆସିଛି, କବି–ତାର ସଙ୍କେତ ଦେଇଛନ୍ତି–

Digitized by PPRACHIN, SOA

କହେ, "ଜଗନ୍ନାଥ କରିବେ ମଂଗଳ
ସମୁଦ୍ରେ ଜାହାଜ ଯିବ ସୁଖେ
କାଲି ପରି ସିନା ଫେରି ମୁଁ ଆସିବି
କେତେ ଧନ ଘେନି ବରଷକେ ।
ଜଗନ୍ନାଥେ ତୋର ସାହା ହେବେ ମେଲ୍‌,
ପିଲଙ୍କର କିଛି ହେବ ନାହିଁ
ସୁଖ ବେଳେ ତେବେ ମୁହଁକୁ ଶୁଖାଇ
ଏତେ ଦୁଃଖ କର କାହିଁ ପାଇଁ ।"

ପୁଣି କବି କହିଛନ୍ତି—

"ଜଗନ୍ନାଥେ ପୁଣି ଅଛଂତି ସବୁଠି
ମନେ ରଖିଥିବ ସବୁବେଳେ,
ସବୁ ଭୟ ଦକା ତାଙ୍କରି ଉପରେ
ଫିଙ୍ଗି ଦେଇ ରହ ସୁଖେ ଘରେ ।

କେବଳ "ଦାସ ନାଏକ" ନୁହେଁ, "କୋଣାର୍କେ" କାବ୍ୟ ଯୁଗ୍ମରେ ମଧ୍ୟ କବି ନୀଳକଂଠ ଉତ୍କଳର ଜାତୀୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନରେ ଶ୍ରୀ ଜଗନ୍ନାଥଂକ ଭୂମିକା ସଂପର୍କରେ ବହୁଳ ବର୍ଣ୍ଣନା କରିଛନ୍ତି । ଏଇ ସାମରିକ ଜାତିର ନେତା ଶ୍ରୀ ଜଗନ୍ନାଥ ଯେ ଉତ୍କଳୀୟଙ୍କୁ ଯୁଦ୍ଧରେ ଜୟଯୁକ୍ତ କରିବା ପାଇଁ ଅଭିଯାନ କରିଥିଲେ, ତାହା ଏ ଜାତିର ଏକ ଗୌରବମୟ କାହାଣୀ, କବି ଗାଇଛନ୍ତି

"ଜଗନ୍ନାଥ ବିଜେ କରିବେ
କଳା ତୁରଗ ଚଢ଼ି
ପଦ୍ମାବତୀ ଜିଣି ଆଣିବେ
ନୃପ କୁଳ କେଶରୀ ।"

## ଆଧ୍ୟାତ୍ମିକ ଚେତନା :

ପଣ୍ଡିତ ନୀଳକଂଠଂକ କାବ୍ୟରେ ଉତ୍କଳୀୟ ସଂସ୍କୃତିର ଯେଉଁ ରୂପ ପ୍ରତିବିମ୍ବିତ, ତନ୍ମଧ୍ୟରୁ ଏକ ବିଶିଷ୍ଟ ରୂପ ହେଉଛି ଭାରତୀୟ ସଂସ୍କୃତିରୁ ନିର୍ଯ୍ୟାସ ସଂଗ୍ରହ କରି ଗଢ଼ିଉଠିଥିବା ଆଧ୍ୟାତ୍ମିକ ଚେତନା । ମାନବର ଚିନ୍ତାଧାରାର ବିବର୍ତ୍ତନରେ ତାର ଭଗବତ ପ୍ରୀତି ମଧ୍ୟ ନବରୂପ ଲାଭ

Digitized by PPRACHIN, SOA

କରିଛି । ପୁରାଣ ଶାସ୍ତ୍ର ମାନକଂରେ "ଈଶ୍ୱର ଏକ" ବୋଲି ଘୋଷଣା କରିବା ସଙ୍ଗେ ସଙ୍ଗେ ତେତିଶ କୋଟି ଦେବ ଦେବୀଙ୍କ ପରିକଳ୍ପନା କରିଛି । ନୀଳକଂଠଙ୍କ କାବ୍ୟଧାରରେ "ଭସେ ବିଶ୍ୱ ତବ ସେ ଅମୃତ ରସେ", "ଆର୍ତ୍ତବାଣୀ", "ପ୍ରଶ୍ନବାଣୀ", "କାହାକୁ ବସିଛି ଗୁହିଁ," "ଉପାସନା" ଭଳି କବିତାମାନ ରହିଛି । ପୁଣି ରହିଛି ଶ୍ରୀ ପଞ୍ଚମୀ ଉପଲକ୍ଷେ ରଚିତ କବିତା । କେଉଁଠି ନିରକାର ଓ କେଉଁଠି ସାକାରର ଉପାସନା । ଭୁବନ ଈଶ୍ୱରଙ୍କ ପାଇଁ "ଭକ୍ତି ଗାଥା"ର "ଆର୍ତ୍ତବାଣୀରେ" ତାଙ୍କର ଅନ୍ତର ଆକୁଳିତ । "ଭସେ ବିଶ୍ୱ ତବ ସେ ଅମୃତ ରସେ" କବିତାରେ ଆମେ ପୁଣି ପାଉ ଦିବ୍ୟ ଦୃଷ୍ଟି ସମ୍ପନ୍ନ ନୀଳକଂଠଙ୍କୁ ଅନ୍ତରର ମହାଲୀଳା ସନ୍ଦର୍ଶନରେ–

"କି ମହା ଇଙ୍ଗିତେ ପ୍ରଭୁ ଅମୃତର କି ଆଦେଶେ
ଲଭି କିବା ନିମନ୍ତ୍ରଣ ଏ ପିଣ୍ଡେ ପରାଣ ହସେ ?
ଅଦଭୁତେ ଚାହିଁ ଶୂନ୍ୟେ,
ଭୁଲି କି ଅବା ସ୍ମରଣେ
ମରଣ ମନ୍ଦିରେ କିମ୍ବା ଜୀବନ ହେ ପରକାଶେ ?
ଅନ୍ତରର ମହାଲୀଳା
ଏ ପିଣ୍ଡେ କରଇ ଖେଳା
ଉଠଇ ପରାଣ ନାଚି ପୁଲକର କି ବିଶ୍ୱାସେ ?"

ପଣ୍ଡିତ ନୀଳକଂଠଙ୍କ ସାହିତ୍ୟ ସୃଷ୍ଟି ବିଶାଳ । ସେ ଉଚ୍ଚକୋଟିର ଭାବୁକ ଓ କବି । "କୋଣାର୍କେ"ଓ "ଖାରବେଳ" ଏହାର ପ୍ରମାଣ । ବହୁ କଥାକୁ ଆଧାର କରି ସେ ତାଙ୍କର ସାହିତ୍ୟ ସୃଷ୍ଟି କରିଥିଲେ ହେଁ ଉତ୍କଳୀୟ ସଂସ୍କୃତିର ଆଲୋଚକ ଓ ରୂପକାର ଭାବେ ସେ ସର୍ବଦା ସମ୍ମାନିତ ହେଉଥିବେ । ଧନ୍ୟ ତାଙ୍କର ଉତ୍କଳ ପ୍ରେମ ଓ ଉତ୍କଳୀୟ ସଂସ୍କୃତି ପ୍ରେମ,

ଅଧ୍ୟାପିକା, ଓଡ଼ିଆ ବିଭାଗ,
ରମାଦେବୀ ମହିଳା ମହାବିଦ୍ୟାଳୟ,
ଭୁବନେଶ୍ୱର

Digitized by PPRACHIN, SOA

# ନୀଳକଂଠଂକ କାବ୍ୟରେ ସଂସ୍କୃତ ଚେତନା

ଶ୍ରୀ ମନୋରଂଜନ ପ୍ରଧାନ

ନୀଳକଂଠ ଏକାଧାରରେ ଦାର୍ଶନିକ, ସଂସ୍କାରକ ଓ ସାମ୍ବାଦିକ । ହେଲେ ହେଁ ସାହିତ୍ୟିକ ଭବରେ ମୁଖ୍ୟତଃ ସେ ଜଣେ ଏଡ଼ଭନ୍‌ଗ୍ୱରସ କବି, ଯାହାଙ୍କ କବିତା ଆହରଣ ମଧ୍ୟରେ ଜାତୀୟ ସଂସ୍କୃତିର ତର୍ଜମାରେ ଭରପୁର । ଗଧାନାଥଙ୍କ ପରେ ପରେ ନୀଳକଂଠଂକ କାବ୍ୟ ସାଧନାରେ ଆସିଛି ବସନ୍ତ କାଳ, ଏଣୁ ପରଂପରା ଉପରେ ପରିସ୍ଥିତିକୁ ଥୋଇ ପୂର୍ବଦୃଷ୍ଟି ନିକ୍ଷେପକରି କବିତାରେ ଏକ ବିପୁଳ ସାଂସ୍କୃତିକ ବ୍ୟକ୍ତିତ୍ୱର ପରିଚୟ ଦେଲେ ସେ ।

ନୀଳକଂଠଂକର ଥିଲା ସତ୍ୟସଂଗ୍ରହୀ ଦୃଷ୍ଟି । ଆଧୁନିକତା ନାମରେ ସେ ସମକାଳୀନ ସଂସ୍କୃତି ଓ କାବ୍ୟଧାରାର ମୁଗ୍ଧ ଉପାସକ ନଥିଲେ, ଅଧିକନ୍ତୁ ପ୍ରାଚୀନପ୍ରତି ତାଙ୍କର ମଧ୍ୟ ଅହେତୁକି ମୋହ ନଥିଲା । ଏଣୁ 'କୋଣାର୍କେ' କାବ୍ୟର ନିବେଦନରେ ତାଙ୍କ ଦୃଷ୍ଟିକୋଣର କେତେକ ସଂକେତ ପ୍ରଣିଧାନ ଯୋଗ୍ୟ । "ପ୍ରାଚୀନ କବି ଜଗନ୍ନାଥଦାସ ପ୍ରଭୃତିଙ୍କଠାରୁ ଉପେନ୍ଦ୍ରଭଂଜ ପ୍ରଭୃତିଙ୍କ ବାଟେ ସାମନ୍ତସିଂହାରଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ, ଭରତଚନ୍ଦ୍ରଂକଠାରୁ ନବୀନ ସେନଙ୍କ ପର୍ଯ୍ୟନ୍ତ ବଙ୍ଗଳା ସାହିତ୍ୟ ତଥା ମଧ୍ୟେ ମଧ୍ୟେ ପୋପଙ୍କଠାରୁ ଟେନିସନ୍‌ଙ୍କ ପର୍ଯ୍ୟନ୍ତ ଇଂରାଜୀ ସାହିତ୍ୟରୁ ତୁଳନାତ୍ମକ ଉଦାହରଣମାନ ଧରି କାବ୍ୟ କବିତାର ସମାଲୋଚନା ଟିକିଏ ତୀବ୍ର ବି ହୋଇଥିଲା ।"

ଏହି ସମାଲୋଚନା ମଧ୍ୟରେ ପଣ୍ଡିତ ନୀଳକଂଠଂକ ବ୍ୟକ୍ତିତ୍ୱ ଓ ସାଂସ୍କୃତିକ ଆଦର୍ଶ ବିକାଶ ଲାଭ କରିଥିଲା ।

Digitized by PPRACHIN, SOA

## କବି ନୀଳକଂଠ

ନୀଳକଂଠଂକ କାବ୍ୟ ଦୁଇଟି ସ୍ୱତନ୍ତ୍ର ଧାରାର ସୃଷ୍ଟି ପ୍ରଥମଟି ଅନୁବାଦ ଓ ଆହରଣ–ଦ୍ୱିତୀୟଟି ମୌଳିକ । କବିଙ୍କ ଆହରଣର ପ୍ରଧାନ କ୍ଷେତ୍ର ହେଉଛି ଟେନିସନୀୟ କବିତା, ଯାହାର ନମୁନା–ପ୍ରଣୟିନୀ ଓ ଦାସ ନାଏକ । ମୌଳିକ-କାବ୍ୟ କୋଣାର୍କେ ଓ ଖାରବେଳ । ମାତ୍ର ଏ ଉଭୟ କାବ୍ୟ ଉପରେ ମଧ୍ୟ ଭିକ୍ଟୋରୀୟ ଯୁଗର ଇଂରଜୀ କାବ୍ୟ କବିତାର (ପ୍ରଭବ) ସଂକେତ ଅନୁଭୂତହୁଏ । ତେବେ ନୀଳକଂଠଂକ କବି ଜୀବନର ଆରଂଭ ଓ ପ୍ରାୟ ଶେଷଭଗରେ ରଚିତ 'ଭକ୍ତିଗାଥା' ଓ 'ପିଲଙ୍କ ଗୀତ' ମୂଳତଃ ଏକ ବିଶେଷ ମୁହୂର୍ତ୍ତର ବ୍ୟାକୁଳତାକୁ ସ୍ପଷ୍ଟ କରଏ ।

## ନୀଳକଂଠଂକ ସଂସ୍କୃତି ଚେତନା :

ପଣ୍ଡିତ ନୀଳକଂଠଂକ ମତରେ ସଂସ୍କୃତିମାନେହିଁ ଓଡ଼ିଆ ସଂସ୍କୃତି ବା ଜଗନ୍ନାଥ ସଂସ୍କୃତି ଓ ସାଂସ୍କୃତିକ ଚେତନାହିଁ ଓଡ଼ିଶୀଚେତନା । ସୁତରାଂ ନୀଳକଂଠଂକ ମତରେ ସଂସ୍କୃତି ବା ଓଡ଼ିଆ ସଂସ୍କୃତି ବା ଜଗନ୍ନାଥ ସଂସ୍କୃତି ଓ ସାଂସ୍କୃତିକ ଚେତନା ବା ଓଡ଼ିଶୀ ଚେତନା ସର୍ବଶ୍ରେଷ୍ଠ । ସଭ୍ୟତାର ଉନ୍ମେଷ ଅର୍ଥାତ୍ ପ୍ରାଗୈତିହାସିକ କାଳରୁ ଜୀବନଧାରଣ ନିମନ୍ତେ ମନୁଷ୍ୟ ଯେଉଁସବୁ ଉପାୟ ଓ କୌଶଳ ଅବଲମ୍ବନକରି ଆସିଅଛି ଏବଂ ଚିନ୍ତାଧାରାର ଉନ୍ମେଷ ଦ୍ୱାରା ଯେଉଁ ନୂତନ ପନ୍ଥା ଓ ଜୀବନ ଦର୍ଶନ ପ୍ରଦର୍ଶନ କରିଅଛି, ତହିଁରେ ଉହଳୀୟ ସାଂସ୍କୃତିକ ଚେତନା ରୂପାୟିତ ବୋଲି ପଣ୍ଡିତଜୀ ମତଦିଅନ୍ତି । ଏଣୁ ସଭ୍ୟତାର ବିକାଶ ସହିତ ଧାର୍ମିକ (ବୌଦ୍ଧ ଓ ଜୈନଧର୍ମ ଆଦି) ପ୍ରେରଣା ଫଳରେ କଳା ଓ ସ୍ଥାପତ୍ୟର ବିକାଶ ଯୁଗେ ଯୁଗେ ସଂଭବ ହୋଇ ଆସିଅଛି । ଅଶୋକଂକ କଳିଙ୍ଗ ଯୁଦ୍ଧପରେ ଜୈନଧର୍ମ ଓ ସଂସ୍କୃତି କଳିଙ୍ଗରେ ଦୃଢ଼ଭବରେ ଭିତ୍ତି ସ୍ଥାପନ କଲା । ପରେ ଖାରବେଳଙ୍କ କାଳରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ଜୈନଧର୍ମ କଳିଙ୍ଗର ରାଷ୍ଟ୍ରଧର୍ମରେ ପରିଣତ ହୋଇଥିବା ଜଣାପଡ଼େ ଏବଂ ଏହି ସମୟରେ ମଧ୍ୟ କଳିଙ୍ଗରେ କଳା ସ୍ଥାପତ୍ୟର ପରଂପରା ଅତି ଉନ୍ନତରୂପେ ପ୍ରକାଶ ପାଇଥିଲା । ଅତି ପ୍ରାଚୀନ ଉଦାହରଣ ଭବରେ ଉଦୟଗିରି ଓ ଖଣ୍ଡଗିରିର ଗୁମ୍ଫାଗାତ୍ରରେ ଥିବା କଳାଯୁକ୍ତ ଚିତ୍ରକୁହିଁ ନମୁନା ଭବରେ ଗ୍ରହଣ କରାଯାଇପାରେ । କ୍ରମେ

Digitized by PPRACHIN, SOA

ଅଷ୍ଟମ ଶତକରେ ମହାଯାନ ବୌଦ୍ଧଧର୍ମ ବଜ୍ରଯାନରେ ପରିଣତହେଲା ଓ ଏହାର ପ୍ରବର୍ତ୍ତକ ହେଲେ ଇନ୍ଦ୍ରଭୂତି । ପୁଣି ଏଇ ଇନ୍ଦ୍ରଭୂତି ବଜ୍ରଯାନର ବୁଦ୍ଧଙ୍କୁ ଆଦିବୁଦ୍ଧ ବା ଜଗନ୍ନାଥ ଭାବରେ ବ୍ୟକ୍ତକଲେ । ଅତଏବ, 'ଜଗନ୍ନାଥ' ନାମଧେୟ ଠାକୁରଙ୍କର ପୂଜା ଯେ ପ୍ରଥମେ ଇନ୍ଦ୍ରଭୂତିଙ୍କ ଦ୍ୱାରା ହେଲା, ଏହା କୁହାଯାଇନପାରେ । ସମୟକ୍ରମେ ଶବରରାଜାଙ୍କ ଦ୍ୱାରା ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା, ପୂଜାବିଧିର ପ୍ରଚଳନ ଓ ମନ୍ଦିର ନିର୍ମାଣ ପରେ ଓଡ଼ିଶାର ମହାନ୍ କଳା ପରଂପରା ପୁଞ୍ଜିଭୂତ ହୋଇ ଓଡ଼ିଆ ଜାତିର ମହତ୍ୱପୂର୍ଣ୍ଣ ସଂସ୍କୃତିର ପରିଚୟ ପ୍ରଖ୍ୟାପନ କରୁଛି । ଅଷ୍ଟମ ଶତକରୁ ଦ୍ୱାଦଶ ଶତକ ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ଜୀବନରେ ବହୁବିଧ ବିକାଶ ସାଧିତ ହୋଇଥିବା ଜଣାପଡେ । ଏଇ ସମୟ ମଧ୍ୟରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ଅଗ୍ରଗତି ଘଟିଥିଲା ମୁଖ୍ୟତଃ କଳା ଓ ନୃତ୍ୟ ସଙ୍ଗୀତ ମାଧ୍ୟମରେ ।

ମାତ୍ର ନୀଳକଂଠଂକ ମତରେ ଜଗନ୍ନାଥଙ୍କ ଆବିର୍ଭାବ (ମନ୍ଦିର ମାଧ୍ୟମରେ) ପରେ ପରେ ହିଁ ଧର୍ମଦର୍ଶନ ଓ ସାମାଜିକ, ସାଂସ୍କୃତିକ ପରଂପରା ମାନବିକ ମୂଲ୍ୟବୋଧ ଏବଂ ସାଂସ୍କୃତିକ ଚେତନାର ସ୍ୱରୂପ ଭଷା, ସାହିତ୍ୟ ଓ କଳା ମାଧ୍ୟମରେ ପ୍ରକାଶିତ ହେଲା । ସୁତରାଂ ନୀଳକଂଠଂକ ସାଂସ୍କୃତିକ ଚେତନା ଧାର୍ମିକ, ଐତିହାସିକ, ସାମାଜିକ ଓ କଳା ସ୍ଥାପତ୍ୟଗତ ହୋଇ ଉତ୍କଳୀୟ ସଂସ୍କୃତି ସହ ସାମିଲ୍ ହୋଇ ଯାଇଛି । ଏଣୁ କବିତାରେ ଉତ୍କଳୀୟ ମାନସ-ପୁରୁଷର ଅନାଲୋକିତ ଗଭୀର ଗୁହା ପର୍ଯ୍ୟନ୍ତ ନିଜର ଆଲୋକିତ ଦୃଷ୍ଟିରେ ଆବିଷ୍କାର କରି ଜୀବନ୍ତ, ଅନାବୃତ୍ତ କରି ସେ ଦେଖେଇ ଦେଇଛନ୍ତି ।

## ଧାର୍ମିକ ସଂସ୍କୃତି ଚେତନା :

ସାମାଜିକ ଚଳଣିର ବ୍ୟବହାର ପାଇଁ ନୀଳକଂଠ କବି ହୋଇଥିଲେ ଅର୍ଥାତ୍ ସତ୍ୟବାଦୀ ଶିକ୍ଷାନୁଷ୍ଠାନର ସାଂସ୍କୃତିକ ସମାରୋହ (ଶ୍ରୀପଞ୍ଚମୀ ଉତ୍ସବ) ନିମିତ୍ତ ତାଙ୍କ 'ଭକ୍ତିଗାଥା' କବିତାର ସୃଷ୍ଟି । ଭକ୍ତିଗାଥା ସଂକଳନରେ ପ୍ରକାଶିତ କବିତା ସବୁ "କାହିଁଥଛ, କାହିଁଥଛ, କେଉଁ ଶୂନ୍ୟ ଦେଶେ ? / ମହାସ୍ଥିତି ଅନ୍ତରାଳେ, କି ଶୂନ୍ୟ ବିକାଶେ !" ଠାରୁ ଆରମ୍ଭ କରି "ଦିନ ଯାଉଅଛି ବହି, ଯାଉଛି ମୁଁ ଭସି କାହିଁ, କାହାକୁ ବସିଛି ଗୁହିଁ

Digitized by PPRACHIN, SOA

ଏ ପଗଣେ ଆଶା ବହି ?" ମାଧ୍ୟମରେ କବିଙ୍କ ଆଧ୍ୟାତ୍ମିକ ଭାବନାର ପରିଚୟ ମିଳେ, ଯାହା ମଧୁସୂଦନଂକ "ରେ ଆତ୍ମନ ନିଦ୍ରା ପରିହରି" ସଦୃଶ ଏକ ପାରଲୌକିକ ଚିନ୍ତା ନୁହଁ । ଏଥିରେ ମନୁଷ୍ୟ ଓ ବିଶ୍ୱଜଗତ ପ୍ରସଙ୍ଗରେ ବୌଦ୍ଧିକ ଅନୁଭବ ବିଶେଷ ରୂପେ ପ୍ରକାଶିତ ।

ଏତଦ୍ ବ୍ୟତୀତ ନୀଳକଂଠଂକ 'କୋଣାର୍କେ' କାବ୍ୟରେ ଓଡ଼ିଶାରେ ଜୈନଧର୍ମ ଓ ବୌଦ୍ଧଧର୍ମର ପ୍ରସାରର କାହାଣୀ ଉତ୍କଳୀୟ ଧର୍ମୀୟ ଚେତନାର ପରିଚୟ ଦିଏ । ଯାଯପୁରଠାରେ କେଶରୀ ବଂଶର ପ୍ରସିଦ୍ଧ ରଜା ଯଯାତିକେଶରୀଙ୍କ ଦଶାଶ୍ୱମେଧ ଯଜ୍ଞ, ନରସିଂହ ଦେବଂକ ଆଦେଶରେ କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମାଣ ଓ ସୂର୍ଯ୍ୟପୂଜା, ପୁନଶ୍ଚ ଶବର-ଉପାସ୍ୟ ଜଗନ୍ନାଥ ବିଦ୍ୟାପତିଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ମାଲବ ରଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପୂଜା ଗ୍ରହଣ କରିବା ଆଦି ସହିତ ପ୍ରତାପରୁଦ୍ରଙ୍କ ସମୟରେ ଚୈତନ୍ୟଙ୍କ ସାହାଯ୍ୟରେ ଓଡ଼ିଶାରେ ବୈଷ୍ଣବଧର୍ମୀ ପ୍ରଚାରରେ ତାଙ୍କ ମତ ପ୍ରଭୃତି ନୀଳକଂଠଂକ ଧାର୍ମିକ ସଂସ୍କୃତି ଚେତନାର ପରିଚାୟକ ।

## ଐତିହାସିକ ସଂସ୍କୃତି ଚେତନା :

ନୀଳକଂଠଙ୍କ ରଚିତ କୋଣାର୍କେ ଓ ଖାରବେଳ ବହୁ ସମାଲୋଚକଙ୍କ ମତରେ ପ୍ରେମପ୍ରଣୟ ମୂଳକ ଦୁଇଟି କାବ୍ୟ ହେଲେ ହେଁ, ଇତିହାସ ଦିଗରୁ ଏ ଦୁଇଟିର ମୂଲ୍ୟ ଗୌଣ ନୁହଁ । ସମଗ୍ର 'କୋଣାର୍କ' କାବ୍ୟରେ ଓଡ଼ିଶାର ଇତିହାସ ଯେଭଳି ନିହିତ, କାବ୍ୟ ଆକାରରେ ପ୍ରକାଶିତ ଅନ୍ୟ କୌଣସି ଗ୍ରନ୍ଥରେ ଏହାର ତୁଳନା ନାହିଁ । ଇତିହାସରେ ଓଡ଼ିଶାର କୃଷକମାନଙ୍କୁ ସୈନିକ ଭାବରେ ବିବେଚନା କରଯାଇଛି । ଏଣୁ ନୀଳକଂଠ କହିଛନ୍ତି,

"ଶତ ଗିରିଦୁର୍ଗ ଉତ୍କଳେ ନାଚି ଯିବ ନୟନେ;
କୃଷକ-ବାହିନୀ ଉଠିବେ ଗ୍ରାମ ନଗର ବନେ ।"

କାରଣ ସେତେବେଳେ ଉତ୍କଳର କୃଷକ ସୈନ୍ୟମାନେ ଗଙ୍ଗବଂଶର ରଜାମାନଙ୍କ ସାହଚର୍ଯ୍ୟରେ ଓଡ଼ିଶାର ସୀମା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବିସ୍ତାରି ପାରିଥିଲେ । ପୁଣି ଓଡ଼ିଶାର ନାବିକ-ବଣିକମାନେ ଜାଭା, ସୁମାତ୍ରା, ବାଲି ପ୍ରଭୃତିରେ ଉପନିବେଶ କରି ବାଣିଜ୍ୟ କରିବାର ଇତିହାସ ଏବେ

Digitized by PPRACHIN, SOA

ମଧ୍ୟ ସଜଳ । ପୁନରଗଣ୍ଡ କଳିଙ୍ଗସେନା ଅଶୋକଙ୍କ ବିରୁଦ୍ଧରେ ଯୁଦ୍ଧ କରି ପରାସ୍ତ ହୋଇଥିଲେ ହେଁ ସମ୍ରାଟ ଅଶୋକଙ୍କୁ ଧର୍ମାଶୋକରେ ପରିଣତ କରାଇଥିବା କଥା ଇତିହାସ କହେ । ଏଥି ସହିତ ଗଙ୍ଗେଳଗଙ୍ଗ ଓଡ଼ିଶାର ରଜା ହେବା ପରେ କେରଳ ଅର୍ଥାତ୍ ଦକ୍ଷିଣଦେଶ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲା ବୋଲି ନୀଳକଂଠଂକ 'କୋଣାର୍କେ' ମତବ୍ୟକ୍ତ : କରେ । ଅନ୍ୟାନ୍ୟ ଐତିହାସିକଗଣ ଏହାର ସତ୍ୟାସତ୍ୟ ନେଇ ସନ୍ଦିହାନ ଥିବା-ବେଳେ ନୀଳକଂଠ କହିଛନ୍ତି "ସୁବର୍ଣ୍ଣ-ଦୁହିତା ବରିବେ ଗେ୍ରରଗଙ୍ଗ-ଗଜନ;/ କେରଳ ମହଲ୍ଲେ ଉତ୍କଳ-ଭେରୀ ଶୁଭିବ ପୁଣ ।" 'କୋଣାର୍କେ' ବ୍ୟତୀତ 'ଖାରବେଳ' କାବ୍ୟରେ ମଧ୍ୟ ଖାରବେଳଙ୍କ ଜୟଯାତ୍ରା ବର୍ଣ୍ଣନା ଓଡ଼ିଶା ଇତିହାସ ପାଇଁ ଉପାଦେୟ । ଦୀର୍ଘ ୩୦ ବର୍ଷରୁ ଅଧିକ କାଳ ରାଜତ୍ୱ କରି ଖାରବେଳ ଓଡ଼ିଶାର କଳା ସଂସ୍କୃତିରେ ଯେଉଁଭଳି ଉନ୍ନତି ଘଟାଇଛନ୍ତି ତାହା କେବଳ ଓଡ଼ିଶା ନୁହେଁ, ପୃଥିବୀ ଇତିହାସରେ ମଧ୍ୟ ବିରଳ । ଏଣୁ ଖାରବେଳଙ୍କୁ ଜଣେ ଐତିହାସିକ ବ୍ୟକ୍ତି ଭାବରେ ପରିଗଣିତ କରାଇବା ପାଇଁ ନୀଳକଂଠ ଖାରବେଳଙ୍କ ପରାକ୍ରମକୁ ବ୍ୟାଖ୍ୟା କରିଛନ୍ତି ଓ ସେଇଥିପାଇଁ ଦାର୍ଶନିକ ନୀଳକଂଠ କବି ହେବାକୁ ମନ ବଳାଇ ଥିଲେ ବୋଲି ଡଃ ମହତାବ କହନ୍ତି ।

ନୀଳକଂଠଂକ ଇତିହାସ ସଂସ୍କୃତି ଚେତନା ମୂଳତଃ ଉତ୍କଳୀୟ ହୋଇ ଥିବାରୁ ଉତ୍କଳର ଅତୀତକୁ ବିଶ୍ୱଦରବାରରେ ପ୍ରଚାର କରାଇବା ତାଙ୍କର ଲକ୍ଷ୍ୟ ଥିଲା । ଏସବୁ ସତ୍ତ୍ୱେ ଉତ୍କଳର ଇତିହାସ କବିଙ୍କ ପାଇଁ ଗର୍ବର ବସ୍ତୁ ଥିଲା, ମାତ୍ର ଆଡ଼ମ୍ବରର ନୁହେଁ ।

## ସାମାଜିକ ସଂସ୍କୃତି ଚେତନା

ଆଧୁନିକ ଯୁଗରେ ସ୍ୱାଧୀନତା, ଜାତିଭେଦର ବିରୋଧ ଓ ସାମାଜିକ ସାମ୍ୟନାମରେ ଗଢି ଉଠିଥିବା ବିଶ୍ୱାସ ଗୁଡ଼ିକ ଯେଉଁ ଗୁଡ଼ିକ କି ନୂଆ ଯୁଗର ପୌରଣିକ ବିଶ୍ୱାସ ଭାବରେ ବିଦିତ, ନୀଳକଂଠ ଏସବୁ ବିଶ୍ୱାସ ପରଂପରା ମଧ୍ୟରୁ ସତ୍ୟର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି । ଗ୍ରାମ ସମାଜର ରୀତିନୀତି, ଚଳଣିରେ ସେ ଏହି ସମସ୍ତ ଆଦର୍ଶର ପ୍ରକୃତ ସ୍ୱରୂପ ଆବିଷ୍କାର କରିଛନ୍ତି । ଏ ସ୍ଥଳରେ ଅନୁକରଣରେ ନୁହେଁ, ଆତ୍ମବୋଧରେ ହିଁ ଆମ ଜାତୀୟ ବା ସାମାଜିକ ଜୀବନର ସାର୍ଥକତା ସେ କଳ୍ପନା କରିଛନ୍ତି । ଏଣୁ ସତ୍ୟବାଦୀରେ ଶ୍ରୀପଞ୍ଚମୀ ଉତ୍ସବ ଓ 'କୋଣାର୍କେ'

Digitized by PPRACHIN, SOA

କାବ୍ୟରେ କୁଆଁର ପୁନେଇର କୁମାର-ଉତ୍ସବକୁ କବି ସ୍ମରଣ କରିଛନ୍ତି । 'କୋଣାର୍କେ'ରେ କବି କହିଛନ୍ତି "ଆଜି ଯେ କୁଆଁର ପୁନିଅଁ କେଡ଼େ ସୁଖ-ଶରଧା / ମାଆ ଭଉଣୀଙ୍କ ଆଦର, ନବ ବସନ-ପିନ୍ଧା ।" ଉକ୍ତ ପଂକ୍ତିରୁ ନୀଳକଂଠଂକ ପର୍ବପର୍ବାଣୀ ସଂକ୍ରାନ୍ତୀୟ ଚିନ୍ତାଧାରର ପରିଚୟ ମିଳେ । ଏଥିସହିତ ଓଡ଼ିଶାର ନୌବାଣିଜ୍ୟରେ ପର୍ତ୍ତୁଗୀଜ ଜଳଦସ୍ୟୁମାନଙ୍କ ଆକ୍ରମଣ କିପରି ବାଣିଜ୍ୟିକ ମେରୁଦଣ୍ଡକୁ ଭାଙ୍ଗି ଦେଉଥିଲା ନୀଳକଂଠ ତାର ବିଶଦ ବ୍ୟାଖ୍ୟା କରିବାକୁ ଭୁଲି ନାହାଁନ୍ତି ।

ସର୍ବୋପରି କବି ନୀଳକଂଠ ନିଜ କାବ୍ୟ କବିତାରେ ଉତ୍କଳୀୟ ସମାଜର ସଂସ୍କୃତି ବୟାନ କରିବାରେ ଥିଲେ ଜଣେ ସାର୍ଥକ ସ୍ରଷ୍ଟା ।

## କଳା ସ୍ଥାପତ୍ୟରେ ସଂସ୍କୃତି ଚେତନା :

ନୀଳକଂଠ ମନପ୍ରାଣରେ ଖାଣ୍ଟି ଓଡ଼ିଆ ଥିବାରୁ ଓଡ଼ିଶାର କଳା ସ୍ଥାପତ୍ୟ ତାଙ୍କୁ ଅଧିକ ଭାବରେ ଆକୃଷ୍ଟ କରିଥିଲା । ଓଡ଼ିଶାର କୋଣାର୍କ ଓ ପୁରୀ ମନ୍ଦିର ପୃଥିବୀର ସବୁମନ୍ଦିର ତୁଳନାରେ ସ୍ଥାପତ୍ୟ ପୂର୍ଣ୍ଣ ବୋଲି ନୀଳକଂଠ ପ୍ରମାଣ କରିଛନ୍ତି ଏବଂ ଏ ସବୁର ପ୍ରାଚୀନତାକୁ ସ୍ୱୀକାର କରି ସେ କହିଛନ୍ତି ଯେ ମନ୍ଦିର ମାଳିନୀ ଓଡ଼ିଶା ସୃଷ୍ଟି ସମୟରୁ ହିଁ ମନ୍ଦିର ସବୁକୁ ନେଇ ସୃଷ୍ଟି ହୋଇଥିଲା । ରାଣୀ ହଂସପୁର ନାମରେ ଖାରବେଳଙ୍କ ଦ୍ୱାରା ଖଣ୍ଡଗିରି ଓ ଉଦୟଗିରିରେ ନିର୍ମିତ ଗୁମ୍ଫା—ପ୍ରସ୍ତର ଖୋଦିତ ଦ୍ୱିତଳ ପ୍ରାସାଦ ଅଦ୍ୟାପି ପ୍ରାଚୀନ ସ୍ଥାପତ୍ୟର ନିଦର୍ଶନ । ଭୁବନେଶ୍ୱରର ଶିଳ୍ପ-ନିର୍ମାଣ ସବୁ କେଶରୀ ବଂଶୀୟ ରଜାମାନଙ୍କର କୀର୍ତ୍ତି । ବାରବାଟୀର ରାଜଭବନ ଓ ଦୁର୍ଗ ନିର୍ମାଣ ଅନଙ୍ଗ ଭୀମଦେବଙ୍କ ସ୍ଥାପତ୍ୟର ଉତ୍କୃଷ୍ଟ ପ୍ରମାଣ । ଏହା ଏକଦା ବୀର ଓଡ଼ିଆ ଜାତିର ଗର୍ବଥିବା ସ୍ଥଳେ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ଗୋଟିଏ ମାଟିଗଦା ଓ ସାଂପ୍ରତିକ କାଳରେ ନିର୍ମିତ ଏକ ମସ୍‌ଜିଦକୁ ନେଇ ବଞ୍ଚି ରହିଥିବାରୁ ନୀଳକଂଠ କ୍ଷୋଭ ପ୍ରକାଶ କରି କହିଛନ୍ତି— "ଧର୍ମ—ତେଜେ ଜଳି ଅନଳ ଦହିଦେଲା ସେ ପୁରେ / ମସ୍‌ଜିଦ ନାଚିଉଠିଲା ବାରବାଟୀ ଚତ୍ୱରେ / ନବ—ତଳ ମିଶି ହୋଇଲା ଭଗ୍ନ ସ୍ତୂପ ମାଟିର / ଗଡ—ପରିଖାରେ ପଡ଼ିଲା ଅଭ୍ର ଭେଦୀ ପ୍ରାଚୀର । ମନ୍ଦିର ଦୁର୍ଗ ବ୍ୟତୀତ ମର୍କତ କେଶରୀଙ୍କ କାଠଯୋଡ଼ିର ପଥରବନ୍ଧ; ମହକେଶରୀଙ୍କ

Digitized by PPRACHIN, SOA

ପୁରୀ ଓ ଯାଜପୁରର ଅଠରନଳା ପ୍ରଭୃତି ଉତ୍କଳରେ ପ୍ରାଚୀନ କଳା ଓ ସ୍ଥାପତ୍ୟର ପ୍ରକୃଷ୍ଟ ଉଦାହରଣ । କବି ନୀଳକଂଠଂକ ଓଡ଼ିଆତ୍ୱ ଏ ସବୁରେ ଯେପରି ପ୍ରକଟିତ ଅନ୍ୟ କବିଙ୍କର ନିକଟରେ ସେପରି ନୁହଁ ।

## ସଂପର୍କ ପ୍ରତିଷ୍ଠାରେ ସଂସ୍କୃତି ଚେତନା :

ଏ ପ୍ରକାର ଚେତନା କେବଳ ନୀଳକଂଠଂକ ବ୍ୟତୀତ ଅନ୍ୟ କବିଙ୍କ ନିକଟରେ ସଂପୂର୍ଣ୍ଣ ବିରଳ । ସାଧାରଣରେ ଧାରଣା କରାଯାଉଥିବା କଥାକୁ କବି ଅସାଧାରଣ ରୂପ ଦେଇଛନ୍ତି ଚୀନ ପରିବ୍ରାଜକଙ୍କ ଓଡ଼ିଶା ଆଗମନ, ମାୟାଦେବୀ କାବ୍ୟ, ପୁରୁଷୋତ୍ତମ ଦେବଙ୍କର କାଞ୍ଚି ଅଭିଯାନ, ଆବୁଲ ଫଜଲଙ୍କ କୋଣାର୍କ ଦର୍ଶନ, ଆକବର ବାଦଶାହ ବଂଗ ନବାବଙ୍କ ବିରୁଦ୍ଧରେ ଓଡ଼ିଶା ରଜା ମୁକୁନ୍ଦ ଦେବଙ୍କର ସାହାଯ୍ୟ ଆଦି ମାଧ୍ୟମରେ । ଏଥିରେ ନୀଳକଂଠଂକ ସାଂସ୍କୃତିକ ସଂପର୍କ ପ୍ରତିଷ୍ଠାର–ପ୍ରାଣ ହିଲ୍ଲୋଳି ଉଠିଛି । ନୀଳକଂଠଂକ ମତରେ ଚୀନ ପରିବ୍ରାଜକ ହୁଏନ୍‌ସାଂ କୋଣାର୍କ ମନ୍ଦିର ପରିଭ୍ରମଣରେ ଆସି ଓଡ଼ିଶା ସହିତ ଏକ ଯୋଗସୂତ୍ର ରକ୍ଷା କରିଥିଲେ, ପୁନରାୟ ପୁରୁଷୋତ୍ତମ ଦେବଙ୍କର କାଞ୍ଚି ଅଭିଯାନ ମଧ୍ୟ ତାଦୃଶ ଏକ ଉଦାହରଣ । କେବଳ କାଞ୍ଚି ରଜାଙ୍କୁ ଯୁଦ୍ଧରେ ପରାସ୍ତ କରି ରାଜକନ୍ୟା ପଦ୍ମାବତୀଙ୍କୁ ବିବାହ କରିବା ପୁରୁଷୋତ୍ତମ ଦେବଙ୍କର ଉଦ୍ଦେଶ୍ୟ ନଥିଲା ବୋଲି ନୀଳକଂଠ ମତ ଦିଅନ୍ତି । ଯାଙ୍କ ମତରେ ପଦ୍ମାବତୀ ଗ୍ରହଣ ପରେ ମଧ୍ୟ କାଞ୍ଚି ସହିତ ଉତ୍କଳର ଏକ ଅପୂର୍ବ ସାଂସ୍କୃତିକ ସଂପର୍କ ଗଢି ଉଠିଥିଲା । ସେହିପରି 'ମାୟାଦେବୀ' କାବ୍ୟରେ ପ୍ରେମର ଇନ୍ଦ୍ରିୟ ସର୍ବସ୍ୱ ବର୍ଣ୍ଣନା ଅପେକ୍ଷା ଭାରତର ବିଭିନ୍ନ ପ୍ରାନ୍ତ ସହିତ ପ୍ରାଚୀନ ଉତ୍କଳର ସୌହାର୍ଦ୍ଦ୍ୟତାକୁ ପ୍ରାଧାନ୍ୟ ଦିଆଯାଇଛି । ପ୍ରାଚୀନ କାଳରେ କାଶ୍ମୀର ସହିତ ଉତ୍କଳର କୂଟନୈତିକ ସଂପର୍କ ଦର୍ଶାଇ କବି ଅଭିନନ୍ଦନର ପାତ୍ର ହୋଇଛନ୍ତି । ଏଥିରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରକାଶ ଉଦ୍ଦେଶ୍ୟ ସଫଳ ହୋଇଛି ବୋଲି କୁହାଯାଇ-ପାରେ । ସୁତରାଂ ଏଇ ସୂତ୍ରରେ 'ମାୟାଦେବୀ' କାବ୍ୟର ପରିକଳ୍ପନା ବୋଲି ଦୃଢ଼ ଆଶା ପୋଷଣ କରାଯାଉଛି । ସର୍ବୋପରି ଆକବରଂକ ସଭାପଣ୍ଡିତ ଓ ପ୍ରଧାନ ଐତିହାସିକ ଆବୁଲ ଫଜଲଙ୍କ କୋଣାର୍କ ଶିଳ୍ପ ଓ ଗଠନ ବିଶାଳତାର ବିବରଣି ହିଁ ଓଡ଼ିଶାର ସାଂସ୍କୃତିକ ସଂପର୍କକୁ ପ୍ରତିଷ୍ଠା ଦିଏ ।

Digitized by PPRACHIN, SOA

ଅତଏବ ଏ ପ୍ରକାର ସ୍ୱାଧୀନ ଚିନ୍ତାର ଆଲୋଚନା ନୀଳକଂଠଂକୁ ଜଣେ ସାର୍ଥକ ପୁରୋଦ୍ରଷ୍ଟା ଭାବରେ ପ୍ରତିଷ୍ଠା କରାଇ ପାରିଚି ।

## ନୀଳକଂଠଂକ ସଂସ୍କୃତ-ଚେତନାର ବୈଶିଷ୍ଟ୍ୟ :

ଉପସଂହାରରେ କବି ନୀଳକଂଠଂକ ସଂସ୍କୃତି ଚେତନାର ବୈଶିଷ୍ଟ୍ୟ ସଂପର୍କରେ ଏତିକି କହିଲେ ଯଥେଷ୍ଟ ହେବ ଯେ, କବି ଦର୍ଶନର ଛାତ୍ର ଥିବାରୁ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ଦର୍ଶନରେ ପ୍ରଭାବିତ ହୋଇ ନିର୍ମଳ ଚିନ୍ତା ଓ ପୁରୋଦୃଷ୍ଟି ସଂପନ୍ନ ହୋଇ ପାରିଥିଲେ । ଏକ ସମୟରେ ଜାତୀୟ ମୁକ୍ତି ଆନ୍ଦୋଳନର କର୍ମୀ ଓ ସାଂସ୍କୃତିକ ତଥା ଆତ୍ମିକ ଜାଗରଣର ଅଧିନେତା ରୂପେ ଜଣେ ଭାବୁକ ଦାର୍ଶନିକର ସମୃଦ୍ଧ ଜୀବନ ସେ ଅତିବାହିତ କରିଛନ୍ତି । ତେଣୁ ନୀଳକଂଠଂକ କାବ୍ୟ ସାଧନାର ମୁଖ୍ୟାଂଶ ହେଉଛି ସାଂସ୍କୃତିକ ଆଲୋଚନା । ତାଙ୍କର ସମସ୍ତ ରଚନା ମଧ୍ୟରେ ଉପଯୋଗିତା ନିଷ୍ଠା ଓ ଅଦର୍ଶାନୁଭୂତିର ଏକ ସହଜ ସ୍ଫୁର୍ତ୍ତି ଦେଖିବାକୁ ମିଳେ ।

ପରିଶେଷରେ କବି ନୀଳକଂଠଂକ 'ପ୍ରଣୟିନୀ' ଓ 'ଦାସ ନାଏକ'କୁ ଏହି ଭାବରେ ଆଲୋଚନା କରି କୁହାଯାଇ ପାରେ ଯେ, ଦୁଇଟିଯାକ କାବ୍ୟ ମୁଖ୍ୟତଃ ଅନୁବାଦ ମୂଳକ ହୋଇଥିଲେ ହେଁ ଆହରଣରେ କବିଙ୍କ ମୌଳିକତା ପ୍ରଚ୍ଛନ୍ନ । ସୁତରାଂ ରାଧାନାଥଙ୍କ ସରଣୀରେ ଗତିକରି ମଧ୍ୟ ନୀଳକଂଠ ଯେ ନିଜର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟର ମୁଦ୍ରା ଅଂକନ କରିପାରିଛନ୍ତି ଏହା ନିର୍ବିବାଦରେ ସତ୍ୟ । 'ଖାରବେଳ' ମୂଳତଃ ଜୟଯାତ୍ରା ବର୍ଣ୍ଣନା ଆଧାରିତ କାବ୍ୟ ହୋଇଥିବାରୁ ଏଥିରେ ଖାରବେଳଙ୍କ ପୌରୁଷତ୍ୱକୁ ଗୁରୁତ୍ୱ ପ୍ରଦାନ କରଯାଇଛି । ଫଳରେ ପ୍ରାଚୀନଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଯଥା 'ପଲଙ୍କଗୀତ'ରେ 'ମହାତ୍ମାଗାନ୍ଧି', 'ଜୟଭାରତ', 'ଆମ ଜାତୀୟ ପତାକା' କବିତାରେ ନୀଳକଂଠ ଯଥାର୍ଥତଃ ଉତ୍କଳର ସାଂସ୍କୃତିକ ଅଭ୍ୟୁତ୍‌ଥାନର ଶ୍ରେଷ୍ଠ ନାୟକ ବୋଲି କୁହାଯାଇପାରେ ।

ଅଧ୍ୟାପକ ଓଡ଼ିଆ, ବିଶ୍ୱଭାରତୀ,
ଶାନ୍ତି ନିକେତନ

❋ ❋

Digitized by PPRACHIN, SOA